# ଧରିତ୍ରୀ DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ସୋମବାର, ମେ ୪/୨୦୨୬ (୧୪ ପୃଷ୍ଠା) | Bhubaneswar, Monday, May 4/2026 | Page 14 | ₹ 7.00

୫୨ଶ ଭାଗ ୧୫୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 158 | ମୂଲ୍ୟ ₹୭/-




**ପୁଣି ପ୍ରେମରେ ତାରା**

ଡେଟିଂ, ବ୍ରେକ୍‌ଅପ୍ ପରେ ଆଦିତ୍ୟ ରୟ କପୁରଙ୍କ ପ୍ରେମରେ ପଡ଼ିଛନ୍ତି ଅଭିନେତ୍ରୀ ତାରା ସୁତାରିଆ।

୦୨

୧୪

**ପୂର୍ଣ୍ଣିମାଙ୍କୁ ସ୍ୱର୍ଣ୍ଣ ପଦକ**

କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଇଣ୍ଡିଆନ ଓପନ ଇନ୍‌ଡୋର ଆଥଲେଟିକ୍ସ ପ୍ରତିଯୋଗିତାର ମହିଳା ପେଣ୍ଟାଥଲନ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଓଡ଼ିଶାର ପୂର୍ଣ୍ଣିମା ହେମ୍ବ୍ରମ।





ଭୁବନେଶ୍ୱର ସତ୍‌ସଙ୍ଗ ବିହାର ସମ୍ମୁଖ ଜାତୀୟ ରାଜପଥରେ ରବିବାର ଅପରାହ୍ନରେ ଆମ ବସ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ପରେ ହଂସପାଳରୁ ବାଣୀବିହାର ପର୍ଯ୍ୟନ୍ତ ଗାଡିମୋଟର ଜାମ୍‌ରେ ଫସି ରହିଛି। (ଫଟୋ- ବିକାଶ ନାୟକ)

# ବଢ଼ିଲା ଓମ୍‌ଫେଡ୍ କ୍ଷୀର ଦାମ୍

## ଲିଟର ପ୍ରତି ୪ ଟଙ୍କା

**ଭୁବନେଶ୍ୱର,୩।୫(ଅନୁରାଧା ମହାରଣା)**

ଓଡ଼ିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ସଂଘ (ଓମ୍‌ଫେଡ୍) ପକ୍ଷରୁ କ୍ଷୀର ମୂଲ୍ୟ ବୃଦ୍ଧି ଘୋଷଣା କରାଯାଇଛି। ବିଭିନ୍ନ ପ୍ରକାରର ଓମ୍‌ଫେଡ୍ କ୍ଷୀରର ଖୁଚୁରା ମୂଲ୍ୟ ଉପରେ ଲିଟର ପିଛା ୪ ଟଙ୍କା ବଢ଼ାଯାଇଛି। ରବିବାରଠାରୁ ଏହି ବର୍ଦ୍ଧିତ ଦର ଲାଗୁ ହୋଇଛି। ପୂର୍ବରୁ ଲିଟର ପ୍ରତି ୫୦ ଟଙ୍କାରେ ବିକ୍ରି ହେଉଥିବା ଟୋନ୍‌ଡ କ୍ଷୀର ପାଉଚ୍ (୫୦୦ ମିଲି) ଦର ୫୪ ଟଙ୍କା ହୋଇଛି। ଅର୍ଥାତ୍ ୨୫.୮୫ ଟଙ୍କାରେ ମିଳୁଥିବା ଟୋନ୍‌ଡ୍ କ୍ଷୀର ପାଉଚ୍ ପାଇଁ ଏବେ ୨୭ ଟଙ୍କା ଦେବାକୁ ପଡ଼ିବ। ପୂର୍ବରୁ ଲିଟର ପ୍ରତି ୫୪ ଟଙ୍କାରେ ବିକ୍ରି ହେଉଥିବା ପ୍ରିମିୟମ୍ କ୍ଷୀର ଦାମ୍ ୫୮ ଟଙ୍କାକୁ ବୃଦ୍ଧି ପାଇଛି। ଅର୍ଥାତ୍ ୨୭.୧୦ ଟଙ୍କାରେ ମିଳୁଥିବା ଏହି ବର୍ଗର କ୍ଷୀର ପାଉଚ୍‌ର ବର୍ଦ୍ଧିତ ମୂଲ୍ୟ ୨୯ ଟଙ୍କା ହୋଇଛି। ସେହିପରି ପୂର୍ବରୁ ଲିଟର ପ୍ରତି ୫୬ ଟଙ୍କାରେ ମିଳୁଥିବା ଗୋଲ୍ଡ ପ୍ରିମିୟମ୍ କ୍ଷୀର ଲିଟର ୬୦ ଟଙ୍କାରେ ପହଞ୍ଚିଛି। ବଜାରରେ ଉପଲବ୍ଧ ଏହି ଗୋଲ୍ଡ ପ୍ରିମିୟମ୍ କ୍ଷୀର ପାଉଚ୍ ୨୭.୯୫ ଟଙ୍କାରୁ ବଢ଼ି ୩୦ ଟଙ୍କା ହୋଇଛି। ଅନ୍ୟପକ୍ଷରେ ପୂର୍ବରୁ ଲିଟର ପ୍ରତି ୬୦ଟଙ୍କାରେ ମିଳୁଥିବା ଗୋଲ୍ଡ ପ୍ରିମିୟମ୍ ପ୍ଲସ୍ କ୍ଷୀର ଲିଟର ୬୪ ଟଙ୍କାକୁ ବୃଦ୍ଧି ପାଇଛି। ପୂର୍ବରୁ ୨୯.୫୦ ଟଙ୍କାରେ ମିଳୁଥିବା ଏହି କ୍ଷୀର ପାଉଚ୍ ପାଇଁ ଏଣିକି ଗ୍ରାହକଙ୍କୁ ୩୨ ଟଙ୍କା ଦେବାକୁ ପଡ଼ିବ।

ଗତବର୍ଷ ଜୁନ୍ ୨୧ରେ ପ୍ରିମିୟମ ଓ ଟୋନ୍‌ଡ କ୍ଷୀର ଲିଟର ପିଛା ୨ ଟଙ୍କା ବଢ଼ିଥିଲା। ଏବେ ପୁଣି କ୍ଷୀର ମୂଲ୍ୟ ବୃଦ୍ଧି ଯୋଗୁ ପରିବାରର ଦୈନନ୍ଦିନ ଖର୍ଚ୍ଚ ଉପରେ ଅତିରିକ୍ତ ଚାପ ସୃଷ୍ଟି କରିବ। ଏହାସହିତ ଚା' ସମେତ ଦୁଗ୍ଧଜାତ ଜିନିଷପତ୍ରର ମୂଲ୍ୟ ମଧ୍ୟ କ୍ରମଶଃ ବୃଦ୍ଧି ପାଇବା ନେଇ ଆଶଙ୍କା ପ୍ରକାଶ ପାଇଛି। ଓମ୍‌ଫେଡ୍ ଏହି ମୂଲ୍ୟ ବୃଦ୍ଧିର ଠିକ୍ କାରଣ ସ୍ପଷ୍ଟ କରି ନ ଥିବା ବେଳେ ଏ ସମ୍ପର୍କରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି, ଦୁଗ୍ଧଚାଷୀଙ୍କୁ ଆର୍ଥିକ କ୍ଷେତ୍ରରେ ସଶକ୍ତ କରିବା ପାଇଁ ଓମ୍‌ଫେଡ୍ ପକ୍ଷରୁ ପ୍ରୟାସ ଜାରି ରହିଛି। ରାଜ୍ୟ ସରକାର ମଧ୍ୟ ଏହା ଉପରେ ଗୁରୁତ୍ୱାରୋପ କରିଆସୁଛନ୍ତି। ସଂପ୍ରତି ଏଲ୍‌ପିଜି ଗ୍ୟାସ୍, ଫର୍ନେଶ ଅଏଲ, ପଲି ରୋଲ୍, ଲାଇଟ୍ ଡିଜେଲ୍ ଅଏଲ, ପ୍ଲାଷ୍ଟିକ୍ ଆଦି ବିଭିନ୍ନ ସାମଗ୍ରୀର ଅହେତୁକ ଦରବୃଦ୍ଧି ଯୋଗୁ ଦୁଗ୍ଧ ପ୍ୟାକେଜିଂ ଓ ପ୍ରୋସେସିଂ ମୂଲ୍ୟ ବହୁତ ବଢ଼ିଯାଇଛି। ଓମ୍‌ଫେଡ୍ ☞ପୃଷ୍ଠା-୪

# ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀ ସ୍ମାର୍ଟସିଟି ଯୋଜନା

## ପ୍ରଥମ ପର୍ଯ୍ୟାୟରେ ୨୦ ସହରରେ କାର୍ଯ୍ୟାନ୍ୱୟନ ଲକ୍ଷ୍ୟ

**ରାଜ୍ୟର ପ୍ରମୁଖ ସହରଗୁଡ଼ିକୁ ସ୍ମାର୍ଟ ସିଟିରେ ପରିଗଣିତ କରାଯିବ। ଏଥିପାଇଁ ରାଜ୍ୟ ସରକାର ୨୦୨୬-୨୭ ଆର୍ଥିକବର୍ଷ ବଜେଟରେ ମୁଖ୍ୟମନ୍ତ୍ରୀ ସ୍ମାର୍ଟସିଟି ଯୋଜନା (ଏମ୍‌ଏସ୍‌ସିୱାଇ) ନୂଆ କରି ଯୋଡ଼ିଥିବାବେଳେ ଏ ବାବଦରେ ୧୦୦ କୋଟି ଟଙ୍କାର ବ୍ୟବସ୍ଥା କରିଛନ୍ତି। କେନ୍ଦ୍ର ସରକାରଙ୍କ ସ୍ମାର୍ଟ ସିଟି ମିଶନର ଅବଧି ଶେଷ ହେବା ପରେ ରାଜ୍ୟ ସରକାର ଏହି ନୂଆ ଯୋଜନା ଆରମ୍ଭ କରିଛନ୍ତି। ଏହାର ମୂଳ ଲକ୍ଷ୍ୟ ହେଉଛି ଓଡ଼ିଶାର ବଡ଼ ସହରଗୁଡ଼ିକୁ 'ଫ୍ୟୁଚର୍-ରେଡି' ବା ଭବିଷ୍ୟତର ଆବଶ୍ୟକତା ଅନୁଯାୟୀ ପ୍ରସ୍ତୁତ କରିବା। ଏଥିରେ ଅତ୍ୟାଧୁନିକ ଭିତ୍ତିଭୂମି, ଡିଜିଟାଲ ସେବା ଏବଂ ସ୍ଥାୟୀ ସହରୀ ପରିଚାଳନା ଉପରେ ଗୁରୁତ୍ୱ ଦିଆଯାଇଛି। ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ନଗର ଉନ୍ନୟନ ବିଭାଗ ପକ୍ଷରୁ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୨୦ ସହରକୁ ସ୍ମାର୍ଟ ସିଟିରେ ପରିଣତ କରିବା ଲାଗି ଲକ୍ଷ୍ୟ ରଖାଯାଇଛି। ଏ ସଂକ୍ରାନ୍ତରେ ନିକଟରେ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଭାଗୀୟ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି।**

**ଭୁବନେଶ୍ୱର,୩।୫ (ରବିନାରାୟଣ ଜେନା)**

ଏମ୍‌ଏସ୍‌ସିୱାଇରେ ପ୍ରଥମ ପର୍ଯ୍ୟାୟରେ ୧୫ଟି ମ୍ୟୁନିସିପାଲିଟି ଏବଂ ୫ଟି ବିଜ୍ଞାପିତ ଅଞ୍ଚଳ ପରିଷଦର ବିକାଶ କରାଯିବ ବୋଲି ନଗର ଉନ୍ନୟନ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କଠାରୁ ସୂଚନା ମିଳିଛି। ଏହି ଯୋଜନା ମାଧ୍ୟମରେ ସହରକୁ ସମ୍ପୂର୍ଣ୍ଣ ଭାବେ ନବୀକରଣ କରାଯିବ। ସହରର ଗମନାଗମନ, ବିଦ୍ୟୁତୀକରଣ, ପାନୀୟଜଳ ଯୋଗାଣଠାରୁ ଆରମ୍ଭ କରି ସହର ଜୀବନଶୈଳୀକୁ ନେଇ ପାର୍କ ଓ ଅନ୍ୟାନ୍ୟ ସୁବିଧା ରହିବ। ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଜେଟ ଅଧିବେଶନରେ ଘୋଷଣା କରିଥିଲେ। ଚଳିତ ଆର୍ଥିକବର୍ଷ ପାଇଁ ଏହି ଯୋଜନାରେ ୧୦୦କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଏନେଇ ବିଭାଗ ପକ୍ଷରୁ ଯୋଜନାର ରୂପରେଖ ପ୍ରସ୍ତୁତ କରାଯାଉଛି। ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀ ଏହି ଯୋଜନାକୁ ଉଦ୍‌ଘାଟନ କରିବେ ବୋଲି ବିଭାଗ ପକ୍ଷରୁ ଜଣାଯାଇଛି।

ସୂଚନା ଅନୁଯାୟୀ, ସହରାଞ୍ଚଳରେ ପରିବେଶର ଭାରସାମ୍ୟ ରଖିବା ଲାଗି ବନୀକରଣକୁ ଗୁରୁତ୍ୱ ଦିଆଯିବ। ଏହାସହିତ ଯେଉଁଠାରେ ବର୍ଷାଜଳ ନିଷ୍କାସନରେ ସମସ୍ୟା ଉପୁଜୁଛି, ସେଠାରେ ଡ୍ରେନେଜ ବ୍ୟବସ୍ଥା କରାଯିବ। ଏହାସହିତ ସୌନ୍ଦର୍ଯ୍ୟୀକରଣକୁ ମଧ୍ୟ ଅଧିକ ଗୁରୁତ୍ୱ ଦିଆଯିବ। ଏଥିପାଇଁ ସହରର ବିଭିନ୍ନ ଛକସ୍ଥାନରେ ସ୍ୱତନ୍ତ୍ର ଭାବେ ବିଭିନ୍ନ ବରପୁତ୍ରମାନଙ୍କ ମୂର୍ତ୍ତି ରଖାଯିବା ସହିତ ଲାଇଟ୍ ଡେକୋରେଶନ କରାଯିବ। ସହରାଞ୍ଚଳବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ଯୋଗାଇବା ପାଇଁ ପାର୍କରେ ବିଭିନ୍ନ ପ୍ରକାର ଖେଳ ସରଞ୍ଜାମର ବ୍ୟବସ୍ଥା ହେବ। ବିଶେଷକରି ସହରକୁ ସ୍ମାର୍ଟସିଟିରେ ପରିଣତ କରିବା ପାଇଁ ବିଭିନ୍ନ ପ୍ରକାର ଭିତ୍ତିଭୂମି ସୁଦୃଢ଼ କରାଯିବା ସହିତ ଅନ୍ୟାନ୍ୟ ସୌନ୍ଦର୍ଯ୍ୟୀକରଣ କରାଯିବ। ତେବେ କେଉଁ ୧୫ଟି ମ୍ୟୁନିସିପାଲିଟି ଏବଂ ୫ ଏନ୍‌ଏସିକୁ ପ୍ରଥମ ପର୍ଯ୍ୟାୟରେ ସାମିଲ କରାଯିବ ସେନେଇ ସରକାରଙ୍କ ନିଷ୍ପତ୍ତି ଅପେକ୍ଷାରେ ରହିଛି ବୋଲି ବରିଷ୍ଠ ଅଧିକାରୀ ଜଣକ ସୂଚନା ଦେଇଛନ୍ତି।

# ରାସ୍ତାରେ ଯୁବକଙ୍କୁ ହାଣି ବାଇକ୍ ଚଢ଼ାଇଦେଲେ

**କଣାସ,୩।୫ (ବିଭୂତି ଭୂଷଣ ତ୍ରିପାଠୀ)**

ପୁରୀ ଜିଲା କଣାସ ଗୋଲାବଜାରରେ ଶନିବାର ଏକ ବୀଭତ୍ସ କାଣ୍ଡ ଘଟିଛି। ନିକଟସ୍ଥ ଦୋକନ୍ଦା ଗ୍ରାମର ମୃତ୍ୟୁଞ୍ଜୟ ଭାଗିମଲ(୨୯) ନାମକ ଜଣେ ଯୁବକଙ୍କୁ ଦିନରେ ଚଳଚଞ୍ଚଳ ରାସ୍ତା ଉପରେ ୭ ଯୁବକ ସଂଘବଦ୍ଧ ଭାବେ ମାଛକଟା ପନିକିରେ ହାଣିବା ପରେ ତାଙ୍କ ଛାତି ଉପରେ ବାଇକ୍ ଚଢ଼ାଇଦେଇଛନ୍ତି। ଏହାର ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ଥାନା ଠାରୁ ମାତ୍ର ୫୦୦ ମିଟର ଦୂରରେ ଏହି ଘଟଣା ଘଟିଥିବାବେଳେ ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ ଆକ୍ରମଣକାରୀ ଯୁବକମାନଙ୍କ ଏଭଳି ହିଂସାକୁ ଦେଖି ଉପସ୍ଥିତ ଲୋକମାନେ ଭୟଭୀତ ହୋଇପଡ଼ିଥିଲେ। ଫଳରେ କେହିମଧ୍ୟ ମୃତ୍ୟୁଞ୍ଜୟଙ୍କୁ ଉଦ୍ଧାର କରିବାକୁ ସାହସ ଜୁଟାଇପାରି ନ ଥିଲେ। ପ୍ରାୟ ଅଧଘଣ୍ଟା ପରେ ପୋଲିସ ଗୁରୁତର ମୃତ୍ୟୁଞ୍ଜୟଙ୍କୁ ଉଦ୍ଧାର କରି ଏମ୍‌ସ ମେଡିକାଲ୍‌କୁ ପଠାଇଥିଲା। ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ପୂର୍ବଶତ୍ରୁତାରୁ ଯୁବକମାନେ ମରଣାନ୍ତକ ଆକ୍ରମଣ କରିଥିବା ଅନୁମାନ କରାଯାଉଛି।



କଣାସ ଗୋଲାବଜାରରେ ଶନିବାର ଜଣେ ଯୁବକଙ୍କୁ ହାଣିବା ସହ ବାଇକ୍ ଚଢ଼ାଉଥିବା ବେଳର ଦୃଶ୍ୟ।

ସୂଚନାଯୋଗ୍ୟ, ମୃତ୍ୟୁଞ୍ଜୟ ଶନିବାର ସକାଳ ୮ଟା ୩୫ରେ ଗୋଲାବଜାରକୁ ମାଛ ଆଣିବା ପାଇଁ ଯାଇଥିଲେ। ସେହି ସମୟରେ ୭ଜଣ ଯୁବକ ଆସି ତାଙ୍କ ସହ ଯୁକ୍ତିତର୍କ କରିବା ସହ ମରଣାନ୍ତକ ଆକ୍ରମଣ କରିଥିଲେ। ମୃତ୍ୟୁଞ୍ଜୟ ତଳେ ପଡ଼ିଯିବା ପରେ ଛାତି ଉପରେ ବୁଲେଟ୍ ଚଢ଼ାଇ ଦେଇଥିଲେ। ଏନେଇ ମୃତ୍ୟୁଞ୍ଜୟଙ୍କ ବଡ଼ଭାଇ ସୌମ୍ୟରଞ୍ଜନ କଣାସ ଥାନାରେ ଅଭିଯୋଗ କରିଛନ୍ତି। ସୌମ୍ୟରଞ୍ଜନ ଏତଲାରେ ଦର୍ଶାଇଛନ୍ତି ଯେ, ତାଙ୍କ ଭାଇ ମାଛ କିଣିବା ପାଇଁ ଠିଆ ହୋଇଥିଲେ। ଏହି ସମୟରେ ଧର୍ମେନ୍ଦ୍ର ☞ପୃଷ୍ଠା-୪

# ପୋଖରୀରେ ବୁଡ଼ି ଗଲେ ୨ ଭଉଣୀ

**ନୀଳଗିରି/ରେମୁଣା,୩।୫(ପ୍ରଶାନ୍ତ କୁମାର ବିଶ୍ୱାଳ/ରବୀନ୍ଦ୍ର ମହାକୁଡ଼)**

ବାଲେଶ୍ୱର ଜିଲା ରେମୁଣା ବ୍ଲକ୍ ନୂଆଗାଁ ପଞ୍ଚାୟତ ଭୂଇଁପଡ଼ା ଗାଁ ପୋଖରୀରେ ବୁଡ଼ି ରବିବାର ୨ ନାବାଳିକା ଭଉଣୀଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ ଗ୍ରାମର ଅନ୍ନପୂର୍ଣ୍ଣା ମଲ୍ଲିକ(୧୦) ଓ ଅନ୍ୟାସି ମଲ୍ଲିକ(୧୦)। ପୋଲିସ ମୃତଦେହ ଜବତ କରି ତଦନ୍ତ କରୁଛି। ସୂଚନା ଅନୁଯାୟୀ, ୨ ସମ୍ପର୍କୀୟ ଭଉଣୀ ପୂର୍ବାହ୍ନ ୧୦ଟା ୩୦ ସମୟରେ ଗାଁ ନିକଟ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ସମୟରେ ଅସାବଧାନତା ଯୋଗୁ ଗଭୀର ଜଳରେ ବୁଡ଼ିଯାଇଥିଲେ। ଏମାନଙ୍କ ଘରକୁ ଫେରିବା ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରି ପାଇ ନ ଥିଲେ। ପରେ ପୋଖରୀରେ ଖୋଜି ଉଭୟଙ୍କୁ ଉଦ୍ଧାର କରି ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଦୁହିଙ୍କୁ ମୃତ ଘୋଷଣା କରିଥିଲେ। ଖନ୍ତାପଡ଼ା ପୋଲିସ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

**ଆଜିର ସମ୍ପାଦକୀୟ**

**୩ ବର୍ଷ ପରେ ମଣିପୁର**

# ଆରାମ ପାଇଁ ବଢ଼ୁଛି ବୈଶ୍ୱିକ ଉତ୍ତାପ

## ଭାରତରେ 'ଏସି'ର ବହୁଳ ବ୍ୟବହାର ବଢ଼ାଉଛି ସମସ୍ୟା

**ନୂଆଦିଲ୍ଲୀ, ୩।୫**

ଚଳିତ ବର୍ଷର ଗ୍ରୀଷ୍ମଋତୁ ଆରମ୍ଭ ମାତ୍ର। ହେଲେ ଏବେଠାରୁ ଦେଶର ପ୍ରାୟ ପ୍ରତ୍ୟେକ ଭାଗରେ ଯେଭଳି ଗରମ ଅନୁଭୂତ ହେଉଛି ତାହା ସବୁ ବର୍ଷର ରେକର୍ଡକୁ ଟପିଯିବା ଭଳି ମନେ ହେଉଛି। ଏପ୍ରିଲ ମଧ୍ୟଭାଗ ସୁଦ୍ଧା ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଓଡ଼ିଶା ଏବଂ ଛତିଶଗଡ଼ ଆଦି ରାଜ୍ୟରେ ତାପମାତ୍ରା ୪୩ରୁ ୪୫ ଡିଗ୍ରୀ ଛୁଇଁଛି। ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି)ର ସତର୍କତା ଅନୁସାରେ ଦେଶର ପୂର୍ବ,କେନ୍ଦ୍ର ଏବଂ ଉତ୍ତର ପଶ୍ଚିମ ଭାଗରେ ଚଳିତ ବର୍ଷ ସ୍ୱାଭାବିକଠାରୁ ଅଧିକ ଗ୍ରୀଷ୍ମ ପ୍ରବାହ ହେବ। ଏହାଛଡ଼ା ଚଳିତ ବର୍ଷ ଏଲ୍-ନିନୋ ପ୍ରଭାବରେ ମୌସୁମୀ ବର୍ଷା କମ୍ ହେବାର ଆଶଙ୍କା ରହିଥିବାରୁ ଗରମ ଏବଂ ଗୁଳୁଗୁଳି ଅସହ୍ୟ ହୋଇପଡ଼ିବ ବୋଲି ଆକଳନ କରାଯାଉଛି। ବିଶେଷକରି ସହରାଞ୍ଚଳ ସ୍ଥିତି ଗ୍ରାମାଞ୍ଚଳ ତୁଳନାରେ ଅଧିକ କଠିନ ହୋଇପଡ଼ିବାର ଆଶଙ୍କା ବଢାଇଛି। କାରଣ ସହରାଞ୍ଚଳ ଦେଶର



ଅନ୍ୟାନ୍ୟ ଭାଗ ତୁଳନାରେ ୨ ଗୁଣ ଅଧିକ ଉତ୍ତପ୍ତ ହୋଇପଡୁଛି ବୋଲି ଏ ସମ୍ପର୍କରେ କରାଯାଇଥିବା ଏକ ସ୍ୱତନ୍ତ୍ର ଅନୁଧ୍ୟାନରୁ ଜଣାପଡ଼ିଛି। ସହରାଞ୍ଚଳରେ ଗଛବୃକ୍ଷ ନଷ୍ଟ ସହ କୋଠାବାଡ଼ି ସଂଖ୍ୟା ବଢି କଂକ୍ରିଟ୍ ଜଙ୍ଗଲ ବୃଦ୍ଧି ହେବା ଦ୍ୱାରା ଅଧିକ ସୂର୍ଯ୍ୟ ଉତ୍ତାପ ବାୟୁମଣ୍ଡଳ ସମେତ ଭୂପୃଷ୍ଠ ଉତ୍ତାପ ବଢାଇ 'ଅର୍ବାନ ହିଟ୍ ଆଇଲାଣ୍ଡ'(ୟୁଏଚ୍‌ଆଇ) ପ୍ରଭାବ ସୃଷ୍ଟି କରିବା ଦିନ ଓ ରାତିରେ ଉତ୍ତାପ ବୃଦ୍ଧି କରିବାର ମୁଖ୍ୟ କାରଣ ପାଲଟିଛି। ଏହିକ୍ରମରେ ମୁମ୍ବାଇ, ଦିଲ୍ଲୀ, ବେଙ୍ଗାଲୁରୁ ଭଳି ବଡ଼ ବଡ଼ ସହର ସମେତ ମଧ୍ୟମ ସହରଗୁଡିକ ଅଧିକ ଉତ୍ତପ୍ତ ହେବାରେ ଲାଗିଛି। ସହରାଞ୍ଚଳରେ ଅସହ୍ୟ ଗରମରୁ ରକ୍ଷା ପାଇବା ଲାଗି ଲୋକମାନେ ଏୟାର କଣ୍ଡିଶନର(ଏସି)ର ବ୍ୟବହାର ବଢାଇ ଚାଲିଛନ୍ତି। ଗରମରୁ ରକ୍ଷା ପାଇବା ଲାଗି ଏସିର ବ୍ୟବହାର ସାରା ବିଶ୍ୱରେ ଭାରତରେ ସବୁଠୁ ଅଧିକ। ୨୦୨୪ରେ ଭାରତୀୟ ବଜାରରେ ୪୦ ନିୟୁତ ଏସି ବିକ୍ରି ହେବା ଘଟଣା ନୂଆ ରେକର୍ଡ ସୃଷ୍ଟି କରିଥିଲାବେଳେ ଏହାମଧ୍ୟରେ ଏହି ସଂଖ୍ୟା ଆହୁରି ଅଧିକ ସ୍ତରରେ ପହଞ୍ଚିଥିବା କଞ୍ଜ୍ୟୁମର୍ ଇଲେକ୍‌ଟ୍ରୋନିକ୍ସ ଆଣ୍ଡ ଆପ୍ଲିଆନ୍ସ ମାନୁଫାକ୍‌ଚରର ଆସୋସିଏଶନ ପକ୍ଷରୁ କୁହାଯାଇଛି। କିନ୍ତୁ ଭାରତରେ ଏତେ ସଂଖ୍ୟାରେ ଏସି ବ୍ୟବହାର ପରୋକ୍ଷରେ ପରିବେଶ ପାଇଁ ଉତ୍କଟ ସ୍ଥିତି ସୃଷ୍ଟି କରୁଥିବା କୁହାଯାଇଛି। ଏସି ଗରମରୁ ରକ୍ଷା ଦେଉଥିଲେ ହେଁ ଏହାର ପ୍ରଭାବ ବାୟୁମଣ୍ଡଳ ଏବଂ ପୃଥିବୀକୁ ଉତ୍ତପ୍ତ କରିବାରେ ଲାଗିଛି ବୋଲି ଗବେଷକମାନେ କହିଛନ୍ତି।

ପ୍ରଥମତଃ ଖରାଦିନେ ବିପୁଳ ସଂଖ୍ୟାରେ ଏସି ଚାଲୁଥିବାରୁ ଏଥିପାଇଁ ଅନ୍ୟ ଋତୁ ତୁଳନାରେ ☞ପୃଷ୍ଠା-୪

# କେନ୍ଦ୍ରବିନ୍ଦୁ ପଶ୍ଚିମବଙ୍ଗ

## ଆଜି ୪ ରାଜ୍ୟ ସହ ପଣ୍ଡିଚେରୀରେ ଭୋଟଗଣତି

**ନୂଆଦିଲ୍ଲୀ,୩।୫**

ପଶ୍ଚିମବଙ୍ଗ, ଆସାମ, ତାମିଲନାଡୁ, କେରଳମ୍ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପଣ୍ଡିଚେରୀ ବିଧାନସଭା ନିର୍ବାଚନର ଭୋଟଗଣତି ସୋମବାର ହେବ। କିନ୍ତୁ ସାରା ଦେଶର ନଜର ପଶ୍ଚିମବଙ୍ଗ ଫଳାଫଳ ଉପରେ ରହିଛି। ଏହା ଏବେ ରାଜନୈତିକ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ ପୁଣି କ୍ଷମତାକୁ ଫେରୁଛି କି ଭାଜପା ନେତୃତ୍ୱରେ ସେଠାରେ ନୂଆ ସରକାର ଗଢ଼ାହେବାକୁ ଯାଉଛି, ତାହାକୁ ନେଇ ସମସ୍ତଙ୍କର ଉତ୍କଣ୍ଠା ବଢ଼ିଛି। ଯଦି ମମତା ତାଙ୍କର ସ୍ଥିତି ରକ୍ଷା କରିପାରନ୍ତି ତେବେ ତାହା ଅଣଭାଜପା ରାଜନୀତିକୁ ପୁନର୍ବାର ଶକ୍ତିଶାଳୀ କରିବ। ଅନ୍ୟପଟେ ପଶ୍ଚିମବଙ୍ଗରେ ଭାଜପାର ଜିତାପଟ ହେଲେ ମୋଦିଙ୍କ ଭାବମୂର୍ତ୍ତିକୁ ଅଧିକ ଶକ୍ତିଶାଳୀ କରିବା ସହିତ ଭାରତର ଅନ୍ତର୍ଜାତୀୟ ସମ୍ପର୍କରେ ବିଫଳତାକୁ କିଛି ସମୟ ପାଇଁ ଘୋଡ଼ାଇ ଦେବ।

୨୯୪ ଆସନ ବିଶିଷ୍ଟ ପଶ୍ଚିମବଙ୍ଗ ବିଧାନସଭାର ୨୯୩ ଆସନ ପାଇଁ ୭୭ଟି ଗଣନା କେନ୍ଦ୍ରରେ ଭୋଟ ଗଣତି ହେବାକୁ ଯାଉଥିବାବେଳେ ସ୍ୱଚ୍ଛତା ସୁନିଶ୍ଚିତ କରିବା ଲାଗି ବହୁସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ପଶ୍ଚିମବଙ୍ଗରେ ଏପ୍ରିଲ ୨୩ ଓ ୨୯ ଦୁଇ ପର୍ଯ୍ୟାୟରେ ଭୋଟ ହୋଇଥିବାବେଳେ ମତଦାନ ହାର ୯୨ ପ୍ରତିଶତରୁ ଅଧିକ ରହିଥିଲା। ସେହିପରି କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଆସାମର ସମସ୍ତ ୧୨୬ ଆସନ ଲାଗି ୩୫ ଜିଲାର ୪୦ଟି ଗଣନା କେନ୍ଦ୍ରରେ ଭୋଟଗଣତି କରାଯିବ। ୫୯ ମହିଳାଙ୍କ ସମେତ ୭୨୨ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତାରେ ଅବତୀର୍ଣ୍ଣ ହୋଇଥିବାବେଳେ ସୋମବାର ସେମାନଙ୍କ ଭାଗ୍ୟ ନିର୍ଣ୍ଣୟ ହେବ। ଗତ ମାସ ୯ ତାରିଖରେ ଆସାମରେ ଗୋଟିଏ ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହୋଇଥିବାବେଳେ ମତଦାନ ହାର ୮୫.୯୬ ପ୍ରତିଶତ ଥିଲା।

୨୪୩ ଆସନ ବିଶିଷ୍ଟ ତାମିଲନାଡୁ ବିଧାନସଭା ପାଇଁ ୬୨ଟି କେନ୍ଦ୍ରରେ ଭୋଟଗଣତି ହେବ। ଏହି କାର୍ଯ୍ୟରେ ୧୦,୫୪୫ କର୍ମଚାରୀଙ୍କୁ ନିୟୋଜିତ କରାଯିବ ଓ ସେମାନଙ୍କୁ ୪,୬୧୪ ଜଣ ମାଇକ୍ରୋ ଅବ୍‌ଜରଭର ସହାୟତା କରିବେ। ପ୍ରତି ନିର୍ବାଚନମଣ୍ଡଳୀ ପାଇଁ ଜଣେ ଲେଖାଏ ମୋଟ ୨୩୪ ଜଣ କାଉଣ୍ଟିଂ ଅବ୍‌ଜରଭର ରହିବେ। ସେହିପରି କେରଳମ୍ ଏବଂ ☞ପୃଷ୍ଠା-୪


ନିଶାଦ୍ରବ୍ୟର କ୍ଷତିକାରକ ପ୍ରଭାବ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଜମ୍ମୁ-କଶ୍ମୀରର ଶ୍ରୀନଗରରେ ରବିବାର ଆୟୋଜିତ 'ନିଶାମୁକ୍ତ ଅଭିଯାନ'ରେ ଲୋକ କଳାକାରମାନେ ସାମିଲ ହୋଇଛନ୍ତି।

# ସୀମା ଉପରେ ନଜର ରଖିବ 'ଦୃଷ୍ଟି'

## ସାଟେଲାଇଟ୍ ଲଞ୍ଚ୍ ହେଲା



**ବେଙ୍ଗାଲୁରୁ,୩।୫**

ବେଙ୍ଗାଲୁରୁର ସ୍ପେସ୍ ଷ୍ଟାର୍ଟଅପ୍ ଗାଲାକ୍ସଆଇ ରବିବାର ଏହାର ପ୍ରଥମ ବ୍ୟବସାୟିକ ସାଟେଲାଇଟ୍ 'ଦୃଷ୍ଟି'କୁ କାଲିଫର୍ନିଆର ଭଣ୍ଡେନ୍‌ବର୍ଗରୁ ସ୍ପେସ୍‌ଏକ୍ସର ଫାଲ୍‌କନ-୯ ରକେଟ ସହାୟତାରେ କକ୍ଷପଥରେ ସ୍ଥାପନ କରିଛି। ଏହା ବିଶ୍ୱର ପ୍ରଥମ ଅପ୍ଟୋସାର୍ ସାଟେଲାଇଟ୍ ବୋଲି କମ୍ପାନୀ କହିଥିବାବେଳେ ଏହି ଉତ୍କ୍ଷେପଣ ଭୂପର୍ଯ୍ୟବେକ୍ଷଣ ପ୍ରଯୁକ୍ତିର ବିକାଶରେ ଏକ ବଡ଼ ସଫଳତା ଓ ମହାକାଶ କ୍ଷେତ୍ରରେ ଭାରତର ବଢୁଥିବା ସାମର୍ଥ୍ୟକୁ ସୁଦୃଢ଼ କରିଥିବା କହିଛି।

୧୯୦ କେ.ଜି. ଓଜନ ବିଶିଷ୍ଟ ମିଶନ ଦୃଷ୍ଟି ଭାରତରେ ଘରୋଇ ଭାବେ ବିକଶିତ ସର୍ବବୃହତ୍ ଭୂପର୍ଯ୍ୟବେକ୍ଷଣ ସାଟେଲାଇଟ୍। ଏହା ବିଶ୍ୱରେ ପ୍ରଥମ ସାଟେଲାଇଟ୍, ଯାହା ସିନ୍ଥେଟିକ୍ ଆପାରଚର ରାଡାର (ଏସ୍‌ଏଆର୍) ସେନ୍‌ସରଗୁଡ଼ିକୁ ଏକକ କାର୍ଯ୍ୟକ୍ଷମ ପ୍ଲାଟ୍‌ଫର୍ମରେ ସଂଯୋଗ କରିଛି। ସବୁ ଋତୁରେ ଏବଂ ଦିନରାତି ଚିତ୍ର ଉତ୍ତୋଳନ କରିବା ସାମର୍ଥ୍ୟ ଏହି ସାଟେଲାଇଟ୍‌ର ରହିଥିବା କମ୍ପାନୀ କହିଛି। ଦୃଷ୍ଟି ବାଦଲ ଭିତରୁ, ଅନ୍ଧକାରରେ ଏବଂ ଖରାପ ପାଗରେ ମଧ୍ୟ ପୃଥିବୀର ସ୍ପଷ୍ଟ ଚିତ୍ର ଉତ୍ତୋଳନ କରିପାରିବ। ଏହି ସାଟେଲାଇଟ୍ ଦେଶର ସୀମା ସୁରକ୍ଷା ଓ ଶତ୍ରୁପକ୍ଷ ଉପରେ ନଜର ରଖିବା ସହ ବିପର୍ଯ୍ୟୟ ପରିଚାଳନା, କୃଷି, ଭିତ୍ତିଭୂମି ଯୋଜନା ଏବଂ ବୀମା ଆକଳନରେ ସହାୟକ ହେବ ବୋଲି ଆଶା କରାଯାଉଛି। ଉଦାହରଣ ସ୍ୱରୂପ ବନ୍ୟା, ବାତ୍ୟା କିମ୍ବା ଭୂସ୍ଖଳନ ସମୟରେ ମେଘୁଆ ଆକାଶ ଯୋଗୁ ଅପ୍‌ଟିକାଲ ସାଟେଲାଇଟ୍ ଚିତ୍ର ଉତ୍ତୋଳନ କରିପାରୁ ନ ଥିବାବେଳେ ଏହି ରାଡାର ଇମେଜିଂ କାର୍ଯ୍ୟ ଜାରି ରଖିବ। ଏନ୍‌ଭିଡିଆର ଜେଟ୍‌ସନ ଓରିନ୍ କମ୍ପ୍ୟୁଟିଂ ପ୍ଲାଟ୍‌ଫର୍ମ ପରିଚାଳିତ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ପ୍ରକ୍ରିୟାକରଣ କରିଥିବା ଗାଲାକ୍ସଆଇ ସହପ୍ରତିଷ୍ଠାତା ତଥା ସିଇଓ ସୁୟାଶ ସିଂ କହିଛନ୍ତି। ଏହାଦ୍ୱାରା ଅଧିକ ପରିମାଣରେ ଫଟୋ ଭୂପୃଷ୍ଠକୁ ପଠାଇବା ପରିବର୍ତ୍ତେ ମହାକାଶରେ ହିଁ ସେଗୁଡ଼ିକର ବିଶ୍ଳେଷଣ କରାଯିବ। ଏହାଦ୍ୱାରା ସାଟେଲାଇଟ୍ ଫଟୋଗୁଡ଼ିକୁ ତୁରନ୍ତ କାର୍ଯ୍ୟକ୍ଷମ ସୂଚନାରେ ପରିବର୍ତ୍ତନ କରାଯାଇ ସମୟ ବଞ୍ଚାଯାଇପାରିବ ବୋଲି ସିଂ କହିଛନ୍ତି।

# ଯୁଦ୍ଧ ବନ୍ଦ ପାଇଁ ଇରାନର ସାନି ପ୍ରସ୍ତାବ

**ଦୁବାଇ/ୱାଶିଂଟନ,୩।୫**

ଆମେରିକା ଏବଂ ଇରାନ୍ ମଧ୍ୟରେ ଶାନ୍ତି ଆଲୋଚନା ଅଟକି ରହିଥିବାବେଳେ ତେହରାନ୍ ୱାଶିଂଟନ ନିକଟକୁ ସାନି ପ୍ରସ୍ତାବ ପଠାଇଥିବା ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଅସ୍ତ୍ରବିରତି ସମୟସୀମା ନ ବଢ଼ାଇ ଯୁଦ୍ଧ ବନ୍ଦ ପାଇଁ ୨ ଦେଶ ମଧ୍ୟରେ ରହିଥିବା ସମସ୍ୟାର ସମାଧାନ ୩୦ ଦିନ ମଧ୍ୟରେ କରିବାକୁ ତେହରାନ୍ ସଦ୍ୟତମ ପ୍ରସ୍ତାବରେ ଆମେରିକାକୁ ଆହ୍ୱାନ ଦେଇଛି। ଯୁଦ୍ଧ ବନ୍ଦ ଲାଗି ଇରାନ ୧୪ ସୂତ୍ରୀ ପ୍ରସ୍ତାବ


ଡୋନାଲ୍ଡ ଟ୍ରମ୍ପ୍

ଦେଇଥିବାବେଳେ ଏହା ଆମେରିକାର ୯ସୂତ୍ରୀ ଯୋଜନା ବିରୋଧୀ। ଆମେରିକା

## ଅବାଧ ହେଲେ ପୁଣି ଆକ୍ରମଣ ହୋଇପାରେ: ଟ୍ରମ୍ପ୍

ଲଗାଇଥିବା ନୌସେନା ଅବରୋଧ ହଟାଇବା, ଉକ୍ତ ଅଞ୍ଚଳରୁ ସେନା ପ୍ରତ୍ୟାହାର କରିନେବା ଏବଂ ଲେବାନନ୍ ଉପରେ ଇସ୍ରାଏଲ୍‌ର ଆକ୍ରମଣ ସମେତ ସମସ୍ତ ଯୁଦ୍ଧ ବନ୍ଦ କରିବାକୁ ଇରାନ ମଧ୍ୟସ୍ଥ ପାକିସ୍ତାନ ଜରିଆରେ ପ୍ରସ୍ତାବ ଦେଇଛି।

ତେବେ ପଶ୍ଚିମ ଏସିଆ ଯୁଦ୍ଧ ବନ୍ଦ ଲାଗି ଇରାନର ନୂଆ ପ୍ରସ୍ତାବରେ ସନ୍ତୁଷ୍ଟ ନୁହନ୍ତି ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି। ଯୁଦ୍ଧ ବନ୍ଦ ଲାଗି ଇରାନ ପଠାଇଥିବା ନୂଆ ପ୍ରସ୍ତାବର ସମୀକ୍ଷା କରାଯାଇଛି। ଡିଲ୍‌କୁ ନେଇ ସେ ସନ୍ଦେହ ପ୍ରକାଶ କରିଛନ୍ତି। ତେହରାନ୍ ଯଦି ଅବାଧ ହୁଏ ଏବଂ କିଛି ଭୁଲ୍ କରେ, ତେବେ ପୁନର୍ବାର ସାମରିକ କାର୍ଯ୍ୟାନୁଷ୍ଠାନ ନିଆଯାଇପାରେ ବୋଲି ଟ୍ରମ୍ପ୍ ସୂଚନା ଦେଇଛନ୍ତି। ଇରାନର ନୂଆ ପ୍ରସ୍ତାବକୁ ଟ୍ରମ୍ପ୍ ସୋସିଆଲ ମିଡିଆରେ ପୋଷ୍ଟ କରି କହିଛନ୍ତି, ଏହା ଗ୍ରହଣୀୟ ହେବା ନେଇ ସେ ଚିନ୍ତା କରିପାରୁ ନାହାନ୍ତି। ଗତ ୪୭ ବର୍ଷ ମଧ୍ୟରେ ମାନବୀୟତା ଏବଂ ବିଶ୍ୱ ପ୍ରତି ସେମାନେ ଯାହା କରିଛନ୍ତି, ଏଥିପାଇଁ ବଡ଼ ମୂଲ୍ୟ ଦେଇନାହାନ୍ତି ବୋଲି ଟ୍ରମ୍ପ୍ କହିଛନ୍ତି।

ଅନ୍ୟପକ୍ଷରେ ତେହରାନ୍ କହିଛି, ପରବର୍ତ୍ତୀ ନିଷ୍ପତ୍ତି ୱାଶିଂଟନ ଉପରେ ନିର୍ଭର କରୁଛି। ବଲ୍ ଏବେ ଆମେରିକା କୋର୍ଟରେ ବୋଲି ଇରାନ ଉପବହିର୍ବ୍ୟାପାର ମନ୍ତ୍ରୀ କାଜେମ୍ ଘରିବାବାଦି ତେହରାନ୍‌ଠାରେ କୂଟନୀତିଜ୍ଞମାନଙ୍କୁ କହିଛନ୍ତି। ସେମାନେ କୂଟନୈତିକ ମାର୍ଗରେ ଯିବେ କିମ୍ବା ଯୁଦ୍ଧ କରିବେ, ସେ ନିଷ୍ପତ୍ତି ସେମାନଙ୍କର। ଇରାନ ଉଭୟ ମାର୍ଗ ପାଇଁ ପ୍ରସ୍ତୁତ ରହିଛି।

# ଗଣମାଧ୍ୟମ ସ୍ୱାଧୀନତା ପ୍ରସଙ୍ଗରେ ଭାଜପା-ଆର୍‌ଏସ୍‌ଏସ୍‌କୁ ଖାର୍ଗେଙ୍କ ସମାଲୋଚନା

**ନୂଆଦିଲ୍ଲୀ,୩।୫(ପି.ଟି.)**

ବିଶ୍ୱ ପ୍ରେସ୍ ସ୍ୱାଧୀନତା ସୂଚକାଙ୍କରେ ଭାରତ ୧୫୭ତମ ସ୍ଥାନକୁ ଖସିଥିବାବେଳେ ଏହାକୁ ନେଇ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଭାଜପା-ଆର୍‌ଏସ୍‌ଏସ୍‌କୁ ସମାଲୋଚନା କରିଛନ୍ତି। ସ୍ୱାଧୀନ ସାମ୍ବାଦିକତାକୁ ଦଣ୍ଡ ମିଳିବ ଏବଂ ସମର୍ଥନକାରୀଙ୍କୁ ପୁରସ୍କୃତ କରାଯିବ, ଏହା ସେମାନଙ୍କ ବାର୍ତ୍ତାରୁ ସ୍ପଷ୍ଟ ବୋଲି ଖାର୍ଗେ କହିଛନ୍ତି। ଗୋଟିଏ ଗୋଷ୍ଠୀ ଗଣମାଧ୍ୟମ ଶାସନ କଳର ଗୁଣଗାନ କରିବାରେ ନିଜକୁ ସୀମିତ ରଖୁଛନ୍ତି। ଯେଉଁମାନେ ବାରମ୍ବାର ପ୍ରଶ୍ନ କରିଆନ୍ତି, ସେମାନଙ୍କୁ ନିରନ୍ତର ଟାର୍ଗେଟରେ ରଖାଯାଇଥାଏ।

ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ଅବସରରେ Xରେ ପୋଷ୍ଟ କରି ଖାର୍ଗେ ଲେଖିଛନ୍ତି, ୨୦୧୪ରୁ ବିଶ୍ୱ ଗଣମାଧ୍ୟମ ସ୍ୱାଧୀନତା ସୂଚକାଙ୍କରେ ଭାରତର ସ୍ଥାନ କ୍ରମାଗତ ଭାବେ ଖସିବାରେ ଲାଗିଛି। ସଂଘ ପରିବାର ଗଣମାଧ୍ୟମକୁ ଚୁପ୍ କରାଇବା ପାଇଁ ଆଇନଗତ ବ୍ୟବସ୍ଥାକୁ ଅସ୍ତ୍ର କରିଥିବା ଖାର୍ଗେ ଅଭିଯୋଗ କରିଛନ୍ତି। ସ୍ୱାଧୀନ ସାମ୍ବାଦିକତା ବା ଗଣମାଧ୍ୟମର ପ୍ରକୃତ କାର୍ଯ୍ୟ ସରକାରଙ୍କ ଗୁଣଗାନ କରିବା କିମ୍ବା ସରକାରଙ୍କ ବିଫଳତାକୁ ଲୁଚାଇ ନୁହେଁ। ଏହାର ପ୍ରକୃତ କାର୍ଯ୍ୟ ହେଉଛି, କ୍ଷମତାରେ ଥିବା ଲୋକଙ୍କୁ ପ୍ରଶ୍ନ କରିବା, ଶାସନ ବ୍ୟବସ୍ଥାର ତଦାରଖ କରିବା ଏବଂ କ୍ଷମତାରେ ଥିବା ଲୋକଙ୍କୁ ଉତ୍ତରଦାୟୀ କରିବା ବୋଲି କଂଗ୍ରେସ ଅଧ୍ୟକ୍ଷ କହିଛନ୍ତି।

# ପାଣିଟାଙ୍କି ପାହାଚ ଭୁଶୁଡ଼ି ଜଣେ ମୃତ, ୨ ଆହତ

**ସିଦ୍ଧାର୍ଥନଗର(ୟୁପି),୩।୫**

ସୋସିଆଲ ମିଡିଆରେ ରିଲ୍ ପ୍ରସ୍ତୁତ ଉଦ୍ୟମ କରି ଉତ୍ତରପ୍ରଦେଶ ସିଦ୍ଧାର୍ଥ ନଗରର ୫ ଜଣ ପିଲା ଏକ ପରିତ୍ୟକ୍ତ ପାଣିଟାଙ୍କି ଉପରେ ଚଢ଼ିଥିଲେ। ଓହ୍ଲାଇଲା ବେଳେ ପାଣିଟାଙ୍କି ପାହାଚ ଭୁଶୁଡ଼ି ପଡ଼ିବାରୁ ଜଣେ ପିଲା ପ୍ରାଣ ହରାଇବା ସହ ୨ ଜଣ ଗୁରୁତର ହୋଇଛନ୍ତି। ଅନ୍ୟ ୨ ପିଲା ରାତିସାରା ପାଣିଟାଙ୍କି ଉପରେ ଫସିରହିବା ପରେ ରବିବାର ସକାଳେ ସେନା ହେଲିକପ୍ଟର ସହାୟତାରେ ସେମାନଙ୍କୁ ତଳକୁ ଅଣାଯାଇଛି।

ପାଣିଟାଙ୍କି ପାହାଚ ହଠାତ ଭୁଶୁଡ଼ି ପଡ଼ିବାରୁ ସିଦ୍ଧାର୍ଥ (୧୩), ଗୋଲୁ(୧୪) ଓ ସନି(୧୧) ପ୍ରାୟ ୫୦ ଫୁଟ୍ ଉଚ୍ଚରୁ ତଳକୁ ଖସିପଡ଼ିଥିଲେ। ସେମାନଙ୍କ ପଛରେ ଥିବା ଅନ୍ୟ ୨ ଜଣ ଓହ୍ଲାଇ ନ ପାରି ଟାଙ୍କି ଉପରେ ରହିଥିଲେ। ଆହତ ୩ ଜଣଙ୍କୁ ତୁରନ୍ତ ହସ୍ପିଟାଲ ନିଆଯାଇଥିବାବେଳେ ସେଠାରେ ଡାକ୍ତର

## ରିଲ୍ ନିଶା କାଳ ହେଲା

### ସେନା ହେଲିକପ୍ଟରରେ ୨ ବାଳକ ଉଦ୍ଧାର

ସିଦ୍ଧାର୍ଥଙ୍କୁ ମୃତ ଘୋଷଣା କରିଥିଲେ। ପାଣିଟାଙ୍କି ପାଣିଘେରରେ ଥିବାରୁ ଉପରେ ଥିବା ପିଲାଙ୍କ ପାଖରେ ତୁରନ୍ତ ପହଞ୍ଚିବା ସମ୍ଭବ ହୋଇ ନ ଥିଲା। ଡ୍ରୋନ୍ ସହାୟତାରେ ପିଲାଙ୍କ ପାଖରେ ଖାଦ୍ୟ, ପାଣି ପହଞ୍ଚାଯାଇଥିଲା। ରାତିସାରା ଉଦ୍ଧାର ଉଦ୍ୟମ ବିଫଳ ହେବାରୁ ଅଗ୍ନିଶମ ଟିମ୍ ଡକାଯିବା ସହ ହାଇଡ୍ରୋଲିକ୍ ଲ୍ୟାଡର ଅଣାଯାଇଥିଲା। ଏହା ସତ୍ତ୍ୱେ ପିଲାଙ୍କୁ ସୁରକ୍ଷିତ ଉଦ୍ଧାର କରିବା ଉଦ୍ୟମ ବିଫଳ ହୋଇଥିଲା। ସକାଳେ ବାୟୁସେନା ହେଲିକପ୍ଟର ସହାୟତାରେ ପୱନ (୧୭) ଏବଂ କାଲୁ(୧୬)ଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି।

# ୨ ପଳାତକ ଅପରାଧୀ ୟୁଏଇରୁ ପ୍ରତ୍ୟର୍ପିତ

**ଚଣ୍ଡିଗଡ଼,୩।୫**

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ)ରୁ ୨ ମୋଷ୍ଟୱାଣ୍ଟେଡ୍ ପଳାତକ ଅପରାଧୀଙ୍କୁ ଭାରତ ଆଣିବାରେ ସଫଳ ହୋଇଛି। ଆଲୋକ କୁମାର ଓରଫ୍ ଯଶପାଲ ସିଂ ଏକ ସୁସଂଗଠିତ ପାସ୍‌ପୋର୍ଟ ର୍ୟାକେଟ୍‌ରେ ସମ୍ପୃକ୍ତ। ଜାଲ୍ ଦସ୍ତାବିଜ ଏବଂ ପରିଚୟରେ ବଳରେ ଲୋକଙ୍କୁ ଭାରତୀୟ ପାସ୍‌ପୋର୍ଟ ଯୋଗାଇଦେବାରେ ଏହି ର୍ୟାକେଟ୍ କାମ କରୁଥିଲା। ଉକ୍ତ ପାସ୍‌ପୋର୍ଟ ବଳରେ ବହୁ ଅପରାଧୀ ଦେଶ ବାହାରକୁ ଯିବା ସୁଯୋଗ ପାଉଥିଲେ। ଯଶପାଲଙ୍କ ନାମରେ ଜାଲିଆତି, ଠକେଇ, ଆପରାଧିକ ଷଡ଼ଯନ୍ତ୍ର ସମେତ ଅନେକ ମାମଲା ରହିଛି। ରେଡ୍ କର୍ନର ନୋଟିସ ଜାରି ପରେ ଯଶପାଲଙ୍କୁ ୟୁଏଇରୁ ଗିରଫ କରାଯାଇଥିଲା। ଯଶପାଲଙ୍କ ପ୍ରତ୍ୟର୍ପଣ ପାଇଁ ୟୁଏଇ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରାଯାଇଥିଲା। ମୁମ୍ବାଇରେ ପହଞ୍ଚିବା ପରେ ତାଙ୍କୁ ହରିୟାଣା ପୋଲିସ ଗିରଫ କରି ହାଜତକୁ ନେଇଛି।


କମଲେଶ ପରେଖ

ପ୍ରତ୍ୟର୍ପିତ ହୋଇଥିବା ଅନ୍ୟତମ ଅଭିଯୁକ୍ତ କମଲେଶ ପରେଖ ବହୁକୋଟି ଟଙ୍କାର ବ୍ୟାଙ୍କ ଜାଲିଆତିରେ ସମ୍ପୃକ୍ତ। ଉକ୍ତ ଜାଲିଆତି ପାଇଁ ବ୍ୟାଙ୍କସମୂହକୁ ୨,୬୭୨ କୋଟିଟଙ୍କା କ୍ଷତି ସହିବାକୁ ପଡ଼ିଥିଲା। ୨୫ଟି ବ୍ୟାଙ୍କକୁ ଠକିଥିବା ଅଭିଯୋଗରେ ପରେଖଙ୍କ ନାମରେ ସିବିଆଇ ୨୦୧୬ରେ ମାମଲା ରୁଜୁ କରିଥିଲା। ସେ ଶୁକ୍ରବାର ଦିଲ୍ଲୀରେ ପହଞ୍ଚିବା ପରେ ସିବିଆଇ ତାଙ୍କୁ ହାଜତକୁ ନେଇଛି।


ତାରା ସୂତାରିଆ

# ପୁଣି ପ୍ରେମରେ ତାରା

**ମୁମ୍ବାଇ:** ଡେଟିଂ, ବ୍ରେକ୍‌ଅପ୍ ତା ପରେ ପୁଣି ପ୍ରେମ। ଏବେ ବଲିଉଡର ନୂଆ 'ପାୱାର କପଲ'ଙ୍କୁ ନେଇ ସାରା ବି-ଟାଉନରେ ଚର୍ଚ୍ଚା ଜୋର ଧରିଛି। କୁଆଡେ ଆଦିତ୍ୟ ରୟ କପୁର ଏବଂ ଗ୍ଲାମରସ ଅଭିନେତ୍ରୀ ତାରା ସୂତାରିଆ ପ୍ରେମରେ ପଡ଼ିଛନ୍ତି। ଦୀର୍ଘଦିନରୁ ଏନେଇ ଗୁଜବ ଚାଲିଥିଲା। ବିଭିନ୍ନ ଇଭେଣ୍ଟରେ ଉଭୟଙ୍କୁ ଏକାଠି ଦେଖିବାକୁ ମିଳୁଥିଲା। ହେଲେ ଏବେ ଚର୍ଚ୍ଚାରେ ଏକପ୍ରକାର ମୋହର ବାଜିଛି। ପ୍ରସିଦ୍ଧ ମ୍ୟାଗାଜିନ 'ଫିଲ୍ମଫେୟାର' ନିଜ ଇନଷ୍ଟାଗ୍ରାମ ପୋଷ୍ଟ ମାଧ୍ୟମରେ ଏହା ସ୍ପଷ୍ଟ କରିଛି। ତେବେ ଖାଲି ବାସ୍ତବ ଜୀବନରେ ନୁହେଁ, ବରଂ ରୁପେଲି ପରଦାରେ ମଧ୍ୟ ଏହି ଯୋଡ଼ି ଧମାଲ କରିବାକୁ ପ୍ରସ୍ତୁତ। ଉଭୟ ଆଗାମୀ ଫିଲ୍ମ 'ଓମ୍'ରେ ନଜର ଆସିବେ। ଏହି ଆକ୍ସନ-ରୋମାନ୍ସ ଡ୍ରାମାରେ ଉଭୟଙ୍କ କେମିଷ୍ଟ୍ରି ଦେଖିବା ପାଇଁ ପ୍ରଶଂସକ ବହୁତ ଉତ୍ସାହିତ ଅଛନ୍ତି। ଏହା ସହିତ ତାରା ସୁତାରିଆ ସୁପରଷ୍ଟାର ଯଶଙ୍କ ଅଭିନୀତ ଫିଲ୍ମ 'ଟକ୍ସିକ୍'ରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ ବୋଲି ସୂଚନା ମିଳିଛି।

ଅପରପକ୍ଷେ ଏହି ନୂଆ ସମ୍ପର୍କକୁ ନେଇ ସୋସିଆଲ ମିଡିଆରେ ମିଶ୍ରିତ ପ୍ରତିକ୍ରିୟା ଦେଖିବାକୁ ମିଳୁଛି। କାରଣ ଚଳିତ ବର୍ଷ ଜାନୁଆରୀ ୨୦୨୬ରେ ତାରା ଏବଂ ବୀର ପାହାଡ଼ିଆଙ୍କ ବ୍ରେକଅପ୍ ହୋଇଥିଲା। ଏହା ପୂର୍ବରୁ ସେ ଆଦର ଜୈନଙ୍କୁ ମଧ୍ୟ ଡେଟ୍ କରୁଥିଲେ। ସେମିତିରେ ବି ଆଦିତ୍ୟଙ୍କ ନାମ ଦୀର୍ଘ ସମୟ ଧରି ଅଭିନେତ୍ରୀ ଅନନ୍ୟା ପାଣ୍ଡେଙ୍କ ସହ ଯୋଡ଼ା ଯାଉଥିଲା, କିନ୍ତୁ କିଛି ମାସ ପୂର୍ବରୁ ସେମାନଙ୍କ ସମ୍ପର୍କରେ ମଧ୍ୟ ପୂର୍ଣ୍ଣଚ୍ଛେଦ ପଡ଼ିଥିଲା। ତେବେ ଏହି ନୂଆ ବଲିଉଡ ଯୋଡ଼ି କେବେ ସାର୍ବଜନୀନ ଭାବେ ନିଜ ପ୍ରେମକୁ ସ୍ୱୀକାର କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।




ଧରିତ୍ରୀ 52 Years

# ଧରିତ୍ରୀ
DHARITRI






ଡାକ୍ତରୀ ପଢ଼ିବା ପାଇଁ ରବିବାର ସର୍ବଭାରତୀୟ ପ୍ରବେଶିକା ପରୀକ୍ଷା ଏନ୍‌ଇଇଟି ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଉତ୍କଳ ବିଶ୍ୱବିଦ୍ୟାଳୟର ଡିଡିସିଇ କେନ୍ଦ୍ରରେ ପରୀକ୍ଷା ଦେଇ ଛାତ୍ରୀଛାତ୍ରମାନେ ବାହାରୁଛନ୍ତି।

# ବିଲ୍ଡିଂରେ ନିଆଁ ଲାଗି ୯ ମୃତ

ନୂଆଦିଲ୍ଲୀ,୩।୫(ପି.ଟି.)

ପୂର୍ବ ଦିଲ୍ଲୀର ବିବେକ ବିହାର ଅଞ୍ଚଳରେ ରବିବାର ଭୋର ସମୟରେ ଏକ ଆବାସିକ ବିଲ୍ଡିଂରେ ନିଆଁ ଲାଗି ଜଣେ ବର୍ଷକର ଶିଶୁ ସମେତ ୨ ପରିବାରର ୯ ଜଣଙ୍କ ମୃତ୍ୟୁ ଘଟିଛି। ବିବେକ ବିହାର ଫେଜ୍-୧ରେ ଥିବା ଏକ ୪ ମହଲା ବିଲ୍ଡିଂରେ ଭୋର ୩ଟା ୪୮ ମିନିଟ୍ ସମୟରେ ନିଆଁ ଲାଗିଥିଲା। ଘଟଣାସ୍ଥଳରେ ପୋଲିସ, ଅଗ୍ନିଶମ ଏବଂ ବିପର୍ଯ୍ୟୟ ପରିଚାଳନା ଟିମ୍ ପହଞ୍ଚି ନିଆଁଲିଭା ଓ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲେ। ବିଲ୍ଡିଂର ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ମହଲାରେ ଥିବା ଫ୍ଲାଟଗୁଡ଼ିକୁ ନିଆଁ ବ୍ୟାପିଯାଇଥିଲା। ଛାତ କବାଟ ଲକ୍ ଥିବାରୁ ବିଲ୍ଡିଂରୁ ଲୋକମାନେ ବାହାରିବା କଷ୍ଟକର ହୋଇପଡ଼ିଥିଲା। ଏଥିସହିତ ଲୁହା ଗ୍ରୀଲ୍, ସ୍ମାର୍ଟ ଡୋର୍ ଲକ୍ ଏବଂ ସଂକୀର୍ଣ୍ଣ ଲେଆଉଟ୍ ବିଲ୍ଡିଂକୁ ଏକ ମୃତ୍ୟୁଯନ୍ତାରେ ପରିଣତ କରିଥିଲା। ଫଳରେ ନିଆଁ ଲାଗିବା ପରେ ତୁରନ୍ତ ବାହାରି ନ ପାରିବାରୁ ୯ ଜଣଙ୍କ ଜୀବନ ଯାଇଛି। ନିଆଁଲିଭା କାର୍ଯ୍ୟରେ ୧୨ଟି ଦମକଳ ନିୟୋଜିତ ହୋଇଥିବାବେଳେ ଦିଲ୍ଲୀ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଡିଡିଏମ୍ଏ) ଟିମ୍, ଟ୍ୟାଫିକ୍ ପୋଲିସ ଓ ସ୍ଥାନୀୟ ପୋଲିସ ଉଦ୍ଧାର କାର୍ଯ୍ୟରେ ସହାୟତା କରିଥିଲେ। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନ ଥିଲାବେଳେ ଏସି ବିସ୍ଫୋରଣରୁ ନିଆଁ ଲାଗିଥାଇପାରେ ବୋଲି ସନ୍ଦେହ କରାଯାଉଛି।

ଦିଲ୍ଲୀ ଅଗ୍ନିଶମ ବିଭାଗ ସୂଚନା ଅନୁଯାୟୀ, ବିଲ୍ଡିଂର ପ୍ରଥମ ମହଲାରୁ ଜଣେ, ଦ୍ୱିତୀୟ ମହଲାରୁ ୫ ଏବଂ ଶିଡ଼ି ପାହାଚରୁ ୩ ଜଣଙ୍କ ମୃତଦେହ ମିଳିଛି। ଦ୍ୱିତୀୟ ମହଲାରେ ରହୁଥିବା ଅରବିନ୍ଦ ଜୈନ (୬୦), ସ୍ତ୍ରୀ ଅନିତା ଜୈନ (୫୮), ସେମାନଙ୍କ ପୁଅବୋହୂ ଓ ନାତି ପ୍ରାଣ ହରାଇଥିବାବେଳେ ତୃତୀୟ ମହଲାରେ ରହୁଥିବା ନୀତିନ ଜୈନ(୫୦), ସ୍ତ୍ରୀ ଶୈଳୀ ଜୈନ ଓ ତାଙ୍କ ☞ପୃଷ୍ଠା-୧୧

**ଏସି ବିସ୍ଫୋରଣ ହୋଇଥିବା ସନ୍ଦେହ**



# ୧୦୦ କୋଟିର ଗଞ୍ଜେଇ ତେଲ, ଅନ୍ୟ ସାମଗ୍ରୀ ଜବତ

ମାଲକାନଗିରି,୩।୫(ଦୁର୍ଯ୍ୟୋଧନ ପାତ୍ର/ଗୌରିଶଙ୍କର ପଣ୍ଡା)

- **ହାସିସ ଅଏଲ ପ୍ରକ୍ରିୟାକରଣ ୟୁନିଟ୍ ଠାବକଲା ଜିଲା ପୋଲିସ**
- **ଚିତ୍ରକୋଣ୍ଡା ଅଞ୍ଚଳରେ କାର୍ଯ୍ୟକ୍ଷମ କରିବାକୁ ଚାଲିଥିଲା ପ୍ରୟାସ**

ମାଲକାନଗିରି ଜିଲା ପୋଲିସ ପକ୍ଷରୁ ଏକ ବଡ଼ଧରଣର ର୍ୟାକେଟ୍‌କୁ ଠାବ କରାଯାଇଛି। ଚିତ୍ରକୋଣ୍ଡା ଅଞ୍ଚଳରେ ଚାଲିଥିବା ଏକ ବେଆଇନ ହାସିସ୍ ଅଏଲ୍ ପ୍ରସ୍ତୁତି ୟୁନିଟ୍ ତଥା ଗଞ୍ଜେଇ ତେଲ ପ୍ରସ୍ତୁତି କାରଖାନାକୁ ରବିବାର ଜବତ କରାଯାଇଛି। ଜିଲା ପୋଲିସ ପକ୍ଷରୁ ଗଞ୍ଜେଇ ତେଲ ଉତ୍ପାଦନ ୟୁନିଟ୍‌କୁ ଠାବ କରି ବିଭିନ୍ନ ଉପକରଣ ସମେତ ୨ କେଜି ଗଞ୍ଜେଇ ତେଲ, ୫୦ କେଜି ଗଞ୍ଜେଇ ଜବତ କରାଯାଇଛି। ବଜାରରେ ଏହାର କେଜି ପ୍ରତି ମୂଲ୍ୟ ପ୍ରାୟ ୧୨.୫ ଲକ୍ଷ ଟଙ୍କା ଥିବା ଜଣାପଡ଼ିଛି। ସମସ୍ତ ତେଲ ଓ ରାସାୟନିକ ପଦାର୍ଥର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୧୦୦ କୋଟି ଟଙ୍କା ହେବ ବୋଲି ଜିଲା ପୋଲିସ କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀ କରି ଏସ୍‌ପି ବିନୋଦ ପାଟିଲ ଏଚ୍ ସୂଚନା ଦେଇଛନ୍ତି। ମାଲକାନଗିରି ଜିଲା ଗଞ୍ଜେଇର ଗଡ଼ ସାଜିଥିବା ବେଳେ ଚାଲାଣକାରୀ ବର୍ତ୍ତମାନ ଗଞ୍ଜେଇ ବଦଳରେ ଜିଲାରୁ ହାସିସ୍ ତେଲ ନେବା ଆରମ୍ଭ କରିଛନ୍ତି। ଏହି ଗଞ୍ଜେଇ ତେଲର ମୂଲ୍ୟ ଢେର ଗୁଣା ଅଧିକ ଥିବା ଓ ଏହାର ପରିବହନ ଅତ୍ୟନ୍ତ ସହଜ ହେଉଥିବାରୁ ତେଲର ଚୋରା କାରବାର ଦିନକୁ ଦିନ ଜିଲାରେ ବଢ଼ିବାରେ ଲାଗିଛି।

ସୂଚନାନୁଯାୟୀ, ଚିତ୍ରକୋଣ୍ଡା ଅଞ୍ଚଳରେ ଏକ ହାସିସ ଅଏଲ ମାନୁଫ୍ୟାକଚରିଂ ୟୁନିଟ୍ ଚାଲିଥିବା ନେଇ ପୋଲିସକୁ ଖବର ମିଳିଥିଲା। ପୋଲିସର କଡ଼ା ନଜର ଓ ଚଢ଼ାଉ ଭୟରେ ଅଭିଯୁକ୍ତମାନେ ଏହି କାରଖାନାକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଚେଷ୍ଟା କରୁଥିବା ବେଳେ ମାଲକାନଗିରି ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଚିତ୍ରକୋଣ୍ଡା ପୋଲିସ ଚଢ଼ାଉ କରିଥିଲା। ରବିବାର ସକାଳୁ ଚିତ୍ରକୋଣ୍ଡା ଏସ୍‌ଡିପିଓ ପ୍ରଦୋଷ ପ୍ରଧାନଙ୍କ ନେତୃତ୍ୱରେ ପୋଲିସ ପକ୍ଷରୁ ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ ଏସ୍ଆର ଛକ ନିକଟରେ ଚଢ଼ାଉ କରାଯାଇଥିଲା। ହାସିସ ତେଲ ଉତ୍ପାଦନ ☞ପୃଷ୍ଠା-୧୧

# କର୍ପୋରେଟ୍ ଜଗତର ରଣନୀତିଜ୍ଞ
# କମ୍ପାନୀ ସେକ୍ରେଟାରୀ

ଆଜିର ଦ୍ରୁତ ଗତିଶୀଳ ଏବଂ ନିୟନ୍ତ୍ରିତ କର୍ପୋରେଟ୍ ଦୁନିଆଁରେ, କମ୍ପାନୀ ସେକ୍ରେଟାରୀ (ସିଏସ୍), ଏକ ପ୍ରଭାବଶାଳୀ କର୍ପୋରେଟ କାର୍ଯ୍ୟଧାରାର ଏକ ସଶକ୍ତ ମୂଳଦୁଆ ରୂପେ ଦଣ୍ଡାୟମାନ । ଡିଜିଟାଲ ରୂପାନ୍ତରଣ ଏବଂ ଅନ୍ତର୍ଜାତୀୟ ଏକୀକରଣର ସମୟରେ, କର୍ପୋରେଟମାନେ କୁଶଳ ବୃତ୍ତିଧାରୀ ଆବଶ୍ୟକ କରନ୍ତି, ଯେଉଁମାନେ ଆଇନର ଅନୁପାଳନକୁ ସୁନିଶ୍ଚିତ କରିବା ସହ କର୍ପୋରେଟ୍‌ର ରଣନୀତିକ ଅଭିବୃଦ୍ଧିରେ ମଧ୍ୟ ସହଯୋଗ କରନ୍ତି । କମ୍ପାନୀ ସେକ୍ରେଟାରୀ ବୃତ୍ତି ଏହିପରି ଏକ ସଠିକ ମିଶ୍ରଣ ପ୍ରଦାନ କରେ, ଯାହା ଅଧିକ ସ୍ୱଚ୍ଛ ଏବଂ ଉତ୍ତରଦାୟୀ କରିବାରେ ସହଯୋଗ କରିଥାଏ ।

ଆଇନ, କର୍ପୋରେଟ୍ ଶାସନ, ଅନୁପାଳନ ଏବଂ ରଣନୀତିକ ପରିଚାଳନା କ୍ଷେତ୍ରରେ ଏକ ବିଶେଷଜ୍ଞ ହିସାବରେ, କମ୍ପାନୀ ସେକ୍ରେଟାରୀ କର୍ପୋରେଟ୍ ମାନଙ୍କରେ ନୈତିକତା, ଉତ୍ତମ ଶାସନ ଅଭ୍ୟାସ ଏବଂ ହିତାଧିକାରୀଙ୍କ ମଧ୍ୟରେ ବିଶ୍ୱାସକୁ ବୃଦ୍ଧି କରିବା ସହ କର୍ପୋରେଟ ମାନଙ୍କ ବୋର୍ଡକୁ ସଠିକ ମାର୍ଗଦର୍ଶନ ଦେବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ସେହିପରି ଦୀର୍ଘସ୍ଥାୟିତା ଏବଂ ଜଳବାୟୁ ସମ୍ବନ୍ଧୀୟ ବିପଦ ଉପରେ ବୋର୍ଡକୁ ସଠିକ ମାର୍ଗଦର୍ଶନ ଦେବା ସହ ତତ୍‌ସମ୍ବନ୍ଧୀୟ ନୀତି ଏବଂ ରଣନୀତି ପ୍ରସ୍ତୁତ କରିବା ତଥା ସେସବୁର ଉପଯୁକ୍ତ ପ୍ରକାଶନ ଏବଂ ଅନୁପାଳନ ମାଧ୍ୟମରେ ରେ ଏହାର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନକୁ ସୁନିଶ୍ଚିତ କରିବା ନିମନ୍ତେ, କମ୍ପାନୀ ସେକ୍ରେଟାରୀ ମାନଙ୍କ ନିକଟରେ ଯଥେଷ୍ଟ ଦକ୍ଷତା ରହିଥାଏ। ସେହିପରି କର୍ପୋରେଟ ମାନଙ୍କର ଅଣ ଆର୍ଥିକ ରିପୋର୍ଟିଂରୁ ଆରମ୍ଭ କରି ବୋର୍ଡର ଉତ୍ତରଦାୟିତ୍ୱ ବୃଦ୍ଧି ପର୍ଯ୍ୟନ୍ତ, ଏବଂ ଭବିଷ୍ୟତର ପଥପ୍ରଦର୍ଶକ ଭାବେ ବିଶ୍ୱାସ, ନୂତନ ସମ୍ଭାବନା, ଦୀର୍ଘସ୍ଥାୟୀ ପ୍ରଭାବ ଆଦିର ଏକ ଦୃଢ଼ ସମର୍ଥକ ହୋଇଥାନ୍ତି ।

ଯେଉଁମାନେ କର୍ପୋରେଟ୍‌ମାନଙ୍କ ନୀତିଗତ ନିଷ୍ପତ୍ତି, ଶାସନ ପ୍ରଣାଳୀ , ଆଇନ୍‌ର ଅନୁପାଳନ, ଏବଂ ବ୍ୟବସାୟିକ ନେତୃତ୍ୱ ଆଦି କ୍ଷେତ୍ରରେ ଏକ ରଣନୀତିକ ଭୂମିକା ଗ୍ରହଣ କରିବାକୁ ଇଚ୍ଛା କରନ୍ତି, ସେମାନଙ୍କ ପାଇଁ କମ୍ପାନୀ ସେକ୍ରେଟାରୀ ବୃତ୍ତି ଏକ ବିବିଧ ସୁଯୋଗ ହୋଇ ପାରିବ । ଏହି ବୃତ୍ତିର ଚାହିଦା ବ୍ୟାଙ୍କିଙ୍ଗ୍, ଅର୍ଥ, ଉତ୍ପାଦନ, ପୁଞ୍ଜିବଜାର, ଆଇଟି ଏବଂ ବହୁରାଷ୍ଟ୍ରୀୟ ନିଗମ ପରିକ୍ଷେତ୍ରରେ ରହିଛି । ଯେଉଁମାନେ ସ୍ୱାଧୀନ ଭାବେ ପ୍ରାକ୍ଟିସ୍ ଏବଂ ଉଦ୍ୟୋଗପତି ଭାବେ କାର୍ଯ୍ୟ କରିବାକୁ ଆଗ୍ରହୀ, ସେମାନେ ଅଭ୍ୟାସ ପ୍ରମାଣପତ୍ର ହାସଲ କରି, ପ୍ରାକ୍ଟିସିଂ କମ୍ପାନୀ ସେକ୍ରେଟାରୀ ଭାବେ ସ୍ୱାଧୀନ ଭାବେ କାର୍ଯ୍ୟ କରିପାରିବେ ।

**କମ୍ପାନୀ ସେକ୍ରେଟାରୀ ପାଠ୍ୟକ୍ରମ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କମ୍ପାନୀ ସେକ୍ରେଟାରିଜ୍ ଅଫ୍ ଇଣ୍ଡିଆ (ଆଇସିଏସ୍ଆଇ)** ଦ୍ୱାରା ପ୍ରଦାନ କରାଯାଏ, ଯାହା ସଂସଦର ଏକ ଅଧିନିୟମ, ଅର୍ଥାତ୍ **କମ୍ପାନୀ ସେକ୍ରେଟାରୀ ଅଧିନିୟମ, ୧୯୮୦** ଅନୁଯାୟୀ ସ୍ଥାପିତ ଏକ ପ୍ରମୁଖ ଜାତୀୟ ବୃତ୍ତିଗତ ସଂସ୍ଥା ଅଟେ। ଏହା ଭାରତରେ କମ୍ପାନୀ ସେକ୍ରେଟାରୀଙ୍କ ବୃତ୍ତିକୁ ନିୟନ୍ତ୍ରିତ ଏବଂ ବିକାଶ କରିବା ପାଇଁ ଉଦ୍ଦିଷ୍ଟ । **କମ୍ପାନୀ ସେକ୍ରେଟାରୀ** ଯୋଗ୍ୟତା ବିବିଧ ଏବଂ ଲାଭଦାୟକ କ୍ୟାରିୟର ସୁଯୋଗର ଏକ ପ୍ରବେଶ ପଥ ।

**କମ୍ପାନୀ ଅଧିନିୟମ, ୨୦୧୩** ଦ୍ୱାରା ସ୍ୱୀକୃତିପ୍ରାପ୍ତ, କମ୍ପାନୀ ସେକ୍ରେଟାରୀମାନେ ଏମ୍.ଡି., ସି.ଇ.ଓ., ମ୍ୟାନେଜର, ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଏବଂ ସି.ଏଫ୍.ଓ. ସହିତ **ପ୍ରମୁଖ ପରିଚାଳନା କର୍ମଚାରୀଙ୍କ** ସମକକ୍ଷ ଭାବେ ପରିଗଣିତ ହୋଇଥାନ୍ତି। କମ୍ପାନୀ ଅଧିନିୟମ, ୨୦୧୩ ପ୍ରାକ୍ଟିସିଂ କମ୍ପାନୀ ସେକ୍ରେଟାରୀଙ୍କ ଦ୍ୱାରା ସେକ୍ରେଟାରିଆଲ୍ ଅଡିଟକୁ ବାଧ୍ୟତାମୂଳକ କରିଛି, ଯାହା ବୃତ୍ତିର ପରିସର ଏବଂ ବୃତ୍ତିର ଦାୟିତ୍ୱକୁ ଯଥେଷ୍ଟ ବିସ୍ତାରିତ କରିଥାଏ ।

ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) କମ୍ପାନୀ ସେକ୍ରେଟାରୀ ଯୋଗ୍ୟତାକୁ ସ୍ନାତକୋତ୍ତର ଡିଗ୍ରୀ ସହିତ ସମତୁଲ୍ୟ ଭାବରେ ସ୍ୱୀକୃତି ଦେଇଛି, ଯାହା ସିଏସ୍ ସଦସ୍ୟମାନଙ୍କ ପାଇଁ ବୃତ୍ତିଗତ ଏବଂ ଏକାଡେମିକ୍ ସୁଯୋଗକୁ ବିସ୍ତାରିତ କରିଛି।

ୟୁକେ ଇଏନ୍‌ଆଇସିରୁ ପ୍ରାପ୍ତ ଅନ୍ୟ ଏକ ମାନଦଣ୍ଡ, ସିଏସ୍ ଏକ୍‌ଜିକ୍ୟୁଟିଭ୍ ଏବଂ ସିଏସ୍ ପ୍ରଫେସନାଲ୍ ପ୍ରୋଗ୍ରାମକୁ ବ୍ରିଟେନ ଏବଂ ୟୁଏଇରେ ସ୍ନାତକ ଏବଂ ସ୍ନାତକୋତ୍ତର ସହିତ ସମତୁଲ୍ୟ କରିଥାଏ, ଯାହା ଅନ୍ତର୍ଜାତୀୟ ସ୍ତରରେ କମ୍ପାନୀ ସେକ୍ରେଟାରୀମାନଙ୍କ ପାଇଁ ସ୍ୱୀକୃତିକୁ ବିସ୍ତାର କରିଥାଏ ।

ବିବର୍ତ୍ତନଶୀଳ ବ୍ୟବସାୟ ଦୃଶ୍ୟପଟ ଏବଂ ବିଶ୍ୱବ୍ୟାପୀ ଆଇନ୍‌ର କଠୋର ଅନୁପାଳନର ଆବଶ୍ୟକତା ଦୃଷ୍ଟିରୁ, କମ୍ପାନୀ ସେକ୍ରେଟାରୀ ପ୍ରଫେସନାଲଙ୍କ ଚାହିଦା ଯଥେଷ୍ଟ ବୃଦ୍ଧି ପାଇଛି, ଯାହା ଏହାକୁ ଏକ ବିବିଧ ଏବଂ ଲାଭଜନକ କ୍ୟାରିୟର ପାଇଁ ଏକ ଆଦର୍ଶ ପ୍ରବେଶ ଦ୍ୱାରରେ ପରିଣତ କରିଛି ।

ସମସ୍ତ ଶିକ୍ଷାଗତ ଶୃଙ୍ଖଳାର ଛାତ୍ରଛାତ୍ରୀଙ୍କ ପାଇଁ ଉନ୍ମୁକ୍ତ କମ୍ପାନୀ ସେକ୍ରେଟାରୀ ପାଠ୍ୟକ୍ରମ ଭାରତର ସବୁଠାରୁ ବ୍ୟାପକ, ସମାବେଶୀ ଏବଂ ସୁଲଭ ବୃତ୍ତିଗତ ମାର୍ଗ ମଧ୍ୟରୁ ଅନ୍ୟତମ। **କମ୍ପାନୀ ସେକ୍ରେଟାରୀ ଏକ୍‌ଜିକ୍ୟୁଟିଭ୍ ପ୍ରବେଶିକା ପରୀକ୍ଷା (ସିଏସ୍‌ଇଇଟି)** ଉତ୍ତୀର୍ଣ୍ଣ କରି, ଛାତ୍ରଛାତ୍ରୀମାନେ ଏକ୍‌ଜିକ୍ୟୁଟିଭ୍ ପ୍ରୋଗ୍ରାମ ସ୍ତରରେ କମ୍ପାନୀ ସେକ୍ରେଟାରୀ ପାଠ୍ୟକ୍ରମ ଏବଂ ତା'ପରେ ସିଏସ୍ ପ୍ରଫେସନାଲ୍ ପ୍ରୋଗ୍ରାମ୍‌ରେ ନାମ ଲେଖାଇପାରିବେ । ସମ୍ପୂର୍ଣ୍ଣ ପଞ୍ଜୀକରଣ ପ୍ରକ୍ରିୟା ଅନ୍‌ଲାଇନ ହୋଇଥାଏ, ଯାହାଦ୍ୱାରା ଆଶାୟୀଙ୍କ ପାଇଁ ସ୍ୱଚ୍ଛତା ଏବଂ ସହଜତା ସୁନିଶ୍ଚିତ ହୁଏ ।

**ହେଲେ, ସ୍ନାତକ, ସ୍ନାତକୋତ୍ତର, ଯେକୌଣସି ମାନ୍ୟତାପ୍ରାପ୍ତ ଇଣ୍ଟିଗ୍ରେଟେଡ୍ ପ୍ରୋଗ୍ରାମର ଷଷ୍ଠ ସେମିଷ୍ଟରରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀ (ପାଞ୍ଚ ବର୍ଷର ଅବଧି), ଆଇସିଏମ୍ଏଆଇର ଫାଇନାଲ ପାସ୍ ଛାତ୍ରଛାତ୍ରୀ ଏବଂ ଆଇସିଏଆଇର ଇଣ୍ଟରମିଡିଏଟ୍ ପାସ୍ ଛାତ୍ରଛାତ୍ରୀଙ୍କ ପାଇଁ ସିଏସ୍‌ଇଇଟିକୁ ଛାଡ଼ କରାଯାଇଛି ।**

**ସିଏସଇଇଟି** ବର୍ଷକୁ ତିନିଥର ଫେବୃଆରୀ, ଜୁନ୍ ଏବଂ ଅକ୍ଟୋବରରେ ଅନୁଷ୍ଠିତ ହେଉଥିବାବେଳେ **ସିଏସ୍ ଏକ୍‌ଜିକ୍ୟୁଟିଭ୍ ପରୀକ୍ଷା** ଏବଂ **ସିଏସ୍ ପ୍ରଫେସନାଲ୍ ପରୀକ୍ଷା** ବର୍ଷକୁ ଦୁଇଥର ଜୁନ୍ ଏବଂ ଡିସେମ୍ବରରେ ଭାରତର ପ୍ରାୟ ୨୦୦ ପରୀକ୍ଷା କେନ୍ଦ୍ର ଏବଂ ଦୁବାଇସ୍ଥିତ ଏକ ବୈଦେଶିକ କେନ୍ଦ୍ରରେ ଅନୁଷ୍ଠିତ ହୋଇଥାଏ ।

ଛାତ୍ରମାନଙ୍କୁ ଦକ୍ଷ ଗଭର୍ନାନ୍ସ ପ୍ରଫେସନାଲ ଭାବରେ ପ୍ରସ୍ତୁତ କରିବା ପାଇଁ, ଆଇସିଏସ୍ଆଇ ବିସ୍ତୃତ ଅଧ୍ୟୟନ ସାମଗ୍ରୀ ପ୍ରଦାନ କରିଥାଏ ଏବଂ ଏହା ବିଭିନ୍ନ ପ୍ରଶିକ୍ଷଣ, ୧ ମାସର ଏକ୍‌ଜିକ୍ୟୁଟିଭ୍ ବିକାଶ କାର୍ଯ୍ୟକ୍ରମ, ୧ ମାସର କର୍ପୋରେଟ୍ ନେତୃତ୍ୱ ବିକାଶ କାର୍ଯ୍ୟକ୍ରମ ଏବଂ ଜଣେ ପ୍ରାକ୍ଟିସିଂ କମ୍ପାନୀ ସେକ୍ରେଟାରୀଙ୍କ ସହିତ କିମ୍ବା ଏକ କର୍ପୋରେଟ୍ ହାଉସ୍‌ରେ ୨୧ ମାସର ବ୍ୟବହାରିକ ତାଲିମକୁ ବାଧ୍ୟତାମୂଳକ କରିଛି।

ଭାରତୀୟ ସଶସ୍ତ୍ର ବାହିନୀ ଏବଂ ଅର୍ଦ୍ଧସାମରିକ ବାହିନୀର ଶହୀଦଙ୍କ ସନ୍ତାନ ଓ ବିଧବାମାନଙ୍କୁ ସିଏସ୍ ଏକ୍‌ଜିକ୍ୟୁଟିଭ୍ କାର୍ଯ୍ୟକ୍ରମରେ ପଞ୍ଜୀକୃତ ହେବା ପାଇଁ ଆଇସିଏସ୍ଆଇ ଦ୍ୱାରା ୧୦୦% ଶୁଳ୍କ ରିହାତି ପ୍ରଦାନ କରାଯାଇଥାଏ । ଏହା ବ୍ୟତୀତ ଜମ୍ମୁ ଓ କଶ୍ମୀର ଏବଂ ଲଦାଖରୁ ପଞ୍ଜୀକୃତ ହୋଇଥିବା ଛାତ୍ରଛାତ୍ରୀଙ୍କ ପାଇଁ ୧୦୦% ଶୁଳ୍କ ରିହାତି ଉପଲବ୍ଧ । ଉତ୍ତର ପୂର୍ବାଞ୍ଚଳ ରାଜ୍ୟ, ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ, ଲାକ୍ଷାଦ୍ୱୀପ ଏବଂ ହିମାଚଳ ପ୍ରଦେଶର ଛାତ୍ରଛାତ୍ରୀଙ୍କ ପାଇଁ ୫୦% ଶୁଳ୍କ ରିହାତି ଏବଂ ଏସ୍‌ସି/ଏସ୍‌ଟି ଏବଂ ଶାରୀରିକ ଭିନ୍ନକ୍ଷମ ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ମଧ୍ୟ ଏହି ସୁବିଧା ଉପଲବ୍ଧ । ମେଧାବୀ ଏବଂ ଆର୍ଥିକ ଦୁର୍ବଳ ଛାତ୍ରମାନଙ୍କୁ ସୁବିଧା ଯୋଗାଇବା ପାଇଁ ଆଇସିଏସ୍ଆଇ ଦ୍ୱାରା ଏକ ଛାତ୍ର ଶିକ୍ଷା ପାଣ୍ଠି ଟ୍ରଷ୍ଟ ମଧ୍ୟ ଗଠନ କରାଯାଇଛି ।

ସ୍ୱତନ୍ତ୍ର ବୈଧାନିକ ସ୍ୱୀକୃତି ବ୍ୟତୀତ, ଆଇସିଏସ୍ଆଇ ଏହାର ସଦସ୍ୟମାନଙ୍କୁ ଦେଶର କୋଣଅନୁକୋଣରେ ଏହାର ୪ଟି ଆଞ୍ଚଳିକ, ୭୨ଟି ଚାପ୍ଟର କାର୍ଯ୍ୟାଳୟ ଏବଂ ୪ଟି କର୍ପୋରେଟ୍ ଗଭର୍ନାନ୍ସ, ଗବେଷଣା ଏବଂ ତାଲିମ କେନ୍ଦ୍ର (ସିସିଜିଆର୍‌ଟି) ମାଧ୍ୟମରେ ଆୟୋଜିତ ବିଭିନ୍ନ ଦକ୍ଷତା ବିକାଶ ଏବଂ ନେତୃତ୍ୱ ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ସଶକ୍ତ କରିଥାଏ ।

ଭାରତରେ ଏକ ସମୃଦ୍ଧ ପରମ୍ପରା ଏବଂ ବିଶ୍ୱସ୍ତରରେ ବୃଦ୍ଧି ପାଉଥିବା ସ୍ୱୀକୃତି ସହିତ, ସମସ୍ତ କାର୍ଯ୍ୟକ୍ଷମ ଡୋମେନରେ ବିଭିନ୍ନ ପ୍ରକାର ଦାୟିତ୍ୱର ତଦାରଖ କରିବା ପାଇଁ ବିଶ୍ୱସ୍ତ ବୋର୍ଡ ପରାମର୍ଶଦାତା ଏବଂ ଇଣ୍ଟିଗ୍ରେଟେଡ୍ କର୍ପୋରେଟ୍ ମ୍ୟାନେଜର ଭାବରେ ନିଜର ଦକ୍ଷତା ପ୍ରଦର୍ଶନ କରିବାକୁ ଇଚ୍ଛୁକ ବ୍ୟକ୍ତିମାନଙ୍କ ପାଇଁ କମ୍ପାନୀ ସେକ୍ରେଟାରୀ ବୃତ୍ତି ଏକ ପସନ୍ଦଯୋଗ୍ୟ କ୍ୟାରିୟର ବିକଳ୍ପ ପାଲଟିଛି ।




**କମ୍ପାନୀ ସେକ୍ରେଟାରୀମାନେ କର୍ପୋରେଟ୍ ସଂସ୍ଥାଗୁଡ଼ିକୁ ମାର୍ଗଦର୍ଶନ ଯୋଗାଇବା ଏବଂ ବୈଶ୍ୱିକ ଗଭର୍ନାନ୍ସକୁ ରୂପରେଖ ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାନ୍ତି**

**ପଞ୍ଜୀକରଣ ଉପରେ ଅଧିକ ସୂଚନା ଏବଂ ପାଠ୍ୟକ୍ରମର ବିବରଣୀ ପାଇଁ ପରିଦର୍ଶନ କରନ୍ତୁ:**
**www.icsi.edu**




# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ବିଦ୍ୟା ଭାରତୀ ଶିକ୍ଷା ବିଭାଗ ସମିତି ପକ୍ଷରୁ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଫଳାଫଳ ଉପଲକ୍ଷେ ଖବରଦାତା ସମ୍ମିଳନୀ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ୟୁନିଟ୍ ୩, ସମୟ: ପୂର୍ବାହ୍ନ ୧୦ଟା।
- ନାରଦ ଜୟନ୍ତୀ ଓ ନାରଦ ସମ୍ମାନ ସମାରୋହ ୨୦୨୬, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।

## କଟକ
- ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବାଙ୍କୀ ବ୍ଲକ କାର୍ଯ୍ୟାଳୟ, ସମୟ: ସକାଳ ୭ଟା।
- ରେଭେନ୍ସା ବିଶ୍ୱବିଦ୍ୟାଳୟ ପକ୍ଷରୁ ପିଏମ୍ ଉଷା ଯୋଜନା ପ୍ରାୟୋଜିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଏମର୍ଜିଂ ଆନାଲିଟିକାଲ ଟେକ୍ନିକ୍ସର ଶୁଭାରମ୍ଭ, ସ୍ଥାନ: ଆନେକ୍ସ-୧ ସମ୍ମିଳନୀ କକ୍ଷ, ସେଭେନ୍ ପିଲାର୍ସ ଅଫ୍ ୱିଜଡମ୍, ସମୟ: ପୂର୍ବାହ୍ନ ୧୦ଟା।
- ୭ ଦିନିଆ ବଡ଼ମ୍ବା ଚନ୍ଦନ ମହୋତ୍ସବ ୨୦୨୬ ଶୁଭାରମ୍ଭ, ସ୍ଥାନ: ବଡ଼ମ୍ବା ଟେନିସ୍ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଜ୍ଞାନ ଯଜ୍ଞ ଶୁଭାରମ୍ଭ, ସ୍ଥାନ:ଶଙ୍ଖାମେରୀ ଗ୍ରାମ କପାପଦା ସାହି, ସମୟ: ସନ୍ଧ୍ୟା ୭ଟା।

## ପୁରୀ
- ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ସଦ୍ଭାବନା ଗୃହ, ସମୟ: ସକାଳ ୭ଟା।
- ପୁରୀବାସୀଙ୍କ ଶ୍ରୀମନ୍ଦିର ସମ୍ମୁଖରେ ଧାରଣା, ସ୍ଥାନ: ସିଂହଦ୍ୱାର ସମ୍ମୁଖ, ସମୟ: ଅପରାହ୍ନ ୫ଟା।

## ଖୋର୍ଦ୍ଧା
- ଜିଲାସ୍ତରୀୟ ଜନଶୁଣାଣି ଶିବିର, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ସକାଳ ୭ଟା।
- ଜିଲାସ୍ତରୀୟ ସିଏମ୍ ଟ୍ରଫି ଫୁଟ୍‌ବଲ ପ୍ରତିଯୋଗିତା, ସ୍ଥାନ: ଖୋର୍ଦ୍ଧା ଷ୍ଟାଡିୟମ, ସମୟ: ସକାଳ ୮ଟା।

## ବାଲେଶ୍ୱର
- ସମର କ୍ୟାମ୍ପ, ସ୍ଥାନ: ଚାରୁ ଓ କାରୁକଳା ମହାବିଦ୍ୟାଳୟ, ବାଲେଶ୍ୱର, ସମୟ: ସକାଳ ୭ଟା।
- ଏଫ୍‌ଏମ୍‌ୟୁରେ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ରେମୁଣା ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଇଣ୍ଡିଆ ଟ୍ରେଡ୍ ଏକ୍ସପୋ-୨୦୨୬, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୨ଟା।
- ୬ଷ୍ଠ ବାର୍ଷିକ ବୈଶାଖୀ ମହୋତ୍ସବ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଦୁଧହଂସା ମନ୍ଦିର ପରିସର, ବସ୍ତା, ସମୟ: ଅପରାହ୍ନ ୫ଟା।

## ଭଦ୍ରକ
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍ଭାବନା ସଭାଗୃହ, ଭଦ୍ରକ, ସମୟ: ସକାଳ ୭ଟା।
- କୋଚିଲା-ବୈତରଣୀ ଘେରିବନ୍ଧର ଭୂମି ପୂଜନ, ସ୍ଥାନ: ଅସ୍ତକ, ଧୁଷୁରୀ, ସମୟ: ସକାଳ ୯ଟା।
- ଶଙ୍ଖାଳିଗୌରୀ ମେଧାବୃତ୍ତି ସମ୍ମାନ ସମାରୋହ, ସ୍ଥାନ: ପଳାସଗଡ଼ିଆ ଆଦର୍ଶ ବିଦ୍ୟାଳୟ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ବୈଶାଖୀ ମେଳାର ୯ମ ସନ୍ଧ୍ୟା, ସ୍ଥାନ: ନେହେରୁ ଷ୍ଟାଡିୟମ୍, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।

## ମୟୂରଭଞ୍ଜ
- ଆମେ-୮୦ପକ୍ଷରୁ ଜଳଛତ୍ର, ସ୍ଥାନ: ପୂର୍ତ୍ତବିଭାଗ ଅଫିସ ସମ୍ମୁଖ କଚେରୀ ରୋଡ୍ ବାରିପଦା, ପୂର୍ବାହ୍ନ ୧୦ଟା।
- ବାରିପଦା ଏକ୍ସପୋ ମେଳା,ସ୍ଥାନ: କଲେଜ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଗଜପତିନଗର ୭ମ ଲାଇନ,ସମୟ: ସକାଳ ୬ଟା।

## ଗଞ୍ଜାମ
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: ବାଲିଛାଇ ଗ୍ରାମ ପଞ୍ଚାୟତ ଆସିକା, ସମୟ: ସକାଳ ୮ ଟା।
- ଗ୍ରାମପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ଦିଗପହଣ୍ଡି ବ୍ଲକ ଖମାରିଗାଁ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଢେଙ୍କାନାଳ ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୭ଟା।

## କେନ୍ଦ୍ରାପଡ଼ା
- ଜିଲା ପ୍ରଶାସନିକ ଅଧିକାରୀଙ୍କ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ମାର୍ଶାଘାଇ, ସମୟ: ସକାଳ ୭ଟା।

## ଯାଜପୁର
- ଶ୍ରୀଜଗନ୍ନାଥ ମନ୍ଦିର ପୁନଃନିର୍ମାଣ ଭିତ୍ତିପ୍ରସ୍ତର ସ୍ଥାପନ ଓ ଶ୍ରୀଦାରୁ ଛେଦନ ଉତ୍ସବ, ସ୍ଥାନ: ଢୁବୁରୀ କପିଳେଶ୍ୱର ମନ୍ଦିର ପରିସର, ସମୟ : ସକାଳ ୬ଟା।
- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ସକାଳ ୭ଟା।
- ଜିଲାସ୍ତରୀୟ କ୍ରୟ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।

## ନୟାଗଡ଼
- ଶୁଳିଆ ଠାକୁରାଣୀଙ୍କ ବାର୍ଷିକଉତ୍ସବର ୨ୟ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ ଗୋପୀନାଥପୁର ଶୁଳିଆ ଠାକୁରାଣୀଙ୍କ ପୀଠ, ସମୟ:ସକାଳ ୮ଟା ।
- ଚନ୍ଦନ ଯାତ୍ରାର ପଞ୍ଚଦଶ ଦିବସ, ସ୍ଥାନ: ନୟାଗଡ଼ ପୁରୁଣା ସହର ଜଗନ୍ନାଥ ଜୀଉ ମନ୍ଦିର ; ଶରଣକୁଳ ଲଡୁବାବାଙ୍କ ମନ୍ଦିର ;ଓଡଗାଁ ରଘୁନାଥ ଜୀଉ ମନ୍ଦିର, ସମୟ:ମଧ୍ୟାହ୍ନ ୧୨ଟା ୩୦।
- ଚନ୍ଦନ ଯାତ୍ରା ପଞ୍ଚଦଶ ଦିବସ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ଅପରାହ୍ନ ୧ଟା ।
- ଚନ୍ଦନ ଯାତ୍ରା ପଞ୍ଚଦଶ ଦିବସ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ଜୀଉ ମନ୍ଦିର ; ରଣପୁର ଜଗନ୍ନାଥ ଜୀଉ ମନ୍ଦିର, ସମୟ: ଅପରାହ୍ନ ୨ଟା ।
- ଗୋଡିପଡା ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ, ସ୍ଥାନ:ଗୋଡିପଡା ବଡଦେଶ ଯଜ୍ଞାନୁଷ୍ଠାନ ଗୃହ, ସମୟ:ଅପରାହ୍ନ ୫ଟା ।

## ରାୟଗଡ଼ା
- ଫ୍ରଣ୍ଟିୟର୍ ପ୍ରଯୁକ୍ତି ବିଦ୍ୟାରେ ଉତ୍କର୍ଷ କେନ୍ଦ୍ରର ଉଦ୍‌ଘାଟନ ଉତ୍ସବ, ସ୍ଥାନ: ଜିଆଇଇଟି ବିଶ୍ୱବିଦ୍ୟାଳୟ, ଗୁଣପୁର, ସମୟ: ସକାଳ ୯ଟା।

## ନବରଙ୍ଗପୁର
- ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ନବରଙ୍ଗପୁର ପୌର ସଂସ୍ଥା କାର୍ଯ୍ୟାଳୟ, ସମୟ: ସକାଳ ୭ ଟା ୩୦।

## କୋରାପୁଟ
- ଜିଲାସ୍ତରୀୟ ଅଭିଯୋଗ ଓ ଜନଶୁଣାଣି ଶିବିର, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ, ଜୟପୁର, ସମୟ: ସକାଳ ୭ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି ସଚେତନତା ଶିବିର, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ କୁନ୍ଦୁଲି, ସେମିଳିଗୁଡ଼ା ବ୍ଲକ, ସମୟ: ସକାଳ ୭ଟା ୩୦।
- ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର, ସ୍ଥାନ: ବାଲଡ଼ା ପଞ୍ଚାୟତ କାର୍ଯ୍ୟାଳୟ, ନନ୍ଦପୁର ବ୍ଲକ, ସମୟ: ସକାଳ ୮ଟା।
- ଅଗ୍ନିଗଙ୍ଗା ମା'ଙ୍କ ଘଟଯାତ୍ରା ଆରମ୍ଭ, ସ୍ଥାନ: ମନ୍ଦିର ପରିସର, ସେମିଳିଗୁଡ଼ା, ସମୟ: ସନ୍ଧ୍ୟା ୭ଟା।

## ସମ୍ବଲପୁର
- ସାଓଲିନ କୁଂଫୁ ଉସୁ ଆସୋସିଏଶନ ପକ୍ଷରୁ ନିଃଶୁଳ୍କ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର, ସ୍ଥାନ: ବିନାଖଣ୍ଡିସ୍ଥିତ ଜିଲା ଜୁଡୋ ହଲ, ସମୟ: ସକାଳ ୬ଟା।
- ଯୋଗ ପରିବାର ପକ୍ଷରୁ ଯୋଗ ଶିବିର, ସ୍ଥାନ: ହାୱା ମଇଦାନ ପରିସରସ୍ଥ ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
- ଜିଲା ପ୍ରଶାସନର ମିଳିତ ଜନ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଧନକଉଡା ବ୍ଲକ ସଭାକକ୍ଷ, ସମୟ: ସକାଳ ୭ଟା।

## ରାଉରକେଲା
- ରାଷ୍ଟ୍ରୀୟ ଚିନ୍ତା ପ୍ରତିମା ବହୁଭାଷୀ ନାଟକ ମହୋତ୍ସବ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର-୧୫, ସମୟ: ଅପରାହ୍ନ ୫ଟା ୩୦।
- ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ: ସେକ୍ଟର-୫, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ:ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ଭଟଲି, ସମୟ:ସକାଳ ୭ଟା।
- ବରଗଡ଼ ଜିଲା ପ୍ରିମିୟର ଲିଗ,ସ୍ଥାନ:ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼,ସମୟ:ଅପରାହ୍ନ ୪ଟା।

## କଳାହାଣ୍ଡି
- ଜିଲାସ୍ତରୀୟ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର, ସ୍ଥାନ: ଭବାନୀପାଟଣା ସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ତୁର୍କେଲ ବ୍ରିଜ ନିର୍ମାଣ ଦାବିରେ ଜିଲାପାଳଙ୍କ ଅଫିସ ଆଗରେ କଂଗ୍ରେସର ଗଣ ଧାରଣା, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- ଜିଲାପାଳଙ୍କ ଯୁଗ୍ମ ଜଣ ଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ବୌଦ୍ଧ, ସମୟ: ସକାଳ ୭ଟା।

## ଦେବଗଡ଼
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ : ଦେବଗଡ ଜିଲାପାଳଙ୍କ କାର୍ଯ୍ୟାଳୟ,ସମୟ : ସକାଳ ୮ ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ : ଦେବଗଡ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ : ସନ୍ଧ୍ୟା ୭ ଟା।

## ସୁବର୍ଣ୍ଣପୁର
- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ସୋନପୁର ବ୍ଲକ ମଲ୍ଲିକମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୭ଟା।
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଦିଗଶିରା ଗ୍ରାମପଞ୍ଚାୟତ ପରିସର, ଡୁଙ୍ଗୁରିପାଲି, ସମୟ: ସକାଳ ୭ଟା।
- ପ୍ରଥମ ଲୁଡୁରପଙ୍କ ପ୍ରିମିଅର ଲିଗ କ୍ରିକେଟର ଚତୁର୍ଥ ଦିବସ, ସ୍ଥାନ: ଲୁଡୁରପଙ୍କ ହାଇସ୍କୁଲ ପଡିଆ, ବୀରମହାରାଜପୁର, ସମୟ: ସକାଳ ୮ ଟା।
- ବୀରମହାରାଜପୁର ଜଗନ୍ନାଥ ମନ୍ଦିରରେ ସୁନ୍ଦରକାଣ୍ଡ ପାରାୟଣ, ସ୍ଥାନ: ବୀରମହାରାଜପୁର ଜଗନ୍ନାଥ ମନ୍ଦିର, ସମୟ: ସକାଳ ୯ ଟା।
- ନଗର ଉନ୍ନୟନ ମନ୍ତ୍ରୀଙ୍କ ଜିଲାର ପୌରାଞ୍ଚଳଗୁଡ଼ିକର କାର୍ଯ୍ୟର ସମୀକ୍ଷା, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ବୀରମହାରାଜପୁର ଗସ୍ତ, ସ୍ଥାନ: ବୀରମହାରାଜପୁର, ସମୟ ସନ୍ଧ୍ୟା ୭ ଟା।

## ନୂଆପଡ଼ା
- ଶ୍ରୀଶ୍ରୀ ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଧାରଣ ଅବ୍ୟାହତ ଓ ଆଳତି, ସ୍ଥାନ: କୋମନା ବ୍ଲକ ସିଆଳଲଟି ପଞ୍ଚାୟତ କରଙ୍ଗାଭଟା ଗାଁ, ସମୟ: ପ୍ରାତଃ ୪ଟା ୩୫।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ସଦ୍ଭାବନା ସଭାଗୃହ ନୂଆପଡ଼ା, ସମୟ: ସକାଳ ୭ଟା।
- ଶ୍ରୀ ପିପଳେଶ୍ୱର ମହାଦେବ ମନ୍ଦିର ପ୍ରତିଷ୍ଠା,ପ୍ରାଣପ୍ରତିଷ୍ଠା ଓ ଶୋଭାଯାତ୍ରା,ସ୍ଥାନ: ନୂଆପଡା ସଦର ବ୍ଲକ ଗୋତମା ବସ୍ତି ପୋଖରୀ ହୁଡା (ଖରିଆର ରୋଡ) ସମୟ: ସକାଳ ୮ଟା।

## ଝାରସୁଗୁଡ଼ା
- ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ:ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠ, ଝାରସୁଗୁଡ଼ା, ସମୟ:ସକାଳ ୭ଟା।

# ଆଜି ଦ୍ୱିତୀୟ ସର୍ବଭାରତୀୟ ବାଚସ୍ପତି ସମ୍ମିଳନୀ

**ଭୁବନେଶ୍ୱର,୩।୫(ରବିନାରାୟଣ ଜେନା)**

**ଜୟପୁର ଗସ୍ତରେ ବାଚସ୍ପତି**

ବିଧାନସଭାଗୁଡ଼ିକର କମିଟି ସମ୍ପର୍କିତ ଦ୍ୱିତୀୟ ସର୍ବଭାରତୀୟ ବାଚସ୍ପତି ସମ୍ମିଳନୀ ରାଜସ୍ଥାନର ଜୟପୁରଠାରେ ମେ' ୫ରେ ଅନୁଷ୍ଠିତ ହେବ। ମଧ୍ୟପ୍ରଦେଶର ବାଚସ୍ପତି ନରେନ୍ଦ୍ରସିଂହ ତୋମାରଙ୍କ ଅଧ୍ୟକ୍ଷତାରେ ରାଜସ୍ଥାନ ବିଧାନସଭା ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ୬ ରାଜ୍ୟର ବାଚସ୍ପତି ଯୋଗଦେବେ। ଏଥିରେ ଯୋଗଦେବା ପାଇଁ ଓଡ଼ିଶାର ବାଚସ୍ପତି ସୁରମା ପାଢ଼ୀ ଜୟପୁର ଗସ୍ତ କରିଛନ୍ତି ବୋଲି ବିଧାନସଭା ପକ୍ଷରୁ କୁହାଯାଇଛି। ସୂଚନା ଅନୁଯାୟୀ, ଏହି ସମ୍ମିଳନୀରେ ବିଧାନସଭାଗୁଡ଼ିକର କମିଟି ବ୍ୟବସ୍ଥା ଓ ଆଗାମୀ ଦିନରେ କିପରି ଏହାକୁ ଅଧିକ ପ୍ରଭାବଶାଳୀ କରାଯାଇପାରିବ ସେ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା ହେବ । ଏଥିରେ ପଶ୍ଚିମବଙ୍ଗ, ଉତ୍ତର ପ୍ରଦେଶ, ହିମାଚଳ ପ୍ରଦେଶ, ସିକ୍କିମ ଓ ଓଡ଼ିଶା ବାଚସ୍ପତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ୬ଟି ବିଧାନସଭାର ସଚିବଙ୍କ ସମେତ ଓଡ଼ିଶା ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ଆୟୋଜିତ ସମ୍ମିଳନୀରେ ଯୋଗଦେବେ ବୋଲି ବିଧାନସଭା ପକ୍ଷରୁ କୁହାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚହଟ ମଲ୍ଲୀ !
ଗାଁ ଚାରିପାଖ ବୁଲି ଅଇଲି,
କେହି ନ କହିଲେ ବସ ବୋଲି ।**

ଯେଉଁଠି ଆଦର ଅଭ୍ୟର୍ଥନା ନ ଥାଏ ସେଠି ସମ୍ପର୍କ ପାଣିଚିଆ ବା ମୂଲ୍ୟହୀନ ଲାଗିଥାଏ। ସମ୍ପର୍କର ରଙ୍ଗ ଯେତେବେଳେ ଫିକା ହୋଇଯାଏ ସେତେବେଳେ ମନର ସରାଗ ଆପେ ଆପେ ମଉଳିଯାଏ। ଆନ୍ତରିକତାବିହୀନ ସମ୍ପର୍କକୁ ନେଇ ମନରେ ସୃଷ୍ଟି ହେଉଥିବା ହାତଶଭାବ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚିତା ଦେଖୁଛି,
ଧର୍ମ ପଚାରୁଛି।**

ବ୍ରାହ୍ମଣମାନେ ସାଧାରଣତଃ ଚିତା ଚୈତନ୍ୟ କାଟିଥାନ୍ତି। କୌଳିକ ବୃତ୍ତି ଭାବେ ଠାକୁରଙ୍କ ପୂଜାର୍ଚ୍ଚନା କରିଥାନ୍ତି। ଏପରିସ୍ଥଳେ ବାହାର ଚିହ୍ନ ଦେଖି ସୁଦ୍ଧା କାହାର ଧର୍ମ ବା ବର୍ଣ୍ଣ ନେଇ ପ୍ରଶ୍ନ କରିବା ନିଜର ବୋକାମି ହୋଇଥାଏ। ସବୁ ଜାଣି ଦେଖି ପୁଣି ପ୍ରଶ୍ନ କରୁଥିବା ଓଲା ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ବାଣପୁର ଉପକାରାଗାରରେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ

**ବାଣପୁର,୩।୫ (ଦିଲୀପ କୁମାର ସ୍ୱାଇଁ)**

ଖୋର୍ଦ୍ଧା ଜିଲା ବାଣପୁର ଉପକାରାଗାରରେ ରବିବାର ଜଣେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାଣପୁର ଥାନା ଅଧୀନ ଭବାନୀପୁର ପଞ୍ଚାୟତ ଅନ୍ତର୍ଗତ ଶାନ୍ତିନଗରର ଶଠ ରାଉତରାୟ(୮୫)। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ବାଣପୁର ଥାନା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ଗତ ଏପ୍ରିଲ ୨୮ରେ ଶଠ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ କାରାଗାର କର୍ତ୍ତୃପକ୍ଷ ତାଙ୍କୁ ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସିତ ହେବା ପରେ ଶନିବାର ସନ୍ଧ୍ୟାରେ ଶଠ କାରାଗାରକୁ ଫେରିଥିଲେ। ରବିବାର ସକାଳେ ସେ କାରାଗାରର ଗାଧୁଆ ଘରେ ଗାଧୋଉଥିବାବେଳେ ହଠାତ୍ ଅଚେତ ହୋଇପଡ଼ିବାରୁ ଜେଲ କର୍ତ୍ତୃପକ୍ଷ ତାଙ୍କୁ ଚିକିତ୍ସା ପାଇଁ ବାଣପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କାରାଗାର କର୍ତ୍ତୃପକ୍ଷଙ୍କଠାରୁ ଖବରପାଇ ପରିବାର ଲୋକେ ଡାକ୍ତରଖାନାରେ ପହଞ୍ଚିଥିଲେ। ବାଣପୁର ଥାନା ପୋଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ହୃଦ୍‌ଘାତରେ ଶଠଙ୍କ ମୃତ୍ୟୁ ହୋଇଥାଇପାରେ ବୋଲି କାରାଗାର ଅଧୀକ୍ଷକ ଦଣ୍ଡପାଣି ପାତ୍ର କହିଛନ୍ତି। ସୂଚନାଥାଉ କି, ୨୦୨୪ ଜୁଲାଇ ୧୨ରେ ପାରିବାରିକ କଳହରୁ ବାପ-ପୁଅଙ୍କ ମଧ୍ୟରେ ବୋମାମାଡ଼ ହୋଇଥିଲା। ଏହି ବୋମାମାଡ଼ରେ ଶଠଙ୍କ ସାନପୁଅ ଦିବ୍ୟସିଂହ ରାଉତରାୟଙ୍କ ମୃତ୍ୟୁ ହୋଇଥିଲା। ଉକ୍ତ ଘଟଣାରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଶଠଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା।

# ଓମ୍‌ଫେଡ୍ ଦୁଗ୍ଧରେ ବୃଦ୍ଧି ୪ଟଙ୍କା ଚାଷୀଙ୍କୁ ଦିଆଯାଉ: ବିଜେଡି

**ଭୁବନେଶ୍ୱର,୩।୫ (ରବିନାରାୟଣ ଜେନା)**

ରାଜ୍ୟରେ ଦରଦାମ୍ ବୃଦ୍ଧିକୁ ସରକାର ରୋକ୍‌ଲଗାଇବା ସହିତ ଓମ୍‌ଫେଡ୍ ଦୁଗ୍ଧରେ ବୃଦ୍ଧି ୪ଟଙ୍କା ଯାକ ଚାଷୀଙ୍କୁ ଦିଆଯାଉ ବୋଲି ବିଜେଡି ଦାବି କରିଛି। ଶଙ୍ଖ ଭବନରେ ରବିବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି, ରାଜ୍ୟ ସରକାରଙ୍କ ପକ୍ଷରୁ ଓମ୍‌ଫେଡ୍ ଦୁଗ୍ଧ ପ୍ରତି ଲିଟର ପିଛା ୪ ଟଙ୍କା ବୃଦ୍ଧି କରାଯାଇଛି ; ଯେଉଁଥିରେ ଚାଷୀ ମାତ୍ର ୧ଟଙ୍କା ପାଉଥିବାବେଳେ ୩ ଟଙ୍କା ସରକାର ଚାଲାଖି କରି ନିଜ ତହବିଲକୁ ନେଉଛନ୍ତି। ସରକାର ୨ଦିନ ତଳେ ଦୁଗ୍ଧ ଚାଷୀମାନଙ୍କୁ ଲିଟର ପିଛା ୧ ଟଙ୍କା ଦେବା ପାଇଁ ଖବରକାଗଜରେ ବିଜ୍ଞାପନ ପ୍ରକାଶ କରିଥିଲେ। କିନ୍ତୁ ରବିବାର ସରକାରଙ୍କ ଅସଲ ଉଦ୍ଦେଶ୍ୟ ସର୍ବସମ୍ମୁଖକୁ ଆସିଛି। ୧ ଟଙ୍କା ଚାଷୀଙ୍କୁ ଦେବା ବାହାନାରେ ୪ ଟଙ୍କା ବଢ଼ାଇ ସାଧାରଣ ଖାଉଟିଙ୍କୁ ଲୁଟିବାକୁ ଚେଷ୍ଟା କରିଛନ୍ତି। ସରକାର ବୃଦ୍ଧି କରିଥିବା ସମସ୍ତ ୪ ଟଙ୍କା ଦୁଗ୍ଧଚାଷୀଙ୍କୁ ଦିଅନ୍ତୁ ବୋଲି ବିଜେଡି ଦାବି କରିଛି। ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଈପ୍ସିତା ସାହୁ କହିଥିଲେ, ଓମ୍‌ଫେଡ୍ ଦର ବୃଦ୍ଧି ଓ ଗ୍ୟାସ୍ ଦର ବୃଦ୍ଧି ଯୋଗୁ ସାଧାରଣ ଛାତ୍ରଟିଏ ଚା' କପ୍‌ଟିଏ ୫ ଟଙ୍କାରେ ପିଉଥିଲା ବେଳେ ୨୦ ଟଙ୍କାରେ ଜଳଖିଆ ଖାଉଥିଲା। କିନ୍ତୁ ସରକାରଙ୍କ ଏହି ଦର ବୃଦ୍ଧି ଯୋଗୁ ସାଧାରଣ ଛାତ୍ରଟିଏ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛି। ସରକାର ଦରବୃଦ୍ଧିକୁ ତୁରନ୍ତ ନିୟନ୍ତ୍ରଣକୁ ଆଣନ୍ତୁ, ନଚେତ୍ ଆଗାମୀ ଦିନରେ ବିଜୁ ଛାତ୍ର ଜନତା ଦଳ ଏହାର ଦୃଢ଼ ବିରୋଧ କରିବ ବୋଲି ସେ କହିଛନ୍ତି।

## ଅବଶିଷ୍ଟାଂଶ

### ଆରାମ ପାଇଁ ବଢୁଛି ...

ଅଧିକ ବିଦ୍ୟୁତ୍‌ଶକ୍ତି ଉପଯୋଗ ହୋଇଥାଏ। ଭାରତରେ ମୁଖ୍ୟତଃ କୋଇଲା ଏବଂ ଡିଜେଲ ଭଳି ଜୀବାଶ୍ମ ଇନ୍ଧନରୁ ବିଦ୍ୟୁତ୍ ଉତ୍ପନ୍ନ ହେଉଥିବାରୁ ଏହାର ପ୍ରଭାବ ମଧ୍ୟ ବାୟୁମଣ୍ଡଳ ଉପରେ ଅନୁଭୂତ ହୋଇଥାଏ। ୨୦୧୯-୨୦ ଆର୍ଥିକ ବର୍ଷରେ ଦେଶରେ ପିକ୍ ଆୱାର ବିଦ୍ୟୁତ୍ ଚାହିଦା ୧୮୨.୫ ଗିଗାୱାଟ୍ ରହିଥିଲାବେଳେ ୨୦୨୪ରେ ଏହା ୨୫୦ ଗିଗାୱାଟକୁ ବୃଦ୍ଧି ପାଇଥିଲା। ଚଳିତ ବର୍ଷ ଏହା ୨୭୦ ଗିଗାୱାଟ୍‌ରେ ପହଞ୍ଚିବ ବୋଲି ଅନୁମାନ ଲଗାଇ ସରକାର ଏଥିପାଇଁ ପ୍ରସ୍ତୁତି ନେଇଛନ୍ତି। ୨୦୨୩ରେ ଗ୍ରୀଷ୍ମକାଳୀନ ବିଦ୍ୟୁତ୍ ଚାହିଦାକୁ ନେଇ ଜୀବାଶ୍ମ ଇନ୍ଧନରୁ ଉତ୍ପନ୍ନ ଶକ୍ତି ୨୮୫୩ ୟୁନିଟ୍‌କୁ ବୃଦ୍ଧି ପାଇଥିଲା। କିନ୍ତୁ ଏହାଦ୍ୱାରା ବାୟୁମଣ୍ଡଳରେ ୨ ନିୟୁତ ଟନ୍ ଅଧିକ ଅଙ୍ଗାରକାମ୍ଳ ଗ୍ୟାସ୍ ପ୍ରବେଶ କରିଥିଲା। ଦ୍ୱିତୀୟରେ 'ସ୍ପ୍ଲିଟ୍ ଏସି'ରେ ବ୍ୟବହାର ହେଉଥିବା ରାସାୟନିକ ରେଫ୍ରିଜେରାଣ୍ଟ ମଧ୍ୟ ପରିବେଶ ପାଇଁ ଅଧିକ କ୍ଷତିକାରକ ସାବ୍ୟସ୍ତ ହେବାରେ ଲାଗିଛି। ଏହି ରେଫ୍ରିଜେରାଣ୍ଟ ମୁଖ୍ୟତଃ 'ହାଇଡ୍ରୋଫ୍ଲୋରୋକାର୍ବନ(ଏଚ୍‌ଏଫ୍‌ସି) ଏବଂ 'ଆର୍-୪୧୦ଏ' ଶ୍ରେଣୀର ହୋଇଥିବାରୁ ଏହା ଅଙ୍ଗାରକାମ୍ଳ ଗ୍ୟାସ୍ ତୁଳନାରେ ୨୦୦୦ ଗୁଣ ଅଧିକ ଗ୍ଲୋବାଲ ୱାର୍ମିଂର କାରଣ ହେଉଛି। ୨୦୫୦ ସୁଦ୍ଧା ସାରା ବିଶ୍ୱରେ ଯେତିକି ପରିମାଣର ଗ୍ରୀନ୍ ହାଉସ୍ ଉଦ୍‌ଗିରଣ ହେବ ବୋଲି ଆକଳନ କରାଯାଇଛି ତାହାର ୧୨ ପ୍ରତିଶତରୁ ଅଧିକ କେବଳ ଏହି ଏସି ରେଫ୍ରିଜେରାଣ୍ଟ ଦ୍ୱାରା ହେବ ବୋଲି ଜାତିସଂଘ ପର୍ଯ୍ୟାବରଣ କାର୍ଯ୍ୟକ୍ରମ ଦ୍ୱାରା ଆକଳନ କରାଯାଇଛି। ତେଣୁ ଗରମରୁ ରକ୍ଷା ପାଇବା ଲାଗି ଦିନକୁ ଦିନ ଏସିର ବ୍ୟବହାର ସଂଖ୍ୟା ବଢୁଥିଲାବେଳେ ଏହା ବୈଶ୍ୱିକ ପରିବେଶକୁ ଆହୁରି ଉତ୍ତପ୍ତ କରିବ ବୋଲି ବିଶେଷଜ୍ଞମାନେ କହିଛନ୍ତି।

### ରାସ୍ତାରେ ଯୁବକଙ୍କୁ ହାଣି ...

ବଡ଼ଜେନା, ସୁଧାଂଶୁ ମହାପାତ୍ର, ଅକ୍ଷୟ ରାଉତ, ଚନ୍ଦ୍ରକାନ୍ତ ଜେନା, ପିଣ୍ଟୁ ଗଜେନ୍ଦ୍ର ଏବଂ ସୋନୁ ପହଞ୍ଚି ମାଛ ବ୍ୟବସାୟୀ ରଶ୍ମିରଞ୍ଜନ ବେହେରାଙ୍କଠାରୁ ପନିକି ଛଡ଼ାଇ ଆଣି ମୃତ୍ୟୁଞ୍ଜୟଙ୍କ ଡାହାଣ ହାତ ଓ ଗୋଡ଼କୁ ହାଣିପକାଇଥିଲେ। ମୃତ୍ୟୁଞ୍ଜୟ ରକ୍ତ ଜୁଡୁବୁଡୁ ହୋଇ ତଳେ ପଡ଼ିଥିବା ବେଳେ ୩ଜଣ ବୁଲେଟ୍‌ରେ ବସି ତାଙ୍କ ଉପରେ ଚଢ଼ାଇ ଦେଇଥିଲେ। ଏନେଇ କଣାସ ଥାନାରେ ଅଭିଯୋଗ ପରେ ପୋଲିସ ୧୦୬/୨୬ ନମ୍ବରରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଖବରପାଇ ପିପିଲି ଏସ୍‌ଡିପିଓ ଓ ପୁରୀ ଅତିରିକ୍ତ ଏସ୍‌ପି ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ କରିଛନ୍ତି। ବର୍ତ୍ତମାନ ସୁଦ୍ଧା କାହାରିକୁ ଗିରଫ କରାଯାଇ ନ ଥିବା ଜଣାପଡ଼ିଛି। ଅପରପକ୍ଷରେ ମୃତ୍ୟୁଞ୍ଜୟଙ୍କ ନାମରେ ବିଭିନ୍ନ ଥାନାରେ ଆପରାଧିକ ମାମଲା ରହିଥିବା ସୂଚନା ମିଳିଛି।

### କେନ୍ଦ୍ରବିନ୍ଦୁ ପଶ୍ଚିମବଙ୍ଗ....

ପଣ୍ଡିଚେରୀରେ ଭୋଟଗଣତି ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି। ୧୪୦ ଆସନ ବିଶିଷ୍ଟ କେରଳମ୍ ବିଧାନସଭା ପାଇଁ ୪୩ଟି ଗଣତି କେନ୍ଦ୍ରରେ ସକାଳ ୮ଟାରୁ ଭୋଟଗଣତି ଆରମ୍ଭ ହେବ। ଏଥିପାଇଁ ୧୫,୪୬୫ ଜଣ ଗଣନାକାରୀ ଏବଂ ୩୨,୩୦୧ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଅନୁରୂପ ଭାବେ ପଣ୍ଡିଚେରୀର ଭୋଟ ଗ୍ରହଣ ହୋଇଥିବା ୩୦ଟି ଆସନ ପାଇଁ ଭୋଟ ଗଣତି କରାଯିବ। ନିର୍ବାଚନ କମିଶନଙ୍କ ଗାଇଡ୍‌ଲାଇନ ଅନୁଯାୟୀ ପ୍ରଥମେ ପୋଷ୍ଟାଲ ବାଲଟ୍ ଗଣନା କରାଯିବ। ଏହାର ୩୦ ମିନିଟ୍ ପରେ ଇଭିଏମ୍ ଭୋଟ ଗଣନା କରାଯିବ। ପ୍ରତି ପର୍ଯ୍ୟାୟର ଗଣନା ପରେ ତଥ୍ୟ ନିର୍ବାଚନ କମିଶନଙ୍କ ମୋବାଇଲ୍ ଆପ୍ଲିକେଶନ ଏବଂ ସରକାରୀ ପୋର୍ଟାଲ result.eci.gov.inରେ ଅପ୍‌ଲୋଡ୍ ହେବ।

### ବଢ଼ିଲା ଓମ୍‌ଫେଡ୍ ...

ତା'ର ଦୁଗ୍ଧ ଓ ଦୁଗ୍ଧଜାତ ଉତ୍ପାଦର ଗୁଣାତ୍ମକ ମାନରେ କୌଣସି ପରିବର୍ତ୍ତନ କରିବାକୁ ମଧ୍ୟ ଚାହୁଁ ନାହିଁ। ତେଣୁ ଓମ୍‌ଫେଡ୍ ସବୁପ୍ରକାର ଦୁଗ୍ଧ ପ୍ୟାକେଟ୍ ପିଛା ୨ ଟଙ୍କା ଲେଖାଏ ବୃଦ୍ଧି କରିଛି। ତୁଳନାତ୍ମକ ଭାବେ ଦେଖିବାକୁ ଗଲେ ଅନ୍ୟାନ୍ୟ ଘରୋଇ କମ୍ପାନୀର ଦୁଗ୍ଧ ପ୍ୟାକେଟ ଦରଠାରୁ ଏହା ଅଧିକ ନୁହେଁ ବୋଲି ମନ୍ତ୍ରୀ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଅଷ୍ଟମଚନ୍ଦ୍ର ପ୍ରଭାବରେ ଯାତ୍ରା, ବିବାଦ ପ୍ରଭୃତିରୁ ଦୂରେଇ ରହିବା ଭଲ। ବନ୍ଧୁଙ୍କ ନିମନ୍ତ୍ରଣ କ୍ରମେ ସଭାସମିତି ଓ ଆନୁଷ୍ଠାନିକ କାମରେ ବ୍ୟସ୍ତ ରହିପାରନ୍ତି। ପରୋକ୍ଷ ଶତ୍ରୁତା କରୁଥିବା ଲୋକ ଅସୁବିଧାରେ ପକାଇବାର ଯୋଜନା କରିବେ। ବାଣିଜ୍ୟ ଭଲ ରହିବା ସହ ପାରିବାରିକ କ୍ଷେତ୍ର ବୁଝାମଣାରେ ଶୃଙ୍ଖଳିତ ହେବେ।

**ବୃଷ** ସହକର୍ମୀଙ୍କ ଗହଣରେ ଅପ୍ରିୟ ସତ୍ୟ ପ୍ରକାଶ କରି ବିବାଦଗ୍ରସ୍ତ ହେବେ। ସଭାସମିତି, କଳା, କ୍ରୀଡା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ରରେ ସୁନାମ ଅର୍ଜନ କରିବେ। ଆର୍ଥିକ ସମସ୍ୟା ପାରିବାରିକ ଆବଶ୍ୟକତାକୁ ଅଟକାଇଦେଇପାରେ। ନିର୍ମାଣ, ବ୍ୟବସାୟ, ସାମ୍ବାଦିକତା, ଏଜେନ୍‌ଶିପ୍, ମାଲିମକଦ୍ଦମା ପ୍ରଭୃତିରେ ଉନ୍ନତି କରିବେ।

**ମିଥୁନ** ରାଶ୍ୟାଧିପତିଙ୍କ ଦୁର୍ବଳତା କାରଣରୁ ସ୍ୱାସ୍ଥ୍ୟ ସମସ୍ୟା ଜନିତ ମନରେ ସରସତା ରହିବ ନାହିଁ। କର୍ମକ୍ଷେତ୍ର ପ୍ରତି ଉଦାସୀନ ରହିପାରନ୍ତି, ଯାହାକି ନୂତନ ସମସ୍ୟାକୁ ଜନ୍ମ ଦେବ। ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବା ସାଙ୍ଗକୁ ସ୍ଥଗିତ କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ। ଈର୍ଷାପରାୟଣ ବ୍ୟକ୍ତି ପରିବାରରେ ସମସ୍ୟା ସୃଷ୍ଟି କରିପାରନ୍ତି।

**କର୍କଟ** ସନ୍ଦେହ ଓ ଭୁଲବୁଝାମଣା ହେତୁ ସାଧାରଣ କଥାରେ କଳହ ଲାଗିବାର ଆଶଙ୍କା ରହିଛି । କର୍ମକ୍ଷେତ୍ରରେ ଧୈର୍ଯ୍ୟ ଓ ସହନଶୀଳତା ସହ କୂଟନୀତି ବଳରେ କାର୍ଯ୍ୟ ସାଧନ କରିବେ। ଯାତ୍ରାକାଳୀନ ଅସାବଧାନତା ହେତୁ ଦ୍ରବ୍ୟ ନଷ୍ଟଜନିତ କ୍ଷୋଭ ପ୍ରକାଶ କରିପାରନ୍ତି। ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ।

**ସିଂହ** ପାରିବାରିକ କ୍ଷେତ୍ରରେ ମନକଥା ମନରେ ଗୋପନ ରଖି କାମ ହାସଲ କରିବେ। ବିଶେଷ ଭ୍ରମଣ କିମ୍ବା କଠିନ ଶ୍ରମଜନିତ ପୁରାତନ ରୋଗ ପୀଡା ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡ଼ିପାରନ୍ତି। ସଭାସମିତିରେ ଆଲୋଚନାର ଶେଷ ସମୟରେ ନିଷ୍ପତ୍ତି ବଦଳାଇ ସମାଲୋଚିତ ହୋଇପାରନ୍ତି।

**କନ୍ୟା** ସହଜାତ ଗୁଣାନୁକ୍ରମେ ଅସୁବିଧାରେ ପଡିଥିବା ଲୋକଙ୍କୁ ସାହାଯ୍ୟ କରିବାକୁ ଯାଇ ନିଜେ ହଇରାଣରେ ପଡିପାରନ୍ତି। ଅଧ୍ୟାପନା, ଲେଖାପଢା କ୍ଷେତ୍ରରୁ ବନ୍ଧୁଙ୍କ ଦ୍ୱାରା ପ୍ରଶଂସିତ ହେବେ। ଘରର ଆବଶ୍ୟକତାକୁ ନେଇ ଆଜି ଗୃହୋପକରଣ କ୍ରୟ କରିବେ। ଗୃହସୀମାକୁ କେନ୍ଦ୍ରକରି ସମସ୍ୟା ହେତୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ।

**ତୁଳା** ବନ୍ଧୁଙ୍କୁ ଉପଯୁକ୍ତ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ, ଯାହାକି ଅନର୍ଥର କାରଣ ହେବ। ଆଜିର ବ୍ୟବସାୟିକ ସ୍ଥିତି ମାନ୍ଦା ହେବନାହିଁ ଏବଂ ବିଭିନ୍ନ ସୂତ୍ରରୁ ଅର୍ଥ ପାଇପାରିବେ । ପରିସ୍ଥିତିବଶତଃ ଇଚ୍ଛାକରି ମଧ୍ୟ ବନ୍ଧୁଙ୍କ ମୁହଁ ସାମ୍ନାରେ ସମସ୍ୟାଟିକୁ ପ୍ରକାଶ କରିପାରିବେ ନାହିଁ।

**ବିଛା** ପ୍ରତ୍ୟେକ କାମ ସକାଶେ ଦୀର୍ଘ ସମୟର ପ୍ରତୀକ୍ଷା ମାନସିକ ଅଶାନ୍ତିର ମୂଳ କାରଣ ହେବ। ଭୁଲ୍ ବୁଝାମଣା ହେତୁ ଭଲ ସମ୍ପର୍କ ଥିବା ବ୍ୟକ୍ତିଙ୍କ ସହ ବୈରିତା ସୃଷ୍ଟି ହେବ। ଅର୍ଥ ସମ୍ପର୍କିତ ଆଲୋଚନାରେ ଯୁକ୍ତିତର୍କ ପରେ ଯାଇ ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ସଭାସମିତିରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବ।

**ଧନୁ** ସହକର୍ମୀଙ୍କ ମାଧ୍ୟମରେ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବାରେ ସାମାନ୍ୟ ବିଳମ୍ବ ଘଟିବ। ମାନସିକ ଚାପଗ୍ରସ୍ତ କାରଣରୁ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବେ। ଶତ୍ରୁ ଆଗରେ ନ ହେଲେ ମଧ୍ୟ ପଛରେ ନାନାଦି କଥା କହିପାରନ୍ତି। କଳ୍ପନା କରି ନ ଥିବା ହଠାତ୍ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି।

**ମକର** କର୍ମକ୍ଷେତ୍ରରେ ବିଭିନ୍ନ ସମସ୍ୟା ମଧ୍ୟ ଦେଇ ଗତି କରିବାକୁ ପଡିପାରେ । ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ନିର୍ମାଣାଧୀନ କାମ ଶେଷ ହେବାରେ ଅନ୍ୟମାନେ ଜାଣିଶୁଣି ସମସ୍ୟା ସୃଷ୍ଟି କରିପାରନ୍ତି। ଅର୍ଥ ସଙ୍କଟ, ମାଲିମକଦ୍ଦମା, ପରୋକ୍ଷ ଶତ୍ରୁତା ଆଜିର ଚିନ୍ତାର କାରଣ ହେବ।

**କୁମ୍ଭ** ଅତି ନିକଟରେ ରହି ସ୍ୱାର୍ଥହାସଲ ଅଭାବରୁ ନିଜ ଲୋକଟି ହଠାତ୍ ଶତ୍ରୁତା କରିବାକୁ ପଛାଇବ ନାହିଁ। ପାରିବାରିକ କ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ର କରି ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଦେଖାଦେଇପାରେ। ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯାଇପାରେ।

**ମୀନ** ଦୃଢ ଇଚ୍ଛାଶକ୍ତି ବଳରେ ଗତକାଲିର ଅସମ୍ପୂର୍ଣ୍ଣ କାମକୁ ଆଜି ପୂର୍ଣ୍ଣାଙ୍ଗ କରିପାରିବେ। ଆର୍ଥିକ ସ୍ଥିତି, ସାମାଜିକ ପ୍ରଗତି,ପୂର୍ବପରି ଅକ୍ଷୁଣ୍ଣ ରହିବ। ମାଲି ମକଦ୍ଦମାରେ ସଫଳତା ହାସଲ କରିବେ ଓ ଏକପ୍ରକାର ଆଶ୍ୱସ୍ତି ଲାଭ କରିପାରନ୍ତି। ଆଲୋଚନା ପ୍ରସଙ୍ଗରେ ସ୍ତ୍ରୀଙ୍କ ଅଭିଯୋଗ ଅମୂଳକ ନୁହେଁ ଏବଂ ଏହାକୁ ଗୁରୁତର ସହ ବିଚାର କରିବା ଭଲ ହେବ।

ଆଜି ମେ' ୪ ତାରିଖ, ଜ୍ୟେଷ୍ଠ କୃଷ୍ଣ ତୃତୀୟା ସୋମବାର, ରାଶିନକ୍ଷତ୍ର-ଦିବା ଘ.୦୯।୫୮ ମି. ଗତେ, ଜ୍ୟେଷ୍ଠା/ବିଛା, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ବ୍ରତୋପନୟନ, ଗୃହପ୍ରବେଶ, ଦେବତା ଗଠନ ଓ ପ୍ରତିଷ୍ଠା ପାଇଁ ଶୁଭଦିନ, ସକାଳ ଘ.୦୫।୧୯ ଗତେ, ଘ.୦୬।୫୫ ମଧ୍ୟେ, ଘ.୧୦।୨୬ ଗତେ, ଘ.୦୧।୦୦ ମଧ୍ୟେ ଶୁଦ୍ଧ ଶୁଭ ବେଳା । ସକାଳ ଘ.୦୬।୫୫ ଗତେ, ଘ.୦୮।୩୧ ମଧ୍ୟେ ରାହୁକାଳ।



ଭୁବନେଶ୍ୱର ରସୁଲଗଡ଼ସ୍ଥିତ ମଳୟ ବିହାର ଅଞ୍ଚଳରେ ବିଏମ୍‌ସି ପକ୍ଷରୁ ରବିବାର ବୁଲା କୁକୁରଙ୍କୁ କାବୁ କରି ବନ୍ଧ୍ୟାକରଣ ଇଞ୍ଜେକ୍ସନ ଦିଆଯାଉଛି। **(ଫଟୋ: ମନୋରଞ୍ଜନ ମିଶ୍ର)**

# ରାଗିଂ ପାଇଁ ବି.ଟେକ୍ ଛାତ୍ରଙ୍କ ଜୀବନ ଗଲା

ଭୁବନେଶ୍ୱର/ବାଲିକୁଦା ୩।୫ (ପ୍ରସନଜିତ୍ ସାହୁ/ତାପସ ସାଇଁ)

- **ସିନିୟର ଛାତ୍ର ନିର୍ଯାତନା ଦେଉଥିବା ଅଭିଯୋଗ**
- **ହଷ୍ଟେଲରେ ନ ଖାଇ ଛତୁଆ ଖାଇ ରହୁଥିଲେ**



ବିଶ୍ୱାସ ସ୍ୱାଇଁ

ଭୁବନେଶ୍ୱର ଇନ୍‌ଫୋସିଟି ଥାନା ଅନ୍ତର୍ଗତ ସିଲିକନ୍ ବିଶ୍ୱବିଦ୍ୟାଳୟରେ ଜଣେ ଇଞ୍ଜିନିୟରିଂ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତ ଛାତ୍ର ଜଣକ ହେଲେ ବିଶ୍ୱାସ ସ୍ୱାଇଁ। ସେ ବି.ଟେକ୍ ପ୍ରଥମ ବର୍ଷର ଛାତ୍ର ଥିଲେ। ତାଙ୍କ ଘର ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅନ୍ତର୍ଗତ ଅନନ୍ତପୁର ପଞ୍ଚାୟତର ପଦ୍ମଲାଭପୁରରେ। ସେ ଆତ୍ମହତ୍ୟା କରିଥିବା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କହୁଥିବାବେଳେ ଶିକ୍ଷାନୁଷ୍ଠାନର ଅବହେଳା ଓ ସିନିୟର ଛାତ୍ରଙ୍କ ରାଗିଂ ପାଇଁ ତାଙ୍କ ଏକମାତ୍ର ପୁଅର ଜୀବନ ଯାଇଥିବା ବାପା ବସନ୍ତ ସ୍ୱାଇଁ କହିଛନ୍ତି। ଏହି ଘଟଣାକୁ ନେଇ ଶନିବାର ରାତିରୁ ବିଶ୍ୱବିଦ୍ୟାଳୟ ପରିସରରେ ଉତ୍ତେଜନା ଲାଗି ରହିଥିଲା। ବିଶ୍ୱାସଙ୍କ ସହପାଠୀମାନେ ହଷ୍ଟେଲ ପରିସରରେ ହୋହଲ୍ଲା କରିବା ସହିତ ଭଙ୍ଗାରୁଜା କରିଥିଲେ। ପୋଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲା। ଅନ୍ୟପକ୍ଷରେ ରବିବାର ଡିସିପି ଜଗମୋହନ ମୀନାଙ୍କ ସହ ଅନ୍ୟ ଅଧିକାରୀମାନେ ପହଞ୍ଚି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଛାତ୍ରୀଛାତ୍ରଙ୍କୁ ପଚରାଉଚରା କରିଥିଲେ। ଏନେଇ ଇନ୍‌ଫୋସିଟି ଥାନାରେ ମାମଲା ନଂ.୩୪୮/୨୬ ରୁଜୁ ହୋଇଥିବାବେଳେ ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ଅଭିଯୋଗ ଅନୁସାରେ, ଶନିବାର ରାତି ପ୍ରାୟ ୧୦ଟାରୁ ୧୧ ଭିତରେ ଏହି ଘଟଣା ଘଟିଥିଲା। ଏହା ପୂର୍ବରୁ ରାତି ୯ଟା ୫୮ରୁ ୧୦ଟା ୧ ପର୍ଯ୍ୟନ୍ତ ବିଶ୍ୱାସ ତାଙ୍କ ଘର ଲୋକଙ୍କ ସହିତ ମାତ୍ର ୩ ମିନିଟ୍ କଥା ହୋଇଥିଲେ। ରାତି ପ୍ରାୟ ୧୧ଟା ବେଳକୁ ବିଶ୍ୱାସଙ୍କ ବାପାଙ୍କ ନିକଟକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଫୋନ୍ କରି ପୁଅ ଆତ୍ମହତ୍ୟା ଉଦ୍ୟମ କରିଥିବା କହିଥିଲେ। ବାପା ବସନ୍ତ ଭୁବନେଶ୍ୱରରେ ପହଞ୍ଚିଲା ବେଳକୁ ଏକ ଘରୋଇ ହସ୍ପିଟାଲରେ ତାଙ୍କ ପୁଅର ମୃତ୍ୟୁ ହୋଇସାରିଥିବା ଜାଣିବାକୁ ପାଇଥିଲେ। ବିଶ୍ୱାସ ଏକ ଗାମୁଛାରେ ଫ୍ୟାନ୍‌ରେ ଝୁଲି ପଡିଥିବା କର୍ତ୍ତୃପକ୍ଷ କହୁଥିବାବେଳେ ବାପା ବସନ୍ତ କିନ୍ତୁ ପ୍ରଶ୍ନ ଉଠାଇଛନ୍ତି। ବେଡ୍ ଉପରେ ଚୌକି ଥିଲା। ଫ୍ୟାନ୍‌ରେ ଏକ ଗାମୁଛା ଝୁଲିଥିଲା, ଯାହାକୁ ନେଇ ସେ ସନ୍ଦେହ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ବିଶ୍ୱାସଙ୍କ ମୃତ୍ୟୁ ପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଓ ମ୍ୟାନେଜମେଣ୍ଟ ସମ୍ପୂର୍ଣ୍ଣ ଦାୟୀ। ସିନିୟର ପିଲାମାନେ ବାରମ୍ବାର ତାଙ୍କ ପୁଅକୁ ରାଗିଂ କରୁଥିବା ନେଇ ପୁଅ ଘରେ ଜଣାଇଥିଲେ। ଏ ସମ୍ପର୍କରେ ସେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଓ ମ୍ୟାନେଜମେଣ୍ଟକୁ ଜଣାଇଥିଲେ। କିନ୍ତୁ ସେମାନେ ଏନେଇ କୌଣସି ପଦକ୍ଷେପ ନେଇ ନ ଥିଲେ। ଚାରିପାଞ୍ଚ ଦିନ ପୂର୍ବରୁ ମଧ୍ୟ ସିନିୟରମାନେ ପୁଅକୁ ରାଗିଂ କରିଥିଲେ। ଶନିବାର ସନ୍ଧ୍ୟାରେ ମଧ୍ୟ ପୁଣି ନିର୍ଯାତନା ଦେଇଥିଲେ। ରାତି ୧୦ଟା ବେଳେ ପୁଅ ତା' ମା' ସହ କଥା ହୋଇ ଜଣାଇଥିଲା। ଆଉ ରାତି ୧୧ଟାରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଫୋନ କରି ପୁଅ ଆତ୍ମହତ୍ୟା ଉଦ୍ୟମ କରିଥିବା କହିଥିଲେ। ପୁଅର ମୃତ୍ୟୁ ପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଓ ମ୍ୟାନେଜମେଣ୍ଟର ଅବହେଳା ଓ ସିନିୟରଙ୍କ ରାଗିଂ ଦାୟୀ ବୋଲି ବାପାଙ୍କ ସହ ବିଶ୍ୱାସଙ୍କ ମଉସା କାଳନ୍ଦୀ ମହାନ୍ତି କହିଛନ୍ତି। ବିଶ୍ୱାସଙ୍କ ମା' ବନାନୀ କହିଛନ୍ତି, ସିନିୟରମାନେ ମୋ ପୁଅକୁ ମାନସିକ ନିର୍ଯାତନା ଦେଉଥିଲେ। ଫଳରେ ଭୟରେ ସେ କ୍ୟାଣ୍ଟିନ ନ ଯାଇ ରୁମ୍‌ରେ ଛତୁଆ ଖାଇ ଶୋଉଥିଲେ। ବାହାରୁ ଖାଦ୍ୟ ମଗାଇ ଖାଉଥିଲେ। ତା' ମାମୁ ଯାଇ କଲେଜ କର୍ତ୍ତୃପକ୍ଷଙ୍କ ସହ କଥା ହୋଇ ଆସିବା ପରେ ପୁଅ ହଷ୍ଟେଲ ଯାଇ ଖାଉଥିଲେ ମଧ୍ୟ ସିନିୟରଙ୍କ ନିର୍ଯାତନା ବନ୍ଦ ହୋଇ ନ ଥିଲା। ଶେଷରେ ମୋ ପୁଅର ଜୀବନ ଚାଲିଗଲା। ଅଭିଯୁକ୍ତ ସିନିୟର ଓ କଲେଜ କର୍ତ୍ତୃପକ୍ଷଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ସେ ପୋଲିସକୁ ନିବେଦନ କରିଛନ୍ତି।

ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କହିଛନ୍ତି, ପୋଲିସ ଘଟଣାର ତଦନ୍ତ କରୁଛି। ଏବେ କିଛି କହି ହେବନାହିଁ। ୱାର୍ଡେନ ତାଙ୍କ କର୍ତ୍ତବ୍ୟ କରିଛନ୍ତି। ତଦନ୍ତ ପରେ ସତ ସାମନାକୁ ଆସିବ। ଡିସିପି ଜଗମୋହନ ମୀନା କହିଛନ୍ତି, ଅଭିଯୋଗ ଆଧାରରେ ଇନ୍‌ଫୋସିଟି ଥାନା ପୋଲିସ ସମସ୍ତ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଛି। ଘଟଣା ଘଟିବା ପରେ ମୁଁ କଲେଜ ପରିସରକୁ ଯାଇଥିଲି। ଛାତ୍ରଙ୍କ ହଷ୍ଟେଲ ସାଥୀ ଓ ଅନ୍ୟ ସହଯୋଗୀଙ୍କୁ ପଚରାଉଚରା କରିଥିଲି। ଏଯାବତ ରାଗିଂ ନେଇ କୌଣସି ପ୍ରମାଣ ମିଳିନାହିଁ।

## ଭାଜପାର ନୂତନ ଅନୁସୂଚିତ ଜନଜାତି ମୋର୍ଚ୍ଚା ଜିଲା ସଭାପତି

ଭୁବନେଶ୍ୱର,୩।୫(ରବିନାରାୟଣ ଜେନା)

ରାଜ୍ୟ ଭାଜପା ଅନୁସୂଚିତ ଜନଜାତି ମୋର୍ଚ୍ଚା ସଭାପତି କାନ୍ଦ୍ରା ସୋରେନଙ୍କ ଅନୁମୋଦନକ୍ରମେ ୨୭ ଜିଲାର ଅନୁସୂଚିତ ଜନଜାତି ମୋର୍ଚ୍ଚା ସଭାପତିଙ୍କ ନାମତାଲିକା ଘୋଷଣା କରାଯାଇଛି। ସେଥିମଧ୍ୟରେ ବାଲେଶ୍ୱର ଜିଲାର ଅନୁସୂଚିତ ଜନଜାତି ମୋର୍ଚ୍ଚା ସଭାପତି ଭାବେ ସମୟ ଟୁଡୁ ନିଯୁକ୍ତ ହୋଇଥିବାବେଳେ ବାଲେଶ୍ୱର ଉତ୍ତର ପାଇଁ ଗଣେଶ ସୋରେନ, ବରଗଡ଼ ପାଇଁ ନିରାକାର ବରିହା, ବଲାଙ୍ଗୀର ପାଇଁ ଚିତ୍ରସେନ ଭୋଇ, ଭଦ୍ରକ ପାଇଁ ଉନ୍ନତିବାଳା ଦାସ, ବୌଦ୍ଧ ପାଇଁ ସମ୍ଭୁପ୍ରସାଦ ମୁଣ୍ଡା, କଟକ ପାଇଁ ପଞ୍ଚାନନ ଶିଙ୍କୁଙ୍କୁ ନିଯୁକ୍ତ କରାଯାଇଛି।

ସେହିପରି ଦେବଗଡ଼ ଜିଲା ଅନୁସୂଚିତ ଜନଜାତି ମୋର୍ଚ୍ଚା ସଭାପତି ଭାବେ ଟିକେଶ୍ୱର ପ୍ରଧାନ ନିଯୁକ୍ତ ହୋଇଥିବାବେଳେ ଢେଙ୍କାନାଳ ପାଇଁ ପ୍ରେମାନନ୍ଦ ନାଏକ, ଗଜପତି ପାଇଁ ବୀରଭାସ୍କର ପାଇକ, ଗଞ୍ଜାମ-ଘୁମୁସର ପାଇଁ ବାଳକୃଷ୍ଣ ମଲ୍ଲିକ, ଯାଜପୁର ପାଇଁ ସୁନାରାମ ମାରାଣ୍ଡି, ଝାରସୁଗୁଡ଼ା ପାଇଁ ରୁକ୍ମଣି ଧରୁଆ, କଳାହାଣ୍ଡି ପାଇଁ ତ୍ରିନାଥ ଶବର, କେନ୍ଦ୍ରାପଡ଼ା ଲାଗି ଛୋଟରାୟ ମାଝୀ, କେନ୍ଦୁଝର ପାଇଁ ପ୍ରବୀର ରଞ୍ଜନ ନାଏକ, କୋରାପୁଟ ଲାଗି ଲଳିତ ପୂଜାରୀ, ମାଲକାନଗିରି ଲାଗି ଦେବ ମାଡକାମୀ, ମୟୂରଭଞ୍ଜ ବାରିପଦା ପାଇଁ ସୁକୁଲ ମୁର୍ମୁ, ରାଇରଙ୍ଗପୁର ଲାଗି କୁତୁଲ ହାଁସଦା, ନବରଙ୍ଗପୁର- ବୀରେନ୍ଦ୍ର ପୂଜାରୀ, ପୁରୀ- ରସାନନ୍ଦ ପାତ୍ର, ରାୟଗଡା- ଟିନା କୋଣ୍ଡାଗରି, ରାଉରକେଲା-ସାକରୀ ଓରାମ, ସମ୍ବଲପୁର- ବେଣୁଧର ପଧାନ, ସୁବର୍ଣ୍ଣପୁର- ବୈଶାଖୁ ମିର୍ଦ୍ଧା ଏବଂ ସୁନ୍ଦରଗଡ଼ ଜିଲା ପାଇଁ ସନ୍ତୋଷ ତିର୍କୀ ସଭାପତି ଭାବେ ନିଯୁକ୍ତ ହୋଇଛନ୍ତି।

## ଓଡ଼ିଶା କେତେ ଲଜ୍ଜିତ ହେଲେ ନିଦ ଭାଙ୍ଗିବ

ଭୁବନେଶ୍ୱର,୩।୫(ରବିନାରାୟଣ ଜେନା)

**ସରକାରଙ୍କୁ କଂଗ୍ରେସର ଟାର୍ଗେଟ**

ପୁରୀ କଣାସରେ ଯେଉଁ ଅମାନବୀୟ ଘଟଣା ଘଟିଛି ତାହା ଅତ୍ୟନ୍ତ ହୃଦୟବିଦାରକ ବୋଲି କଂଗ୍ରେସ କହିଛି। କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମୁଖପାତ୍ର ଜୟଶ୍ରୀ ପାତ୍ର ସରକାରଙ୍କୁ ଏନେଇ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି, ନୈତିକତା ଦୃଷ୍ଟିରୁ ରାଜ୍ୟ ଗୃହମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ। ଦିନଦ୍ୱିପ୍ରହରରେ ବାଲି ମାଫିଆମାନେ ରାଜରାସ୍ତାରେ ଗାଡ଼ି ଚଢ଼ାଇ ଦେଉଛନ୍ତି। ସତ୍ୟବାଦୀ ବିଧାୟକ ଓ ପୁରୀ ଏମ୍‌ପି ନିଜ ଅଞ୍ଚଳରେ ଘର ବୁଡ଼ି ପାଣି ଆଣ୍ଠୁଏ ହେଲେ ବି ଚେତା ପଶୁନାହିଁ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କର ପୁରୀ ମାଟି ହୋଇଥିଲେ ମଧ୍ୟ ନିଜ ଅଞ୍ଚଳର ଘଟଣାକୁ ନେଇ ନୀରବଦ୍ରଷ୍ଟା ସାଜିଛନ୍ତି। ଓଡ଼ିଶା ଆଉ କେତେ ଲଜ୍ଜିତ ହେଲେ ସରକାର ଚେତିବେ। ଦୋଷୀଙ୍କୁ ତୁରନ୍ତ ଗିରଫ କରି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ମହିଳା କଂଗ୍ରେସ ମିଡିଆ ଅଧ୍ୟକ୍ଷ ଜୟସ୍ମିତା ମହାନ୍ତି ରାଜ୍ୟରେ ମହିଳା ଅସୁରକ୍ଷିତ କହି ଭର୍ତ୍ସନା କରିଛନ୍ତି।

## ବୁଧବାର ଶୁଦ୍ଧି ହେବେ ଜିତୁ ମୁଣ୍ଡା

ପାଟଣା,୩।୫(ବୀର କିଶୋର ଦାଶ)

**ଭଉଣୀ କଙ୍କାଳ ବୋହି ବ୍ୟାଙ୍କକୁ ନେବା ଘଟଣା**



ଜିତୁ ମୁଣ୍ଡାଙ୍କ ଘର ଆଗରେ ଜାତିଭାଇ ବସିଛନ୍ତି।

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଡିଆନାଳି ଚତୁରିସାହିର ଜିତୁ ମୁଣ୍ଡା ଭଉଣୀ କାଲାରା ମୁଣ୍ଡାଙ୍କ କଙ୍କାଳ ନେଇ ମଲ୍ଲିପୋଷି ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କୁ ନେବା ଘଟଣା ପରେ ଚର୍ଚ୍ଚା ଥମିବାରେ ନାଁ ଧରୁନି। କଙ୍କାଳ ଖୋଳି ନେବା ଘଟଣାରେ ଜାତିଭାଇ ଜିତୁ ମୁଣ୍ଡାଙ୍କୁ ପୁଣି ଶୁଦ୍ଧି ହେବାକୁ କହିଛନ୍ତି। ଏହି କ୍ରମରେ ଜିତୁ ଆସନ୍ତା ବୁଧବାର ଶୁଦ୍ଧି ହେବେ ବୋଲି ସୂଚନା ମିଳିଛି।

ପ୍ରକାଶ ଯେ, ଭଉଣୀ କାଲାରାଙ୍କ ୩ ମାସ ପୂର୍ବେ ମୃତ୍ୟୁ ପରେ ଜିତୁ ଶୁଦ୍ଧି ହୋଇଥିଲେ। ମାତ୍ର ପୁନର୍ବାର ମଶାଣିରୁ କଙ୍କାଳ ଖୋଳିଥିବାରୁ ଗାଁର ହୋ ସମାଜର ଲୋକମାନେ ତାଙ୍କୁ ଏକଘରିକିଆ ଭଳି ରଖିଛନ୍ତି। ଶୁଦ୍ଧି ନ ହେଲେ ତାଙ୍କୁ ଜାତିଭାଇ ବାସନ୍ଦ କରିବା ସହ ସାଧାରଣ ଚଳଣିରେ ଅଂଶଗ୍ରହଣ କରାଇବେ ନାହିଁ। କଙ୍କାଳ ଖୋଳି ବୋହିଥିବାରୁ ତାଙ୍କୁ ପ୍ରାୟଶ୍ଚିତ ଓ ଜାତି ହେବାକୁ ହୋ ସମାଜ ନିର୍ଦ୍ଦେଶ ଜାରି କରିଛି। ରବିବାର ବିନା କୁକୁଡ଼ା ଓ ଛେଳି ଯୋଗାଡ଼ରେ ସ୍ୱଳ୍ପ ଜାତିଭାଇଙ୍କୁ ନେଇ ଜିତୁ ଶୁଦ୍ଧିକ୍ରିୟା ଆୟୋଜନ କରୁଥିବା ବେଳେ ଜାତିଭାଇମାନେ ଅଡିବସି ଏହାକୁ ବନ୍ଦ କରିଥିଲେ। ତାଙ୍କ ଘର ସମ୍ମୁଖରେ ୨ ନମ୍ବର, ୩ ନମ୍ବର୍ ୱାର୍ଡର ହୋ ସମାଜର ମୁରବି କାଣ୍ଡେ ମୁଣ୍ଡା, ଶୁକ୍ରା ମୁଣ୍ଡା, ମୁନିଆ ମୁଣ୍ଡା, ମକୁରୁ ମୁଣ୍ଡାଙ୍କ ସହ ଗ୍ରାମର ୨୫ଜଣ ମୁରବିବସି ନିଶାପ କରିଥିଲେ। ବୁଧବାର ପରିବାର ଲୋକେ ମୁଣ୍ଡନ ହୋଇ ପ୍ରାୟଶ୍ଚିତ ହେବେ, ନୂଆଲୁଗା ପିନ୍ଧିବେ, ଗୁଣିଆ ହାଣ୍ଡିଆରେ କୁକୁଡ଼ା ରକ୍ତ ପକାଇ ପୂଜା କରିଥିବା ହାଣ୍ଡିକୁ ଅଶୌଚ ଥିବା ପରିବାରକୁ ପିଆଇବେ। ପରେ ଗାଁ, ଆତ୍ମୀୟସ୍ୱଜନଙ୍କୁ ମାଂସ, ଭାତ ଓ ହାଣ୍ଡିଆ ଦେଇ ଜିତୁ ଆପ୍ୟାୟିତ କରି ଜାତିରେ ମିଶିବେ ବୋଲି ନିଷ୍ପତ୍ତି ହୋଇଛି। ଜିତୁ ପ୍ରାୟ ୩ଶହ ଲୋକଙ୍କୁ ଖାସି, କୁକୁଡ଼ା, ଭାତ ଓ ହାଣ୍ଡିଆ ଖାଇବାକୁ ଦେବେ ବୋଲି କହିଛନ୍ତି। ଏଥିପାଇଁ ଜିତୁଙ୍କ ପରିବାର ତରଫରୁ ଛେଳି, କୁକୁଡ଼ା ଯୋଗାଡ଼ ଆରମ୍ଭ ହୋଇଛି।

## ଆଇନକାନୁନକୁ ନେଇ ପ୍ରଶ୍ନ ଉଠାଇଲେ ନବୀନ

ଭୁବନେଶ୍ୱର,୩।୫(ରବିନାରାୟଣ ଜେନା)

**କଣାସରେ ଯୁବକଙ୍କ ଉପରେ ଗାଡ଼ି ଚଢ଼ାଇବା ଘଟଣା**

ପୁରୀ ଜିଲା କଣାସରେ ଗାଡ଼ି ଚଢ଼ାଇ ଜଣେ ଯୁବକଙ୍କୁ ମାରିବା ଉଦ୍ୟମ କରିବା ଘଟଣାକୁ ନେଇ ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ସେ ସାମାଜିକ ଗଣମାଧ୍ୟମରେ କହିଛନ୍ତି, ଓଡ଼ିଶାରେ ଅରାଜକତା ସୀମା ଟପୁଛି। ଦିନଦ୍ୱିପ୍ରହରରେ ସର୍ବସମ୍ମୁଖରେ ଦୁର୍ବୃତ୍ତମାନେ ସଂଘବଦ୍ଧ ହୋଇ ଜଣେ ଯୁବକଙ୍କୁ ଅତ୍ୟନ୍ତ ନିର୍ମମ ଭାବେ ମରଣାନ୍ତକ ଆକ୍ରମଣ କରୁଥିବାର ଦୃଶ୍ୟ ସମସ୍ତ ଓଡ଼ିଶାବାସୀଙ୍କୁ ବିଚଳିତ କରିଦେଇଛି। ରାଜରାସ୍ତାରେ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିବା ପରେ ଖୋଲାଖୋଲି ଗାଡ଼ି ଚଢ଼ାଇ ଜୀବନରୁ ମାରିଦେବାକୁ ଉଦ୍ୟମ କରିବା ଘଟଣା ଅତ୍ୟନ୍ତ ସ୍ୱର୍ଶକାତର ଓ ହୃଦୟ ବିଦାରକ। ଓଡ଼ିଶାରେ ଆଇନକାନୁନ୍‌ର ଶାସନ ଅଛି ତ ବୋଲି ନବୀନ ପ୍ରଶ୍ନ କରିଛନ୍ତି। ସରକାରଙ୍କ ସ୍ଥାଣୁତା ଓ ଅପାରଗତା ପାଇଁ ଅପରାଧୀମାନେ ଭୟଶୂନ୍ୟ ହୋଇ ବୁଲୁଛନ୍ତି। ସାଧାରଣ ଜନତା ଆତଙ୍କିତ ଓ ଅସୁରକ୍ଷିତ ହୋଇପଡ଼ିଛନ୍ତି। ଓଡ଼ିଶାର ଶାସନ ବ୍ୟବସ୍ଥା ଉପରେ ଲୋକଙ୍କ ବିଶ୍ୱାସ ତୁଟିବାକୁ ବସିଲାଣି। ଆଇନଶୃଙ୍ଖଳା ଆଉ କେତେ ବିପର୍ଯ୍ୟସ୍ତ ହେଲେ ସରକାରଙ୍କ ନିଦ ଭାଙ୍ଗିବ ବୋଲି ନବୀନ ପ୍ରଶ୍ନ କରିଛନ୍ତି।

ଏହି ଅବସରରେ ଶଙ୍ଖ ଭବନଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଉପସଭାପତି ସଞ୍ଜୟ ଦାସବର୍ମା ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରି ତୁରନ୍ତ ବାଲି ମାଫିଆଙ୍କ ଆତଙ୍କରାଜ ବନ୍ଦ କରିବାକୁ ଦାବି କରିଛନ୍ତି। ସେ କହିଛନ୍ତି, ଗତ ୨ ତାରିଖରେ ସାକ୍ଷୀଗୋପାଳ ନିର୍ବାଚନମଣ୍ଡଳୀ କଣାସ ଥାନା ଗୋଲାବଜାରରେ ବାଲି ମାଫିଆମାନେ ସର୍ବସମ୍ମୁଖରେ ଜଣେ ବ୍ୟକ୍ତିଙ୍କୁ ପଛିକରେ ହାଣି ମୋଟରସାଇକେଲ ଚଢ଼ାଇ ହତ୍ୟା ଉଦ୍ୟମ କରିଥିଲେ; ଯେଉଁଥିରେ ସାଧାରଣ ଲୋକ ଅତ୍ୟନ୍ତ ଭୟଭୀତ ହେବା ସହ ରାଜ୍ୟ ସରକାରଙ୍କ ପୋଲିସ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛନ୍ତି। ସରକାର ବେଆଇନ ବାଲି ଖାଦାନଗୁଡ଼ିକୁ ଚିହ୍ନଟ କରି ତୁରନ୍ତ ବନ୍ଦ କରିବା ସହ ବାଲି ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାସବର୍ମା ଦାବି କରିଛନ୍ତି।

## ଝୀରଖାରବେଲ ସ୍ୱାଇଁଙ୍କ ଉପରୁ ଉଠିଲା ନିଲମ୍ବନ

**ନୂଆପଡ଼ା ଭାଜପାରୁ ୪ ନିଲମ୍ବିତ**

ଭୁବନେଶ୍ୱର,୩।୫(ରବିନାରାୟଣ ଜେନା)

ଦଳୀୟ ଶୃଙ୍ଖଳା ଭଙ୍ଗ କାରଣରୁ ଭାଜପାରୁ ନିଲମ୍ବିତ ହୋଇଥିବା ବରିଷ୍ଠ ନେତା ଝୀରଖାରବେଲ ସ୍ୱାଇଁଙ୍କ ଉପରୁ ରବିବାର ନିଲମ୍ବନ ଆଦେଶ ପ୍ରତ୍ୟାହୃତ ହୋଇଛି ବୋଲି ରାଜ୍ୟ ଶୃଙ୍ଖଳା କମିଟିର ଆବାହାକ ସୁଦର୍ଶନ ନାୟକ ସୂଚନା ଦେଇଛନ୍ତି। ସେହିପରି ଦଳୀୟ ଶୃଙ୍ଖଳା ଭଙ୍ଗ କାରଣରୁ ନୂଆପଡା ଜିଲାର ୪ ଜଣ କାର୍ଯ୍ୟକର୍ତ୍ତାଙ୍କୁ ଦଳରୁ ନିଲମ୍ବନ କରାଯାଇଛି। ସେମାନଙ୍କ ମଧ୍ୟରେ ନୂଆପଡା ଜିଲା ଅନ୍ତର୍ଗତ ଭାଲୁକୋନାର ବୀରବଲ ସାହୁ, ଦଲେଦାର ଦୟାଲାଲ ସାହୁ, ହାତୀସରାର ଶଙ୍କର ଲାଲ ଅହୀର ଏବଂ ବେଲଟୁକ୍ରିର ସନ୍ତୋଷ ଚନ୍ଦ୍ରକାର ପ୍ରମୁଖ ରହିଛନ୍ତି। ଏହି ୪ଜଣଙ୍କୁ ଦଳରୁ ନିଲମ୍ବନ କରାଗଲା ବୋଲି ଶୃଙ୍ଖଳା କମିଟି ରାଜ୍ୟ ଆବାହକ ସୂଚନା ଦେଇଛନ୍ତି।

## ବଜ୍ରପାତରେ ୧୯ ଛେଳିମେଣ୍ଢା ମୃତ



ହିଞ୍ଜିଳିକାଟୁ,୩।୫(ଦ୍ୱିତୀକୃଷ୍ଣ ପଣ୍ଡା)

ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ବ୍ଲକ ଭାବନ୍ଧ ପଞ୍ଚାୟତ ଶିଖରପୁର ଗ୍ରାମରେ ରବିବାର କାଳବୈଶାଖୀ ପ୍ରଭାବରେ ହୋଇଥିବା ବଜ୍ରପାତରେ ୧୯ ଛେଳିମେଣ୍ଢାଙ୍କ ମୃତ୍ୟୁ ଘଟିଛି। ଶିଖରପୁର ଗ୍ରାମର ଗୋବିନ୍ଦ ଗୌଡ଼ ଓ ସାପୁଆ ଗୌଡ଼ ଛେଳି ଚରାଇବାକୁ ପାଟପୁର ଓ ବେଲଗାଁ ମଧ୍ୟରେ ଏକ ଖୋଲାସ୍ଥାନକୁ ନେଇଥିଲେ। ଅପରାହ୍ନରେ ବଜ୍ରାଘାତ ହେବାରୁ ସେମାନଙ୍କ ୧୪ଟି ଛେଳି ଓ ୫ଟି ମେଣ୍ଢାଙ୍କ ମୃତ୍ୟୁ ହୋଇଥିଲା। ବଜ୍ରପାତରେ ଗୋବିନ୍ଦ ଆହତ ହୋଇଥିବାରୁ ତାଙ୍କୁ ସ୍ଥାନୀୟ ଲୋକେ ବେଲଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହିଞ୍ଜିଳିକାଟୁ ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ବେଲଗାଁ ରାଜସ୍ୱ ନିରୀକ୍ଷକ ଜିତେନ୍ଦ୍ର ପାତ୍ର ଓ ନନ୍ଦିକ ରାଜସ୍ୱ ନିରୀକ୍ଷକ ସଞ୍ଜୟ କୁମାର ବିଷୋୟୀ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଛନ୍ତି।

# ଏବେ ମନ୍ତ୍ରିମଣ୍ଡଳ ସଂପ୍ରସାରଣ ହେବନାହିଁ: ମନମୋହନ

ଭୁବନେଶ୍ୱର,୩।୫(ରବିନାରାୟଣ ଜେନା)

ରାଜ୍ୟରେ ମନ୍ତ୍ରିମଣ୍ଡଳ ସଂପ୍ରସାରଣ ଓ ଅଦଳବଦଳକୁ ନେଇ ଯେଉଁ କେତେକ ଗଣମାଧ୍ୟମ ବିଭ୍ରାନ୍ତକର ଏବଂ କପୋଳକଳ୍ପିତ ଖବର ପ୍ରସାରଣ କରିଛନ୍ତି ତାହା ସମ୍ପୂର୍ଣ୍ଣ ଅମୂଳକ ଏବଂ ଆଧାରହୀନ ବୋଲି ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ କହିଛନ୍ତି। ସାମଲ କହିଛନ୍ତି, ମନ୍ତ୍ରିମଣ୍ଡଳ ସଂପ୍ରସାରଣ ସହିତ ଅନ୍ୟ ସମସ୍ତ ଆବଶ୍ୟକ ନିଷ୍ପତ୍ତି ଠିକ୍ ସମୟରେ ନିଆଯିବ। ସେ କହିଛନ୍ତି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟରେ ଭାଜପା ସରକାରର ୨ ବର୍ଷ ପୂର୍ତ୍ତି ହେବାକୁ ଯାଉଛି। ସଂକଳ୍ପ ପତ୍ରରେ ଦିଆଯାଇଥିବା ପ୍ରତିଶ୍ରୁତି ମଧ୍ୟରୁ ଅଧିକାଂଶ ପୂରଣ ହୋଇସାରିଛି। ଇତିମଧ୍ୟରେ ଦଳର ରାଜ୍ୟ ପଦାଧିକାରୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ବିଭିନ୍ନ ମୋର୍ଚ୍ଚା ପଦାଧିକାରୀଙ୍କ ନାମ ତାଲିକା ଘୋଷଣା ସରିଛି। ଖୁବ୍‌ଶୀଘ୍ର ଖାଲି ରହିଥିବା ଦଳୀୟ ପଦପଦବୀର ଅନ୍ୟ ନାମ ତାଲିକା ଘୋଷଣା କରାଯିବ।

## ୩ଦିନ ବର୍ଷା, ପବନ, କୁଆପଥର ମାଡ଼

ଭୁବନେଶ୍ୱର,୩।୫(ବନ୍ଦନା ସେଠୀ)

- **ଆଜି ୧୩ ଜିଲାକୁ ଅରେଞ୍ଜ ୱାର୍ନିଂ**

ରାଜ୍ୟରେ କାଳବୈଶାଖୀ ପ୍ରଭାବ ଜାରି ରହିଛି। କିଛିଦିନ ହେବ ବର୍ଷା ହେଉଥିବାବେଳେ ରବିବାର ମେଘୁଆ ପାଗ ଯୋଗୁ ତାତିରୁ ଆଶ୍ୱସ୍ତି ମିଳିଛି। ତେବେ ଆଗାମୀ ୩ ଦିନ ଯାଏ ପ୍ରବଳ ବର୍ଷା ଓ ପବନର ସମ୍ଭାବନା ଥିବାରୁ ପାଣିପାଗ ବିଭାଗ ସତର୍କ କରିଛି। ସୋମବାର ରାଜ୍ୟର ପ୍ରାୟ ସବୁ ଜିଲାରେ ବର୍ଷା ହେବ। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ନବରଙ୍ଗପୁର, କୋରାପୁଟ, କଳାହାଣ୍ଡି ଏବଂ ରାୟଗଡ଼ା ଜିଲାକୁ ଘଡ଼ଘଡ଼ି ବିଜୁଳି ସହିତ ପ୍ରବଳ ବର୍ଷା ପବନ ନେଇ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏହି ସମୟରେ ପବନର ବେଗ ଘଣ୍ଟା ପ୍ରତି ୫୦ ରୁ ୬୦ କି.ମି. ପର୍ଯ୍ୟନ୍ତ ରହିବା ନେଇ ସୂଚନା ଦିଆଯାଇଛି। ସେହିପରି ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଏବଂ ରାୟଗଡ଼ା ଜିଲାର କିଛି ସ୍ଥାନରେ କୁଆପଥର ମାଡ଼ ହେବା ନେଇ ପୂର୍ବାନୁମାନ କରାଯାଇଛି। ଏଥିସହ ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ଝାରସୁଗୁଡା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ସୋନପୁର, ବୌଦ୍ଧ, କନ୍ଧମାଳ, ନୂଆପଡ଼ା, ବଲାଙ୍ଗୀର ଓ ମାଲକାନଗିରି ଜିଲାରେ ବର୍ଷା ପବନ ପାଇଁ ୟେଲୋ ୱାର୍ନିଂ ଦିଆଯାଇଛି। ମଙ୍ଗଳବାର ମଧ୍ୟ ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଏବଂ ଝାରସୁଗୁଡା ଜିଲାକୁ ଘଡ଼ଘଡ଼ି ବିଜୁଳି ସହିତ ପ୍ରବଳ ବର୍ଷା ପବନ ଓ କୁଆପଥର ମାଡ଼ ନେଇ ଅରେଞ୍ଜ ୱାର୍ନିଂ ଦିଆଯାଇଛି। ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ହେବାକୁ ଥିବାବେଳେ ୩ ଦିନ ପର୍ଯ୍ୟନ୍ତ ବର୍ଷାର ପରିମାଣ ଅଧିକ ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଅନ୍ୟପକ୍ଷରେ ରବିବାର ୪ଟି ଜିଲାର ଦିନ ତାପମାତ୍ରା ୪୦ ଡିଗ୍ରୀ ଓ ତା'ଠାରୁ ଅଧିକ ରହିଥିଲା। ବୌଦ୍ଧରେ ସର୍ବାଧିକ ୪୧.୭ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଥିବାବେଳେ ଝାରସୁଗୁଡା ଓ ବଲାଙ୍ଗୀରରେ ୪୦.୨ ଡିଗ୍ରୀ ଏବଂ ତାଳଚେରରେ ୪୦ ଡିଗ୍ରୀ ରହିଥିଲା। ଉତ୍ତର ଉପକୂଳ ଏବଂ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ତାପମାତ୍ରା ୪ ରୁ ୬ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇଥିବାବେଳେ ରାଜ୍ୟର କିଛି ସ୍ଥାନରେ ତାପମାତ୍ରା ସ୍ୱାଭାବିକଠାରୁ ପ୍ରାୟ ୨ରୁ ୩ ଡିଗ୍ରୀ କମ୍ ଓ ବେଶି ରହିଥିବା ସୂଚନା ଦିଆଯାଇଛି।

## ବିଜେଡିରୁ ଶୁଭେନ୍ଦୁ ସାମଲ ନିଲମ୍ବିତ

ଭୁବନେଶ୍ୱର,୩।୫(ରବିନାରାୟଣ ଜେନା)

ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ରବିବାର ଚୌଦ୍ୱାର ମ୍ୟୁନିସିପାଲିଟି ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲଙ୍କୁ ଦଳରୁ ନିଲମ୍ବନ କରାଯାଇଛି। ଦଳ ବିରୋଧୀ କାର୍ଯ୍ୟ ପାଇଁ ଶୁଭେନ୍ଦୁଙ୍କୁ ନିଲମ୍ବନ କରାଯାଇଛି ବୋଲି ବିଜେଡି ଉପସଭାପତି (ମୁଖ୍ୟାଳୟ) ପ୍ରତାପ ଜେନା ଦଳୀୟ ନିର୍ଦ୍ଦେଶନାମାରେ ଦର୍ଶାଇଛନ୍ତି।



# ଗୋରୁ ଚାଲାଣ ବେଳେ ଗାଡ଼ି ଜାଳିଦେଲେ

ଭଦ୍ରକ,୩।୫
(ସନାତନ ରାଉତ)

ଭଦ୍ରକ ଜିଲା ସଦର ବ୍ଲକ ସାବରଙ୍ଗ ଥାନା ଅଧୀନ ଭଟଡିରା ରେଲ୍‌ୱେ ଷ୍ଟେଶନ ଲେଭଲ କ୍ରସିଂ ନିକଟରେ ରବିବାର ଭୋର ସମୟରେ ବେଆଇନ ଗୋରୁ ବୋଝେଇ କରି ନେଉଥିବା ଏକ ଟାଟା ଓମିନି ଗାଡ଼ିକୁ ଲୋକେ ଜାଳି ଦେଇଛନ୍ତି। ସୂଚନା ଅନୁଯାୟୀ, ଉକ୍ତ ଗାଡ଼ିଟି ୭ ଗୋରୁଙ୍କୁ ବୋଝେଇ କରି ସାବରଙ୍ଗରୁ ଭଦ୍ରକ ମିର୍ଜାପୁରକୁ ଯାଉଥିଲା। ସ୍ଥାନୀୟ ଲୋକଙ୍କ କହିବା ମୁତାବକ କେତେଜଣ ଲୋକ ଗାଡ଼ିକୁ ପିଛା କରି ଉକ୍ତ ସ୍ଥାନରେ ଅଟକାଇବାରୁ ଡ୍ରାଇଭର ଖସି ପଳାଇଥିଲେ। ଗାଡ଼ି ଭିତରୁ ଗୋରୁଙ୍କୁ ବାହାର କରି ଲୋକେ ନିଆଁ ଲଗାଇ ଦେଇଥିଲେ। ଗାଡ଼ି ଜଳୁଥିବା ଖବର ପାଇ ସାବରଙ୍ଗ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଦମକଳ ବାହିନୀକୁ ଡକାଇ ନିଆଁ ଲିଭାଇବା ପରେ ଜଳିଯାଇଥିବା ଗାଡ଼ିକୁ ପୋଲିସ ଥାନାକୁ ନେଇଛି। ଏନେଇ ପୋଲିସ ନିଜଆଡ଼ୁ ଏକ ମାମଲା (ନଂ.୧୪୧/୨୬) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଥାନାଧିକାରୀ ଶାନ୍ତନୁ ଜେନା କହିଛନ୍ତି।


ଜଳିଯାଇଥିବା ଗାଡ଼ି।

# ୧୧ ବାଇକ୍ ଜବତ, ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୩।୫(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବୈଦ୍ୟନାଥପୁର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ କେ.ନୂଆଗାଁ ଥାନା ଅନ୍ତର୍ଗତ ଗଡ଼ ସାମନ୍ତରାପୁର ଗ୍ରାମର ବି.ସନ୍ତୋଷ ପାତ୍ର(୨୨)। ସନ୍ତୋଷ ସହରର ବିଭିନ୍ନ ସ୍ଥାନରୁ ଚୋରିକରି ନିଜ ଗ୍ରାମରେ ବିକ୍ରି କରିଥିବା ୧୧ଟି ବାଇକ୍‌କୁ ପୋଲିସ ଜବତ କରିଛି। ବୈଦ୍ୟନାଥପୁର, ବଡ଼ବଜାର ଓ ଦିଗପହଣ୍ଡି ଥାନା ଅଞ୍ଚଳରୁ ଏସବୁ ବାଇକ୍ ଚୋରି ହୋଇଥିଲା। ସନ୍ତୋଷଙ୍କ ନିକଟରୁ ୨ଟି ମୋବାଇଲ ଫୋନ୍ ମଧ୍ୟ ଜବତ କରାଯାଇଛି। ସନ୍ତୋଷ ଗାଡ଼ି ଚୋରିକରି ଲୋକମାନଙ୍କଠାରୁ ୫/୭ ହଜାର ଟଙ୍କା ନେଇ ତାହା ବନ୍ଧକ ସୂତ୍ରରେ ଦେଇଥିବା ଜେରା ବେଳେ ଜଣାପଡିଛି। ମାମଲା ନଂ.୨୦୮/୨୬ରେ ତାଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଥିବା ବୈଦ୍ୟନାଥପୁର ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପୋଲିସ ସୂଚନା ଦେଇଛି। ଚୋରା ଗାଡ଼ିଗୁଡିକ ରଖିଥିବା ଲୋକମାନଙ୍କୁ ପୋଲିସ ପକ୍ଷରୁ ନୋଟିସ ଯାଇଛି। ନିମଖଣ୍ଡି ଥାନା ଅନ୍ତର୍ଗତ ବାପୁଜୀନଗର ୬ଷ୍ଠ ସାରଣୀରେ ରହୁଥିବା ରଞ୍ଜିତା ପାତ୍ର ଶିବସାଇ ହସ୍ପିଟାଲରେ ଷ୍ଟାଫ ନର୍ସ ଭାବେ କାମ କରନ୍ତି। ସେ ଗତ ୧ ତାରିଖରେ ଡ୍ୟୁଟିକୁ ଯାଇଥବା ବେଳେ ବାହାରେ ନିଜ ସ୍କୁଟିକୁ ପାର୍କିଂ କରିଥିଲେ। ସନ୍ଧ୍ୟାରେ ଫେରିବା ବେଳକୁ ଗାଡ଼ି ସେଠାରେ ନ ଥିଲା। ବହୁ ଖୋଜାଖୋଜି କରି ନିରାଶ ହେବା ପରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଉକ୍ତ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରି ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା। ତାଙ୍କୁ କାବୁ କରି ଜେରାବେଳେ ସେ ଚୋରି ଗାଡ଼ିଗୁଡିକ ବିକ୍ରି କରିଦେଉଥିବା କହିଥିଲେ। ପୋଲିସ ଗାଡ଼ିଗୁଡିକ ଜବତ କରିଥିଲା। ଜବତ ଗାଡି ମଧ୍ୟରୁ କମାପଲି ଭେଣ୍ଡିଂ ଜୋନରୁ ଚୋରି ହୋଇଥିବା ଏକ ଗାଡିର ମାଲିକ ଥାନାରେ କୌଣସି ଅଭିଯୋଗ କରି ନ ଥିବା ଜଣାପଡିଛି। ସୂଚନାଯୋଗ୍ୟ, ସନ୍ତୋଷଙ୍କୁ ଗତବର୍ଷ ଏପ୍ରିଲରେ ବାଇକ୍ ଚୋରି ମାମଲା(ନଂ.୨୦୦/୨୫)ରେ ବୈଦ୍ୟନାଥପୁର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା।


ବି.ସନ୍ତୋଷ ପାତ୍ର

# ଯୁବକଙ୍କୁ ଅପହରଣ: ଗୋଡ଼ାଇ ଧରିଲା ପୋଲିସ, ୩ ଗିରଫ

ଭଦ୍ରକ,୩।୫
(ସନାତନ ରାଉତ)

ବ୍ୟବସାୟିକ ବିବାଦ ଓ ଟଙ୍କା ନେଣଦେଣକୁ ନେଇ ସ୍ୱଷ୍ଟ ଦିବାଲୋକରେ ରାସ୍ତାରୁ ଜଣେ ଯୁବକଙ୍କୁ ଫିଲ୍ମ ଷ୍ଟାଇଲରେ କେତେଜଣ ଯୁବକ ଅପହରଣ କରି ଏକ ଗାଡ଼ିରେ ନେଉଥିଲେ। ଘଟଣାସ୍ଥଳରେ ଯୁବକଙ୍କ ଜୋତା ଓ ପନିପରିବା ପଡ଼ି ରହିଥିଲା। ଖବରପାଇ ଭଦ୍ରକ ଟାଉନ ପୋଲିସ ପିଛା କରି ଉକ୍ତ ଗାଡ଼ିକୁ ଧରିବା ସହ ଅପହରଣକାରୀଙ୍କୁ କାବୁ କରିଛି। ରବିବାର ପୂର୍ବାହ୍ନରେ ଭଦ୍ରକ ସହରରେ ଏଭଳି ଚାଞ୍ଚଲ୍ୟକର ଘଟଣା ଘଟିଛି। ଅପହରଣ କରାଯାଇଥିବା ଯୁବକ ହେଲେ କଟକ ଅଞ୍ଚଳର ପ୍ରସନ୍ନ ପ୍ରଧାନ(୩୨)। ଏହି ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଗଞ୍ଜାମ ଜିଲା ବ୍ରହ୍ମପୁର ଅଞ୍ଚଳର ଚନ୍ଦନ ସାହୁ, ଦେବାଶିଷ ଆଚାର୍ଯ୍ୟ ଓ ରାଜେଶ କୁମାର ସାହୁ।

ଥାନାଧିକାରୀ ପ୍ରଭାଂଶୁ ମିଶ୍ରଙ୍କ ସୂଚନା ଅନୁଯାୟୀ, ପୂର୍ବାହ୍ନ ପ୍ରାୟ ୧୦ଟାରେ ଭଦ୍ରକ ସହରର ପୋଷ୍ଟଅଫିସ ଛକ ନିକଟରେ ୩/୪ଜଣ ଯୁବକ ଏକ ସ୍କର୍ପିଓରେ ଆସି ପ୍ରସନ୍ନଙ୍କୁ ଜୋରଜବରଦସ୍ତ ଅପହରଣ କରି ନେଇଥିଲେ। ସେମାନଙ୍କ ସହ ତାଙ୍କର କିଛି ସମୟ ଧସ୍ତାଧସ୍ତି ହୋଇଥିଲା। ଏହି ଘଟଣା ବିଷୟରେ ଜଣେ ବ୍ୟକ୍ତି ଥାନାଧିକାରୀଙ୍କୁ ଫୋନ୍ ମାଧ୍ୟମରେ ଜଣାଇଥିଲେ। ପରେ ଉକ୍ତ ଗାଡ଼ିକୁ ଧରିବା ପାଇଁ ଗୋଟିଏ ପୋଲିସ ଟିମ୍ ବାଲେଶ୍ୱର ଓ ଆଇଆଇସିଙ୍କ ନେତୃତ୍ୱରେ ଆଉ ଗୋଟିଏ ଟିମ୍ କଟକ ଅଭିମୁଖେ ବାହାରିଥିଲା। ଭଦ୍ରକ ସହରଠାରୁ ପ୍ରାୟ ୮ କି.ମି. ଦୂର ଭଦ୍ରକ-କଟକ ୧୬ ନଂ. ଜାତୀୟ ରାଜପଥର ବାରିକପୁର ନିକଟରେ ଉକ୍ତ ଗାଡ଼ିକୁ ପୋଲିସ ଧରିଥିଲା। ଅପହରଣକାରୀ ୩ ଯୁବକଙ୍କ ସହ ଅପହରଣ କରାଯାଇଥିବା ପ୍ରସନ୍ନଙ୍କୁ ମଧ୍ୟ ଗାଡ଼ି ସହ ପୋଲିସ ଥାନାକୁ ନେଇଥିଲା। ପ୍ରସନ୍ନ ଭଦ୍ରକ ପୌରାଞ୍ଚଳ କୁଆଁସଠାରେ ଘରଭଡ଼ା ନେଇ ରହନ୍ତି। ଏହି ଘଟଣା ନେଇ ଥାନାରେ ଏକ ମାମଲା (ନଂ.୨୮୮/୨୬) ରୁଜୁ ହୋଇଛି। ଗିରଫ ୩ ଯୁବକଙ୍କୁ ସୋମବାର କୋର୍ଟଚାଲାଣ କରାଯିବ ବୋଲି ଥାନାଧିକାରୀ ମିଶ୍ର କହିଛନ୍ତି।

## ଦିବ୍ୟାଙ୍ଗ ଝିଆରୀଙ୍କୁ ବଳାତ୍କାର, ସମ୍ପର୍କୀୟ ଦାଦା ଅଟକ

ବିଞ୍ଝାରପୁର,୩।୫ (ରାମକୃଷ୍ଣ ଦାସ)

ଯାଜପୁର ଜିଲା ବିଞ୍ଝାରପୁର ଥାନା ଅଞ୍ଚଳରେ ଜଣେ ଦିବ୍ୟାଙ୍ଗ ଯୁବତୀ(୨୭)ଙ୍କୁ ରବିବାର ଅପରାହ୍ନରେ ତାଙ୍କ ସମ୍ପର୍କୀୟ ଦାଦା ବଳାତ୍କାର କରିଥିବା ଥାନାରେ ଅଭିଯୋଗ ହୋଇଛି। ଯୁବତୀଙ୍କ ପରିବାର ଲୋକେ ଏକ ବିବାହ କାର୍ଯ୍ୟକ୍ରମରେ ଯାଇଥିଲେ। ଘରେ କେହି ନ ଥିବାର ସୁଯୋଗ ନେଇ ଅଭିଯୁକ୍ତ ଯୁବତୀଙ୍କୁ ବଳାତ୍କାର କରିଥିଲେ ବୋଲି ଯୁବତୀଙ୍କ ବାପା ଅଭିଯୋଗ କରିଛନ୍ତି। ପୋଲିସ ତାଙ୍କ ଅଭିଯୋଗ ଆଧାରରେ ଏକ ମାମଲା ନଂ.୨୦୪/୨୫ ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି। ଏଥିସହିତ ପୋଲିସ ପୀଡ଼ିତାଙ୍କ ବୟାନ ରେକର୍ଡ କରିଛି। ଏହି ଘଟଣା ଅଞ୍ଚଳରେ ଆଲୋଚନାର ବିଷୟ ହୋଇଛି।

# ଆଇପିଏଲ୍ ସଟ୍ଟା ଖେଳ ଅଭିଯୋଗ: ୫ ଗିରଫ

**୨୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜବତ**

ରାଜଗାଙ୍ଗପୁର,୩।୫(ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରରେ ଆଇପିଏଲ୍ ସଟ୍ଟା ଖେଳ ଅଭିଯୋଗରେ ପୋଲିସ ୫ ଜଣଙ୍କୁ ଗିରଫ କରି ରବିବାର ରାତିରେ କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ରଞ୍ଜନ ସା, ରୋହିତ ସାହୁ, ସଞ୍ଜୟ ମିସ୍ତ୍ରି, ଉମେଶ ସେଟା ଓ ନିରଞ୍ଜନ ସାହୁ। ସେମାନଙ୍କଠାରୁ ନଗଦ ୬ ଲକ୍ଷ ଟଙ୍କା ଜବତ କରାଯିବା ସହ ୧୭ ଲକ୍ଷ ୬୧ ହଜାର ୩୬୭ ଟଙ୍କାର ବ୍ୟାଙ୍କ ଆକାଉଣ୍ଟ ସିଜ୍ କରାଯାଇଛି। ଏଥିସହ ୫ଟି ମୋବାଇଲ ଫୋନ୍ ମଧ୍ୟ ଜବତ କରାଯାଇଛି। ଏନେଇ ରାଜଗାଙ୍ଗପୁର ଥାନାରେ ଏକ ମାମଲା (ନଂ. ୨୫୭/୨୬) ରୁଜୁ ହୋଇଛି। ରାଜଗାଙ୍ଗପୁର ଏସ୍‌ଡିପିଓ ବିଭୂତି ଭୂଷଣ ଭୋଇ ରବିବାର ରାତିରେ ଏକ ପ୍ରେସ୍ ମିଟ୍ କରି ପ୍ରକାଶ କରିଛନ୍ତି ଯେ, ସୁନ୍ଦରଗଡ଼ ଏସ୍‌ପି ଅମ୍ରିତ୍ ପାଲ କୌର ବିଶେଷ ସୂତ୍ରରୁ ଖବର ପାଇ ରାଜଗାଙ୍ଗପୁର ଥାନା ଅଧିକାରୀ ବିଜୟ ଦାଶଙ୍କୁ ସୂଚନା ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ କହିଥିଲେ। ତଦନୁଯାୟୀ ଥାନାଧିକାରୀ ରମେଶ ସେଠୀ, ଅରୁଣ ବେହେରା, ପିକେ ସେନାପତି, ହେମନ୍ତ ଧରୁଆଙ୍କୁ ନେଇ ପୋଲିସ ଏକ ଟିମ୍ ଗଠନ କରି ସଟ୍ଟା ଆଡ୍ଡାରେ ଚଢ଼ାଉ କରି ରାଜଗାଙ୍ଗପୁର ଓ ରାଉରକେଲାର ୫ ଜଣଙ୍କୁ ଗିରଫ କରିଥିଲା।


ଗିରଫ ୫ ଅଭିଯୁକ୍ତ।

# କଫ ସିରପ୍ ଜବତ, ୩ କୋର୍ଟ ଚାଲାଣ

ନୂଆପଡ଼ା,୩।୫
(ମକାରୁ ବେମାଲ)

ନୂଆପଡ଼ା ଜିଲା ସଦର ଥାନା ପୋଲିସ ୧୪୩ ବୋତଲ କଫ ସିରପ୍ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ରବିବାର ସଦର ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପଖଣ୍ଡ ପୋଲିସ ଅଧିକାରୀ ଖିଲେଶ୍ୱର ସାହୁ ସୂଚନା ଦେଇଛନ୍ତି। ନୂଆପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ୱାର୍ଡ ନଂ.୧୨ ସିରତୋଲ ପୋଖରୀ ପାଖରେ କୋରେକ୍ସ (କଫ ସିରପ୍) ଅବାଧରେ ବିକ୍ରୟ ହେଉଛି ବୋଲି ନୂଆପଡ଼ା ପୋଲିସ କୌଣସି ସୂତ୍ରରୁ ଖବର ପାଇଥିଲା। ସଦର ଥାନା ଅଧିକାରୀ ଗଙ୍ଗାଧର ମେହେରଙ୍କ ନେତୃତ୍ୱରେ ଏକ ଟିମ୍ ସିରତୋଲ ପୋଖରୀ ଚତୁଃପାର୍ଶ୍ୱରେ ଘେରି ଯାଇ ୩ ଯୁବକଙ୍କୁ କାବୁ କରିଥିଲେ। ସେଠାରୁ କୋରେକ୍ସ ଥିବା ୨ଟି ବ୍ୟାଗକୁ ଜବତ କରିଥିଲେ। ଅଭିଯୁକ୍ତମାନେ ହେଲେ ନୂଆପଡ଼ା ଅଞ୍ଚଳର ରଞ୍ଜନ ଓରଫ ଟିଟୁ ଦାସ(୪୧), ଅରବିନ୍ଦ ନାଏକ (୨୦) ଓ ଡଲୁ ଓରଫ ସୁଧୀର ନାଗ (୨୬)।

ସିରତୋଲ ପୋଖରୀ ସମ୍ମୁଖରେ ପ୍ରତିଦିନ ବାହାର ଲୋକ କୋରେକ୍ସ ବା କଫ ସିରପ୍ ଆଣି ସ୍ଥାନୀୟ ବେପାରୀଙ୍କୁ ଯୋଗାଇଥାନ୍ତି ବୋଲି ଅଭିଯୋଗ ହୋଇଥିଲା। ଏହା ଉପରେ ସଦର ଥାନା ପୋଲିସ ନଜର ରଖି ଶନିବାର କୌଣସି ସୂତ୍ରରୁ ଖବର ପାଇ କଫ ସିରପ୍ ଆଣି ଯୋଗାଣ କରୁଥିବା ସମୟରେ ମାଡ଼ି ବସିଥିଲା। ଅଭିଯୁକ୍ତମାନେ ଧରିଥିବା ୨ଟି ବ୍ୟାଗକୁ ଯାଞ୍ଚ କରିବାରୁ ୧୪୩ଟି କଫ୍ ସିରପ ବାହାରିଥିଲା। କଫ୍ ସିରପ୍ ସହ ଗୋଟିଏ ମୋବାଇଲ ଓ ନଗଦ ୧ ହଜାର ୫୦ ଟଙ୍କା ଜବତ କରାଯାଇଛି। ଏନେଇ ନୂଆପଡ଼ା ସଦର ଥାନାରେ ଏକ ମାମଲା (ନଂ.୯୩/୨୦୨୬) ରୁଜୁ ହୋଇଛି।



ପୋଲିସ ଗହଣରେ ଅଭିଯୁକ୍ତ।

## ବନ୍ଧୁକ ଦେଖାଇ ଲୁଟି ନେଲେ ଅଳଙ୍କାର

ଖଇରା,୩।୫(ଉତ୍କଳ ବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଅଧୀନ ଖଇରା ବଜାରର ଜଣେ ଗହଣା ବ୍ୟବସାୟୀଙ୍କଠାରୁ କେତେଜଣ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟିନେଇଛନ୍ତି।

ସୂଚନା ଅନୁଯାୟୀ, ଅଳଦା ବାଲିସାହି ଗ୍ରାମର ରାମଚନ୍ଦ୍ର ସାହୁଙ୍କର ଖଇରା ଥାନା ସମ୍ମୁଖରେ ରୁଦ୍ରକାନ୍ତ ଜୁଏଲାରୀ ନାମରେ ଏକ ଗହଣା ଦୋକାନ ଅଛି। ରବିବାର ରାତି ପ୍ରାୟ ୧୦ଟା ବେଳେ ସେ ଦୋକାନ ବନ୍ଦ କରି ଗହଣା ବ୍ୟାଗ ଧରି ଘରକୁ ଯାଉଥିବା ବେଳେ ଇଣ୍ଡେନ ଗ୍ୟାସ ଅଫିସ ନିକଟରେ ଦୁର୍ବୃତ୍ତମାନେ ୨ଟି ବାଇକ୍‌ରେ ଆସି ତାଙ୍କୁ ବନ୍ଧୁକ ଓ ଛୁରି ଦେଖାଇ ଗହଣା ଥିବା ବ୍ୟାଗଟିକୁ ଛଡ଼ାଇ ନେଇ ପଳାଇଥିଲେ। ଖଇରା ଥାନା ପୋଲିସ ତଦନ୍ତ ଜାରି ରଖିଛି।

ଓଡ଼ିଶା ସରକାର
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ
ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା

No. 9001/31/2627: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ଆସନ୍ତା ସୋମବାର, ତା୦୪।୦୫।୨୦୨୬ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ପ୍ରମୁଖ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ
OIPR-9001/9001/1/26-27/0015

# ୩ ମାସ ପରେ ଶ୍ୱଶୁର, ଦିଅର ଜେଲ ଗଲେ

**ଯୌତୁକଜନିତ ବଧୂହତ୍ୟା ଘଟଣା**

ଦିଗପହଣ୍ଡି,୩।୫(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଜକରାପଲ୍ଲୀ ଗ୍ରାମର ଅଜିତ ବିଷୋୟୀଙ୍କ ସ୍ତ୍ରୀ ସନ୍ଧ୍ୟାରାଣୀଙ୍କୁ ଗତ ଫେବୃଆରୀ ୪ ତାରିଖରେ ଅଧିକା ଯୌତୁକ ପାଇଁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ସନ୍ଧ୍ୟାଙ୍କ ଶ୍ୱଶୁର ନିରଞ୍ଜନ ବିଷୋୟୀ ଓରଫ ନୀର (୫୯) ଏବଂ ଦିଅର ବିଜୟ ବିଷୋୟୀ ଓରଫ ବିଜୁ(୨୬)ଙ୍କୁ ତଦନ୍ତକାରୀ ଅଧିକାରୀ ଚିକିଟି ଏସଡିପିଓ ବିଶ୍ୱାମିତ୍ର ହରପାଲ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ମାମଲା ନଂ.୩୯/୨୬ ଅନୁଯାୟୀ ଜାମିନ ଆବେଦନ ଖାରଜ ହେବାରୁ ସେମାନଙ୍କୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଇ ଦିଆଯାଇଛି।

୨୦୨୧ ଡିସେମ୍ବର ୧୧ ତାରିଖରେ ବ୍ରହ୍ମପୁର ସଦର ଥାନା ଲାଠି ଗ୍ରାମର କାଳିଆ ସ୍ୱାଇଁଙ୍କ ଝିଅ ସନ୍ଧ୍ୟା ଜକରାପଲ୍ଲୀ ଗ୍ରାମର ନିରଞ୍ଜନଙ୍କ ପୁଅ ଅଜିତଙ୍କୁ ବିବାହ କରିଥିଲେ। ସ୍ୱାମୀ ଓ ଶ୍ୱଶୁର ଘର ଲୋକଙ୍କ ଦାବି ପ୍ରକାରେ ଟଙ୍କା ସୁନା ଓ ସମସ୍ତ ପ୍ରକାର ଆସବାବପତ୍ର ଯୌତୁକ ଦିଆଯାଇଥିଲା। ବିବାହର କିଛି ଦିନ ସୁଖରେ କଟିବା ପରେ ଅଧିକ ଯୌତୁକ ଦାବି ନେଇ ସ୍ୱାମୀ ଓ ଶ୍ୱଶୁର ଘର ଲୋକେ ସନ୍ଧ୍ୟାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ଏଥିପାଇଁ ସନ୍ଧ୍ୟାଙ୍କୁ ପ୍ରାୟତଃ ବାପଘରେ ରହିବାକୁ ପଡୁଥିଲା। ବାହାର ରାଜ୍ୟରେ ଦାଦନ ଖଟିବାକୁ ଯାଇଥିବା ଅଜିତ କିଛିଦିନ ପୂର୍ବେ ନିଜ ଗାଁକୁ ଫେରିବା ପରେ ସନ୍ଧ୍ୟାଙ୍କୁ ଆଣି ତାଙ୍କ ଘରେ ଛାଡ଼ିବାକୁ ଶ୍ୱଶୁର ଘର ଲୋକଙ୍କୁ ଅନୁରୋଧ କରିଥିଲେ। ଗତ ଫେବୃଆରୀ ୧ ତାରିଖରେ ବାପ ଘର ଲୋକେ ସନ୍ଧ୍ୟାଙ୍କୁ ଜକରାପଲ୍ଲୀ ଗାଁ ଶ୍ୱଶୁର ଘରେ ଛାଡ଼ି ଫେରିଥିଲେ। ତେବେ ପୁଣି ଥରେ ତାଙ୍କୁ ଶାରୀରିକ ନିର୍ଯ୍ୟାତନା ଦିଆଯାଇଥିଲା। ଫେବୃଆରୀ ୪ରେ ସନ୍ଧ୍ୟା ଗୁରୁତର ହୋଇପଡିବାରୁ ତାଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଉପସ୍ଥିତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଝିଅକୁ ବିଷ ପିଆଇ ହତ୍ୟା କରାଯାଇଥିବା ନେଇ ସନ୍ଧ୍ୟାଙ୍କ ମା' ସବିତା ସ୍ୱାଇଁ ଥାନାରେ ଏତଲା ଦେଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ଏହି ଘଟଣାରେ ସନ୍ଧ୍ୟାଙ୍କ ସ୍ୱାମୀ ଅଜିତ ଙ୍କୁ ତତ୍କାଳୀନ ତଦନ୍ତକାରୀ ଅଧିକାରୀ ଏସ.ଆଇ ସୋଫିଆ ମିଶ୍ର ଗିରଫ କରି କୋର୍ଟ ଚାଲାଣ କରିଥିଲେ। ବ୍ରହ୍ମପୁର ଏସ.ପି ଡ଼.ସର୍ବଣା ବିବେକ. ଏମ ଏହି ମାମଲାର ତଦନ୍ତକାରୀ ଅଧିକାରୀ ଏସ.ଆଇ ସୋଫିଆ ମିଶ୍ର ଙ୍କୁ ହଟାଇ ଚିକିଟି ଏସଡିପିଓ ଙ୍କୁ ତଦନ୍ତକାରୀ ଅଧିକାରୀ ଭାବେ ଗତ ମାର୍ଚ୍ଚ ୨୪ ତାରିଖରେ ଦାୟିତ୍ୱ ନ୍ୟସ୍ତ କରିଥିଲେ। ଘଟଣା ପରଠାରୁ ଅଭିଯୁକ୍ତ ମାନେ ଫେରାର ଥିଲେ।

No. 18001/19/2627

ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ, ୨୦୨୬
୦୯।୦୫।୨୦୨୬ (ଦ୍ୱିତୀୟ ଶନିବାର)
ବିଶେଷ ସୂଚନା

୧) ଅଦାଲତରେ ଆପଣଙ୍କର ଯଦି କୌଣସି ମକଦ୍ଦମା ବିଚାରାଧୀନ ରହିଛି କି ବା ଆପଣଙ୍କର କାହା ସହିତ କୌଣସି ଆଇନଗତ ବିବାଦ ରହିଛି ତାହାର ପରିସମାପ୍ତି ରାଷ୍ଟ୍ରୀୟ ଲୋକ ଅଦାଲତ ମାଧ୍ୟମରେ ହୋଇପାରିବ।
୨) ୦୯।୦୫।୨୦୨୬ (ଦ୍ୱିତୀୟ ଶନିବାର)ରେ ମାନ୍ୟବର ଉଚ୍ଚ ନ୍ୟାୟାଳୟ ତଥା ପ୍ରତ୍ୟେକ ଜିଲ୍ଲାସ୍ତରୀୟ ଅଦାଲତ ଏବଂ ତାଲୁକ୍‌ସ୍ତରୀୟ ଅଦାଲତ ଓ ଅନ୍ୟ ବିଚାର ବିଭାଗୀୟ ନ୍ୟାୟାଳୟ ପରିସରରେ ଏକ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଛି।
୩) ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧୀନ ମକଦ୍ଦମା, ଯଥା ଫୌଜଦାରି (ସାଲିସ୍‌ଯୋଗ୍ୟ), ସ୍ୱୀକାରମୂଳକ ବୁଝାମଣା (ପ୍ଲି-ବାରଗେନିଂ), ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ ମାମଲା, ସାଲିସ୍‌ଯୋଗ୍ୟ ଟ୍ରାଫିକ ଚାଲାଣ, ଶ୍ରମ ବିବାଦ ମାମଲା, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ମାମଲା ଯଥା ବିଦ୍ୟୁତ୍ ଓ ଜଳ ବିଲ୍ ପୈଠ ସମ୍ବନ୍ଧୀୟ ମାମଲା (ସାଲିସ୍‌ବିହୀନ ବିବାଦକୁ ବାଦ୍ ଦେଇ), ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ)/ପାରିବାରିକ ବିବାଦ, ଜମି ଅଧିଗ୍ରହଣ ମାମଲା, ଚାକିରି ସମ୍ବନ୍ଧୀୟ (ପେନ୍‌ସନ ମାମଲା ଅନ୍ତର୍ଭୁକ୍ତ), ରାଜସ୍ୱ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ମାମଲା (ଉଚ୍ଚତମ ନ୍ୟାୟାଳୟ, ଜିଲ୍ଲା ଅଦାଲତ ଓ ରାଜ୍ୟ/ଜିଲ୍ଲା/ତାଲୁକ କର୍ତ୍ତୃପକ୍ଷଙ୍କ ନିକଟରେ ଥିବା ବିଚାରାଧୀନ), ବୌଦ୍ଧିକ ସମ୍ପତ୍ତି ଅଧିକାର ମାମଲା/ଖାଉଟି ବିବାଦ/ଅନ୍ୟାନ୍ୟ ବିବାଦ କୌଣସି ଅର୍ଦ୍ଧ-ନ୍ୟାୟିକ ପ୍ରାଧିକରଣ ନିକଟରେ ବିଚାରାଧୀନ ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଆପୋସ ସହମତିରେ ସମାଧାନ କରାଯାଇପାରିବ।
୪) କେବଳ ବିଚାରାଧୀନ ମକଦ୍ଦମା ନୁହେଁ, ପ୍ରାକ୍-ମକଦ୍ଦମାସ୍ତରୀୟ (ନ୍ୟାୟାଳୟରେ ଦାୟର ହୋଇ ନ ଥିବା ମାମଲା) ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ବିବାଦ, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ବିବାଦଗୁଡ଼ିକ (ସାଲିସ୍‌ବିହୀନ ବିବାଦକୁ ବାଦ୍ ଦେଇ) ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ)/ପାରିବାରିକ ବିବାଦ ଓ ଅନ୍ୟାନ୍ୟ ମକଦ୍ଦମା ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ।
୫) ଲୋକ ଅଦାଲତରେ ମକଦ୍ଦମା/ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡ଼ାନ୍ତ ଏବଂ ଡିକ୍ରିଜାରି ଯୋଗ୍ୟ।
୬) ଯଦି କୌଣସି ବିଚାରାଧୀନ ମକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ, ଆଗରୁ ପଇଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ।
୭) ଦୀର୍ଘଦିନ ଧରି ଚାଲୁରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇବା ପାଇଁ ଏହି ସୁବର୍ଣ୍ଣ ସୁଯୋଗର ସଦୁପଯୋଗ କରନ୍ତୁ।
୮) ସବିଶେଷ ବିବରଣୀ ନିମନ୍ତେ ଆପଣଙ୍କ ନିକଟସ୍ଥ ଅଦାଲତରେ କାର୍ଯ୍ୟରତ ଥିବା ଜିଲ୍ଲା ବା ତାଲୁକ୍ ଆଇନ ସେବା କାର୍ଯ୍ୟାଳୟ ସହ ତୁରନ୍ତ ଯୋଗାଯୋଗ କରନ୍ତୁ।

ସଦସ୍ୟ ସଚିବ
ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ
ଆଇନ ସେବା ଭବନ, ସେକ୍ଟର-୧, ସିଡିଏ, କଟକ
ଯୋଗାଯୋଗ:
ମୋ: ୯୪୩୮୫୭୮୫୮୬/୮୨୪୯୫୪୨୨୫୯
ଇ-ମେଲ୍: oslsa2020@gmail.com
OIPR-18001/18008/2/26-27/0007

ସମାଧାନ ସମାରୋହ ୨୦୨୬
ଭାରତର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଏକ ବିଶେଷ ଲୋକ ଅଦାଲତ

No. 18001/20/2627: ଭାରତର ଜନସାଧାରଣ ସରଳ ଏବଂ ସୁବିଧାରେ ନ୍ୟାୟ ପାଇବା ନିମନ୍ତେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଏକ ଅଭିଯାନ ଆରମ୍ଭ କରିଛନ୍ତି ଯାହାକି "ସମାଧାନ ସମାରୋହ ୨୦୨୬" ନାମରେ ନାମିତ ହୋଇଛି। ଏହି ଅଭିଯାନର କାର୍ଯ୍ୟକ୍ରମ ଅନୁଯାୟୀ ଏକ ବିଶେଷ ଲୋକ ଅଦାଲତ ୨୦୨୬ ମସିହା ଅଗଷ୍ଟ ମାସ ୨୧, ୨୨ ଓ ୨୩ ତାରିଖରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟଠାରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ବିଶେଷ ଲୋକ ଅଦାଲତରେ ଉଭୟ ପକ୍ଷଙ୍କ ସହମତିରେ ଏବଂ ଆପୋଷ ବୁଝାମଣା ଦ୍ୱାରା ସର୍ବୋଚ୍ଚ ନ୍ୟାୟାଳୟଙ୍କଠାରେ ବିଚାରାଧୀନ ମାମଲାଗୁଡ଼ିକର ପରିସମାପ୍ତି କରାଯିବ।

ଏହି ବିଶେଷ ଲୋକ ଅଦାଲତରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟଠାରେ ବିଚାରାଧୀନ ଥିବା ପାରିବାରିକ ବିବାଦ, ଦୁର୍ଘଟଣାଜନିତ କ୍ଷତିପୂରଣ ମାମଲା, ଧନାଦେଶ ଅଗ୍ରାହ୍ୟ (ଚେକ୍ ବାଉନ୍ସ) ମାମଲା, ଭୂ-ଅଧିଗ୍ରହଣ ଜନିତ ମାମଲା, ରଫାଯୋଗ୍ୟ ଫୌଜଦାରୀ ମାମଲା, ଶ୍ରମ ବିବାଦ ଓ ଅନ୍ୟାନ୍ୟ ଉପଯୁକ୍ତ ମାମଲା ଯେଉଁଥିରେ ଆପୋଷ ବୁଝାମଣା ହେବା ସମ୍ଭବ ଆଦି ଗ୍ରହଣ କରାଯାଇପାରିବ।

ବିଶେଷ ଲୋକ ଅଦାଲତ ଅନୁଷ୍ଠିତ ହେବା ପୂର୍ବରୁ ଏକ ପ୍ରାକ୍-ଲୋକ ଅଦାଲତ ବୈଠକରେ ପକ୍ଷମାନେ ଏବଂ ସେମାନଙ୍କ ଅଧିବକ୍ତାମାନେ ଯୋଗଦେଇ ସେମାନଙ୍କ ମାମଲା ବିଷୟରେ ଆଲୋଚନା କରି ଏହାର ସମାଧାନ ପାଇଁ ସର୍ତ୍ତାବଳୀ ନିର୍ଦ୍ଧାରଣ କରିବାକୁ ସୁଯୋଗ ପାଇବେ। ଏଥି ନିମନ୍ତେ ସ୍ଥିରୀକୃତ ମାମଲାଗୁଡ଼ିକରେ ପକ୍ଷମାନଙ୍କୁ ସୂଚନା (ନୋଟିସ୍) ଦିଆଯିବ। ଉଭୟପକ୍ଷ ସ୍ୱେଚ୍ଛାକୃତଭାବେ ଏହି ବୈଠକରେ ବ୍ୟକ୍ତିଗତ କିମ୍ବା ଆଭାସୀ ମାଧ୍ୟମରେ ଯୋଗଦାନ କରିପାରିବେ। ମାମଲାର ପରିସମାପ୍ତି ପାଇଁ ସର୍ତ୍ତାବଳୀ ନିର୍ଦ୍ଧାରଣ କରିବା ନିମନ୍ତେ ଉଭୟ ପକ୍ଷଙ୍କ ମଧ୍ୟରେ ଉଚ୍ଚ ନ୍ୟାୟାଳୟ, ଜିଲ୍ଲା ଓ ତାଲୁକ୍ ସ୍ତରରେ ଥିବା ମଧ୍ୟସ୍ଥତା କେନ୍ଦ୍ରରେ ଏହି ବୈଠକଗୁଡ଼ିକର ଆୟୋଜନ କରାଯିବ। ଏହି ପ୍ରାକ୍-ଲୋକ ଅଦାଲତ ବୈଠକରେ ତାଲିମ୍‌ପ୍ରାପ୍ତ ମଧ୍ୟସ୍ଥ ଓ ଆଇନ ସେବା ସଂସ୍ଥାର ଅଧିକାରୀମାନେ ପକ୍ଷମାନଙ୍କୁ ସହାୟତା ପ୍ରଦାନ କରିବେ। ଉଭୟ ପକ୍ଷଙ୍କ ସହମତିକ୍ରମେ ମାମଲାଗୁଡ଼ିକୁ ବିଶେଷ ଲୋକ ଅଦାଲତରେ ସ୍ଥାନିତ କରାଯାଇ ଫଇସଲା କରାଯିବ। ସର୍ବୋଚ୍ଚ ନ୍ୟାୟାଳୟରେ ମାମଲାଲିପ୍ତ ଆଗ୍ରହୀ ପକ୍ଷମାନେ https://www.sci.gov.inରେ ନିଜ ତରଫରୁ ଏହି ବିଶେଷ ଲୋକ ଅଦାଲତରେ ପଞ୍ଜୀକରଣ ପାଇଁ ଆବେଦନ କରିପାରିବେ।

ଏହାର ସୁଯୋଗ ନେଇ ମାମଲାଗୁଡ଼ିକର ତ୍ୱରିତ ସମାଧାନ ନିମନ୍ତେ ପଦକ୍ଷେପ ନେବାପାଇଁ ମାମଲାରେ ଜଡ଼ିତ ଉଭୟ ପକ୍ଷମାନଙ୍କୁ ଅନୁରୋଧ କରାଯାଉଛି। ଏହି ସମ୍ବନ୍ଧରେ ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦେୟମୁକ୍ତ ନମ୍ବର ୧୫୧୦୦ କିମ୍ବା ନିକଟସ୍ଥ ଆଇନ ସେବା ସଂସ୍ଥା ସହ ଯୋଗାଯୋଗ କରନ୍ତୁ।

ସଦସ୍ୟ ସଚିବ
ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ
ଆଇନ ସେବା ଭବନ, ସେକ୍ଟର-୧, ସିଡିଏ, କଟକ
OIPR-18001/18008/2/26-27/0008 oslsa1997@gmail.com, ୯୪୩୮୫୭୮୫୮୬

# ସ୍କୁଟିକୁ ପିଟିଲା ସ୍ୱିଫ୍ଟ, ଯୁବତୀ ଗୁରୁତର

କୋଣାର୍କ,୩।୫
(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଟେଲିଫୋନ ଏକ୍ସଚେଞ୍ଜ ସମ୍ମୁଖରେ ଏକ ସ୍କୁଟି ଉପରେ ସ୍ୱିଫ୍ଟ ଗାଡ଼ି ଚଢ଼ିଯିବା ଫଳରେ ସ୍କୁଟି ଚାଳକ ଗୁରୁତର ହୋଇଥିବା ଜଣାପଡ଼ିଛି। ସ୍କୁଟି ଚାଳକ ହେଲେ ଚାରିଛକ ଥାନା ଅଧିନସ୍ଥ ବାହାରଣା ଗ୍ରାମର ଅର୍ପିତା ପରିଡ଼ା(୧୯)। ପ୍ରକାଶ ଯେ, ରବିବାର ସନ୍ଧ୍ୟାରେ ଅର୍ପିତା ବାଣପଦା ରୋଡ୍‌ରୁ ଟେଲିଫୋନ ଏକ୍ସଚେଞ୍ଜ ଆଡ଼କୁ ସ୍କୁଟି ନଂ(ଓଡି-୦୨-ସିଜେ-୧୪୩୯) ଯୋଗେ ଯାଉଥିବା ବେଳେ ପୁରୀରୁ କୋଣାର୍କ ଅଭିମୁଖେ ଆସୁଥିବା ଏକ ସ୍ୱିଫ୍ଟ ଗାଡ଼ି ନଂ (ଓଡି-୦୨-ବିଜେ-୭୦୨୨) ତାଙ୍କ ଉପରେ ଚଢ଼ି ଯାଇଥିଲା। ଫଳରେ ଅର୍ପିତାଙ୍କ ଡାହାଣ ଗୋଡ଼ ସଂପୂର୍ଣ୍ଣ ଭାଙ୍ଗି ଦୁଇ ଖଣ୍ଡ ହୋଇଯାଇଥିଲା ବେଳେ ମୁହଁ ଓ ଶରୀରରେ ଗଭୀର ଆଘାତ ଲାଗିଛି।

# ନାରୀମାନେ ହେଉଛନ୍ତି ଦେଶର ନୈତିକ ଶକ୍ତି

ଭୁବନେଶ୍ୱର,୩।୫ (ସୌମ୍ୟରଞ୍ଜନ ରାଉତ)

କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ 'ଓଡ଼ିଆ ନାରୀ ସ୍ୱାଧୀନତା ସଂଗ୍ରାମୀ ଓ ଗାନ୍ଧୀବାଦ୍' ଶୀର୍ଷକ ଆଲୋଚନାଚକ୍ର ଶୁକ୍ରବାର ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ଆଲୋଚନାଚକ୍ରକୁ ଉଦ୍‌ଘାଟନ କରି ପଦ୍ମଭୂଷଣ ପ୍ରତିଭା ରାୟ କହିଲେ, ନାରୀମାନେ ହେଉଛନ୍ତି ଦେଶର ନୈତିକ ଶକ୍ତି। କୁନ୍ତଳା କୁମାରୀ ସାବତ, ସରଳା ଦେବୀ, ରମାଦେବୀ, ଅନ୍ନପୂର୍ଣ୍ଣା ମହାରଣା, ପାର୍ବତୀ ଗିରିଙ୍କ ପରି ଓଡ଼ିଶାର ନାରୀ ସ୍ୱାଧୀନତା ସଂଗ୍ରାମୀଙ୍କ ସଂଘର୍ଷର କାହାଣୀ ମାଧ୍ୟମରେ ସେ ଉପସ୍ଥିତ ଛାତ୍ରୀ ଓ ମହିଳାଙ୍କ ମନରେ ଉତ୍ସାହ ସୃଷ୍ଟି କରିଥିଲେ। ଉଦ୍‌ଘାଟନୀ ଅଧିବେଶନରେ ଅଧ୍ୟକ୍ଷତା କରି ଏକାଡେମୀ ସଭାପତି ଡ. ମାଧବ କୌଶିକ କହିଲେ, ମହିଳାମାନଙ୍କ ଅବଦାନ ଓ ତ୍ୟାଗ ବିନା ସ୍ୱାଧୀନତା ସଂଗ୍ରାମ ସଫଳ ହୋଇପାରି ନ ଥାନ୍ତା। ଏକାଡେମୀ ପକ୍ଷରୁ ପ୍ରଥମଥର ପାଇଁ ମହାନ୍ ସ୍ୱାଧୀନତା ସଂଗ୍ରାମୀ ରମାଦେବୀଙ୍କ ନାମରେ ନାମିତ ବିଶ୍ୱବିଦ୍ୟାଳୟରେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା ହେଉଛି। ଏକାଡେମୀ ସ୍ୱୀକୃତ ଅନ୍ୟାନ୍ୟ ଭାଷାରେ ମଧ୍ୟ ଭାରତୀୟ ମହିଳା ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରସଙ୍ଗରେ ଆଲୋଚନା କରିବା ପାଇଁ ଏହା ବାଟ ଦେଖାଇବ ବୋଲି ସେ ସୂଚନା ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଏକାଡେମୀର ଓଡ଼ିଶା ଉପଦେଷ୍ଟା ମଣ୍ଡଳୀର ଆବାହକ ଡ. ଗୌରହରି ଦାସ, ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଜ୍ୟୋତ୍ସ୍ନା କୁମାରୀ ବିଶ୍ୱାଳ ରାଉତ, ସ୍ତମ୍ଭକାର ଦାଶ ବେନହୁର ପ୍ରମୁଖ ଯୋଗଦେଇ ଗାନ୍ଧୀବାଦ୍ ଏବଂ ଓଡ଼ିଶାର ନାରୀ ସ୍ୱାଧୀନତା ସଂଗ୍ରାମୀଙ୍କ ବିଷୟରେ ଆଲୋଚନା କରିଥିଲେ। ଗଡ଼ଜାତ ଅଞ୍ଚଳର ସଂଗ୍ରାମୀ ନାରୀଙ୍କ ସମ୍ପର୍କରେ ଅଧିକ ଗବେଷଣା ଜରୁରୀ ବୋଲି ମତ ପ୍ରକାଶ ପାଇଥିଲା। ସାହିତ୍ୟ ଏକାଡେମୀ କୋଲକାତା କାର୍ଯ୍ୟାଳୟର ସହକାରୀ ସମ୍ପାଦକ କ୍ଷେତ୍ରବାସୀ ନାଏକ ସ୍ୱାଗତ ଭାଷଣ ଦେଇଥିଲେ। ବିଶ୍ୱବିଦ୍ୟାଳୟ କୁଳସଚିବ ମନସ୍ୱିନୀ ସାହୁ ଧନ୍ୟବାଦ ଦେଇଥିଲେ।



ପଦ୍ମଭୂଷଣ ପ୍ରତିଭା ରାୟ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରୁଛନ୍ତି।

# ଯୁବକଙ୍କୁ ଖଣ୍ଡାରେ ହାଣିଲେ

## ଗୁରୁତର ଅବସ୍ଥାରେ ଏମ୍‌ସରେ ଭର୍ତ୍ତି

ଭୁବନେଶ୍ୱର, ୩।୫(ପ୍ରସନଜିତ୍ ସାହୁ)

ରାଜଧାନୀ ଭୁବନେଶ୍ୱରରେ ଅପରାଧୀଙ୍କ ଉତ୍ପାତ ଚରମ ସୀମାରେ ପହଞ୍ଚିଛି। ଇନ୍‌ଫୋସିଟି ଥାନା ଅନ୍ତର୍ଗତ ଗୋହିରାଠାରେ ୩ଜଣ ଦୁର୍ବୃତ୍ତ ରଞ୍ଜନ ସ୍ୱାଇଁ ନାମକ ଜଣେ ବ୍ୟକ୍ତିଙ୍କୁ ଖଣ୍ଡାରେ ହାଣିଛନ୍ତି। ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ତାଙ୍କୁ ଏମ୍‌ସରେ ଭର୍ତ୍ତି କରାଯାଇଛି। ପୋଲିସ ସୂଚନାନୁସାରେ, ରଞ୍ଜନ ଖୋର୍ଦ୍ଧାରୁ ଆଇଆର୍‌ସି ଭିଲେଜସ୍ଥିତ ଘରକୁ ଫେରୁଥିବା ସମୟରେ ଗୋହିରା ଛକ ନିକଟରେ ୩ଜଣ ଦୁର୍ବୃତ୍ତ ତାଙ୍କୁ ପିଛା କରିଥିଲେ। କିଛିବାଟ ଯିବା ପରେ ସେମାନେ ରଞ୍ଜନଙ୍କୁ ଅଟକାଇ ଖଣ୍ଡାରେ ଆକ୍ରମଣ କରିଥିଲେ। ସେହିବାଟ ଦେଇ ଯାଉଥିବା କେତେଜଣ ପହଞ୍ଚିଯିବାରୁ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ତେବେ ଖଣ୍ଡା ଚୋଟରେ ରଞ୍ଜନ ବେକରେ ଆଘାତ ଲାଗିଛି। କେଉଁ କାରଣରୁ ଏହି ଆକ୍ରମଣ ହୋଇଛି ତାହା ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ପୋଲିସ ତଦନ୍ତ ଆରମ୍ଭ କରିବା ସହ ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି।



# ୬୦ ଲକ୍ଷ ଠକେଇ, ଜଣେ ଗିରଫ

ଭୁବନେଶ୍ୱର ୩।୫ (ପ୍ରସନଜିତ୍ ସାହୁ)

କସ୍‌ମେଟିକ କମ୍ପାନୀ କରିବାକୁ କହି ଠକେଇ ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ରବିବାର ଏୟାରଫିଲ୍ଡ ଥାନା ପୋଲିସ ଗିରଫ କରିଛି। ସେ ହେଲେ ରସୁଲଗଡ ବ୍ରହ୍ମେଶ୍ୱର କଲୋନୀର ଦୁର୍ଯ୍ୟୋଧନ ଚୌଧୁରୀ। ତେବେ ମୁଖ୍ୟ ଅଭିଯୁକ୍ତ ରାହୁଲ ସ୍ୱାଇଁ ଫେରାର ଥିବାରୁ ତାଙ୍କୁ ଗିରଫ ପାଇଁ ଉଦ୍ୟମ ଚାଲିଥିବା ପୋଲିସ ସୂଚନା ଦେଇଛି। ସୂଚନାଯୋଗ୍ୟ, ଠକେଇର ଶିକାର ହୋଇଛନ୍ତି ବ୍ୟବସାୟୀ ନରେଶ ପାତ୍ର। ଭୁବନେଶ୍ୱର ୟୁନିଟ୍-୨ରେ ତାଙ୍କର ଏକ କସ୍‌ମେଟିକ୍ ଦୋକାନ ରହିଛି। ଅଭିଯୁକ୍ତ ଦୁର୍ଯ୍ୟୋଧନଙ୍କ ମାଧ୍ୟମରେ ମୁଖ୍ୟ ଅଭିଯୁକ୍ତ ରାହୁଲ ବ୍ୟବସାୟୀ ନରେଶଙ୍କ ସହ ସମ୍ପର୍କ ଯୋଡିଥିଲେ। ଏହାପରେ ଦୁର୍ଯ୍ୟୋଧନ ଓ ନରେଶ ଠକେଇ ପାଇଁ ଯୋଜନା କରିଥିଲେ। ସେଥିଲାଗି ନରେଶଙ୍କ ଦୋକାନରୁ କସ୍‌ମେଟିକ ସାମଗ୍ରୀ କିଣି ରାହୁଲ ବିଶ୍ୱସ୍ତ ହୋଇଥିଲେ। ପରବର୍ତ୍ତୀ ସମୟରେ ସେ ଏକ କସ୍‌ମେଟିକ କମ୍ପାନୀ ଖୋଲିବାକୁ ନରେଶଙ୍କୁ କହିଥିଲେ। ସରକାରୀ ପ୍ରୋତ୍ସାହନ ସମେତ ଲାଇସେନ୍ସ, ଯନ୍ତ୍ରପାତି ଏବଂ ଅନ୍ୟାନ୍ୟ ସୁବିଧା ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏଥିପାଇଁ ନରେଶ ତାଙ୍କୁ ବିଭିନ୍ନ କିସ୍ତିରେ ୬୦ ଲକ୍ଷ ତାଙ୍କ ଦେଇଥିଲେ। ହେଲେ ସେ ଠକେଇର ଶିକାର ହୋଇଥିବା ଜାଣିବା ପରେ ନରେଶ ଟଙ୍କା ଫେରସ୍ତ କରିବାକୁ କହିବାରୁ ରାହୁଲ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଧମକ ଦେଇଥିଲେ। ଏନେଇ ନରେଶ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (୧୪୭/୨୦୨୬) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ସ୍ୱଚ୍ଛତା ବଜାୟ ରଖିବାକୁ ଆମିଷ ବ୍ୟବସାୟୀଙ୍କୁ ସଚେତନ କଲା ବିଏମ୍‌ସି

ଭୁବନେଶ୍ୱର, ୩।୫ (ବନ୍ଦନା ସେଠୀ)

ସହରର ରାସ୍ତା କଡ଼ରେ ଆମିଷ ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କୁ ସ୍ୱଚ୍ଛତା ବଜାୟ ରଖିବା ପାଇଁ ବିଏମ୍‌ସି ପକ୍ଷରୁ ସଚେତନ କରାଯାଇଛି। ରବିବାର ୱାର୍ଡ ନଂ. ୪୮ ଅନ୍ତର୍ଗତ ସିଟି ଓମେନ୍ସ କଲେଜ ରୋଡ୍‌ରେ ବ୍ୟବସାୟ କରୁଥିବା ଆମିଷ ବେପାରୀଙ୍କୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଟିମ୍ ସାଇନ୍, ସ୍ଥାନୀୟ ଏସ୍‌ଆଇ, ସ୍ୱଚ୍ଛ ସାଥୀ ଏବଂ ଆଇଇସି ଟିମ୍ ପକ୍ଷରୁ ସଚେତନ କରାଯାଇଥିଲା। ବ୍ୟବସାୟ ସମୟରେ ପରିଚ୍ଛନ୍ନତାକୁ ଧ୍ୟାନ ଦେବା ସହ ଆମିଷ ବର୍ଜ୍ୟକୁ ଏଠି ସେଠି ନ ପକାଇ ଡଷ୍ଟବିନ୍‌ରେ ରଖିବା, ବର୍ଜ୍ୟକୁ ଘୋଡାଇ ରଖିବା, ସେଗୁଡିକୁ ରାସ୍ତା କଡ଼ରେ କିମ୍ବା ଆବାସିକ ଅଞ୍ଚଳ ପାଖରେ ନ ପକାଇବା ଆଦି ବିଭିନ୍ନ ଦିଗ ଉପରେ ସଚେତନ କରାଯାଇଥିଲା। ଏଥିସହ ସଚେତନ ସତ୍ତ୍ୱେ ଏନେଇ କୌଣସି ଅଭିଯୋଗ ଆସିଲେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା।

# ଶିଶୁ ଶ୍ରମିକ ବନ୍ଦ ପାଇଁ ମାନବ ଶୃଙ୍ଖଳ




ଶିଶୁମାନେ ଶିଶୁ ଶ୍ରମିକ ବନ୍ଦ ପାଇଁ ଆହ୍ୱାନ ଦେଉଛନ୍ତି।

ଭୁବନେଶ୍ୱର, ୩।୫ (ବନ୍ଦନା ସେଠୀ)

ସମାଜରେ ଅବହେଳିତ ଶିଶୁମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ଓ ଅଧାରୁ ପାଠ ଛାଡ଼ିଥିବା ଶିଶୁଙ୍କୁ ବିଦ୍ୟାଳୟଗାମୀ କରାଇବା ଲକ୍ଷ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ଶିଶୁଶ୍ରମ ନିରୋଧ ଦିବସ ଅବକାଶରେ ଆକ୍ସନ ଏଡ୍ ଓ ସିସିଡବ୍ଲ୍ୟୁଡି ମିଳିତ ଆନୁକୂଲ୍ୟରେ ୱାର୍ଡ ନଂ. ୨୬ ଅନ୍ତର୍ଗତ ନୀଳଚକ୍ର ନଗରଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଅବସରରେ ମାନବ ଶୃଙ୍ଖଳ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ଶିଶୁ ମହିଳା ବିକାଶ କେନ୍ଦ୍ରର ସମ୍ପାଦକ ସଦାଶିବ ସ୍ୱାଇଁ ଯୋଗଦେଇ ଶିଶୁଙ୍କ ଭବିଷ୍ୟତ ଗଠନରେ ମାତାପିତାଙ୍କ ଦାୟିତ୍ୱ ଓ ଶିଶୁ ଶ୍ରମଆଇନ ଉପରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ସରସ୍ୱତୀ ପରିଡ଼ା, ରେଣୁବାଳା ସାହୁ, ମାନସ ରଞ୍ଜନ ପ୍ରଧାନ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଭାସ୍କର ଚନ୍ଦ୍ର ପ୍ରଧାନ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ସ୍ନିଗ୍ଧା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଫେସର ଆଦିକନ୍ଦ ସାହୁ ପାଇବେ ଜେମା-ସାମନ୍ତ ସୃଜନୀ ପୁରସ୍କାର

କଟକ,୩।୫(କାର୍ତ୍ତିକ ସାହୁ)

ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ସାରସ୍ୱତ ସାଧକ ପ୍ରଫେସର ଆଦିକନ୍ଦ ସାହୁଙ୍କୁ ଚଳିତବର୍ଷର 'ଜେମା-ସାମନ୍ତ ସୃଜନୀ ପୁରସ୍କାର' ପ୍ରଦାନ କରାଯିବ। ସ୍ୱାଧୀନତା ସଂଗ୍ରାମୀ ନାରାୟଣ ବୀରବର ସାମନ୍ତ ଓ ରତ୍ନମାଳୀ ଜେମାଙ୍କ ସ୍ମୃତିରେ ସମର୍ପିତ ଏହି ପୁରସ୍କାର ବାବଦରେ ପ୍ରଫେସର ସାହୁଙ୍କୁ ୫୦ ହଜାର ଅର୍ଥରାଶି ସହ ସାହିତ୍ୟ ସମାଜର ସ୍ମୃତି-ଚିହ୍ନ, ମାନପତ୍ର ପ୍ରଦାନ କରାଯିବ। ସୂଚନାଯୋଗ୍ୟ, ପ୍ରଖ୍ୟାତ ସାରସ୍ୱତ ସ୍ରଷ୍ଟା ମନୋଜ ଦାସଙ୍କ ଉଦ୍ୟମରେ ଏହି ପୁରସ୍କାର ପ୍ରଣୟନ କରାଯାଇଥିଲା। ଉତ୍କଳଗୌରବ ମଧୁସୂଦନ ଗ୍ରନ୍ଥାଗାରରେ ଅନୁଷ୍ଠାନର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟନିର୍ବାହିକା ସମିତି ବୈଠକରେ ବିଚାରକମାନଙ୍କ ସୁପାରିସ ଓ ଅନୁମୋଦନ ଆଧାରରେ ସର୍ବସମ୍ମତିକ୍ରମେ ଏହା ସ୍ଥିର କରାଯାଇଛି ବୋଲି ସାଧାରଣ ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ ଏବଂ ସଙ୍ଗଠନ ସମ୍ପାଦକ ଶଶିକାନ୍ତ ରାଉତ ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି।

# ପୁଣି ଏକ ହାତୀ ମୃତ

ବଡ଼ମ୍ବା, ୩।୫(ମାୟାଧର ମଲ୍ଲିକ)

କଟକ ଜିଲା ଆଠଗଡ଼ ବନଖଣ୍ଡ ଅନ୍ତର୍ଗତ ନରସିଂହପୁର ପୂର୍ବ ବନାଞ୍ଚଳ ଅନ୍ତର୍ଗତ କଂସେଇଲୋ ଗ୍ରାମ ନିକଟବର୍ତ୍ତୀ ଅଞ୍ଚଳରୁ ଏକ ମାଈହାତୀର ଗଳିତ ମୃତଦେହ ଜବତ କରାଯାଇଛି। ଏନେଇ ରେଞ୍ଜର କୁଳେଶ ସାହୁ ସୂଚନା ଦେଇଛନ୍ତି। ଅସୁସ୍ଥ ହୋଇ ହାତୀର ମୃତ୍ୟୁ ଘଟିଛି ଅବା ହତ୍ୟାର ଶିକାର ହୋଇଛି ତାହା ଏପର୍ଯ୍ୟନ୍ତ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇନାହିଁ। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ବଡ଼ମ୍ବା ସମେତ ନରସିଂହପୁରର ପୂର୍ବ ବନାଞ୍ଚଳ ଓ ପଶ୍ଚିମ ବନାଞ୍ଚଳରୁ ପ୍ରତି ମାସରେ ୧ ରୁ ପ୍ରାୟ ୨ ଗୋଟି ହାତୀଙ୍କ ମୃତ୍ୟୁ ଘଟୁଛି। ଗତ ୪ ମାସ ମଧ୍ୟରେ ଉଭୟ ବନାଞ୍ଚଳରୁ ୭ରୁ ଊର୍ଦ୍ଧ୍ୱ ହାତୀଙ୍କ ମୃତ୍ୟୁ ଘଟିଛି। ଏସବୁ ବନାଞ୍ଚଳରେ ହାତୀଙ୍କ ମୃତ୍ୟୁସଂଖ୍ୟା ଯେଭଳି ଭାବେ ବୃଦ୍ଧିପାଉଛି ଅଞ୍ଚଳରୁ ହାତୀବଂଶ ଲୋପ ପାଇଯିବା ସମ୍ଭାବନାକୁ ଏଡ଼ାଇ ଦିଆଯାଇ ପାରିବନାହିଁ।

# ପରିବାର ଲୋକଙ୍କୁ ହଇରାଣ କରୁଛି ପୋଲିସ

ଟାଙ୍ଗୀ-ଜଗତପୁର,୩।୫(ମାନସ ସାମଲ)

**ନାବାଳିକା ଅପହରଣ ମାମଲା**

- ଉଦ୍ଧାର ପରେ ବି ପରିବାର କିମ୍ବା ସିଡବ୍ଲ୍ୟୁସିକୁ ହସ୍ତାନ୍ତର କରାଯାଇନି
- ତଥ୍ୟ ଲୁଚାଉଛି ପୋଲିସ, ଅଭିଯୁକ୍ତ ଫେରାର

କଟକ ଜିଲା ଚୌଦ୍ୱାର ଥାନା ଅଞ୍ଚଳର ଜଣେ ଅପହୃତା ନାବାଳିକାଙ୍କୁ ପୋଲିସ ଉଦ୍ଧାର କରିବାର ୩ଦିନ ବିତିଗଲାଣି। ହେଲେ ଏପର୍ଯ୍ୟନ୍ତ ତାଙ୍କୁ ଶିଶୁ ମଙ୍ଗଳ କମିଟି (ସିଡବ୍ଲ୍ୟୁସି)କୁ ହସ୍ତାନ୍ତର କରିନାହିଁ କି ପରିବାର ଲୋକଙ୍କ ଜିମା ଦେଇନାହିଁ। ପୋଲିସ ଚାପ ପକାଇବା ପାଇଁ ସେମାନଙ୍କୁ ହଇରାଣ ହରକତ କରିବା ସହ ନିୟମକାନୁନକୁ ଅଣଦେଖା କରୁଥିବା ସମ୍ପୃକ୍ତ ପରିବାର ଲୋକେ ଅଭିଯୋଗ ଆଣିଛନ୍ତି।

ସୂଚନା ଅନୁଯାୟୀ, ୨ମାସ ତଳେ ଚୌଦ୍ୱାର ଥାନା ଅଞ୍ଚଳରୁ ଜଣେ ନାବାଳିକାଙ୍କୁ ଅପହରଣ କରିନିଆଯାଇଥିଲା। ପରିବାର ଲୋକେ ଫେବୃୟାରୀ ୨୪ରେ ଏ ନେଇ ଚୌଦ୍ୱାର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ମୁତାବକ, ଗୁରୁଡ଼ିଝାଟିଆ ଥାନା ଅଞ୍ଚଳର ବିଜୁ କାରୁଆ ମିଛ ପ୍ରଲୋଭନ ଦେଖାଇ ସମ୍ପୃକ୍ତା ନାବାଳିକାଙ୍କୁ ଅପହରଣ କରିନେଇଥିବା ନେଇ ଏକ ଫୋନ୍ କଲ ଆସିଥିଲା। ଫଳରେ ନାବାଳିକାଙ୍କ ପରିବାର ଲୋକେ ବ୍ୟତିବ୍ୟସ୍ତ ହୋଇପଡ଼ିଥିଲେ। ଥାନାରେ ଅଭିଯୋଗ ସତ୍ତ୍ୱେ ପୋଲିସ କୌଣସି ତତ୍ପରତା ଦେଖାଇବା ପରିବର୍ତ୍ତେ 'ଝିଅ କୋଉଠି ଅଛି ତମେମାନେ ଖୋଜ, ସନ୍ଧାନ ମିଳିଲେ ଗାଡ଼ି ଖର୍ଚ୍ଚ ଦେଇ ଆମକୁ ଡାକିଲେ ଆମେ ଚଢ଼ାଉ କରି ଆଣିବୁ' ବୋଲି କହିଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ପୋଲିସଠାରୁ ନିରାଶ ହେବା ପରେ ଏପ୍ରିଲ ୨୬ରେ ପରିବାର ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପୋର୍ଟାଲରେ ଅନଲାଇନ୍‌ରେ ଅଭିଯୋଗ କରାଯାଇଥିଲା। ଏହାପରେ ପୋଲିସ ଚଢ଼ାଉ କରି ଅପହୃତା ନାବାଳିକାଙ୍କୁ ଉଦ୍ଧାର କରିଥିଲା। ତେବେ ଘଟଣାସ୍ଥଳରୁ ଅଭିଯୁକ୍ତ ଫେରାର ହୋଇଯାଇଥିବାବେଳେ ପୋଲିସ ଏକ ବାଇକ (ନଂ. ଓଡି ୦୫ ସିଡି ୫୭୩୩) ଓ ମୋବାଇଲ ଫୋନ୍ ଜବତ କରିଥିଲା। ଅନ୍ୟପକ୍ଷରେ ଡାକ୍ତରୀମାଇନା ନ କରିବାକୁ ପୋଲିସ ଚାପ ପକାଇବା ସହ ଝିଅ ସମ୍ପର୍କରେ ତଥ୍ୟ ଦେଉନାହିଁ ବୋଲି ପୀଡ଼ିତାଙ୍କ ବାପା ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ନାବାଳିକାଙ୍କୁ ପୋଲିସ ଏକ ଆଶ୍ରମରେ ରଖିଥିବା ଶୁଣିବାକୁ ମିଳୁଛି। ଏ ନେଇ ଚୌଦ୍ୱାର ଥାନା ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

## ମାଟ୍ରିକ୍ ରେଜଲ୍ଟ

### ଲୟୋଲା ଓଡ଼ିଆ ହାଇସ୍କୁଲର ଶତପ୍ରତିଶତ ସଫଳତା

ଭୁବନେଶ୍ୱର,୩।୫(ଅନୁରାଧା ମହାରଣା)

୨୦୨୫-୨୬ ଶିକ୍ଷାବର୍ଷରେ ଲୟୋଲା ଓଡ଼ିଆ ହାଇସ୍କୁଲର ମାଟ୍ରିକ୍ ଛାତ୍ରୀଛାତ୍ରଙ୍କ ସଫଳତା ହାର ଶତପ୍ରତିଶତ ରହିଛି। ୪୧ଜଣ ପରୀକ୍ଷା ଦେଇଥିବାବେଳେ ୩ଜଣ ଏ୨, ୪ଜଣ ବି୧, ୧୮ଜଣ ବି୨, ୧୩ଜଣ ସି ଓ ୨ଜଣ ଡି ଗ୍ରେଡ୍‌ରେ ପାସ୍ ହୋଇଛନ୍ତି। ଛାତ୍ରୀ ସ୍ୱୟଂଶ୍ରୀ ସ୍ୱୟଂସ୍ମିତା ବେହେରା ସର୍ବାଧିକ ୮୨ % ମାର୍କ ରଖିଥିବାବେଳେ ବିକାଶ ପରିଡ଼ା ଓ ଇପ୍‌ସିତା ନାୟକ ୮୦% ଲେଖାଏ ମାର୍କ ରଖିଥିବା ବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

### ରସୁଲଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୦୦% ରେଜଲ୍ଟ

ଭୁବନେଶ୍ୱର,୩।୫(ଅନୁରାଧା ମହାରଣା)

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବିଏସ୍‌ଇ) ପକ୍ଷରୁ ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ରସୁଲଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ୧୦୦% ରେଜଲ୍ଟ କରିଛି। ମୋଟ ୩୪ଜଣ ପରୀକ୍ଷା ଦେଇଥିବାବେଳେ ସମସ୍ତେ ପାସ୍ କରିଛନ୍ତି। ଏ୨ ଗ୍ରେଡ୍‌ରେ ୭ଜଣ, ବି୧ରେ ୬ଜଣ, ବି୨ରେ ୮ଜଣ, ସିରେ ୧୧ଜଣ ଓ ଡି ଗ୍ରେଡ୍‌ରେ ୨ଜଣ ରହିଛନ୍ତି। ଏହି ସଫଳତା ପାଇଁ ବିଦ୍ୟାଳୟ ସଭାପତି ପ୍ରଦ୍ୟୁମ୍ନ କୁମାର ବେହେରା ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।




ଜୟ ଓଡ଼ିଶା ଏବଂ କମିଶନରେଟ ପୋଲିସ ପକ୍ଷରୁ ରେଡ୍‌କ୍ରସ ଭବନରେ ରବିବାର ଅନୁଷ୍ଠିତ ରକ୍ତଦାନ ଶିବିର।

# ଯାତ୍ରା ସଂସ୍କୃତି ସୁରକ୍ଷା ମଞ୍ଚର ବାର୍ଷିକୋତ୍ସବ

ଭୁବନେଶ୍ୱର,୩।୫(ସୌମ୍ୟରଞ୍ଜନ ରାଉତ)

ଯାତ୍ରା ସଂସ୍କୃତି ସୁରକ୍ଷା ମଞ୍ଚ ଚାରିଟେବଲ ଟ୍ରଷ୍ଟର ୨ୟ ବାର୍ଷିକ ଉତ୍ସବ ରବିବାର ଗୁରୁ କେଳୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ପଦ୍ମଶ୍ରୀ ଅଦ୍ୱୈତ ଗଡ଼ନାୟକ, ନାଟ୍ୟକାର ମିହିର ମେହର, ଅଭିନେତା ରାଜେନ୍ଦ୍ର ପତି, ଗୀତିକାର ଲଳିତ ନାରାୟଣ ରଥ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସମାଜସେବା ଓ କଳାକ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଅନ୍ୟତମ ଅତିଥି ଭାବେ ଅନୁଷ୍ଠାନର ସଭାପତି ଶିବନାରାୟଣ ସ୍ୱାଇଁ, ଉପସଭାପତି ଦେବୀଦତ୍ତ ମହାନ୍ତି, ସାଧାରଣ ସଂପାଦକ ଜ୍ଞାନରଞ୍ଜନ ପାତ୍ର, ସହସମ୍ପାଦକ ଦିଲୀପ କୁମାର ପୃଷ୍ଟି, କୋଷାଧ୍ୟକ୍ଷ ଭାରତ ଭୂଷଣ ନାଥ, ଟ୍ରଷ୍ଟ ବୋର୍ଡ ପରିଚାଳକ ବିଧୁଭୂଷଣ ରଥ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଡ. ମନୋରଞ୍ଜନ ପଣ୍ଡା, ମୁଖପାତ୍ର ଶିତିକଣ୍ଠ ମହାନ୍ତି, ଉପଦେଷ୍ଟା ପ୍ରଭାକର ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଉତ୍ସବରେ ପଦ୍ମଶ୍ରୀ ଅଦ୍ୱୈତ ଗଡ଼ନାୟକଙ୍କ ସହ ଅନ୍ୟ ଅତିଥିମାନେ।

# ଘୃଣାକୁ ପ୍ରେମ, ଅହିଂସା ଦ୍ୱାରା ବିଜୟ କରାଯାଇ ପାରିବ

ଭୁବନେଶ୍ୱର, ୩।୫ (ବନ୍ଦନା ସେଠୀ)

ବୁଦ୍ଧ ପୂର୍ଣ୍ଣିମା ମହୋତ୍ସବ ଅବସରରେ ଦାଣ୍ଡିମାଳ ସେବକ ସଂଘ ପକ୍ଷରୁ ପାତ୍ରପଡା ଆଇଗିଣିଆଠାରେ ମହୋତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଏମ୍‌ପି ପ୍ରାର୍ଥୀ ବିଜେଡି ନେତା ମନ୍ମଥ କୁମାର ରାଉତରାୟ ଯୋଗଦେଇ କହିଲେ, ଘୃଣାକୁ ଘୃଣା ନୁହେଁ ପ୍ରେମ ଓ ଅହିଂସା ଦ୍ୱାରା ବିଜୟ କରାଯାଇ ପାରିବ। ହଜାରେ ଯୁଦ୍ଧରେ ବିଜୟ ହେବା ଅପେକ୍ଷା ନିଜଠାରୁ ବିଜୟ ହିଁ ପ୍ରକୃତ ବିଜୟୀ ବୋଲି ମତ ରଖିଥିଲେ। ଏଥିସହ ବୁଦ୍ଧ ବାର୍ତ୍ତା ବିଶ୍ୱକୁ ଶାନ୍ତି ପ୍ରଜ୍ଞା, କରୁଣା, ଦୟା ଓ ସତ୍ୟ ର ବାର୍ତ୍ତା ଦେଇଛି ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ମନୋରଞ୍ଜନ ଜେନା, ପୂର୍ବତନ ଦାଣ୍ଡିମାଳ ସେବକ ସଂଘ ସଭାପତି ଗୋପାଳ ନାୟକ, ଚୌରାଳିଶି କଟକ ମୌଜାର ସଭାପତି ରାମ ଚନ୍ଦ୍ର ନାୟକ, ଖୋର୍ଦ୍ଧା ସଫେଇ କର୍ମଚାରୀ ସଙ୍ଗଠନ ସଭାପତି ମୋହନ ନାୟକ, ହରିହର ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସଭାପତି ପ୍ରକାଶ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସାଧାରଣ ସମ୍ପାଦକ ସୁରେଶ ଚନ୍ଦ୍ର ନାୟକ ସମନ୍ୱୟ କରିଥିଲେ। ଏହି ଅବସରରେ ବଲାଙ୍ଗୀର, ସମ୍ବଲପୁର, ମୟୂରଭଞ୍ଜ, କଳାହାଣ୍ଡି, କରିଞ୍ଜିଆ ମାଲଖମ୍ଭ ଓ ଖୋର୍ଦ୍ଧା ଜିଲାରୁ ଆସିଥିବା ସାଂସ୍କୃତିକ ଦଳମାନେ ଆକର୍ଷଣୀୟ ନୃତ୍ୟ ପ୍ରଦର୍ଶନ କରିଥିଲେ। ଏହା ସହିତ ଦାଣ୍ଡିମାଳ ସେବକ ସଂଘ ଆୟୋଜିତ ଦାଣ୍ଡିମାଳ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୨୦୨୬ରେ ୧୬ଟି ଦଳକୁ ସମ୍ମାନିତ କରାଯାଇ ବିଜେତା ଦଳକୁ ୧୦୦୦୦ ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ରନର୍ସ ଅପ୍‌କୁ ୫୦୦୦ ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା। ସଂଘର ସହ ସମ୍ପାଦକ ସୁଶାନ୍ତ ନାୟକ, ଉପସଭାପତି ପଞ୍ଚାନନ ନାୟକ, କୋଷାଧ୍ୟକ୍ଷ ବାସୁଦେବ ନାୟକ, ସମୀକ୍ଷକ ସୁଜନ ନାୟକ, ସଂଗଠନ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ନାୟକ ଓ ଦିବାକର ନାୟକ, ଇଲେକ୍ସନ ଅଫିସର ଗନ୍ଧର୍ବ ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।




ଅତିଥିଙ୍କ ଗହଣରେ ଟ୍ରଫି ସହ ବିଜୟୀ ଦଳ।

## ସଂକ୍ଷେପରେ

### କାର୍-ସ୍କୁଟି ମୁହାଁମୁହିଁ ଧକ୍କା: ୨ ଗୁରୁତର

ସାଲେପୁର,୩।୫(ଅରବିନ୍ଦ ଭୂୟାଁ): ସାଲେପୁର ଥାନା ଅଧୀନ କଟକ ଚାନ୍ଦବାଲି ରାସ୍ତାର ନାନ୍ଦୋଳଗଡ଼ା ନିକଟରେ ରବିବାର ଅପରାହ୍ନରେ ଏକ ହ୍ୟୁଣ୍ଡାଇ କାର୍ ସହ ସ୍କୁଟି ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ସ୍କୁଟି ଚାଳକଙ୍କ ସହ ଆରୋହୀ ଗୁରୁତର ହୋଇଛନ୍ତି। ସେମାନେ ହେଲେ ମଧ କଛ ପଞ୍ଚାୟତସ୍ଥିତ ଥୋରିଆ ସାହିର ବିଶ୍ୱଜିତ୍ ବେହେରା (୨୨) ଓ ଶ୍ରୀକାନ୍ତ ସାହୁ (୧୮)। ଉଭୟଙ୍କୁ ସ୍ଥାନୀୟ ଲୋକଙ୍କ ଦ୍ୱାରା ଉଦ୍ଧାର କରାଯାଇ ପ୍ରଥମେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରେ ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

କାର୍‌ଟି କେନ୍ଦ୍ରାପଡ଼ାରୁ କଟକ ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ସ୍କୁଟିକୁ ଧକ୍କା ଦେଇଥିଲା। ଫଳରେ ଚାଳକ ସହ ଆରୋହୀ ଗୁରୁତର ହୋଇଥିଲେ। ଦୁର୍ଘଟଣାରେ ସ୍କୁଟିଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିବା ବେଳେ କାର୍ ଚାଳକ ଆହତ ହୋଇଛନ୍ତି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଦୁର୍ଘଟଣା ଗ୍ରସ୍ତ ଉଭୟ ଗାଡ଼ିକୁ ଜବତ କରି ତଦନ୍ତ ଆରମ୍ଭ କରିଛି। ଅପରପକ୍ଷେ ମଧ କଛ ପଞ୍ଚାୟତର ସରପଞ୍ଚ ସଞ୍ଜୟ କୁମାର ବେହୁରା ଦୁର୍ଘଟଣାରେ ଗୁରୁତର ହୋଇଥିବା ଦ୍ୱୟ ଯୁବକଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

### ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ସାଲେପୁର,୩।୫(ଅରବିନ୍ଦ ଭୂୟାଁ): ସାଲେପୁର ବ୍ଲକ ଅନ୍ତର୍ଗତ ଚନ୍ଦ୍ରାଦେଇପୁର ପଞ୍ଚାୟତସ୍ଥିତ ଲୁଣାହାର ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ରେଣୁବାଳା ସାହୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ମାଛୁଆତି ଆଞ୍ଚଳିକ ସାଧନ କେନ୍ଦ୍ର ପକ୍ଷରୁ ଶ୍ରୀମତୀ ସାହୁଙ୍କ ଉଦ୍ଦେଶ୍ୟରେ ବିଦ୍ୟାଳୟ ପରିସରରେ ରବିବାର ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମାଛୁଆତି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଦେବଦତ୍ତ ଦାଶ ପୌରୋହିତ୍ୟ କରିଥିବା ବେଳେ ପୂର୍ବତନ ସିଆରସିସି ଅନ୍ତର୍ଯ୍ୟାମୀ ଭୋଳ ସଭାକାର୍ଯ୍ୟ ସଂଯୋଜନା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ସାଲେପୁର ଶିକ୍ଷା ମଣ୍ଡଳ ଅତିରିକ୍ତ ଶିକ୍ଷା ଅଧିକାରୀ ଫିରୋଜ ଅହମ୍ମଦ ଖାନ୍, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷା ମଣ୍ଡଳ ଅଧିକାରୀ ଜଗବନ୍ଧୁ ଶତପଥୀ, ବିଶିଷ୍ଟ ଅତିଥି ଭାବେ ସରପଞ୍ଚ ରଶ୍ମିତା ଦାସ, ସମ୍ମାନିତ ଅତିଥି ଭାବେ ସିଆର୍‌ସିସି ଅନନ୍ତ କୁମାର ସାହୁ, ଭୁବନାନନ୍ଦ ଖୁଣ୍ଟିଆ, କ୍ଷୀରୋଦ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସାହୁଙ୍କ କର୍ମମୟ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ର ପକ୍ଷରୁ ଶିକ୍ଷୟିତ୍ରୀ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷୟିତ୍ରୀ ସ୍ମୃତିରେଖା ମିଶ୍ର ମାନପତ୍ର ପାଠ କରିଥିଲେ। ଶିକ୍ଷୟିତ୍ରୀ ସୁନିତା ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।

# ହାତୀଙ୍କୁ କାଳ ବଡ଼ମ୍ବା, ନରସିଂହପୁର ବନାଞ୍ଚଳ

- ନରସିଂହପୁରରେ ପୁଣି ଏକ ହାତୀ ମୃତ
- ପ୍ରତି ମାସରେ ୧ ରୁ ୨ ହାତୀଙ୍କ ମୃତ୍ୟୁ ଘଟୁଛି


ମାଈହାତୀର ଗଳିତ ମୃତଦେହ।

ବଡ଼ମ୍ବା, ୩।୫(ମାୟାଧର ମଲ୍ଲିକ) : କଟକ ଜିଲା ଆଠଗଡ଼ ବନଖଣ୍ଡ ଅନ୍ତର୍ଗତ ନରସିଂହପୁର ପୂର୍ବ ବନାଞ୍ଚଳ ଅନ୍ତର୍ଗତ କଂସେଇଲୋ ଗ୍ରାମ ନିକଟବର୍ତ୍ତୀ ଅଞ୍ଚଳରୁ ଏକ ମାଈହାତୀର ଗଳିତ ମୃତଦେହ ଜବତ କରାଯାଇଛି। ଏନେଇ ରେଞ୍ଜର କୁଳେଶ ସାହୁ ସୂଚନା ଦେଇଛନ୍ତି। ଅସୁସ୍ଥ ହୋଇ ହାତୀର ମୃତ୍ୟୁ ଘଟିଛି ଅବା ହତ୍ୟାର ଶିକାର ହୋଇଛି ତାହା ଏପର୍ଯ୍ୟନ୍ତ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇନାହିଁ। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

ବଡ଼ମ୍ବା ସମେତ ନରସିଂହପୁରର ପୂର୍ବ ବନାଞ୍ଚଳ ଓ ପଶ୍ଚିମ ବନାଞ୍ଚଳରୁ ପ୍ରତି ମାସରେ ୧ ରୁ ପ୍ରାୟ ୨ ଗୋଟି ହାତୀଙ୍କ ମୃତ୍ୟୁ ଘଟୁଛି। ଗତ ୪ ମାସ ମଧ୍ୟରେ ଉଭୟ ବନାଞ୍ଚଳରୁ ୭ରୁ ଊର୍ଦ୍ଧ୍ୱ ହାତୀଙ୍କ ମୃତ୍ୟୁ ଘଟିଛି। ଏସବୁ ବନାଞ୍ଚଳରେ ହାତୀଙ୍କ ମୃତ୍ୟୁସଂଖ୍ୟା ଯେଉଁଭଳି ଭାବେ ବୃଦ୍ଧିପାଉଛି ଅଞ୍ଚଳରୁ ହାତୀବଂଶ ଲୋପ ପାଇଯିବା ସମ୍ଭାବନାକୁ ଏଡ଼ାଇ ଦିଆଯାଇ ପାରିବନାହିଁ।

ସୂଚନାଯୋଗ୍ୟ, ଉଭୟ ବନାଞ୍ଚଳରେ ୨ଟି କାର୍ଯ୍ୟାଳୟ ସହ ୨ ରେଞ୍ଜର ଓ ଅନ୍ୟାନ୍ୟ ବନ କର୍ମଚାରୀ ରହିଛନ୍ତି। ହାତୀମାନଙ୍କ ସୁରକ୍ଷା ପାଇଁ ସରକାର ତଥା ବିଭାଗ ତରଫରୁ ବ୍ୟାପକ ଅର୍ଥ ମଧ ଖର୍ଚ୍ଚ କରାଯାଉଛି। ଏହାସତ୍ତ୍ୱେ ଉଭୟ ବଡ଼ମ୍ବା ଓ ନରସିଂହପୁର ବନାଞ୍ଚଳରେ ହାତୀ ମୃତ୍ୟୁ ବଢ଼ିବାରେ ଲାଗିଛି। ଏ ବିଷୟରେ ବନ ବିଭାଗକୁ ପଚାରିଲେ ମଧ କୌଣସି ସ୍ପଷ୍ଟ ଉତ୍ତର ମିଳୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ହାତୀଙ୍କ ସୁରକ୍ଷା ସହ ମୃତ୍ୟୁର ପ୍ରକୃତ କାରଣ ଓ ନିରାକରଣ ଉପରେ ତଦନ୍ତ କରାଯାଇ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରିବେଶବିତ୍‌ମାନେ ଦାବି କରିଛନ୍ତି।

# ମାଟ୍ରିକ୍ ଫଳାଫଳ: ଏ-୧ରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା


ଛାତ୍ର ବିଜେଡି ପକ୍ଷରୁ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ଆଠଗଡ଼,୩।୫(ସତ୍ୟ ପ୍ରସାଦ ରଥ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ର ମାଟ୍ରିକ୍ ପରୀକ୍ଷା ଫଳାଫଳ ଶନିବାର ପ୍ରକାଶ ପାଇଛି। ଆଠଗଡ଼ ଏନ୍‌ଏସି, ବ୍ଲକ, ତିଗିରିଆ, ଟାଙ୍ଗୀ ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରେ କୃତିତ୍ୱର ସହ ୯୦%ରୁ ଊର୍ଦ୍ଧ୍ୱ ନମ୍ବର ରଖି ପାସ୍ କରିଥିବା ୨୦ଜଣ ଛାତ୍ରୀଛାତ୍ରଙ୍କୁ ଛାତ୍ର ବିଜେଡି ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ନିର୍ଦ୍ଦେଶରେ ଏନ୍‌ଏସି ଛାତ୍ର ବିଜେଡି ସଭାପତି ମହମ୍ମଦ ଖାଲିଦ, ବ୍ଲକ ସଭାପତି ସତ୍ୟପ୍ରିୟ ମହାନ୍ତି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏନ୍‌ଏସି ଉପାଧ୍ୟକ୍ଷ ବିଶ୍ୱଭ୍ର ଶଙ୍କର ଜ୍ୟୋତି, ଆଠଗଡ଼ ବିଜେଡି ସଭାପତି ଶିଶିର ପ୍ରସାଦ ମାନସିଂହ କୃତୀ ଛାତ୍ରୀଛାତ୍ରମାନଙ୍କ ଘରେ ପହଞ୍ଚି ପୁଷ୍ପଗୁଚ୍ଛ, ଉପଢୌକନ, ସମ୍ବିଧାନର କ୍ଷୁଦ୍ର ପୁସ୍ତିକା, ସହ ସମ୍ବିଧାନ ପ୍ରଣେତା ବି.ଆର. ଆମ୍ବେଦକରଙ୍କ ଫଟୋଚିତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଚଳିତବର୍ଷ ଏନ୍‌ଏସିରେ ୨ଜଣ, ବ୍ଲକରେ ୧୦ଜଣ, ତିଗିରିଆ ବ୍ଲକରେ ୭ଜଣ ଓ ଟାଙ୍ଗୀ ଚୌଦ୍ୱାର ବ୍ଲକର ୧ଜଣ ଛାତ୍ରୀଛାତ୍ର ଏ-୧ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଚଳିତବର୍ଷ ଆଠଗଡ଼ ବ୍ଲକ ଗୋପୀନାଥପୁରସ୍ଥିତ ଉତ୍କଳମଣି ବିଦ୍ୟାପୀଠର ଛାତ୍ର ବିଭାସ କୁମାର ସାହୁ ସର୍ବାଧିକ ୫୬୮ନଂ ରଖି ବ୍ଲକ ଟପ୍ପର ହୋଇଥିବା ବେଳେ ତିଗିରିଆ ବ୍ଲକ ନୁଆପାଟଣା ଅର୍ଜ୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟର ଛାତ୍ରୀ ପ୍ରିୟାଂଶି ପ୍ରିୟଦର୍ଶିନୀ ସର୍ବାଧିକ ୫୫୯ନଂ. ରଖି ବ୍ଲକ ଟପ୍ପର ହୋଇଛନ୍ତି। ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଏ-୧ ପାଇଥିବା ଛାତ୍ରୀଛାତ୍ର ଓ ବିଦ୍ୟାଳୟମାନଙ୍କୁ ଫୋରମ୍ ଅଫ୍ ଏକାଡେମିକ୍ ଆନୁକୂଲ୍ୟରେ ଅନୁଷ୍ଠିତ ଶିକ୍ଷା ଜ୍ୟୋତି ସମ୍ମାନ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯିବ। ଚଳିତ ଆଠଗଡ଼ ଗୋପୀନାଥପୁର ଉତ୍କଳମଣି ଉଚ୍ଚ ବିଦ୍ୟାଳୟର ସର୍ବାଧିକ ୪ଜଣ ଛାତ୍ରୀଛାତ୍ର ଏ-୧ ପାଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଛାତ୍ର ନେତା ଦୀନେଶ ପ୍ରଧାନ, ଜନ୍ମେଜୟ ଦାଶ, ଗିରିଜା ପ୍ରସାଦ ପରିଜା, ତୋଫାନ ସାମଲ, ମୌଜାବୁଲ ହିମାଂଶୁ ଶେଖର ସ୍ୱାଇଁ, ଶୁଭେନ୍ଦୁ ସାହୁ ପ୍ରମୁଖ ଯୋଗଦେଇଥିଲେ।

# କର୍ମରେ ଅବହେଳା କଲେ ସଫଳତା ମିଳି ନ ଥାଏ



ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଅତିଥି।

### ରାଜ୍ୟସ୍ତରୀୟ ବୃଦ୍ଧ ଅହମ୍ମଦିୟା ଏକ ଦିବସୀୟ ପ୍ରଶିକ୍ଷଣ ଶିବିର

ତିଗିରିଆ,୩।୫(ଜାଫର ଖାଁ): ତିଗିରିଆ ବ୍ଲକ ଅନ୍ତର୍ଗତ ଜମାତ ଅହମ୍ମଦିୟା ପଙ୍କାଳ ଜାମା ମସଜିଦ ଠାରେ ଏକ ଦିବସୀୟ ରାଜ୍ୟସ୍ତରୀୟ ବୃଦ୍ଧ ଅହମ୍ମଦିୟା ମୁସଲିମ ସଂଗଠନର ଆନ୍ତଃ ସଂଗଠନ ଓଡିଶାର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଅଖିଳ ଭାରତ ବୃଦ୍ଧ ଅହମ୍ମଦିୟା ଉପସଭାପତି ମହମ୍ମଦ ସଫାରତ ପୌରୋହିତ୍ୟ କରିଥିବା ବେଳେ ଶୁଭାରମ୍ଭ ପବିତ୍ର କୋରାନ ଶ୍ଳୋକ ପାଠ ସହିତ ହୋଇଥିଲା। ଜିଲା ମୌଲାନା ସେକ ଇସହାକ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଅହମଦିୟା ମୁସଲିମ ଅର୍ଥ ବିଭାଗର ଉପସଚିବ ମୌଲାନା ସେକ ଶାହାବୁଦ୍ଦିନ, ତୃତୀୟ ବକ୍ତା ଭାବେ ଜିଲା ସଭାପତି ମୌଲାନା ହାରୁନ ରଶିଦ ଯୋଗଦେଇଥିଲେ। କୋରାନରେ ଲେଖାଅଛି, ପ୍ରତ୍ୟେକ ଦାୟିତ୍ୱବାନଙ୍କୁ ତାଙ୍କ ଦାୟିତ୍ୱ ନ୍ୟସ୍ତ ଥିବା କାମ ବାବଦରେ ନିଶ୍ଚିତ ପଚରାଯିବ। କର୍ମରେ ଅବହେଳା ହେଲେ ସଫଳତା ମିଳିପାରି ନ ଥାଏ ବୋଲି ବକ୍ତା ରଶିଦ୍ କହିଥିଲେ। ସଭାପତିତ୍ୱ ଭାଷଣରେ ଅଖିଳ ଭାରତର ଉପସଭାପତି ମହମ୍ମଦ ସଫାରତ କହିଥିଲେ, ସାମୂହିକ ନମାଜ ପାଠ ଆମକୁ ଆଜ୍ଞାବହତା ସିଖାଇଥାଏ। ଏବଂ ଆମ ମଧ୍ୟରେ ଏକତା ଓ ଅଖଣ୍ଡତା କାଏମ କରିଥାଏ। ନମାଜ ପାଠ ପ୍ରଭୁଙ୍କ ସହିତ ମିଳନର ସମୟ ହୋଇଥାଏ। ନମାଜ ପାଠ ଦ୍ୱାରା ଆତ୍ମ ଶୁଦ୍ଧି ଓ ପବିତ୍ରତା ହାସଲ ହୋଇଥାଏ। କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ପଙ୍କାଳର ସଭାପତି ଶାହାଦତ ଖାଁ, ଜିଲା କଟକ, ଢେଙ୍କାନାଳ, ଅନଗୁଳ ଓ କେନ୍ଦ୍ରାପଡାର ଉପସଭାପତି ରଶିଦ ଅହମ୍ମଦ, ଜିଲା ବାଲେଶ୍ୱରର ନାଜିମ ଅବଦୁଲ ଓଦୁଦ, ଜିଲା ଭଦ୍ରକର ନାଜିମ ସେକ ଏଜାଜ ପ୍ରମୁଖଙ୍କ ସହ ବାଲେଶ୍ୱରର ଶତାଧିକ ବୃଦ୍ଧ ଅହମ୍ମଦିୟା ସଂଗଠନର କର୍ମକର୍ତ୍ତାମାନେ ଯୋଗଦେଇଥିଲେ।

### ଦଶମ ଟପ୍ପରଙ୍କୁ ସମ୍ବର୍ଦ୍ଧନା

ତାଳବସ୍ତ, ୩।୫(ସୁବ୍ରତ କୁମାର ନାୟକ): ଡମପଡା ବ୍ଲକ ଅନ୍ତର୍ଗତ ଦୁଲଣାପୁର, କୁସୁନ୍ଦା ଏବଂ ତାଳବସ୍ତ ଗ୍ରାମ ପଞ୍ଚାୟତ ଅଧୀନରେ ଥିବା ୫ଟି ଉଚ୍ଚ ବିଦ୍ୟାଳୟର ଦଶମ ପରୀକ୍ଷାରେ ଶ୍ରେଷ୍ଠ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ଶ୍ରୀରାମ ସେବା ଟ୍ରଷ୍ଟ ତରଫରୁ ଅରପୁରଠାରେ ସମ୍ବର୍ଦ୍ଧିତ କରାଯାଇଛି। ଦୁଲଣାପୁର ଉଚ୍ଚ ବିଦ୍ୟାଳୟର ଛାତ୍ରୀ ବର୍ଷା ପ୍ରିୟଦର୍ଶିନୀ (୪୮୦), କୁସୁନ୍ଦା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସଂଘମିତ୍ରା ରାଉତ (୫୧୨), ପିଏମ ଶ୍ରୀ ତାଳବସ୍ତ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଅନାମିକା ବାରିକ (୫୦୩), ବରେନ୍ଦ୍ର ନାରାୟଣ ବିଦ୍ୟାପୀଠ, ପଦନପୁରର ଛାତ୍ର କୁମାର ଶ୍ରୀ (୪୮୦), ଇନ୍ଦିରା ପ୍ରିୟଦର୍ଶିନୀ ହରିଜନ ଆଦିବାସୀ ଉଚ୍ଚ ବିଦ୍ୟାଳୟ, ସାମନ୍ତରାପୁରର ଛାତ୍ର ସୋମ୍ୟରଞ୍ଜନ ସାହୁ (୫୪୦)ଙ୍କୁ ଉତ୍ତରୀୟ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରାଯାଇଛି। ସମ୍ବର୍ଦ୍ଧନା ଉତ୍ସବରେ ଅନୁଷ୍ଠାନର ସକ୍ରିୟ ସଦସ୍ୟ ସନ୍ଦୀପ କୁମାର ନାୟକ, ସୁଜିତ କୁମାର ସ୍ୱାଇଁ, ବାବୁଲି ନାୟକ ଏବଂ ପ୍ରଶାନ୍ତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଡମପଡ଼ା ବ୍ଲକ: ଏ-୧ ରେ ୪ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ

### ସରସ୍ୱତୀ ଶିଶୁମନ୍ଦିର ଛାତ୍ରୀଛାତ୍ର ବ୍ଲକ ଯୁଗ୍ମ ଟପ୍ପର

ତାଳବସ୍ତ, ୩।୫(ସୁବ୍ରତ କୁମାର ନାୟକ): ଚଳିତ ବର୍ଷର ଉଚ୍ଚ ମାଧ୍ୟମିକ ଦଶମ ଶ୍ରେଣୀର ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇଛି। ବାଙ୍କୀ ଡମପଡ଼ା ବ୍ଲକ ଶିକ୍ଷା ଅଧିକାରୀଙ୍କ ଅଧୀନରେ ଥିବା ୨୩ଟି ଉଚ୍ଚ ବିଦ୍ୟାଳୟରୁ ୩ଟି ବିଦ୍ୟାଳୟର ୪ ଜଣ ଛାତ୍ରୀଛାତ୍ର ୫୪୦ରୁ ଅଧିକ ନମ୍ବର ରଖି ଏ୧ ରେ ଉତୀର୍ଣ୍ଣ ହୋଇଛନ୍ତି। ଡମପଡ଼ା ବ୍ଲକରେ ସମୁଦାୟ ପରୀକ୍ଷା ଦେଇଥିବା ୧୩୦୬ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୨୪୯ ଜଣ ଦଶମ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବାଙ୍କୀ ସରସ୍ୱତୀ ଶିଶୁମନ୍ଦିରର ଛାତ୍ର ଆଶୁତୋଷ ନାୟକ ଏବଂ ଛାତ୍ରୀ ଅର୍ଚ୍ଚିତା ଜେନା (୫୫୦) ନମ୍ବର ରଖି ବ୍ଲକ ଟପ୍ପର ହୋଇଛନ୍ତି। ବାଙ୍କୀ ଶ୍ରୀ ଅରବିନ୍ଦ ଗବେଷଣା ଶିକ୍ଷା ପ୍ରତିଷ୍ଠାନର ଛାତ୍ରୀ ତ୍ରିଷ୍ଣା ପ୍ରିୟଦର୍ଶିନୀ (୫୪୫), ତାଳବସ୍ତ ପଞ୍ଚାୟତ ଅଧୀନ ସାମନ୍ତରାପୁରସ୍ଥ ଇନ୍ଦିରା ପ୍ରିୟଦର୍ଶିନୀ ହରିଜନ ଆଦିବାସୀ ଉଚ୍ଚ ବିଦ୍ୟାଳୟର ଛାତ୍ର ସୌମ୍ୟରଞ୍ଜନ ସାହୁ ୫୪୦ ନମ୍ବର ନମ୍ବର ରଖି ଗାଁ ଏବଂ ପଞ୍ଚାୟତ ପାଇଁ ଗୌରବ ଆଣିଛନ୍ତି। ସାମନ୍ତରାପୁରର ସନ୍ତୋଷ କୁମାର ସାହୁ ଏବଂ ମମତା ସାହୁଙ୍କ ସୁପୁତ୍ର ସୋମ୍ୟରଞ୍ଜନ ଛୁଆବେଳୁ ଭଲ ପଢିବା ସହିତ ଖେଳକୁଦ, ବକ୍ତୃତା ଓ କୁଇଜିରେ ଭାଗନେଇ ବିଭିନ୍ନ ଅନୁଷ୍ଠାନରୁ ପୁରସ୍କୃତ ହୋଇଛନ୍ତି। ସୌମ୍ୟ ରଞ୍ଜନ ଆଗକୁ ସରକାରୀ ମହାବିଦ୍ୟାଳୟରେ ଯୁକ୍ତ୨ ବିଜ୍ଞାନ ପଢିବା ସହିତ ଭବିଷ୍ୟତରେ ଜଣେ ସଫ୍ଟୱେର ଇଞ୍ଜିନିୟର ହେବେ ବୋଲି କହିଛନ୍ତି। ବିନା ମୋବାଇଲ ଏବଂ ଟିଉସନରେ ବି ଛାତ୍ରୀଛାତ୍ରମାନେ ଭଲ ପଢି ଶୀର୍ଷ ସ୍ଥାନରେ ପହଞ୍ଚିପାରିବେ ବୋଲି ବ୍ଲକ ଟପ୍ପର ଆଶୁତୋଷ ନାୟକ କୁହିଛନ୍ତି। ତାଳବସ୍ତ ଗ୍ରାମ ପଞ୍ଚାୟତକୁ ସୌମ୍ୟ ରଞ୍ଜନ ସାହୁ ବାଙ୍କୀ ଉପଖଣ୍ଡରେ ଗର୍ବିତ କରିଥିବାରୁ ଯୁବ ସାମାଜିକ କର୍ମୀ ତଥା ତାଳବସ୍ତ ସେବା ସମବାୟ ସମିତିର ସଭାପତି ଅକ୍ଷୟ କୁମାର ବେହେରା, ଶ୍ରୀରାମ କମିଟି ସଭାପତି ବିଶ୍ୱ ରଞ୍ଜନ ସ୍ୱାଇଁ, ଆଦର୍ଶ ଯୁବ ପରିଷଦ ଆବାହକ ଅକ୍ଷୟ କୁମାର ସାମଲ ପ୍ରମୁଖ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।


ଶ୍ରୀଜଗନ୍ନାଥ ସାହିତ୍ୟ ସମାଜର ବାର୍ଷିକ ଉତ୍ସବରେ ଅତିଥିମାନେ ମୁଖପତ୍ର 'ଚନ୍ଦ୍ରବିନ୍ଦୁ'କୁ ଉନ୍ମୋଚନ କରୁଛନ୍ତି।

# ବିଜେଡିରେ ମିଶିଲେ ଶତାଧିକ ଭାଜପା କର୍ମୀ


ବିଜେଡି ମିଶ୍ରଣ ପର୍ବରେ ଯୋଗଦେଇଥିବା କର୍ମୀ।

### ବିଜେଡିର ମିଶ୍ରଣ ପର୍ବ

ବଡ଼ମ୍ବା, ୩।୫(ମାୟାଧର ମଲ୍ଲିକ): ବଡ଼ମ୍ବାର ଭଟ୍ଟାରିକା ପୀଠସ୍ଥିତ ପାନ୍ଥନିବାସ ପରିସରରେ ବିଜେଡିର ଏକ ମିଶ୍ରଣ ପର୍ବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଡ଼ମ୍ବା କଷିକିଆରୀ ପଞ୍ଚାୟତର ଖଣ୍ଡୁଆଳି ନୂଆଗାଁ ଓ ସଂଲଗ୍ନ ଗ୍ରାମରୁ ବହୁ ଭାଜପା କର୍ମୀ ବିଜେଡିରେ ଯୋଗ ଦେଇଛନ୍ତି। ଅନ୍ୟ ପକ୍ଷରେ ଭଟ୍ଟାରିକା ପଞ୍ଚାୟତର ପୁରୁଖା ୱାର୍ଡ ସଭ୍ୟ ସମ୍ରାଟ ବେହେରା, ଶିକ୍ଷକତାରୁ ଅବସର ନେଇଥିବା ଖୁଣ୍ଟକଟାର ପୁରୁଖା କଂଗ୍ରେସ ନେତା ସ୍ୱର୍ଗତ ଭିକାରୀ ଧଳଙ୍କ ପୁତ୍ର ସନ୍ତୋଷ ଧଳ ଆନୁଷ୍ଠାନିକ ଭାବେ ବିଜେଡିରେ ଯୋଗଦେଇଛନ୍ତି। ବିଜେଡିରେ ଯୋଗ ଦେଇଥିବା ଶତାଧିକ କର୍ମୀ ଓ ନେତାଙ୍କୁ ଦଳ ତରଫରୁ ଉତ୍ତରୀୟ ପ୍ରଦାନ କରାଯାଇ ସ୍ୱାଗତ କରାଯାଇଥିଲା। ଉକ୍ତ ମିଶ୍ରଣ ପର୍ବରେ ବଡ଼ମ୍ବା ପୂର୍ବତନ ବିଧାୟକ ତଥା ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ବଡ଼ମ୍ବା ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର କୁମାର ସାହୁ, ରାଜ୍ୟ ପରିଷଦ ସଭ୍ୟ ପ୍ରଦୀପ୍ତ ସ୍ୱାଇଁ, ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ସଦାନନ୍ଦ ସ୍ୱାଇଁ ପ୍ରମୁଖ ଯୋଗଦେଇ ସ୍ୱାଗତ ବକ୍ତବ୍ୟ ରଖିଥିଲେ। ଭଟ୍ଟାରିକା ଗ୍ରାମପଞ୍ଚାୟତ ସରପଞ୍ଚ ଶତ୍ରୁଜିତ ପୁହାଣ ଧନ୍ୟବାଦ ଅର୍ପଣ କରିଥିଲେ। ଜନ ପ୍ରତିନିଧି ସର୍ବଶ୍ରୀ ବିଚିତ୍ରା ନନ୍ଦ ଦଳେଇ, ସନ୍ତୋଷ ମହାନ୍ତି, ସୁଶାନ୍ତ ଜେନା ପ୍ରମୁଖ ଶୁଭେଚ୍ଛା ଦେଇଥିବା ବେଳେ କଷିକିଆରି ଗ୍ରାମ ପଞ୍ଚାୟତ ସରପଞ୍ଚ ଶୁଦ୍ଧିରଞ୍ଜନ ରାଉତ, ବିଚିତ୍ର ସାହୁ, ପ୍ରତାପ ଦାସ ପ୍ରମୁଖ ମିଶ୍ରଣ ବୈଠକକୁ ପରିଚାଳନା କରିଥିଲେ।

# ଅବଧି ପରେ ବି ସରୁନି ମରାମତି କାର୍ଯ୍ୟ



### ଜାତମୁଣ୍ଡିଆ- ସୁବର୍ଣ୍ଣପୁର ସେତୁ ମରାମତି କାର୍ଯ୍ୟ ମନ୍ଥର

- ବଢୁଛି ଦୁର୍ଘଟଣା,ସେତୁରେ ଆଲୋକକରଣ ଦାବି

ବାଙ୍କୀ,୩।୫( ଶୁଭେନ୍ଦୁ ମହାପାତ୍ର): କଟକ ଜିଲା ବାଙ୍କୀସ୍ଥିତ ଜାତମୁଣ୍ଡିଆ - ସୁବର୍ଣ୍ଣପୁର ସେତୁ ମରମତି କାର୍ଯ୍ୟ ଶେଷ ହେଉନାହିଁ। କାର୍ଯ୍ୟାଦେଶର ଅବଧି ପରେ ବି ଚାଲିଛି କାର୍ଯ୍ୟ। ଏଥିଯୋଗୁ ଅନେକ ସମୟରେ ଛୋଟ,ବଡ଼ ଦୁର୍ଘଟଣା ଘଟୁଥିଲେ ମଧ ପୂର୍ତ୍ତ ବିଭାଗ ନୀରବଦ୍ରଷ୍ଟା ସାଜିଛି। ଏନେଇ ସ୍ଥାନୀୟ ଲୋକଙ୍କ ମଧ ଅସନ୍ତୋଷ ବଢ଼ିବାରେ ଲାଗିଛି।

୨୦୧୬ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜାତମୁଣ୍ଡିଆ-ସୁବର୍ଣ୍ଣପୁର ସେତୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ତତ୍କାଳୀନ ବିଧାୟକ, ମନ୍ତ୍ରୀ ଓ ପୂର୍ତ୍ତ ବିଭାଗ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। ମାତ୍ର ନିମ୍ନମାନର କାମ ଯୋଗୁ ସେତୁ ଉଦ୍‌ଘାଟନର ଦୁଇ ବର୍ଷ ପରେ ଫାଟିବା ଆରମ୍ଭ ହୋଇଛି। ଏପରିକି ନିର୍ମାଣ କରାଯାଇଥିବା ସେତୁ ବାଡ ମଧ ଫାଟି ଗଲାଣି। ଫଳରେ ଯାତ୍ରୀମାନେ ଏହି ବାଟଦେଇ ଗଲାବେଳେ ନିଜକୁ ସୁରକ୍ଷିତ ମଣୁ ନ ଥିଲେ। ଏବେ ମଧ ସେତୁ କାର୍ଯ୍ୟ ନିମ୍ନମାନର ହେଉଥିବା ଚର୍ଚ୍ଚା ହେଉଛି। ସେତୁର ୨ ପାର୍ଶ୍ୱରେ ଥିବା ଫଟା ବାଡରେ ଏବେ ସିମେଣ୍ଟ ବୋଳା ଚାଲିଛି। ଅନ୍ୟପଟେ ଏହି ସେତୁ ନିର୍ମାଣ ପରଠୁ ଆଲୋକୀକରଣ କରାଯାଇ ନ ଥିବା ହେତୁ ଏହା ସନ୍ଧ୍ୟା ପରଠୁ ସମ୍ପୂର୍ଣ୍ଣ ଅନ୍ଧକାର ରହୁଛି। ଏହି ସମୟରେ ଅନେକ ଚୋରି, ରାହାଜାନୀ ଓ ଡକାୟତି ଭଳି ଘଟଣା ଘଟୁଛି। ଏଠାରେ ତାର ଜାଲି ବାଡ଼ ଲଗାଯାଇ ନ ଥିବା ବେଳେ ଅନେକ ପୁରୁଷ, ମହିଳା, ଯୁବକ ଓ ଯୁବତୀ ସେତୁ ଉପରୁ ଡେଇଁ ଆତ୍ମହତ୍ୟା କରୁଥିବା ନଜୀର ରହିଛି।

ଠିକାସଂସ୍ଥା ଏହି ସେତୁର ମରାମତି ପାଇଁ ୪ କୋଟି ଟଙ୍କାର କାର୍ଯ୍ୟାଦେଶ ପାଇଥିଲେ ମଧ ନିୟମ ଉଲ୍ଲଂଘନ କରି ମନମୁଖୀ ଭାବେ କାର୍ଯ୍ୟ କରୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ୨୦୨୫ ଜୁନରେ ଏହି କାର୍ଯ୍ୟ ଆରମ୍ଭ କରି ନଭେମ୍ବର ଶେଷ ସୁଦ୍ଧା କାର୍ଯ୍ୟ ଶେଷ କରିବା ପାଇଁ ଠିକା କମ୍ପାନୀ ପକ୍ଷରୁ ଚୁକ୍ତି ହୋଇଥିଲା। ମାତ୍ର କାର୍ଯ୍ୟାଦେଶର ଅବଧି ସରି ୨୦୨୬ ମେ ଅତିକ୍ରମ କରିବାକୁ ବସିଥିଲେ ମଧ ସେତୁ କାର୍ଯ୍ୟ ସରିନାହିଁ। ସେତୁମରାମତିସମୟରେ ଧୂଳି, ପାଉଡର ଉଡୁଛି। ସେତୁ ଉପରେ ପିଚୁ ରାନ୍ଧି କାର୍ଯ୍ୟ କରାଯାଉଛି। ସେତୁ କାର୍ଯ୍ୟ ଚାଲିଥିବାବେଳେ ରାତିର ଅନ୍ଧକାରରେ ବହୁ ଦୁର୍ଘଟଣା ଘଟି ଧନଜୀବନ କ୍ଷତି ହେଉଛି। ଅପରପକ୍ଷେ ସେତୁରେ ଲଗାଯାଇଥିବା ଲକ୍ଷାଧିକ ଟଙ୍କାର ଲୁହା ରଡ୍ ଓ ସେତୁ ଉପର ତାଡ଼ିବା ପରେ ବାହାରୁଥିବା ସିମେଣ୍ଟ ଢଳେଇକୁ ଖୁଲମଖୁଲ୍ଲା ବାହାରେ ବିକ୍ରୀ କରାଯାଉଥିବା ଜଣାପଡ଼ିଛି। ଏହି ସେତୁ ଦେଇ ବାଙ୍କୀ ବିଧାୟକଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ଦଳର ନେତାମାନେ ଯାତାୟାତ କରୁଥିଲେ ମଧ ସେତୁର ମନ୍ଥର କାର୍ଯ୍ୟ ଓ ଠିକାଦାରଙ୍କ ମାନମାନୀ କାର୍ଯ୍ୟ ଯୋଗୁ ଯାତାୟାତରେ ବାଧା ସୃଷ୍ଟି ହେଉଛି।

ଏହି ସେତୁ ଦେଇ ଯାତାୟାତ କରୁଥିବା ଜନସାଧାରଣଙ୍କ ଜୀବନ ବିପଦ ପୂର୍ଣ୍ଣ ଥିବା ବେଳେ କୌଣସି ଲୋକ ପ୍ରତିନିଧିମାନଙ୍କ ଦୃଷ୍ଟି ପଡୁନାହିଁ। ଅନ୍ୟପଟେ ସ୍ଥାନୀୟ ବାସିନ୍ଦାଙ୍କଠାରୁ ଆରମ୍ଭ କରି ବାଟୋଇମାନେ ଆଲୋକୀ କରଣ ପାଇଁ ଦାବି କରି ଆସୁଥିଲେ ମଧ ପ୍ରଶାସନ କର୍ଣ୍ଣପାତ କରୁନଥିବା ଅଭିଯୋଗ ହୋଇଛି।

ଏ ସମ୍ପର୍କରେ ବାଙ୍କୀ ପୂର୍ତ୍ତ ବିଭାଗ ଅଧିକାରୀ ପୁଲସ୍ତ ରାଉତଙ୍କୁ ପଚାରିବାରେ, ଠିକା ସଂସ୍ଥା କମ୍ପାନୀ ସରକାରୀ ଧାର୍ଯ୍ୟ ସମୟ ଅବଧି ସରିବା ପରେ କାର୍ଯ୍ୟ ବିଳମ୍ବ ହେତୁ ୬ ମାସ ଅବଧି ବଢ଼ାଯାଇଛି। ଯଥା ସମ୍ଭବ ସେତୁ ମରାମତି କାର୍ଯ୍ୟ ଶେଷ କରାଯିବ। ସରକାରୀ ନିୟମ ମାନି କାର୍ଯ୍ୟ କରିବାକୁ ଠିକା ସଂସ୍ଥା ମାଲିକଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ପୂର୍ତ୍ତ ବିଭାଗ ଅଧିକାରୀ ରାଉତ କହିଛନ୍ତି।

## ସଂକ୍ଷେପରେ

### ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

ବାଣପୁର,୩।୫(ଦିଲୀପ କୁମାର ସ୍ୱାଇଁ)

ନାରୁଣୀ ଥାନା ଅଧୀନ ଗମ୍ଭାରୀମୁଣ୍ଡା ପଞ୍ଚାୟତ ଝରିଆଟାଙ୍ଗୀ ଗ୍ରାମରୁ ରବିବାର ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତା ହେଲେ ପ୍ରଶାନ୍ତ ମହାରଥାଙ୍କ ସ୍ତ୍ରୀ ଗୀତାଞ୍ଜଳି (୩୯)। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୬/୨୬) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ମୁତାବକ, ପ୍ରାୟ ୧୩ବର୍ଷ ପୂର୍ବେ ଗୀତାଞ୍ଜଳିଙ୍କ ବିବାହ ହୋଇଥିଲା। ତେବେ କୌଣସି କାରଣକୁ ନେଇ ଗୀତାଞ୍ଜଳି ଲୁଗାରେ ଝୁଲିପଡ଼ିଥିବା ଦେଖିବାକୁ ମିଳିଥିଲା ବୋଲି ସମ୍ପର୍କୀୟମାନେ କହିଛନ୍ତି। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

### ଡାକ୍ତର ହେବାକୁ ଲକ୍ଷ୍ୟ: ସାଇ ସ୍ୱରୂପ

କୃଷ୍ଣପ୍ରସାଦ,୩।୫(କୈଳାସ ଚନ୍ଦ୍ର ପଟ୍ଟନାୟକ)

ଚଳିତ ମାଟ୍ରିକ ପରୀକ୍ଷାରେ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ବଟେଶ୍ୱର ଉଚ୍ଚ ବିଦ୍ୟାଳୟର ସାଇ ସ୍ୱରୂପ ଦାଶ ବ୍ଲକ ଟପ୍ପର ହୋଇଛନ୍ତି। ସେ ୫୬୫ ନମ୍ବର ରଖିଛନ୍ତି। ଏନେଇ ସାଇ କହିଛନ୍ତି, ପ୍ରତିଦିନ ସ୍କୁଲ ଏବଂ ଟ୍ୟୁଶନ ଯିବା ସହିତ ଦିନରେ ୨ଘଣ୍ଟା ଏବଂ ରାତିରେ ୬ ଘଣ୍ଟା ପରିଶ୍ରମ କରିଥାନ୍ତି। ଏହି ସଫଳତାର ଶ୍ରେୟ ସେ ତାଙ୍କ ପରିବାର ଲୋକଙ୍କ ସହିତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଟ୍ୟୁଶନ ଶିକ୍ଷକଙ୍କୁ ଦେଇଛନ୍ତି। ଭବିଷ୍ୟତରେ ଡାକ୍ତର ହୋଇ ରୋଗୀ ସେବା କରିବା ପାଇଁ ଲକ୍ଷ୍ୟ ରଖିଥିବା ସାଇ କହିଛନ୍ତି।



### ସୌମ୍ୟରଞ୍ଜନ ଜିଲା ଯୁବ କଂଗ୍ରେସ କାର୍ଯ୍ୟକାରୀ ସଭାପତି ମନୋନୀତ

ଖୋର୍ଦ୍ଧା,୩।୫(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାର ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ସୌମ୍ୟରଞ୍ଜନ ବରାଳ ଜିଲା ଯୁବ କଂଗ୍ରେସ କାର୍ଯ୍ୟକାରୀ ସଭାପତି ଭାବେ ମନୋନୀତ ହୋଇଛନ୍ତି। ଏନେଇ ଅଖିଳ ଭାରତୀୟ ଯୁବ କଂଗ୍ରେସ ପକ୍ଷରୁ ଜାରି ଏକ ପ୍ରେସ୍ ବିବୃତିରେ ସୂଚନା ଦିଆଯାଇଛି। ଜିଲାରେ ବେରୋଜଗାର, ବେକାରି ସମସ୍ୟା ଉପରେ ଲଢ଼େଇ ଜାରି ରହିବା ସହ ଦୁର୍ନୀତି ବିରୋଧରେ ଯୁବ କଂଗ୍ରେସର ନେତୃତ୍ୱ ନେବେ ବୋଲି ବରାଳ କହିଛନ୍ତି। ଏହି ଦାୟିତ୍ୱ ପାଇବା ପରେ ଅଖିଳ ଭାରତୀୟ ଯୁବ କଂଗ୍ରେସ ଓଡ଼ିଶା ପ୍ରଭାରୀ ମନିଶ ଦେଶମୁଖ, ପିସିସି ସଭାପତି ଭକ୍ତ ଚରଣ ଦାସ, ଜିଲା ସଭାପତି ରାଜୀବ ପଟ୍ଟନାୟକ, ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟ ପ୍ରମୁଖଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ଅଚିହ୍ନା ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ବାଣପୁର,୩।୫ (ଦିଲୀପ କୁମାର ସ୍ୱାଇଁ)

୧୬ନଂ. ଜାତୀୟ ରାଜପଥର ବାଣପୁର ଥାନା ଅଧୀନ ତେନ୍ତୁଳିଡିହ ଛକ ନିକଟ ଏକ ଗଛରୁ ରବିବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତ ଯୁବକଙ୍କ ପରିଚୟ ମିଳି ନ ଥିବା ବେଳେ ତାଙ୍କର ବୟସ ୩୦ରୁ ୩୫ ବର୍ଷ ମଧ୍ୟରେ ହେବ ବୋଲି ଅନୁମାନ କରାଯାଇଛି। ସେ ନୀଳ ରଙ୍ଗର ଗୋଟିଏ ଫୁଲ ପ୍ୟାଣ୍ଟ ଏବଂ ଟି-ଶାର୍ଟ ପିନ୍ଧିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଅନ୍ୟପଟେ ଯୁବକ ଜଣଙ୍କ ଏଠାରେ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ କେଉଁଠାରେ ହତ୍ୟା ପରେ ଏଠାରେ ଝୁଲାଇ ଦିଆଯାଇଛି ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି ପୋଲିସ କହିଛି।

# ଭିଜିଲାନ୍ସ ନିର୍ଦ୍ଦେଶକଙ୍କୁ ଅଭିଯୋଗ, ତଦନ୍ତ ଦାବି

## ୨ ରାସ୍ତା କାମରେ ଦୁର୍ନୀତି ପ୍ରସଙ୍ଗ

ଖୋର୍ଦ୍ଧା,୩।୫(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ବେଗୁନିଆ ଗ୍ରାମ୍ୟ ନିର୍ମାଣ ଉପ-ବିଭାଜନ ଅଧୀନ ଦେଉଳି ପଞ୍ଚାୟତର ଡଙ୍ଗରପଡ଼ାଠାରୁ ଜାମୁସାହି ପର୍ଯ୍ୟନ୍ତ ନିର୍ମାଣାଧୀନ ରାସ୍ତା ଏବଂ ବେଗୁନିଆର କୁଶପଲ୍ଲାଠାରୁ ସିମୋର ନିର୍ମାଣାଧୀନ ରାସ୍ତା ନିମ୍ନମାନର ହୋଇଥିବା ନେଇ ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣାଧୀନ ଏହି ରାସ୍ତା ଉପରେ ବ୍ୟାପକ ଅନିୟମିତତା ଅଭିଯୋଗ ପରେ ମଧ୍ୟ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀଙ୍କ ନୀରବତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଏହି ରାସ୍ତା କାମରେ ବ୍ୟାପକ ଆର୍ଥିକ ଅନିୟମିତତା ନେଇ ଦୁର୍ନୀତି ନିବାରଣ, ଓଡ଼ିଶା ନିର୍ଦ୍ଦେଶକଙ୍କ ନିକଟରେ ଜଣେ ବ୍ୟକ୍ତି ଗତ ଏପ୍ରିଲ ୨୬ରେ ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ସତ୍ତ୍ୱେ ନୀରବତାକୁ ନେଇ ବିଭାଗୀୟ ସ୍ୱଚ୍ଛତା ଉପରେ ଅଭିଯୋଗକାରୀ ପ୍ରଶ୍ନ ଉଠାଇଛନ୍ତି। ନିମ୍ନମାନର କାମ ହୋଇଥିବା ଅଭିଯୋଗ ଉପରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ଲୋକଙ୍କ ଅଭିଯୋଗ ଉପରେ ତଦନ୍ତ ହେବା ପରିବର୍ତ୍ତେ ଠିକାଦାରଙ୍କୁ ଅନୁକମ୍ପା ଦେଖାଯାଉଛି। ନିମ୍ନମାନର କାର୍ଯ୍ୟ କରାଯାଇ କୋଟି କୋଟି ଟଙ୍କା ହଡ଼ପ କରାଯାଇଛି। ଦେଉଳି ପଞ୍ଚାୟତ ଅନ୍ତର୍ଗତ ଡଙ୍ଗରପଡ଼ାଠାରୁ ଜାମୁସାହି ପର୍ଯ୍ୟନ୍ତ ନିର୍ମାଣ କରାଯାଇଥିବା ରାସ୍ତା ଦିନ କେତେଟାରେ ଯାନବାହନ ଯାତାୟାତ କରିବା ଯୋଗୁ ରାସ୍ତାରୁ ପିଚୁ ସମ୍ପୂର୍ଣ୍ଣ ଉଠିଯାଇଛି। ସେହିପରି ବେଗୁନିଆ କୁଶପଲ୍ଲାଠାରୁ ସିମୋର ରାସ୍ତା ନିର୍ମାଣ ଆରମ୍ଭରୁ କୌଣସି ସୂଚନାଫଳକ ଲଗାଯାଇ ନ ଥିବା ବେଳେ ନିମ୍ନମାନର କାମ ଯୋଗୁ ରାସ୍ତାରୁ ମେଣ୍ଟାଲ ଉଠିଯାଇଛି। ତେବେ ନିମ୍ନମାନର କାର୍ଯ୍ୟ ହୋଇଥିବା ନେଇ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏପରିକି ରାସ୍ତା ଗୁଡ଼ିକର ନିର୍ମାଣ ସମ୍ପର୍କିତ ତଥ୍ୟ ସୂଚନା ଅଧିକାର ଆଇନ ଅନୁଯାୟୀ ମାଗିଲେ ମଧ୍ୟ ବିଭିନ୍ନ ଆଳ ଦେଖାଇ ପ୍ରଦାନ କରାଯାଉ ନାହିଁ। ଅନ୍ୟପକ୍ଷରେ ଏନେଇ ରାସ୍ତା ନିର୍ମାଣ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

## 'ସଂଗ୍ରାମୀ ନାରାୟଣଙ୍କ ତ୍ୟାଗର ପଟ୍ଟାନ୍ତର ନାହିଁ'

ଖୋର୍ଦ୍ଧା,୩।୫(ପ୍ରଭାତ ପାଣିଗ୍ରାହୀ)

ସ୍ୱାଧୀନତା ସଂଗ୍ରାମୀ ତଥା କବି ନାରାୟଣ ମିଶ୍ରଙ୍କ ଶ୍ରାଦ୍ଧ ଦିବସରେ ରବିବାର ଟିଏଲ୍‌ସି ଛକଠାରେ ଅବସ୍ଥାପିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଖୋର୍ଦ୍ଧା ପୌରପରିଷଦ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ନିର୍ବାହୀ ଅଧିକାରୀ ପୌରପରିଷଦ, ଖୋର୍ଦ୍ଧା ଏବଂ ମଣ୍ଡଳ ଉନ୍ନୟନ ଅଧିକାରୀ ଖୋର୍ଦ୍ଧା, ସିଦ୍ଧାର୍ଥ ପଟ୍ଟନାୟକ ଯୋଗଦେଇ ସ୍ୱର୍ଗତ ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସଂଗ୍ରାମୀ ନାରାୟଣଙ୍କ ତ୍ୟାଗର ପଟ୍ଟାନ୍ତର ନାହିଁ ବୋଲି ମତପ୍ରକାଶ ପାଇଥିଲା। ସେହିପରି ସଂଗ୍ରାମୀ ନାରାୟଣ ମିଶ୍ର ସ୍ମୃତି ପରିଷଦ ଅଧ୍ୟକ୍ଷ ସୁଜିତ କୁମାର ମିଶ୍ର, ସମ୍ପାଦକ ଡ.ଧୀରେନ୍ଦ୍ର ନନ୍ଦ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ବରିଷ୍ଠ ଗ୍ରନ୍ଥକାର ଉମା ଶଙ୍କର ପ୍ରସାଦ, ଖୋର୍ଦ୍ଧା ବରିଷ୍ଠ ନାଗରିକ ମଞ୍ଚ ସଭାପତି ରାମଶଙ୍କର, ଖୋର୍ଦ୍ଧା ଜିଲା ବିକାଶ ମଞ୍ଚ ସଭାପତି



ସ୍ୱାଧୀନତା ସଂଗ୍ରାମୀ ନାରାୟଣ ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଅତିଥିମାନେ।

ନରେନ୍ଦ୍ର ପୃଷ୍ଟି , ପ୍ରେସ୍ କ୍ଲବ ସଭାପତି ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ, ଡ.ବିମଳ ଚନ୍ଦ୍ର ଷଡ଼ଙ୍ଗୀ, ଇତିଶ୍ରୀ ସାହୁ, ଦୁର୍ଯ୍ୟୋଧନ ଜେନା, ସୁରେନ୍ଦ୍ର ବେହେରା, ଭକ୍ତ ବଲ୍ଲଭ ନାୟକ, ହାଜି ନାସିମ ଉଦ୍ଦିନ ଖାନ, ଡ.ପ୍ରଫୁଲ୍ଲ କୁମାର ସାମନ୍ତରାୟ, ପ୍ରଦୀପ କୁମାର ବେହେରା, ନୃସିଂହ ନାଥ ନାଥ ମିଶ୍ର, ଅକ୍ଷୟ କୁମାର ଦାସ, ସୁକାନ୍ତି ମିଶ୍ର, ସ୍ମିତା ବେହେରା, ଚିନ୍ମୟୀ ପ୍ରିୟଦର୍ଶିନୀ, ରତ୍ନମଞ୍ଜରୀ ମହାପାତ୍ର, ସ୍ୱପ୍ନାରାଣୀ ସାହୁ, ସୋନାଲି ପ୍ରିୟଦର୍ଶିନୀ ସାହୁ, ରଶ୍ମିତା ମାଝି, ସରସ୍ୱତୀ ସୁନ୍ଦରାୟ, ପ୍ରତିଭା ମହାନ୍ତି, ପ୍ରସନ୍ନ କୁମାର ପାଇକରାୟ, ଗୋବିନ୍ଦ ଚନ୍ଦ୍ର ମହାରଣା, ହୃଷିକେଶ ନନ୍ଦ, ଜଗବନ୍ଧୁ ସାହୁ, ଡ.ମିନତୀ କୁମାରୀ ମହାନ୍ତି, ରାଜେଶ ଚନ୍ଦ୍ର ମହାନ୍ତି, ଶକ୍ତି ଶଙ୍କର ମିଶ୍ର, ଶୟଦ ଲିୟାକତ ଅଲ୍ଲୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ସ୍ମୃତିଚାରଣ କରିଥିଲେ।

## ଝୁଲନ୍ତା ଅବସ୍ଥାରେ ନିଖୋଜ ନାବାଳକଙ୍କ ଗଳିତ ମୃତଦେହ ଜବତ

ବୈଦେଶ୍ୱର, ୩।୫(ମାନସ ରଞ୍ଜନ ସାହୁ)

ବାଙ୍କୀ ବୈଦେଶ୍ୱର ଥାନା ଅନ୍ତର୍ଗତ ପୁଇଁଚା ଗ୍ରାମ ପଞ୍ଚାୟତର ଜୟ ମଙ୍ଗଳଶାଳ ଜଙ୍ଗଲରୁ ଜଣେ ନାବାଳକଙ୍କ ଝୁଲନ୍ତା ଅବସ୍ଥାରେ ଗଳିତ ମୃତଦେହ ଠାବ କରାଯାଇଛି। ସେ ହେଲେ ଜୟମଙ୍ଗଳ ଗ୍ରାମର ଗଦାଧର ସ୍ୱାଇଁଙ୍କ ପୁଅ ରାଜା ସ୍ୱାଇଁ(୧୭)। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ପୋଲିସ ଓ କଳାପଥର ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟ ପଠାଇଛି। ରାଜା ଏପ୍ରିଲ ୨୯ରୁ ନିଖୋଜ ଥିଲେ ବୋଲି ପରିବାର ଲୋକେ ବୈଦେଶ୍ୱର ଥାନାରେ ଅଭିଯୋଗ କରିଥିଲେ। ରବିବାର ମଧ୍ୟାହ୍ନ ସମୟରେ ଜଙ୍ଗଲର ଗୋଟିଏ ଶାଳ ଗଛରେ ତାଙ୍କୁ ଝୁଲୁଥିବାର ଦେଖି ଲୋକେ ଗାଆଁରେ ସୂଚନା ଦେଇଥିଲେ। ଏହାପରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏହା ହତ୍ୟା କି ଆତ୍ମହତ୍ୟା ଜଣାପଡ଼ି ନ ଥିବା ବେଳେ ରାଜାଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏ ସମ୍ପର୍କରେ ଅଧିକ ତଥ୍ୟ ମିଳିପାରିବ ବୋଲି ପୋଲିସ କହିଛି।

## ରାମଲୀଳାରେ ବାଳୀ ବଧ ମଞ୍ଚସ୍ଥ

ନିରାକାରପୁର,୩।୫(ମାନସ ଚନ୍ଦ୍ର ପଟ୍ଟନାୟକ)



ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ କାଶୀପୁର ବଡ଼ପାଟଣା ସୀତାରାମ ନାଟ୍ୟ ସଂସଦ ପକ୍ଷରୁ ଚାଲିଥିବା ଶ୍ରୀରାମଲୀଳାରେ ବାଳୀ ବଧ ମଞ୍ଚସ୍ଥ ହୋଇଯାଇଛି। ବାନର ରାଜା ସୁଗ୍ରୀବଙ୍କୁ କିଷ୍କିନ୍ଧ୍ୟାର ରାଜା ଭାବେ ଅଭିଷିକ୍ତ କରାଯିବା ଦୃଶ୍ୟ ଉପସ୍ଥିତ ଦର୍ଶକଙ୍କ ମନ ଜିଣିଥିଲା। ଅନଙ୍ଗ ନରେନ୍ଦ୍ରଙ୍କ ରଚିତ ଏହି ଶ୍ରୀରାମଲୀଳା କାର୍ଯ୍ୟକ୍ରମକୁ ସୀତାରାମ ନାଟ୍ୟ ସଂସଦର କଳାକାରମାନେ ମୁକ୍ତାକାଶ ରଙ୍ଗମଞ୍ଚରେ ନିଖୁଣ ଅଭିନୟ କରିଥିଲେ। ଅନୁଷ୍ଠାନର ଆବାହକ ସାମାଜିକ କର୍ମୀ ସନ୍ତୋଷ କୁମାର ଦଳେଇଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗାୟକ ଶ୍ୟାମ ସୁନ୍ଦର ବିଶ୍ୱାଳ ଓ ବିପିନ ସାହୁ, ବାୟକ ମହେଶ୍ୱର ନାୟକ, ଗୁରୁ ପଦ୍ମନାଭ ଦଳେଇଙ୍କ ସମେତ ସୀତାରାମ ନାଟ୍ୟ ସଂସଦର ସମସ୍ତ କର୍ମକର୍ତ୍ତା ଓ ଗ୍ରାମବାସୀ ସହଯୋଗ କରିଥିଲେ।

## ରଜ ମହୋତ୍ସବ ପ୍ରସ୍ତୁତି ବୈଠକ



ବେଗୁନିଆ,୩।୫
(ହରପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ଭାରତୀୟ ସଂସ୍କୃତିରେ ପାଳିତ ହେଉଥିବା ବହୁ ପର୍ବପର୍ବାଣି ମଧ୍ୟରେ ଓଡ଼ିଶାର ରଜପର୍ବ ଅନ୍ୟତମ। ଆଧୁନିକତାର ସ୍ପର୍ଶରେ ହଜିଯାଉଥିବା ଏହି ପର୍ବକୁ ସରସ ସୁନ୍ଦର କରିବା ପାଇଁ ଏବେବି ପୁରପଲ୍ଲୀରେ ଧୁମଧାମରେ ପାଳନ କରାଯାଇଥାଏ। ଏହି ପରିପ୍ରେକ୍ଷୀରେ ବେଗୁନିଆ ସଦର ମହକୁମାରେ ଚଳିତବର୍ଷ ମଧ୍ୟ ରଜ ମହୋତ୍ସବ ପାଳନ କରାଯିବ। ଏନେଇ ପତିତପାବନ ଯୁବକ ସଂଘ ପକ୍ଷରୁ ରଜ ମହୋତ୍ସବ-୨୦୨୬ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘର ଉପସଭାପତି ବିଶ୍ୱରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପଦେଷ୍ଟା ଦିବାକର ସାହୁ, ସମ୍ପାଦକ ଗଙ୍ଗାଧର ମାର୍ଥା, ସହ ସମ୍ପାଦକ ବଟକୃଷ୍ଣ ମହାପାତ୍ର, କୋଷାଧ୍ୟକ୍ଷ ଲକ୍ଷ୍ମୀଧର ସାହୁ, ଅଶ୍ୱିନୀ ପଟ୍ଟନାୟକ, ସରୋଜ ମହାପାତ୍ର, ରବିନାରାୟଣ ଦଳେଇ, ସତ୍ୟପ୍ରିୟ ମହାପାତ୍ରଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଏହି ମହୋତ୍ସବ ଆସନ୍ତା ଜୁନ ୧୪ରୁ ୧୭ ତାରିଖ ପର୍ଯ୍ୟନ୍ତ ନୂଆସାହିସ୍ଥିତ ଜଗନ୍ନାଥ ମନ୍ଦିର ସଂଲଗ୍ନ ଆମ୍ରକାନନ ପରିସରରେ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ କବାଡ଼ି, ପିଠା, ଝୋଟି, କାନ୍ଦଣା, ଦଉଡ଼ି ଡିଆଁ, ଅନ୍ଧପୁଟୁଳି, କୁଇଜ୍, ମେହେନ୍ଦି, ପୁଚି, ମ୍ୟୁଜିକ ଚେୟାର ଓ ରଜ କୁଇନ୍-୨୦୨୬ ପ୍ରତିଯୋଗିତା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ସାଧାରଣ ସଭା ଅନୁଷ୍ଠିତ ହେବ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଛି।

## ପୁରାତନ ଛାତ୍ର ସଂସଦ ପକ୍ଷରୁ ୧୨ ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ



ନିରାକାରପୁର, ୩।୫(ମାନସ ଚନ୍ଦ୍ର ପଟ୍ଟନାୟକ)

ପୁରାତନ ଛାତ୍ର ସଂସଦ ପକ୍ଷରୁ ବଡ଼ପୋଖରୀଆସ୍ଥିତ ନିଗମାନନ୍ଦ ବିଦ୍ୟାନିକେତନ ସ୍କୁଲ ପରିସରରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମାଟ୍ରିକ୍ ପରୀକ୍ଷାରେ ବିଭିନ୍ନ ଗ୍ରେଡ୍‌ରେ ପାସ୍ କରିଥିବା ୧୨ଜଣ ଛାତ୍ରୀଛାତ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ସୂଚନାଥାଉ କି, ଚଳିତବର୍ଷ ଉକ୍ତ ବିଦ୍ୟାନିକେତନର ୮୦ଜଣ ମାଟ୍ରିକ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ଜଣେ ଏ୧, ୪ଜଣ ଏ୨, ବି୧ ୩ଜଣ ଓ ବି୨ ଗ୍ରେଡ଼ରେ ୪ଜଣ ଛାତ୍ରୀଛତ୍ର କୃତକାର୍ଯ୍ୟ ହୋଇଥିବା ବେଳେ ଅନ୍ୟ ସମସ୍ତ ପରୀକ୍ଷାର୍ଥୀ ଅନ୍ୟାନ୍ୟ ଗ୍ରେଡ଼ରେ ପାସ କରିଛନ୍ତି। ପୁରାତନ ଛାତ୍ର ସଂସଦର ଡ.ପ୍ରେମାନନ୍ଦ ପଟ୍ଟନାୟକ, ସାମାଜିକକର୍ମୀ ସଚିନ ବଳିୟାରସିଂହ, ଶିକ୍ଷାବିତ୍ ଲିଙ୍ଗରାଜ ପାଇକରାୟ, ଦୈତାରୀ ସାମନ୍ତରାୟ, ଦେବରାଜ ଚହଟରାୟ, ଦିଲୀପ କୁମାର ବିଧାର, ରସାନନ୍ଦ ବେହେରା, ହାଡିବନ୍ଧୁ ବଳିୟାରସିଂହ, ସୁରେଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଯାତ୍ରା ସଂସ୍କୃତି ସୁରକ୍ଷା ମଞ୍ଚର ବାର୍ଷିକୋତ୍ସବ

ଭୁବନେଶ୍ୱର,୩।୫(ସୌମ୍ୟରଞ୍ଜନ ରାଉତ)

ଯାତ୍ରା ସଂସ୍କୃତି ସୁରକ୍ଷା ମଞ୍ଚ ଚାରିଟେବଲ ଟ୍ରଷ୍ଟର ୨ୟ ବାର୍ଷିକ ଉତ୍ସବ ରବିବାର ଗୁରୁ କେଲୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ପଦ୍ମଶ୍ରୀ ଅଦ୍ୱୈତ ଗଡ଼ନାୟକ, ନାଟ୍ୟକାର ମିହିର ମେହେର, ଅଭିନେତା ରାଜେନ୍ଦ୍ର ପତି, ଗୀତିକାର ଲଳିତ ନାରାୟଣ ରଥ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସମାଜସେବା ଓ କଳାକ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଅନ୍ୟତମ ଅତିଥି ଭାବେ ଅନୁଷ୍ଠାନର ସଭାପତି ଶିବନାରାୟଣ ସ୍ୱାଇଁ, ଉପସଭାପତି ଦେବୀଦତ୍ତ ମହାନ୍ତି, ସାଧାରଣ ସଂପାଦକ ଜ୍ଞାନରଞ୍ଜନ ପାତ୍ର, ସହସମ୍ପାଦକ ଦିଲୀପ କୁମାର ପୃଷ୍ଟି, କୋଷାଧ୍ୟକ୍ଷ ଭାରତ ଭୂଷଣ ନାଥ, ଟ୍ରଷ୍ଟ ବୋର୍ଡ ପରିଚାଳକ ବିଧୁଭୂଷଣ ରଥ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଡ. ମନୋରଞ୍ଜନ ପଣ୍ଡା, ମୁଖପାତ୍ର ଶିତିକଣ୍ଠ ମହାନ୍ତି, ଉପଦେଷ୍ଟା ପ୍ରଭାକର ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରେଳଧାରଣା ପାର୍ଶ୍ୱରେ ଗାଈ ମୃତଦେହ

### ଦୁର୍ଗନ୍ଧରେ ଲୋକେ ଅତିଷ୍ଠ

ନିରାକାରପୁର,୩।୫
(ମାନସ ଚନ୍ଦ୍ର ପଟ୍ଟନାୟକ)

ଗତ ୩ଦିନ ତଳେ କୌଣସି ଟ୍ରେନ୍ ଧକ୍କାରେ ଏକ ଗାଈର ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ପରେ ନିରାକାରପୁରଠାରେ ଥିବା ୨୧୯ନମ୍ବର ଲେବଲକ୍ରସିଂ ଡାଉନ୍‌ଲାଇନ ରେଳଧାରଣା ପାର୍ଶ୍ୱରେ ଏହା ପଡିରହିଛି। ମୃତଦେହଟି ପଚିସଢ଼ି ଯାଇଥିବାରୁ ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ସ୍ଥାନୀୟବାସୀଙ୍କ ସମେତ ରେଳ ଫାଟକଠାରେ ଅପେକ୍ଷାରତ ଯାତ୍ରୀ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏନେଇ ସ୍ଥାନୀୟ ଷ୍ଟେଶନ କର୍ତ୍ତୃପକ୍ଷଙ୍କୁ ସ୍ଥାନୀୟବାସିନ୍ଦା ବନବିହାରୀ ପୃଷ୍ଟି, ବିଭୂତି ଭୂଷଣ ପାଢଶାଣୀ, ବିଶ୍ୱମୋହନ ମହାନ୍ତି ପ୍ରମୁଖ ଅଭିଯୋଗ କରିଛନ୍ତି। ଏହା ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଏନେଇ ନିରାକାରପୁର ଷ୍ଟେଶନ ସୁପରଣ୍ଟେଣ୍ଡେଣ୍ଟ ଚିନ୍ମୟ ପରିଡା କହିଛନ୍ତି, ଏହା ଇଞ୍ଜିନିୟରିଂ ବିଭାଗର କାର୍ଯ୍ୟ ହୋଇଥିବାରୁ ଅବଗତ କରାଯାଇଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ଏନେଇ ଷ୍ଟେଶନ ପରିଚାଳକ ସାଗରିକା ପାତ୍ର କହିଛନ୍ତି, ସଫେଇ କର୍ମଚାରୀଙ୍କୁ କହି ଗାଈର ମୃତଦେହ ହଟାଯିବ।

## ହନୁମାନ ମନ୍ଦିର ବାର୍ଷିକୋତ୍ସବ

ବୋଲଗଡ଼,୩।୫
(ଦେବବ୍ରତ ହୋତା)



ବୋଲଗଡ଼ ବ୍ଲକ ଖଙ୍ଗୁରିଆ ପଞ୍ଚାୟତର ସଂପୁର ଗ୍ରାମର ପଥରଚକଡ଼ା ନିକଟସ୍ଥ ହନୁମାନ ମନ୍ଦିର ପ୍ରାଙ୍ଗଣରେ ସ୍ଥାନୀୟ ବାଜରଙ୍ଗବାଲି ଯୁବ ସଂସଦ ଆନୁକୂଲ୍ୟରେ ନବମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଅଙ୍କୁରାରୋପଣ ଓ ଅଧିବାସ ପରେ ଶ୍ରଦ୍ଧାଳୁମାନେ ଗ୍ରାମ ସ୍ଥିତ ନେଳିଆ ପୋଖରୀରୁ ପବିତ୍ର ଜଳଭରା କଳସ ଶୋଭାଯାତ୍ରା କରି ମନ୍ଦିରରେ ସ୍ଥାପନ କରିଥିଲେ। ଶନିବାର ଦ୍ୱିତୀୟ ଦିବସରେ ସୂର୍ଯ୍ୟପୂଜା ପରେ ଅଖଣ୍ଡ ହନୁମନ ଚାଳିଶା ପାଠ ହୋଇଥିଲା। ଏହି ଅବସରରେ ଯଜ୍ଞକୁଣ୍ଡରେ ଅଗ୍ନି ସ୍ଥାପନ, ଆହୁତି ପ୍ରଦାନ ଆଦି ପୂଜାପାଠ କରାଯାଇଥିଲା। ରବିବାର ଅଖଣ୍ଡ ହନୁମାନ ଚାଳିଶା ପାଠ ସମାପନ ଏବଂ ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା। କର୍ତ୍ତାଭାବେ ବିକାଶ କୁମାର ଛୋଟରାୟ ଓ ମୋନାଲିସା ଛୋଟରାୟ ଉପବିଷ୍ଟ ଥିବା ବେଳେ ବୈଦିକ ବ୍ରାହ୍ମଣ ଗୋପାଳ ଚନ୍ଦ୍ର ରାୟଗୁରୁ ଓ ପୂଜକ ବ୍ରହ୍ମାନନ୍ଦ ପଣ୍ଡା ସମସ୍ତ ହୋମପୂଜା କାର୍ଯ୍ୟ ସମ୍ପର୍ଣ୍ଣ କରିଥିଲେ। ଏହି ଅବସରରେ ସନ୍ଧ୍ୟାରେ ମଗରବନ୍ଧ ଗ୍ରାମର କଳକାରମାନଙ୍କ ଦ୍ୱାରା 'ବାମନ ଜନ୍ମ' ଶୀର୍ଷକ ନାଟକ ପରିବେଷଣ ହୋଇଥିଲା। ବଜରଙ୍ଗବାଲି ଯୁବ ସଂସଦର ସମସ୍ତ ସଦସ୍ୟ ଏବଂ ସଂପୁର ଗ୍ରାମବାସୀ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଆମ ବସ୍ ପୁଣି ଜୀବନ ନେଲା

### ଉତ୍ତେଜନା, ରାସ୍ତାରୋକୋ, ଘଣ୍ଟାଏ ରାସ୍ତାଜାମ୍

- ପଛରୁ ଧକ୍କା ଦେଇ ବାଇକ ଆରୋହୀଙ୍କ ଉପରେ ଚଢ଼ିଗଲା
- ୨ଲକ୍ଷ ଟଙ୍କାର ସହାୟତା ଘୋଷଣା କଲା କ୍ରୁଟ୍

ଭୁବନେଶ୍ୱର୩।୫(ପ୍ରସନଜିତ୍ ସାହୁ)



ରକ୍ତମୁଖା ହେଉଛି ଆମ ବସ୍। ରାଜଧାନୀ ଭୁବନେଶ୍ୱରରେ ଜଣକ ପରେ ଆଉଜଣଙ୍କ ଜୀବନ ନେଇଛି। ଶହୀଦନଗର ଥାନା ଅନ୍ତର୍ଗତ ସତ୍‌ସଙ୍ଗ ବିହାର ସମ୍ମୁଖ ଶହୀଦନଗର ପାର୍ଶ୍ୱ ଜାତୀୟ ରାଜପଥରେ ରବିବାର ଅପରାହ୍ନରେ ଏକ ବାଇକ୍‌କୁ ପଛରୁ ଧକ୍କା ଦେବା ପରେ ଚଢ଼ିଯିବାରୁ ଘଟଣାସ୍ଥଳରେ ବାଇକ୍‌ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତିଜଣକ ହେଲେ ପୁରୀ ଜିଲା ସତ୍ୟବାଦୀ ଥାନା ଅନ୍ତର୍ଗତ ଭୀମପୁର ଗ୍ରାମର ଗଦାଧର ସାହୁ (୪୬)। ଖବର ପ୍ରଚାରିତ ହୋଇଯିବା ପରେ ସେଠାରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକଙ୍କ ସହ ବାଟରେ ଯାଉଥିବା ଲୋକେ ରାସ୍ତାରୋକୋ କରିବା ସହ ସେହିବାଟ ଦେଇ ଆସୁଥିବା ୧୦ରୁ ଊର୍ଦ୍ଧ୍ୱ ଆମ ବସ୍‌କୁ ଅଟକାଇଥିଲେ। ଫଳରେ ଘଣ୍ଟାଏ ପର୍ଯ୍ୟନ୍ତ ଗାଡିମୋଟର ଚଳାଚଳ ବ୍ୟାହତ ହେବା ସହ ରାଜପଥର ଉଭୟ ପାର୍ଶ୍ୱରେ ହଂସପାଳ ପର୍ଯ୍ୟନ୍ତ ଗାଡିମୋଟର ଭିଡ଼ରେ ଫସି ରହିଥିଲା। ଖବର ପାଇ ଡିସିପି ଜଗମୋହନ ମିନା ଓ ଟ୍ରାଫିକ ପୋଲିସ ଦୁର୍ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିବା ସହ ଗାଡିମୋଟର ଚଳାଚଳ ସ୍ୱାଭାବିକ କରିଥିଲେ। ସୂଚନାଯୋଗ୍ୟ, ଗଦାଧର କୌଣସି କାମରେ ଭୁବନେଶ୍ୱର ଆସିଥିଲେ। ଅପରାହ୍ନ ପ୍ରାୟ ୪ଟା ୩୦ରେ ସେ ଓଡି୧୩ଏମ୍‌୪୫୨୦ ନମ୍ବର ବିଶିଷ୍ଟ ବାଇକ୍‌ରେ ଯାଉଥିବାବେଳେ ରସୁଲଗଡରୁ ବାଣୀବିହାର ଦ୍ରୁତଗତିରେ ଆସୁଥିବା ଆମ ବସ୍‌ଟି ସତ୍‌ସଙ୍ଗ ବିହାର ସମ୍ମୁଖରେ ତାଙ୍କୁ ପଛରୁ ଧକ୍କା ଦେଇଥିଲା। ଫଳରେ ବାଇକଟି ରାସ୍ତା ପାର୍ଶ୍ୱକୁ ଚାଲିଯାଇଥିବାବେଳେ ସେ ରାସ୍ତାରେ ଛିଟିକି ପଡିଥିଲେ। ଏହି ସମୟରେ ଉକ୍ତ ବସ୍‌ଟି ତାଙ୍କ ଦେହ ଓ ମୁଣ୍ଡ ଉପରେ ଚଢ଼ିଯାଇଥିଲା। ଘଟଣାସ୍ଥଳରେ ତାଙ୍କର ଜୀବନ ଚାଲିଯାଇଥିଲା। ପୋଲିସ ପହଞ୍ଚି ମୃତଦେହକୁ କ୍ୟାପିଟାଲ ହସ୍ପିଟାଲ ପଠାଇବା ସହ ଉଭୟ ଦୁର୍ଘଟଣାଗ୍ରସ୍ତ ବାଇକ ଓ ବସ୍‌କୁ ଜବତ କରିବା ସହ ରାସ୍ତା ଜାମ୍ ହଟାଇଥିଲା। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ କ୍ରୁଟ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା କ୍ଷତି ପୂରଣ ଘୋଷଣା କରିଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୩।୫।୨୦୨୬

| | |
|---|---|
| ୬,୨୬,୬୩୭ ଟଙ୍କା | |
| ସୁନା | ୩୫୦ ମିଲିଗ୍ରାମ୍ |
| ରୁପା | ୫ ଗ୍ରାମ୍ |

# ଧାର୍ମିକ ପଥ ଅନୁସରଣ କରିବା ହିଁ ଜୀବନର ମୂଳମନ୍ତ୍ର



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

### ବିଶ୍ୱ ଗଣମାଧ୍ୟମ ସ୍ୱାଧୀନତା ଦିବସ

ପୁରୀ,୩।୫(ଅଜିତ୍ କୁମାର ମହାନ୍ତି)

ଚକ୍ରତୀର୍ଥ ମାର୍ଗ ସ୍ଥିତ ୟୁଥ୍ ହଷ୍ଟେଲ ସମ୍ମିଳନୀ କକ୍ଷ ଠାରେ ପଣ୍ଡିତ ବାସୁଦେବ ମହାପାତ୍ର ସ୍ମୃତି ସ୍ମାରକୀ ଆନୁକୂଲ୍ୟରେ ମହର୍ଷି ନାରଦ ଜୟନ୍ତୀ ଓ ବିଶ୍ୱ ଗଣମାଧ୍ୟମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ସ୍ମୃତି ସ୍ମାରକୀ ସଭାପତି ବିନୟ ନୃସିଂହ ମହାପାତ୍ରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନ୍ୟାୟମୂର୍ତ୍ତି ମାନସ ରଞ୍ଜନ ମିଶ୍ର କହିଛନ୍ତି, ସନାତନ ଧର୍ମରେ ଦେବର୍ଷି ନାରଦ ହେଉଛନ୍ତି ବ୍ରହ୍ମାଣ୍ଡର ସ୍ରଷ୍ଟା ଓ ବ୍ରହ୍ମାଙ୍କ ମାନସ ପୁତ୍ର। ତାଙ୍କୁ ଭଗବାନ ବିଷ୍ଣୁଙ୍କ ପରମ ଭକ୍ତ ଏବଂ ବ୍ରହ୍ମାଣ୍ଡର ପ୍ରଥମ ଦୂତ ଭାବରେ ପୂଜା କରାଯାଏ। ଏହି ପବିତ୍ର ଦିନଟି ଆମକୁ ମନେପକାଇ ଦିଏ ଯେ, ବିନା କୌଣସି ଭେଦଭାବରେ ସତ୍ୟ ଏବଂ ଧାର୍ମିକ ପଥକୁ ଅନୁସରଣ କରି ଈଶ୍ୱରଙ୍କ ପ୍ରତି ଭକ୍ତି କରିବା ହିଁ ଜୀବନର ମୂଳମନ୍ତ୍ର ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଆ ଅଧ୍ୟାପକ ଡକ୍ଟର ପ୍ରମୋଦ କୁମାର ଦଳାଇ କହିଛନ୍ତି, ନାରଦ ମୁନିଙ୍କୁ ଦେବତାମାନଙ୍କର ଦୂତ କୁହାଯାଏ, କାରଣ ସେ ସମସ୍ତ ଜଗତ ମଧ୍ୟରେ ସୂଚନାର ଆଦାନ-ପ୍ରଦାନ କରିବାର କାର୍ଯ୍ୟ କରନ୍ତି। ଅନ୍ୟତମ ଅତିଥିଭାବେ ଡ. କାର୍ତ୍ତିକ କୁମାର ଦାସ କହିଛନ୍ତି, ଆଜିର ଦିବସକୁ ବିଶ୍ୱ ପ୍ରେସ ସ୍ୱାଧୀନତା ଦିବସ ଭାବେ ପାଳିତ ହେଉଛି। ୧୯୪୮ ମସିହା ସାର୍ବଭୌମ ମାନବାଧିକାର ଘୋଷଣା ପତ୍ରର ଅନୁଚ୍ଛେଦ ୧୯ ଅନୁଯାୟୀ ଅଭିବ୍ୟକ୍ତିର ସ୍ୱାଧୀନତାକୁ ସମ୍ମାନ ଦେବା ଉଚିତ। ସମ୍ମାନିତ ଅତିଥିଭାବେ ଶିକ୍ଷାବିତ୍ ବିଜୟଲକ୍ଷ୍ମୀ ଦାଶ, ପ୍ରଫେସର ରବିଶଙ୍କର ମିଶ୍ର, କୈଳାଶ ଚନ୍ଦ୍ର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ସାମ୍ବାଦିକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଜୟ କୁମାର ପଣ୍ଡା ସ୍ୱାଗତ ସଂଗୀତ ଗାନ କରିଥିଲେ। କାର୍ଯ୍ୟକ୍ରମରେ ଡ. ଅଭିମନ୍ୟୁ ଭୂୟାଁ, ଅଧିବକ୍ତା ରଚିତା ରାଉତରା, ପଣ୍ଡିତ ସଦାଶିବ ମିଶ୍ର, ସନ୍ତୋଷ କୁମାର ମହାନ୍ତି, ଦୟାନିଧି ତ୍ରିପାଠୀ, ବିପିନ ବିହାରୀ ଦଳାଇ, ସୁରେଶ କୁମାର ପଟ୍ଟନାୟକ, ପ୍ରତିଭା ଦାଶ, ଦୀପ୍ତି ମିଶ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ତପନ କୁମାର ସେଠୀ ଓ ସନ୍ଦୀପ କର୍ମକାର ସହଯୋଗ କରିଥିଲେ। ଶେଷରେ ଅଧିବକ୍ତା ସର୍ବାଣୀ ଦାସ ଧନ୍ୟବାଦ ଦେଇଥିଲେ।



ଚନ୍ଦନ ଚକଡାରେ ମଦନ ମୋହନ, ଭୂଦେବୀ ଓ ଶ୍ରୀଦେବୀଙ୍କୁ ରଘୁନାଥ ବେଶ କରାଯାଇଛି ।

## ସଂକ୍ଷେପରେ

### 'ପଞ୍ଚସଖା ଶିକ୍ଷାସେତୁ'ର ସମୃଦ୍ଧୀକରଣ ବୈଠକ

ବଳଙ୍ଗା,୩।୫ (କେଦାରେଶ୍ୱର ନନ୍ଦ)

ବଳଙ୍ଗା ସରକାରୀ ଉନ୍ନୀତ ଉଚ୍ଚବିଦ୍ୟାଳୟ ପକ୍ଷରୁ ସ୍ଥାନୀୟ ଭାର୍ଗବୀ ନଦୀ ତଟସ୍ଥ ଆଖଣ୍ଡଳମଣି ମନ୍ଦିର ପ୍ରାଙ୍ଗଣରେ ବିଦ୍ୟାଳୟ 'ପଞ୍ଚସଖା ଶିକ୍ଷାସେତୁ'ର ସମୃଦ୍ଧୀକରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ପଞ୍ଚସଖା ଶିକ୍ଷାସେତୁ ଆଲୁମ୍ନି କମିଟିର ପୁରାତନ ଛାତ୍ର ସଚ୍ଚିକାନ୍ତ ମହାନ୍ତି ସଭାପତିତ୍ୱ କରିଥିଲେ। ଆବାହକ ତଥା ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଏଲିଜା ବେହେରା ତଥା ବହୁସଂଖ୍ୟକ ପୁରାତନ ଛାତ୍ରୀଛାତ୍ର ଏବଂ ଅଭିଭାବକ ଉପସ୍ଥିତ ଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ଜେନା, ଅଜିତ ଚାନ୍ଦ ଦାସ, ପ୍ରଫୁଲ୍ଲ କୁମାର ବେହେରା, ସୁବାସ କୁମାର ଶତପଥୀ, ରଞ୍ଜନ କୁମାର ପ୍ରଧାନ, କେଦାରେଶ୍ୱର ନନ୍ଦ, ରବିନାରାୟଣ ମିଶ୍ର ଓ ସ୍ଥାନୀୟ ସରପଞ୍ଚ ଅଞ୍ଜଳି ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ସେହିପରି କମାକନ୍ତିଆ ସରକାରୀ ଉଚ୍ଚ ବିଦ୍ୟାଳୟର ମଧ୍ୟ ପଞ୍ଚସଖା ଶିକ୍ଷାସେତୁ କାର୍ଯ୍ୟକ୍ରମ ଗୋପ ଏବଂ ସତ୍ୟବାଦୀ ବ୍ଲକର ସହ ଶିକ୍ଷାଧିକାରୀ ପ୍ରମୋଦା କୁମାରୀ ଦାଶ ଏହି କାର୍ଯ୍ୟକ୍ରମର ଗୁରୁତ୍ୱ ବୁଝାଇଥିଲେ।

### ଶିକ୍ଷୟିତ୍ରୀଙ୍କ ଅବସର ସମ୍ବର୍ଦ୍ଧନା

ଅସ୍ତରଙ୍ଗ,୩।୫(ମମତା ଜେନା)

କାକଟପୁର ବ୍ଲକ ଅନ୍ତର୍ଗତ ବିଭୂତିପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଡ. ଦୀପ୍ତି କୁମାରୀ ମହାନ୍ତିଙ୍କୁ ଅବସର ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଆୟୋଜିତ ଉତ୍ସବରେ ପରିଚାଳନା କମିଟିର ସଭାପତି ଆଶିଷ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ କାକଟପୁର ବିଧାୟକ ତୁଷାର କାନ୍ତି ବେହେରା, ବିଶିଷ୍ଟ ଅତିଥି ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ବେହେରା, ମୁଖ୍ୟବକ୍ତା ପ୍ରଶାସକ ପ୍ରଭାତ କୁମାର ତରାଇ, ବିଶିଷ୍ଟ ବକ୍ତା ମଙ୍ଗଳା ମନ୍ଦିର ଟ୍ରଷ୍ଟ ପରିଚାଳକ କୈଳାଶ ଚନ୍ଦ୍ର ଦାଶ, ସମ୍ମାନିତ ଅତିଥି ଭାବେ ପୁରୀ ଜିଲା ନିମ୍ନ ମାଧ୍ୟମିକ ଶିକ୍ଷକ ସଂଗଠନ ସମ୍ପାଦକ ସଦାଶିବ ସାହୁ, ବିଶ୍ୱଜିତ ସ୍ୱାଇଁ, ବ୍ଲକ ସହ ଶିକ୍ଷାଧିକାରୀ ମଲ୍ଲିକ ଜାକିର ହୁସେନ, ବ୍ରହ୍ମାନନ୍ଦ କାଣ୍ଡି, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଜିଆ ଉଲ୍ଲ ହକ, ରୁକ୍‌ସାନା ବିବି, ମୁନିର ଅହମ୍ମଦ ଖାଁ, ଡ. ହୃଦାନନ୍ଦ ସାସମଲ, ଡ. ତ୍ରିଲୋଚନ ବିଶ୍ୱାଳ, ରୁକ୍‌ସାନା ଖାତୁନ, ଆଲୋକ ମିଶ୍ର ପ୍ରମୁଖ ଯୋଗଦେଇ ଗୁଣାବଳୀ ଉପରେ ବକ୍ତବ୍ୟ ଦେଇଥିଲେ।

## 'ପଞ୍ଚସଖା ଶିକ୍ଷା ସେତୁ' ସଚେତନତା ଶିବିର

କୋଣାର୍କ,୩।୫(ଜ୍ୟୋତିରାଜ ମହାନ୍ତି)

ଗୋପ ବ୍ଲକ ତଥା କୋଣାର୍କ ଥାନା ଅନ୍ତର୍ଗତ ଭୈରବ ନୋଡାଲ ୟୁପିଏସ୍ କ୍ଲଷ୍ଟରର ୧୪ଟି ବିଦ୍ୟାଳୟରେ ପଞ୍ଚସଖା ଶିକ୍ଷାସେତୁ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ସିଆର୍‌ସିସି ରବୀନ୍ଦ୍ରନାଥ ବାହିନୀପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆମିଳିଗାଁ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ, ନୂଆଗାଁ ପ୍ରାଥମିକ ବିଦ୍ୟାଳୟ, ରୁଦ୍ରାଣୀ ହାଇସ୍କୁଲ, ସିମିଳି ପିୟୁପିଏସ, ଶିରିପୁର ପିୟୁପିଏସ, ରୁଦ୍ରାୟଣୀ ନୋଡାଲ ୟୁପିଏସ୍, ଭୈରବ ନୋଡାଲ ୟୁପିଏସ, ମାଟିଆପଡ଼ା ଏନ୍‌ୟୁପିଏସ, କୁନଙ୍ଗ ପ୍ରକଳ୍ପ ପିଏସ୍, ବନାଖଣ୍ଡି ପିଏସ, ବାହାରଣା ପିଏସ୍, ପାଇକେରାପୁର ପିଏସ୍ ଓ ଖରାଗାଁ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଚେତନତା ଶିବିରରେ ପୁରାତନ ଛାତ୍ରୀଛାତ୍ର, ପରିଚାଳନା କମିଟି ସଦସ୍ୟ, ଅଭିଭାବକ, ଶିକ୍ଷାବିତ୍ ଓ ସମାଜସେବୀ ଯୋଗଦେଇଥିଲେ। ସରକାରଙ୍କ ପଞ୍ଚସଖା ଶିକ୍ଷା ସେତୁ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟରେ ଆଲୁମ୍ନି କମିଟି ଓ ପଞ୍ଚସଖା ଶିକ୍ଷାସେତୁ କମିଟି ଗଠନ କରାଯାଇଛି। ଗୋପ ବ୍ଲକର ସମସ୍ତ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟରେ ପଞ୍ଚସଖା ଶିକ୍ଷାସେତୁ ସଚେତନତା ଶିବିର ଆୟୋଜିତ ହୋଇଛି। ଆଲୁମ୍ନି କମିଟି, ସମାଜସେବୀ ଓ କର୍ପୋରେଟ ସଂସ୍ଥାଙ୍କ ଆର୍ଥିକ ସହଯୋଗରେ କ୍ଲଷ୍ଟର ଅନ୍ତର୍ଗତ ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ବିକାଶ ପାଇଁ ସରକାରଙ୍କୁ ଖୁବ୍‌ଶୀଘ୍ର ପ୍ରସ୍ତାବ ଦିଆଯିବ ବୋଲି ଗୋପ ମଣ୍ଡଳ ଶିକ୍ଷାଧିକାରୀ ଅମିତା ସେନାପତି ପ୍ରକାଶ କରିଛନ୍ତି।

## ରୋଷେଇକୁ କେନ୍ଦ୍ରକରି ବୋହୂଙ୍କୁ ଆକ୍ରମଣ

ବଳଙ୍ଗା,୩।୫(କେଦାରେଶ୍ୱର ନନ୍ଦ)

ସାମାନ୍ୟ ରୋଷେଇ କରିବାକୁ କେନ୍ଦ୍ରକରି ବଳଙ୍ଗା ଥାନା ଅନ୍ତର୍ଗତ ନୂଆସନ୍ଥ ଗ୍ରାମରେ ବୋହୂଙ୍କୁ ଶ୍ୱଶୁର ଆକ୍ରମଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ଥାନାରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରିରଖିଛି। ନୂଆସନ୍ଥ ଗ୍ରାମର ଅଶ୍ୱିନୀ ନାୟକଙ୍କ ପତ୍ନୀ କୁନି ନାୟକ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ଅଶ୍ୱିନୀ ବାହାରେ ରହୁଥିବାରୁ କୁନି ନିଜର ୨ପୁଅଙ୍କ ସହିତ ଶ୍ୱଶୁର ନରେନ୍ଦ୍ରଙ୍କ ପାଖରେ ରହୁଛନ୍ତି। ନରେନ୍ଦ୍ର ଅନେକ ସମୟରେ ମଦ୍ୟପାନ କରି କୁନିଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରନ୍ତି। ଗତ ୨ଦିନ ତଳେ ନରେନ୍ଦ୍ର ମାଛ ଆଣି ତରକାରୀ କରିବା ପାଇଁ ବୋହୂ କୁନିଙ୍କୁ ଦେଇଥିଲେ। କୁନି ମାଛ ତରକାରି କରିବା ପରେ ଗ୍ୟାସ ସରିଯିବାରୁ ଜାଳର ସୁବିଧା ନ ଥିବାରୁ ସେ ଭାତ ରାନ୍ଧି ପାରି ନ ଥିଲେ। ସନ୍ଧ୍ୟାରେ ନରେନ୍ଦ୍ର ଘରକୁ ଆସି ଖାଇବାକୁ ମାଗିବାରୁ କୁନି ଖାଇବାକୁ ବାଢ଼ିଥିଲେ। ତେବେ ଭାତ ଦିନବେଳାର ହୋଇଥିବାରୁ ନରେନ୍ଦ୍ର ଉକ୍ତ ଭାତ ଓ ମାଛ ତରକାରିକୁ ବାହାରକୁ ଫୋପାଡ଼ି ଦେଇ କୁନିଙ୍କୁ ଏକ ବାଉଁଶରେ ପିଟିଥିଲେ। ଫଳରେ କୁନିଙ୍କ ଶରୀରରେ ଆଘାତ ଲାଗିଥିଲା ଓ ସେ ନିଜ ବାପଘରକୁ ଖବର ଦେଇଥିଲେ। ଖବରପାଇ ବାପା ଓ ସାନ ଭଉଣୀ ଆସି ନରେନ୍ଦ୍ରଙ୍କୁ ପଚାରିବାରେ ସେମାନଙ୍କୁ ଗାଳିଗୁଲଜ କରି ଆକ୍ରମଣ କରିଥିଲେ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି।

## ଦିବ୍ୟାଙ୍ଗ ଛାତ୍ର ପ୍ରିୟାଂଶୁଙ୍କ ସଫଳତା

କାକଟପୁର,୩।୫ (ପ୍ରଦୀପ୍ତ କୁମାର ଦୀକ୍ଷିତ)

ଚଳିତ ବର୍ଷର ଦଶମ ଶ୍ରେଣୀ ମାଟ୍ରିକ ବୋର୍ଡ ପରୀକ୍ଷା ଫଳ ପ୍ରକାଶ ପାଇଛି । ଏହି ପରୀକ୍ଷାରେ କାକଟପୁର ବ୍ଲକର ଜଣେ ଦିବ୍ୟାଙ୍ଗ ଛାତ୍ରଙ୍କ ସଫଳତା ଦେଖିବାକୁ ମିଳିଛି। ଏହି ସଫଳତା ପରିବାରବର୍ଗଙ୍କ ପାଇଁ ଖୁସି ଆଣିଦେଇଛି। କାକଟପୁର ବ୍ଲକ ଅଧୀନ ଅବଦାନ ପଞ୍ଚାୟତର ପଳାବସ୍ତ ଗ୍ରାମର ଲଳିତ ନାୟକ ଓ ଗୀତା ନାୟକଙ୍କ ବଡ଼ପୁଅ ପ୍ରିୟାଂଶୁ ପ୍ରିୟଦର୍ଶୀ ନାୟକ ଜନ୍ମରୁ ଭିନ୍ନକ୍ଷମ ଥାଇ ମଧ୍ୟ ହାର ମାନି ନାହାନ୍ତି । ମାଟ୍ରିକ ପରୀକ୍ଷାରେ ୫୪୦ ମାର୍କ ରଖି ଏ-୧ ଗ୍ରେଡ୍ ସଫଳତା ସହ ହାସଲ କରିଛନ୍ତି।

## ରଥଖଳାରୁ...

### ତୁମ୍ବରେ ସଂଯୁକ୍ତ ଅରରେ ପଇପିନ୍ଧା ଅନୁକୂଳ ସମ୍ପନ୍ନ

ପୁରୀ,୩।୫(ଅଜିତ୍ କୁମାର ମହାନ୍ତି)

ରଥ ନିର୍ମାଣର ତ୍ରୟୋଦଶ ଦିବସରେ ତିନି ରଥର ନିର୍ମାଣକାରୀ ସେବକମାନେ ମୁଖ୍ୟ ମହାରଣାଙ୍କ ମାର୍ଗଦର୍ଶନରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ରବିବାର ତିନିରଥର ପଇ ବିନ୍ଧ ଅନୁକୂଳ ସହ ତୁମ୍ବ ଅରରେ ପଇପିନ୍ଧା ଅନୁକୂଳ ସମ୍ପନ୍ନ ହୋଇଛି। ଚକା ଡେରା ନୀତି ପାଇଁ ତିନିରଥର ଦୁଇଟି ଲେଖାଏଁ ଚକ ପ୍ରସ୍ତୁତି ଶେଷପର୍ଯ୍ୟାୟରେ ପହଞ୍ଚିଛି। ଭଉଁରୀ ତିଥିରେ ଚକା ଡେରା ନୀତି ପାଇଁ ପ୍ରତି ରଥର ଦୁଇଟି ଲେଖାଏଁ ନାହାକା ଚକ ପାଇଁ ପ୍ରଥମ ପର୍ଯ୍ୟାୟରେ ୮ ଲେଖାଏଁ ପଇର ବିନ୍ଧ କାର୍ଯ୍ୟ ଆରମ୍ଭ ହୋଇଛି। ପଇ ବିନ୍ଧ ଶେଷ ପରେ ତୁମ୍ବରେ ସଂଯୁକ୍ତ ଅରରେ ପଇ ପିନ୍ଧା ଅନୁକୂଳ ବିଧିମତେ ସମ୍ପନ୍ନ ହୋଇ ତିନିରଥର ମହାରଣା ଏବଂ ଭୋଇ ସେବକଙ୍କ ଉଦ୍ୟମରେ ନାହାକା ତୁମ୍ବରେ ସଂଯୁକ୍ତ ଅରରେ ପଇପିନ୍ଧା କାର୍ଯ୍ୟ ଶେଷ କରିଥିଲେ। ଏଥିସହ ଆଜି ସୁଦ୍ଧା ତିନିରଥର ୧୧ଟି ଲେଖାଏଁ ସାଲ ଗୁଜ, ୯ଟି ଲେଖାଏଁ ଜଳଯନ୍ତ୍ର, ୧୨ଟି ଲେଖାଏଁ କୁତ୍ତୁକା ଏବଂ ୮ ଟି ଲେଖାଏଁ ତୀଖ ଗୁଜ ଶେଷ ହୋଇଛି। ଦୋଳବେଦୀ ଅସ୍ଥାୟୀ କମାର ଶାଳରେ ଓଝା କମାର ସେବକମାନେ ତିନି ରଥର ନାହାକା ଚକର ଆବଶ୍ୟକ ଅର କଣ୍ଟା ସହ ପନ୍ଦାରି ନିର୍ମାଣ ଜାରି ରଖିଛନ୍ତି।



## ଶଙ୍କରେଶ୍ୱର ମହାଦେବଙ୍କ କ୍ଷୀର ସାଗର

ପୁରୀ,୩।୫(ଅଜିତ୍ କୁମାର ମହାନ୍ତି)

ବୈଶାଖ ପୂର୍ଣ୍ଣିମା ଅବସରରେ ପୁରୀର ଅନ୍ୟତମ ଶୈବମନ୍ଦିର ଶଙ୍କରେଶ୍ୱର ମହାଦେବଙ୍କ କ୍ଷୀରସାଗର ଅନୁଷ୍ଠିତ ହୋଇଛି। ଏହି ପରିପ୍ରେକ୍ଷୀରେ ଶ୍ରୀଶ୍ରୀ ଶଙ୍କରେଶ୍ୱର ଦେବ କ୍ଷୀରସାଗର ମହୋତ୍ସବ ଅନୁଷ୍ଠିତ ହୋଇଛି। କ୍ଷୀରସାଗର ମହୋତ୍ସବରେ ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ (ଲକି), ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପୁରୀ ସଦର ବ୍ଲକ ଚେୟାରମ୍ୟାନ ଦିବାକର ପାତ୍ର, ବରିଷ୍ଠ ସେବକ ମଧୁସୂଦନ ସିଂହାରୀ, ସମାଜସେବୀ ରାମଚନ୍ଦ୍ର ହୋତା, କୃଷ୍ଣଚନ୍ଦ୍ର ପଣ୍ଡା, ଇଂ. ପ୍ରଦୀପ୍ କୁମାର ବେହେରା, ୧୮ଦେଶ ଯାଦବ ସମିତିର ସଭାପତି ଗଙ୍ଗାଧର ବେହେରା, ଉପ-ସଭାପତି ଚିରଞ୍ଜୀବ ଜେନା, ସମ୍ପାଦକ ପ୍ରଶାନ୍ତ କୁମାର ଯାଦବ, କୋଷାଧ୍ୟକ୍ଷ ଗୌରାଙ୍ଗ ବେହେରା, ସହ-ସମ୍ପାଦକ ପୀତବାସ ବେହେରା, ପୁରୀ ସିଂହସ୍ଥାନ ଯାଦବ ସମିତିର ସଭାପତି ସନ୍ତୋଷ କୁମାର ବେହେରାଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।



ବୈଶାଖ ପୂର୍ଣ୍ଣିମାନେ ପୁରୀ ଶଙ୍କରେଶ୍ୱର ମନ୍ଦିରରେ ଯାଦବ ମାନଙ୍କ ଦ୍ୱାରା ଖିର ସାଗର ଉତ୍ସବ ଅନୁଷ୍ଠିତ ହେଉଛି ।

## ବଳରାମ ଦାସଙ୍କ ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ସଭା

ପୁରୀ,୩।୫(ଅଜିତ୍ କୁମାର ମହାନ୍ତି )

ସାରସ୍ୱତ ସାଧକ ବଳରାମ ଦାସଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ପୁରୀ କ୍ଲବ ସଭାଗୃହ ରେ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟିକ ମାନସ ଦାସଙ୍କ ସଭାପତିତ୍ୱରେ ସ୍ମୃତି ସଭାରେ ସାହିତ୍ୟିକ ଗୁରୁକଲ୍ୟାଣ ମହାପାତ୍ର, ଉଦୟନାଥ ସାହୁ, ଦୁର୍ଗାମାଧବ ନନ୍ଦ, ଡ. ଚିତ୍ତରଞ୍ଜନ ମିଶ୍ର, ମାନସ ରଞ୍ଜନ ମହାପାତ୍ର, ଉମାକାନ୍ତ ମହାପାତ୍ର, ସଦାଶିବ ମିଶ୍ର, ସତ୍ୟ ନାରାୟଣ ମିଶ୍ର, ବିପିନ ବିହାରୀ ଦଳାଇ, ଲକ୍ଷ୍ମୀକାନ୍ତ ତ୍ରିପାଠୀ, ମଞ୍ଜୁଶ୍ରୀ ମିଶ୍ର, ଇଂ. ମୀନକେତନ, ସନ୍ନ୍ୟାସୀ ନାୟକ, ଡ. ଶଙ୍କର୍ଷଣ ପ୍ରଧାନ, ସୁଜାତା ସିହ୍ନା, ବିଚିତ୍ରା ଦାଶ, ସୁଦୀପ୍ତା ମିଶ୍ର ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି ଅବସରରେ ସ୍ମରଣିକା 'ଅଜାତ ଶତ୍ରୁ' ଉନ୍ମୋଚିତ ହୋଇଥିଲା। ଦିବଂଗତ ଦାସ ଥିଲେ ଜଣେ ନୀରବ ସାଧକ। ଆଧ୍ୟାତ୍ମିକ ଓ ସାରସ୍ୱତ କ୍ଷେତ୍ରରେ ସେ ସ୍ୱତନ୍ତ୍ର ଆସନ ଅଳଙ୍କୃତ କରିଥିଲେ। ଭଞ୍ଜ ସାହିତ୍ୟ ଓ ଓଡ଼ିଶାର ସଂସ୍କୃତି, ଓଡ଼ିଆ ଗୀତି କବିତାର ରୂପ ଓ ରୂପାନ୍ତର, ସାହିତ୍ୟ ସଂସ୍କୃତି ଓ ଶ୍ରୀଜଗନ୍ନାଥ, ଆଶ୍ଚର୍ଯ୍ୟ ଆକାଶ, ଅଦୃଶ୍ୟ ଅଭିସାର, ଭରା ନଈର ଶ୍ରାବଣ, ଭାଙ୍ଗି ପଡୁଥିବା ଆକାଶ ଭଳି କୋ ଖଣ୍ଡ ପୁସ୍ତକର ସେ ସ୍ରଷ୍ଟା ଥିଲେ ବୋଲି ବଳରାମ ପ୍ରେମୀମାନେ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସ୍ମୃତିଚାରଣ ସଭାକୁ 'ଅଭିନନ୍ଦନିକା'ର ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି ସଞ୍ଚାଳନ କରିଥିଲେ।

## ସେପ୍ଟେମ୍ବର ୧ରୁ ସାପ୍ତାହିକ ଶ୍ରୀମଦ୍ ଭାଗବତ କଥା

ପୁରୀ,୩।୫(ଅଜିତ୍ କୁମାର ମହାନ୍ତି)

ଉତ୍ତରପ୍ରଦେଶ ବୃନ୍ଦାବନ ସ୍ଥିତ ବାତ୍ସଲ୍ୟ ଗ୍ରାମ ପରମ ଶକ୍ତିପୀଠ ତରଫରୁ ବଳିଆପଣ୍ଡା ସ୍ଥିତ ସେଭେନ ହିଲ୍ ହୋଟେଲ ପରିସରରେ ସେପ୍ଟେମ୍ବର ୧ରୁ ୭ ପର୍ଯ୍ୟନ୍ତ ସାପ୍ତାହିକ ଶ୍ରୀମଦ ଭାଗବତ କଥା ଆୟୋଜିତ ହେବାକୁ ଯାଉଛି। କଥା ବ୍ୟାସ ରୂପେ ଭାରତ ବର୍ଷର ଚର୍ଚ୍ଚିତ ଚେହେରା ଉତ୍ତରପ୍ରଦେଶ ବୃନ୍ଦାବନସ୍ଥିତ ବାତ୍ସଲ୍ୟ ଗ୍ରାମ ପରମ ଶକ୍ତିପୀଠର ମୁଖ୍ୟ ଦିଦିମା ତଥା ଶ୍ରୀରାମ ମନ୍ଦିର ଆନ୍ଦୋଳନର ମୁଖ୍ୟ ନାୟିକା ପଦ୍ମ ଭୂଷଣ ସ୍ୱାଧୀ ରତୁମ୍ଭରା ଜୀ ନିଜର ଓଜସ୍ୱିନୀ ଶବ୍ଦ ସଂଯୋଜନା ମାଧ୍ୟମରେ ଭାଗବତ କଥା ବାଚନ କରିବେ। ଏହି ପରିପ୍ରେକ୍ଷୀରେ ପୁରୀ ସର୍କିଟ ହାଉସ ଠାରେ ପୁରୀ ଏମ୍‌ପି ଡ. ସମ୍ବିତ ପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶକ୍ତିପୀଠର ସ୍ୱାଧୀ ଶିରୋମଣୀ ଜୀ, ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଜୟ ଭଗବାନ ଅଗ୍ରୱାଲ, ଓଡ଼ିଶାର ବରିଷ୍ଠ ଭାଜପା ନେତା ତଥା ସମାଜସେବୀ ଉମେଶ ଖଣ୍ଡେଲୱାଲ, ରାକେଶ ଦାସ, ପ୍ରଶାନ୍ତ ସାହୁ, ବେଲ୍ଲା ଗାନ୍ଧୀ, ଗଣମାଧ୍ୟମ ସଂଯୋଜକ ବରିଷ୍ଠ ସାମ୍ବାଦିକ ବିଷ୍ଣୁଦତ୍ତ ଦାସ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଦେଶ ବିଦେଶରୁ ୧ ହଜାର ଶ୍ରଦ୍ଧାଳୁଙ୍କ ସମେତ ସାଧୁ, ସନ୍ଥ, ଜଗଦ୍‌ଗୁରୁ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଓଡ଼ିଶାର ମନ୍ତ୍ରିମଣ୍ଡଳ ସଦସ୍ୟ, ବିଭିନ୍ନ ରାଜ୍ୟର ସାଂସଦ ଶ୍ରଦ୍ଧାଳୁ ରୂପେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ବୈଠକ ପରେ ପ୍ରତିନିଧି ମଣ୍ଡଳୀ ପୁରୀ ଏସ୍‌ପି ପ୍ରତୀକ ସିଂଙ୍କ ସହିତ ସୁରକ୍ଷା ପାଇଁ ଆଲୋଚନା କରିଥିଲେ।



ବୈଠକରେ ଏମ୍‌ପିଙ୍କ ସମେତ ଅନ୍ୟ ଅଧିକାରୀମାନେ ।

## ରୋଗପୋକ ଲାଗି ୩୦୦ ଏକର ଧାନଫସଲ ନଷ୍ଟ

### ଚାଷୀଙ୍କୁ କ୍ଷତିପୂରଣ ଦେବା ପାଇଁ ଜିଲାପାଳଙ୍କ ନିକଟରେ ଦାବି

ନିମାପଡ଼ା,୩।୫(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବ୍ଲକ ଅନ୍ତର୍ଗତ ଅଲଣ୍ଡା ପଞ୍ଚାୟତର ତାଳତଅଁଳା ଗ୍ରାମରେ ରୋଗପୋକ ଲାଗି ଶତାଧିକ ଚାଷୀଙ୍କର ପ୍ରାୟ ୩ଶହ ଏକର ଜମିରେ ଖରାଦିନିଆ ଧାନ ଫସଲ ନଷ୍ଟ ହୋଇଯାଇଛି। ଫସଲ କ୍ଷତି ଯୋଗୁ ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି। ଧାନ ଅମଳ ସମୟରେ ରୋଗପୋକ ଲାଗି ଏଭଳି ଫସଲହାନି ଘଟିବା ଚାଷୀମାନଙ୍କୁ ଶକ୍ତଧକ୍କା ଦେଇଛି।

ଏହି ଖବର ଜଣାପଡ଼ିବା ପରେ ନିମାପଡ଼ା ଜାଗ୍ରତ ଯୁବଶକ୍ତି ସଂଗଠନର ଆବାହକ ଆଦର୍ଶ ଦାଶ, ସଂଯୋଜକ ସମୀର ରଞ୍ଜନ ରାଉତରାୟ, ମୁଖ୍ୟ କାର୍ଯ୍ୟନିର୍ବାହୀ ବିଜୟାନନ୍ଦ ଦାସ, ଉପଦେଷ୍ଟା ଅଜୟ କୁମାର ମିଶ୍ରଙ୍କ ସମେତ ସଂଗଠନର ଏକ ସ୍ୱତନ୍ତ୍ର ଟିମ୍ ଚାଷ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ପରଖିଥିଲେ ଓ କ୍ଷତିଗ୍ରସ୍ତ ଚାଷୀଙ୍କ ସହ ଆଲୋଚନା କରିଥିଲେ। କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ଯୋଗାଇଦେବା, ସମସ୍ତ ଚାଷୀଙ୍କୁ ବୀମାଭୁକ୍ତ କରାଯିବା, ଜିଲା କୃଷି ଅଧିକାରୀ ତୁରନ୍ତ କ୍ଷେତ୍ର ପରିଦର୍ଶନ କରିବା ସମ୍ପର୍କରେ ଜାଗ୍ରତ ଯୁବଶକ୍ତି ସଂଗଠନ ପକ୍ଷରୁ ରାଜ୍ୟ ସରକାର ଓ ଜିଲା ପ୍ରଶାସନ ନିକଟରେ ଦୃଢ଼ ଦାବି କରାଯାଇଥିବାବେଳେ ଏହି ଦାବି ସମ୍ପର୍କରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଶନିବାର ନିମାପଡ଼ା ବିଡିଓ ଡ. ଅଭିଜିତ ଷଡ଼ଙ୍ଗୀ, ବ୍ଲକ କୃଷି ଅଧିକାରୀ ପ୍ରିୟବ୍ରତ ପୃଷ୍ଟି ପ୍ରମୁଖଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।




ଜାଗ୍ରତ ଯୁବଶକ୍ତି ସଂଗଠନର କର୍ମକର୍ତ୍ତାମାନେ ବ୍ଲକ କାର୍ଯ୍ୟାଳୟରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

## ୧୩ ଗ୍ରାମ ବ୍ରାଉନସୁଗାର ଜବତ, ୨ ଗିରଫ

ଭୁବନେଶ୍ୱର,୩।୫(ପ୍ରସନଜିତ୍ ସାହୁ): ବେଆଇନ ବ୍ରାଉନସୁଗାର ବ୍ୟବସାୟ ଅଭିଯୋଗରେ ରବିବାର ଚନ୍ଦ୍ରଶେଖରପୁର ଥାନା ପୋଲିସ ୨ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ନୀଳାଦ୍ରିବିହାରର ତୋଫାନ ନାୟକ ଓ ହାପି ନାୟକ। ରବିବାର ସକାଳ ୯ଟାରେ ଅଭିଯୁକ୍ତ ଦ୍ୱୟ ବ୍ରାଉନସୁଗାର ବିକ୍ରୟ ପାଇଁ ଗ୍ରାହକଙ୍କୁ ଅପେକ୍ଷା କରି ରହିଥିବାବେଳେ ଖବର ପାଇଁ ପୋଲିସ ସେଠାରେ ଚାଢ଼ଉ କରି ସେମାନଙ୍କୁ ଗିରଫ କରିଥିଲା। ଯାଞ୍ଚବେଳେ ସେମାନଙ୍କ ନିକଟରୁ ୧୩ ଗ୍ରାମ ବ୍ରାଉନସୁଗାର ଓ ୧୧ ଶହ ଟଙ୍କା ଜବତ କରାଯାଇଥିଲା। ସେମାନେ ବାଲେଶ୍ୱରରୁ ବ୍ରାଉନସୁଗାର ଆଣି ଏଠାରେ ବିକ୍ରି କରୁଥିବା କହିଥିଲେ। ୨ ଅଭିଯୁକ୍ତ ଅଭ୍ୟାସଗତ ଅପରାଧୀ ହୋଇଥିବାବେଳେ ସେମାନଙ୍କୁ କୋର୍ଟ ଚାଲାଣ ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ପୋଲିସ ସୂଚନା ଦେଇଛି।

## କାର୍ ସହ ୧୦ଲକ୍ଷ ଟଙ୍କାର ଗଞ୍ଜେଇ ଜବତ

ଜଟଣୀ,୩।୫(ରବୀନ୍ଦ୍ରନାଥ ମହାକୁଡ଼) ଜଟଣୀ ଅବକାରୀ ବିଭାଗ ପକ୍ଷରୁ ରବିବାର କାର୍ ସହ ଏକ କୁଇଣ୍ଟାଲ ଗଞ୍ଜେଇ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତି ନେଇ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ କନ୍ଧମାଳ ଜିଲା ଫିରିଙ୍ଗିଆ ଅଞ୍ଚଳର ଅଶୋକ ଦିଗଲ। ତେବେ ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୦ଲକ୍ଷ ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଫିରିଙ୍ଗିଆ ଅଞ୍ଚଳର ଅଶୋକ ସମ୍ପର୍କୀୟଙ୍କ କାର୍‌ରେ ଏକ କୁଇଣ୍ଟାଲ ଗଞ୍ଜେଇ ସହ ନିଜ ପରିବାରକୁ ଧରି ପିପିଲି ଅଭିମୁଖେ ଆସୁଥିଲେ। ଖବରପାଇ ଅବକାରୀ ବିଭାଗ ଖୋର୍ଦ୍ଧା ପିତାପଲ୍ଲୀ ଛକରେ ଚଢ଼ାଉ କରି କାର୍ ସହ ଗଞ୍ଜେଇ ଜବତ କରିଥିଲା। ଏହି ଗଞ୍ଜେଇ ଚୋରା ଚାଲାଣ ରାକେଟରେ ଅନ୍ୟ କେଉଁମାନଙ୍କ ସମ୍ପୃକ୍ତି ରହିଛି ସେ ନେଇ ତଦନ୍ତ ଜାରି ରହିଛି ବୋଲି ଜଟଣୀ ଅବକାରୀ ବିଭାଗ ଭାରପ୍ରାପ୍ତ ଅଧିକାରୀ ସୁଜିତ୍ ମୁଦୁଲି କହିଛନ୍ତି।


ଦୁର୍ଘଟଣା ପରେ ସେହିବାଟ ଦେଇ ଯାଉଥିବା ଆମବସ୍‌ଗୁଡ଼ିକୁ ଲୋକେ ଅଟକାଇ ପ୍ରତିବାଦ କରୁଛନ୍ତି।


ଉତ୍ତ୍ୟକ୍ତ ଲୋକଙ୍କୁ ପୋଲିସ ବୁଝାଶୁଝା କରୁଛି। (ଫଟୋ: ବିକାଶ ନାୟକ)

# ରକ୍ତମୁଖା ଆମ ବସ୍, ପୁଣି ଜୀବନ ନେଲା

**ଉତ୍ତେଜନା, ରାସ୍ତାରୋକୋ, ଘଣ୍ଟାଏ ରାସ୍ତାଜାମ୍**

- ପଛରୁ ଧକ୍କା ଦେଇ ବାଇକ୍ ଆରୋହୀଙ୍କ ଉପରେ ଚଢ଼ିଗଲା
- ୨ଲକ୍ଷ ଟଙ୍କାର ସହାୟତା ଘୋଷଣା କଲା କ୍ରୁଟ୍

ଭୁବନେଶ୍ୱର,୩।୫(ପ୍ରସନଜିତ୍ ସାହୁ)

ରକ୍ତମୁଖା ହେଉଛି ଆମ ବସ୍। ରାଜଧାନୀ ଭୁବନେଶ୍ୱରରେ ଜଣକ ପରେ ଆଉଜଣଙ୍କ ଜୀବନ ନେଉଛି। ଶହୀଦନଗର ଥାନା ଅନ୍ତର୍ଗତ ସତ୍‌ସଙ୍ଗ ବିହାର ସମ୍ମୁଖ ଶହୀଦନଗର ପାର୍ଶ୍ୱ ଜାତୀୟ ରାଜପଥରେ ରବିବାର ଅପରାହ୍ନରେ ଏକ ବାଇକ୍‌କୁ ପଛରୁ ଧକ୍କା ଦେବା ପରେ ଚଢ଼ିଯିବାରୁ ଘଟଣାସ୍ଥଳରେ ବାଇକ୍‌ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତିଜଣକ ହେଲେ ପୁରୀ ଜିଲା ସତ୍ୟବାଦୀ ଥାନା ଅନ୍ତର୍ଗତ ଭୀମପୁର ଗ୍ରାମର ଗଦାଧର ସାହୁ (୪୬)। ଖବର ପ୍ରଚାରିତ ହୋଇଯିବା ପରେ ସେଠାରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକଙ୍କ ସହ ବାଟରେ ଯାଉଥିବା ଲୋକେ ରାସ୍ତାରୋକୋ କରିବା ସହ ସେହିବାଟ ଦେଇ ଆସୁଥିବା ୧୦ରୁ ଊର୍ଦ୍ଧ୍ୱ ଆମ ବସ୍‌କୁ ଅଟକାଇଥିଲେ। ଫଳରେ ଘଣ୍ଟାଏ ପର୍ଯ୍ୟନ୍ତ ଗାଡିମୋଟର ଚଳାଚଳ ବ୍ୟାହତ ହେବା ସହ ରାଜପଥର ଉକ୍ତ ପାର୍ଶ୍ୱରେ ହଂସପାଳ ପର୍ଯ୍ୟନ୍ତ ଗାଡିମୋଟର ଭିଡ଼ରେ ଫସି ରହିଥିଲା। ଖବର ପାଇ ଡିସିପି ଜଗମୋହନ ମିନା ଓ ଟ୍ରାଫିକ ପୋଲିସ ଦୁର୍ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିବା ସହ ଗାଡିମୋଟର ଚଳାଚଳ ସ୍ୱାଭାବିକ କରିଥିଲେ। ସୂଚନାଯୋଗ୍ୟ, ଗଦାଧର କୌଣସି କାମରେ ଭୁବନେଶ୍ୱର ଆସିଥିଲେ। ଅପରାହ୍ନ ପ୍ରାୟ ୪ଟା ୩୦ରେ ସେ ଓଡି୧୩ଏମ୍‌୪୫୨୦ ନମ୍ବର ବିଶିଷ୍ଟ ବାଇକ୍‌ରେ ଯାଉଥିବାବେଳେ ରସୁଲଗଡରୁ ବାଣୀବିହାର ଦ୍ରୁତଗତିରେ ଆସୁଥିବା ଆମ ବସ୍‌ଟି ସତ୍‌ସଙ୍ଗ ବିହାର ସମ୍ମୁଖରେ ତାଙ୍କୁ ପଛରୁ ଧକ୍କା ଦେଇଥିଲା। ଫଳରେ ବାଇକଟି ରାସ୍ତା ପାର୍ଶ୍ୱକୁ ଚାଲିଯାଇଥିବାବେଳେ ସେ ରାସ୍ତାରେ ଛିଟିକି ପଡିଥିଲେ। ଏହି ସମୟରେ ଉକ୍ତ ବସ୍‌ଟି ତାଙ୍କ ଦେହ ଓ ମୁଣ୍ଡ ଉପରେ ଚଢ଼ିଯାଇଥିଲା। ଘଟଣାସ୍ଥଳରେ ତାଙ୍କର ଜୀବନ ଚାଲିଯାଇଥିଲା। ପୋଲିସ ପହଞ୍ଚି ମୃତଦେହକୁ କ୍ୟାପିଟାଲ ହସ୍ପିଟାଲ ପଠାଇବା ସହ ଉଭୟ ଦୁର୍ଘଟଣାଗ୍ରସ୍ତ ବାଇକ ଓ ବସ୍‌କୁ ଜବତ କରିବା ସହ ରାସ୍ତା ଜାମ୍ ହଟାଇଥିଲା। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ କ୍ରୁଟ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା କ୍ଷତି ପୂରଣ ଘୋଷଣା କରିଛି।



ଦୁର୍ଘଟଣାଗ୍ରସ୍ତ ଆମ ବସ୍ ଓ ବାଇକ୍।

## ଶାରୀରିକ କୌଶଳ ପ୍ରଦର୍ଶନ କଲେ ସ୍ୱୟଂସେବକ

**ଆର୍‌ଏସ୍‌ଏସ୍ କେଶବ ପ୍ରଭାତ ଶାଖାର ବାର୍ଷିକୋତ୍ସବ**

ଭୁବନେଶ୍ୱର,୩।୫ (ସୌମ୍ୟରଞ୍ଜନ ରାଉତ)

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) କେଶବ ପ୍ରଭାତ ଶାଖାର ୯ମ ବାର୍ଷିକ ଉତ୍ସବ ଡ. ଏପିଜେ ଅବଦୁଲ୍ କଲାମ ପାର୍କ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ସ୍ୱୟଂସେବକମାନେ ସେମାନଙ୍କ ଅନୁଶାସନ ଓ ନିଷ୍ଠାର ପ୍ରଦର୍ଶନ କରିଥିଲେ। ମୁଖ୍ୟ ଅତିଥି ଭାବେ ଡ. ପ୍ରଦ୍ୟୁତ କୁମାର ବିଶ୍ୱାଳ ଯୋଗଦେଇ ସମାଜ ଗଠନ ତଥା ରାଷ୍ଟ୍ର ନିର୍ମାଣରେ ସଂଘର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ଖଣ୍ଡଗିରି ଭାଗର ସଂଘଚାଳକ ବିଜୟ କେତନ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଭୁବନେଶ୍ୱର ମହାନଗରର ଗ୍ରାମ ବିକାଶ ପ୍ରମୁଖ ଗୁଣନିଧି ବେହେରା ଯୋଗଦେଇ ସ୍ୱୟଂସେବକମାନଙ୍କୁ ସଂଘର ସୃଷ୍ଟି, ଏହାର ବିଚାରଧାରା, ସାମାଜିକ ଦାୟିତ୍ୱବୋଧ, ସେବା ମନୋଭାବ ଏବଂ ବିଭିନ୍ନ ଗତିବିଧି ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ଏହି ଅବସରରେ ଶାଖାର ସ୍ୱୟଂସେବକଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ଶାରୀରିକ କୌଶଳ ପ୍ରଦର୍ଶନ କରାଯାଇଥିଲା। ଉତ୍ସବର ମୁଖ୍ୟ ଶିକ୍ଷକ ଭାବେ ପୀତବାସ ଦାସ କାର୍ଯ୍ୟ ସମ୍ପାଦନ କରିଥିବାବେଳେ ପ୍ରାଣବନ୍ଧୁ ନାୟକଙ୍କ ଦ୍ୱାରା ସଂଘ ପ୍ରାର୍ଥନା ବୋଲାଯାଇ କାର୍ଯ୍ୟକ୍ରମ ଶେଷ ହୋଇଥିଲା। ଉତ୍ସବରେ ପ୍ରାୟ ୮୦ଜଣ ସ୍ୱୟଂସେବକ ଅଂଶଗ୍ରହଣ କରିଥିଲେ।


ସ୍ୱୟଂସେବକମାନେ ଶାରୀରିକ କୌଶଳ ପ୍ରଦର୍ଶନ କରୁଛନ୍ତି।

## ସୁରକ୍ଷିତ ରହିଲା ମହାତ୍ମା ଗାନ୍ଧୀଙ୍କ ଚିଠି

ଭୁବନେଶ୍ୱର,୩।୫(ସୌମ୍ୟରଞ୍ଜନ ରାଉତ)

ସ୍ୱାଧୀନତା ସଂଗ୍ରାମୀ ଚନ୍ଦ୍ରମଣି ପ୍ରଧାନଙ୍କର ମହାତ୍ମା ଗାନ୍ଧୀଙ୍କ ସହ ନିବିଡ଼ ସମ୍ପର୍କ ଥିଲା। ଗାନ୍ଧିଜୀଙ୍କ ସହ ତାଙ୍କର ଚିଠି ଦିଆନିଆ ଚାଲିଥିଲା। ତାଙ୍କର ପୁଅ ଓ ବୋହୂ ସହ ନାତୁଣୀଟିଏ ଥିଲେ। ଏହା ଭିତରେ ନାତୁଣୀକୁ ଭଲ ପାଉଥିବା ଅଧ୍ୟାପକ ପିଏଚ୍‌ଡି କଲାବେଳେ ଜାଣିବାକୁ ପାଇଛନ୍ତି ମହାତ୍ମା ଗାନ୍ଧୀଙ୍କ ଚିଠି ସାଉଥ୍ ଆଫ୍ରିକାରେ ଗୋଟିକୁ ୪ କୋଟି ଟଙ୍କାରେ ବିକ୍ରି ହେଉଛି। ଏହି କଥା ଜାଣିସାରିବା ପରେ ଚନ୍ଦ୍ରମଣିଙ୍କ ପ୍ରତି ପୁଅବୋହୂଙ୍କ ବ୍ୟବହାର ବଦଳି ଯାଇଛି। ନାତୁଣୀଠାରୁ ସବୁ କିଛି ଶୁଣି ସାରିବା ପାରେ ଚନ୍ଦ୍ରମଣି ସେସବୁ ଚିଠିକୁ ପୁଅବୋହୂଙ୍କୁ ନ ଦେଇ ଗିଳିଦେଇ ମୃତ୍ୟୁବରଣ କରନ୍ତି। ଜୀବନ ଯାଇଛି ପଛେ ମହାତ୍ମାଗାନ୍ଧୀଙ୍କ ସେହି ଚିଠିକୁ ସୁରକ୍ଷିତ ରଖି ନିଲାମ୍ ହେବାକୁ ଦେଇନାହାନ୍ତି ଚନ୍ଦ୍ରମଣି। ଏମିତି ଏକ ଘଟଣାବଳୀକୁ ନେଇ ପ୍ରଦୀପ ଭୋଳଙ୍କ ରଚିତ ଓ ଧୀର ବଶାଙ୍କ ନିର୍ଦ୍ଦେଶିତ ନାଟକ 'ଚିଠି' ରବିବାର ଭଞ୍ଜକଳା ମଣ୍ଡପରେ ମଞ୍ଚସ୍ଥ ହୋଇଯାଇଛି। ସଙ୍ଗୀତ ନାଟକ ଏକାଡେମୀ ଓ ନାଟ୍ୟସଂଘ ପକ୍ଷରୁ ଆୟୋଜିତ ନାଟ୍ୟଧାରାରେ ବାରିପଦାର ଓମ୍ ନାଟ୍ୟସଂସ୍ଥାର କଳାକାରମାନେ ଅତିସୁନ୍ଦର ଭାବରେ ଏହି ନାଟକ ପରିବେଷଣ କରିଥିଲେ।


ବାରିପଦା ଓମ୍ ନାଟ୍ୟ ସଂସ୍ଥାର କଳାକାରଙ୍କ ଦ୍ୱାରା ପରିବେଷିତ ନାଟକ 'ଚିଠି'ର ଏକ ଦୃଶ୍ୟ।

## ସ୍ୱଚ୍ଛ ସର୍ବେକ୍ଷଣରେ ସାମିଲ ହୋଇ ଫିଡ୍‌ବ୍ୟାକ୍ ଦେବାକୁ ଅନୁରୋଧ କଲା ବିଏମ୍‌ସି

ଭୁବନେଶ୍ୱର,୩।୫(ବନ୍ଦନା ସେଠୀ)

କେନ୍ଦ୍ର ଗୃହ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ହେଉଥିବା ସ୍ୱଚ୍ଛ ସର୍ବେକ୍ଷଣରେ ଚଳିତବର୍ଷ କିଭଳି ଭଲ ପ୍ରଦର୍ଶନ କରିବ ସେଥିପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ବିଭିନ୍ନ ପ୍ରୟାସ ଚଳାଇଛି। ୨୦୨୫-୨୬ ସ୍ୱଚ୍ଛ ସର୍ବେକ୍ଷଣରେ ଭୁବନେଶ୍ୱରକୁ ଏକ ନମ୍ବର କରିବା ପାଇଁ ନାଗରିକମାନେ ସାମିଲ ହେବାକୁ ଆହ୍ୱାନ ଦିଆଯାଇଛି। ଏହି କ୍ରମରେ ଅଭିନେତ୍ରୀ ଅର୍ଚ୍ଚିତା ସାହୁ ନାଗରିକଙ୍କୁ ନିଜ ଆଖପାଖ ଅଞ୍ଚଳକୁ ପରିଷ୍କାର ରଖିବା ପାଇଁ ଅପିଲ କରିଛନ୍ତି। ଏଥିସହ ସ୍ୱଚ୍ଛ ସର୍ବେକ୍ଷଣରେ ଭାଗନେଇ ସିଟିଜେନ୍ ଫିଡ୍‌ବ୍ୟାକ୍ କାଟାଗୋରୀରେ କ୍ୟୁ ଆର୍ କୋଡ୍ ସ୍କାନ୍ କରି ନିଜ ମତାମତ ଜଣାଇବା ପାଇଁ ଅନୁରୋଧ କରାଯାଇଛି। ୨୦୨୩-୨୪ରେ ଭୁବନେଶ୍ୱରକୁ ସର୍ବଭାରତୀୟ ସ୍ତରରେ ୩୪ତମ ର୍‍ୟାଙ୍କ୍ ମିଳିଥିବାବେଳେ ୨୦୨୪-୨୫ରେ ୯ମ ର୍‍ୟାଙ୍କ୍ ମିଳିଛି। ତେଣୁ ଚଳିତବର୍ଷ ଭୁବନେଶ୍ୱରକୁ ଦେଶରେ ୧ ନଂ. କରିବା ପାଇଁ ବିଏମ୍‌ସି ଜୋରଦାର୍ ପ୍ରୟାସ କରୁଛି।

## ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜ୍‌ମେଣ୍ଟରେ ଏମ୍‌ସିଏ ଆରମ୍ଭ

**ଛାତ୍ରୀଛାତ୍ରଙ୍କୁ ପ୍ରଯୁକ୍ତିମୂଳକ ଜ୍ଞାନ ଯୋଗାଇବ ଏମ୍‌ସିଏ ପାଠ୍ୟକ୍ରମ**

ବାଲିଅନ୍ତା/ବ୍ରାହ୍ମଣଝରିଲୋ,୩।୫ (ନୀଳମାଧବ ସାହୁ)

ରାଜଧାନୀ ଉପକଣ୍ଠ ବାଲିଅନ୍ତାସ୍ଥିତ ଅଗ୍ରଣୀ ନାକ୍ ମାନ୍ୟତାପ୍ରାପ୍ତ ମ୍ୟାନେଜ୍‌ମେଣ୍ଟ ଶିକ୍ଷାନୁଷ୍ଠାନ ଆସ୍ଥା ସ୍କୁଲରେ ୨୦୨୬-୨୭ ଶିକ୍ଷାବର୍ଷରୁ ୨ ବର୍ଷିଆ ମାଷ୍ଟର ଇନ୍ କମ୍ପ୍ୟୁଟର ଆପ୍ଲିକେସନ (ଏମ୍‌ସିଏ) ପାଠ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି। ଏହି ନୂତନ ପାଠ୍ୟକ୍ରମରେ ବର୍ତ୍ତମାନ ୬୦ଟି ସିଟ୍ ରହିଛି। ଏହି ଅବସରରେ ଆସ୍ଥା ସ୍କୁଲ ସମ୍ମିଳନୀ କକ୍ଷରେ ଶିକ୍ଷାନୁଷ୍ଠାନ ପକ୍ଷରୁ ଶନିବାର ସନ୍ଧ୍ୟାରେ ଏକ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ ଅନୁଷ୍ଠାନର ଚେୟାରମ୍ୟାନ ରୋଟାରିଆନ ବିଜୟ କୁମାର ପାତ୍ର, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ସମ୍ପାଦକ ଡ. ବଙ୍କିମ ମହାନ୍ତି ଓ ଅଧ୍ୟକ୍ଷା ପ୍ରଫେସର ଡ. ଶର୍ମିଳା ସୁମନିୟନ ଉପସ୍ଥିତ ରହି ଏହି ନୂତନ ପାଠ୍ୟକ୍ରମ ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ବିଗତ ୧୮ ବର୍ଷ ତଳେ ୨୦୦୮ ମସିହାରେ ଏହି ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜ୍‌ମେଣ୍ଟ ଶିକ୍ଷାନୁଷ୍ଠାନ ଆରମ୍ଭ ହୋଇଥିଲା। ଆସ୍ଥା ସ୍କୁଲ ଅଫ ମ୍ୟାନେଜ୍‌ମେଣ୍ଟ ଆରମ୍ଭର ୧୮ ବର୍ଷ ପରେ ଆମ ଅନୁଷ୍ଠାନ ବର୍ତ୍ତମାନ ଡିଜିଟାଲ ଯୁଗରେ ବିନା ଆଇଟିରେ ଚଳିବା କଷ୍ଟକର ହେଲାଣି। ତେଣୁ ଆଇଟି ଶିକ୍ଷାର ଚାହିଦାକୁ ଦୃଷ୍ଟିରେ ରଖି ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ଶିକ୍ଷାନୁଷ୍ଠାନ ପକ୍ଷରୁ ଚଳିତ ବର୍ଷଠାରୁ ଏହି ଏମ୍‌ସିଏ ପାଠ୍ୟକ୍ରମ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛୁ, ଯାହା ଛାତ୍ରୀଛାତ୍ରଙ୍କୁ ଉଚ୍ଚ ମାନର ପ୍ରଯୁକ୍ତିମୂଳକ ଜ୍ଞାନ ଯୋଗାଇବାରେ ସହାୟକ ହେବ। ଛାତ୍ରୀଛାତ୍ରଙ୍କ ସାମଗ୍ରିକ ବିକାଶ ପାଇଁ ବିଭିନ୍ନ ଟ୍ରେନିଂ, ଓକାକ୍ ସୁପର ଆୟୋଜନ କରାଯିବ। ଅନୁଭବୀ ଶିକ୍ଷକ ମଣ୍ଡଳୀ, ଆଧୁନିକ ଲ୍ୟାବର ସୁବିଧା ଓ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ଉପଯୋଗିତା ଉପରେ ଆଗାମୀ ପିଢ଼ିକୁ ପ୍ରସ୍ତୁତ କରାଯିବା ସହିତ ଉତ୍ତମ ନିଯୁକ୍ତି ସହାୟତା ଯୋଗାଇ ଦିଆଯିବ ବୋଲି ସମ୍ପାଦକ ମହାନ୍ତି ମତ ପ୍ରକାଶ କରିଛନ୍ତି। ୨୦୨୬-୨୭ ଶିକ୍ଷାବର୍ଷରୁ ଏମ୍‌ବିଏ ସହିତ ଏମ୍‌ସିଏ ପାଠ୍ୟକ୍ରମ ପାଇଁ ଛାତ୍ରୀଛାତ୍ରମାନେ ନିର୍ଦ୍ଧାରିତ ନିୟମାବଳୀ ଅନୁସାରେ ଆବେଦନ କରିପାରିବେ ବୋଲି ଶିକ୍ଷାନୁଷ୍ଠାନ ପକ୍ଷରୁ କୁହାଯାଇଛି।



ଭୁବନେଶ୍ୱର ସୂଚନାଭବନଠାରେ ସାଧନା ଆର୍ଟ ଆଣ୍ଡ କଲଚ୍‌ର ପକ୍ଷରୁ ରବିବାର ଅନୁଷ୍ଠିତ ଅନ୍ୱେଷଣ ଓଡ଼ିଶୀ ସଙ୍ଗୀତ ସନ୍ଧ୍ୟାରେ ଶିଳ୍ପୀମାନେ ସଙ୍ଗୀତ ପରିବେଷଣ କରୁଛନ୍ତି। (ଫଟୋ: ମନୋରଞ୍ଜନ ମିଶ୍ର)

**ଓଡ଼ିଆ ବିଶ୍ୱବିଦ୍ୟାଳୟ, ସତ୍ୟବାଦୀ, ପୁରୀ, ଓଡ଼ିଶା, ୭୫୨୦୧୪**
**Odia University, Satyabadi, Puri, Odisha, 752014**
Website:https://odiauniversity.ac.in
Email: odiauniversityrecruitment@gmail.com

**NOTICE**

No.515 Date:30.04.2026

Advt.No. 01 of 2026/27

(ADVERTISEMENT FOR RECRUITMENT TO THE TEACHING POSTS)

No.11001/23/2627: Online applications are invited from prospective candidates for recruitment to the posts of **Professor/Associate Professor/Assistant Professors** in different departments of Odia University in the mentioned scale of pay of the pay matrix under Odisha Revised Scales of Pay for University Teachers (UGC Scale of Pay) Rule, 2019 with usual dearness allowance and other allowances as may be sanctioned by the Government of Odisha from time to time, through the proforma application to be made available on the WEBSITE (http://hims.odisha.gov.in). The link for registration, payment of application fee and submission of online applications shall be available from 05.05.2026 till 04.06.2026. For Advertisement details the candidates are requested to check the University website https://odiauniversity.ac.in from 05.05.2026 onwards.

| Teaching (Faculty) Positions | Total Vacancy |
| --- | --- |
| (Professors/ Associate Professors/ Assistant Professors) | 21 |

OIPR-11001/11144/1/26-27/0002

Sd./- REGISTRAR
ODIA UNIVERSITY

**ମାଣିକାଗୋଡ଼ାରୁ ବ୍ରାଉନ୍‌ସୁଗର ଓ ବନ୍ଧୁକ ଜବତ ଘଟଣା**

# ଚାର୍ଜଶିଟ୍ ଦାଖଲ କରିପାରିଲାନି ପୋଲିସ

- ଜାମିନରେ ଆସିଲେ ୭ ଅଭିଯୁକ୍ତ
- ପବ୍ଲିକ ପ୍ରସିକ୍ୟୁଟରଙ୍କ ଅଭିଯୋଗ ପରେ ଏସ୍‌ପିଙ୍କ ତଦନ୍ତ ନିର୍ଦ୍ଦେଶ

**ଖୋର୍ଦ୍ଧା,୩।୫(ପ୍ରଭାତ ପାଣିଗ୍ରାହୀ)**

ବୋଲଗଡ଼ ଥାନା ପୋଲିସ ୨୦୨୫ ଅକ୍ଟୋବର ୨୭ରେ ମାଣିକାଗୋଡ଼ା ଗ୍ରାମ ଦଳେଇ ସାହିରୁ ୩୧୪.୯୭୦(୩୧ଲକ୍ଷ ଟଙ୍କା) ଗ୍ରାମ୍‌ର ବ୍ରାଉନ୍‌ସୁଗାର ଜବତ କରିଥିଲା। ଏଥିରେ ସମ୍ପୃକ୍ତି ନେଇ ଗୋଟିଏ ପରିବାର ଦମ୍ପତି, ଦୁଇ ଭାଇଙ୍କ ସମେତ ୭ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପ୍ରଥମ ଅତିରିକ୍ତ ଜିଲା ଜଜ୍‌ଙ୍କ କୋର୍ଟରେ ଏହାର ବିଚାର ଚାଲିଥିଲା। ତେବେ ୧୮୦ଦିନ ମଧ୍ୟରେ ଏହି ମାମଲାର ତଦନ୍ତ ଅଧିକାରୀ କୋର୍ଟରେ ଏହାର ଚାର୍ଜଶିଟ୍ ଦାଖଲ କରିପାରିଲେ ନାହିଁ। ଗତ ୨୯ତାରିଖରେ ପ୍ରଥମ ଅତିରିକ୍ତ ଜିଲା ଜଜ୍‌ଙ୍କ କ୍ୟାମ୍ପକୋର୍ଟ ଥିବା ଯୋଗୁ ୨ୟ ଅତିରିକ୍ତ ଜିଲା ଜଜ୍‌ଙ୍କ କୋର୍ଟରେ ଏହାର ବିଚାର ହୋଇଥିଲା। ଚାର୍ଜଶିଟ୍ ଅଭାବରୁ କୋର୍ଟ ସେମାନଙ୍କୁ ଜାମିନ ପ୍ରଦାନ କରିଛନ୍ତି। ୩୦ତାରିଖରେ ଅଭିଯୁକ୍ତମାନେ ଜାମିନରେ ଆସିଛନ୍ତି। ଏନେଇ ବୋଲଗଡ଼ ପୋଲିସର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗିରଫ ଅଭିଯୁକ୍ତମାନଙ୍କୁ ଖସାଇବା ପାଇଁ ଟଙ୍କା କାରବାର ହୋଇଥିବା ଚର୍ଚ୍ଚା ହୋଇଛି। ତେବେ ଏନେଇ ବୋଲଗଡ଼ ପୋଲିସ ମୁହଁ ଖୋଲିବାକୁ ନାରାଜ। ଅନ୍ୟପକ୍ଷରେ ଏଡିଜେ-୧ର ଅତିରିକ୍ତ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରଜନୀ ପଟ୍ଟନାୟକ ଏହି ଘଟଣା ସମ୍ପର୍କରେ ଏସ୍‌ପିଙ୍କୁ ଲିଖିତଭାବେ ଜଣାଇଛନ୍ତି। ପୋଲିସର ଅବହେଳାରୁ ସମୟ ଅବଧି ୧୮୦ଦିନ ମଧ୍ୟରେ ଚାର୍ଜଶିଟ୍ ଦାଖଲ ନ ହେବାରୁ ଅଭିଯୁକ୍ତମାନେ ଜାମିନ ପାଇବାରେ ସଫଳ ହେଲେ ବୋଲି ଦର୍ଶାଇଛନ୍ତି। ତଦନ୍ତ ଅଧିକାରୀଙ୍କ ଅବହେଳା ବୋଲି ଉଲ୍ଲେଖ କରିଛନ୍ତି। ସରକାରଙ୍କ ପକ୍ଷରୁ ଏହି ମାମଲା ପରିଚାଳନା କରୁଥିବା ଏଡିଜେ-୨ର ଅତିରିକ୍ତ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଅନିଲ ପଟ୍ଟନାୟକ କହିଛନ୍ତି, ଏହା ଏକ କମର୍ସିଆଲ କ୍ୱାଣ୍ଟିଟି(ପରିମାଣ ଅଧିକା) ହୋଇଥିବାରୁ ଅଭିଯୁକ୍ତଙ୍କୁ ଜାମିନ ନ ଦେବା ପାଇଁ ଆପତ୍ତି ଦାଖଲ କରିଥିଲି। ତେବେ ଚାର୍ଜଶିଟ୍ ନ ଥିବାରୁ କୋର୍ଟ ଜାମିନ ପ୍ରଦାନ କରିଥିଲେ। ଏହା ସମ୍ପୂର୍ଣ୍ଣ ଭାବେ ପୋଲିସର ଅବହେଳା ବୋଲି ସେ କହିଛନ୍ତି। ଏସ୍‌ପି ବିବେକାନନ୍ଦ ଶର୍ମା ଏହି ଘଟଣା ଜାଣିବା ପରେ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଜଣେ ଅତିରିକ୍ତ ଏସ୍‌ପି ପାହ୍ୟା ଅଧିକାରୀଙ୍କୁ ଏହାର ତଦନ୍ତ ଦାୟିତ୍ୱ ଦିଆଯାଇଥିବା ଜଣାପଡ଼ିଛି।

ସୂଚନାଥାଉ କି, ବୋଲଗଡ଼ ଥାନା ଅନ୍ତର୍ଗତ ମାଣିକାଗୋଡା ଗ୍ରାମ ଦଳେଇ ସାହିରୁ ଗତ ଅକ୍ଟୋବର ୨୭ରେ ପୋଲିସ ୩୧୪.୯୭୦ ଗ୍ରାମର ବ୍ରାଉନ୍‌ସୁଗାର ଜବତ କରିଥିଲା। ଏଥିରେ ସମ୍ପୃକ୍ତି ନେଇ ଜଣେ ମହିଳାଙ୍କ ସମେତ ୭ଜଣଙ୍କୁ ଗିରଫ କରାଯାଇଥିଲା। ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ୨ଜଣ ଗଞ୍ଜାମ ଜିଲା ଏବଂ ୫ଜଣ ଖୋର୍ଦ୍ଧା ଜିଲାର ଅଛନ୍ତି। ଏମାନଙ୍କ ମଧ୍ୟରେ ଗୋଟିଏ ପରିବାର ଦମ୍ପତି, ୨ଭାଇ ରହିଥିଲେ। ସେମାନେ ହେଲେ ଗଞ୍ଜାମ ବ୍ରହ୍ମପୁର ବଡ଼ବଜାର ଥାନା ଅଞ୍ଚଳର ପ୍ରଣୟ ରଥ(୩୬), ସତ୍ୟଲୋଚନା ସାହୁ(୪୩), ଖୋର୍ଦ୍ଧା ଆଦର୍ଶ ଥାନା ଅଞ୍ଚଳର ମହେଶ୍ୱର ସ୍ୱାଇଁ ଓରଫ ଧରମା(୩୦), ବୋଲଗଡ ଥାନା ଅଞ୍ଚଳର ବବୁଲ ଓରଫ ମୀର୍ ଅତାଉଲ୍ଲା(୨୬)ଓ ତାଙ୍କ ସ୍ତ୍ରୀ ମଇନା ବେଗମ(୨୭), ବୁନିଆ ଓରଫ ମିର୍ ଅବଦୁଲ୍ଲା(୨୩), ରିଙ୍କୁ ଓରଫ ମୀର୍ ମୁସ୍ତାଫିଜ୍ ଅଲ୍ଲୀ(୨୬)। ବବଲୁ ଓ ବୁନିଆ ଦୁଇ ଭାଇ। ଅଭିଯୁକ୍ତମାନଙ୍କ ଠାରୁ ୪ଲକ୍ଷ ଟଙ୍କା, ୨ଟି କାର (ଓଡ଼ି୦୭ଏପି ୧୮୩୮, ଓଆର୦୨ ଏବି ୭୪୭୧), ୩ଟି ବାଇକ୍ (ଓଡି୨୫ଆର ୭୬୨୫, ଓଡ଼ି୦୨ପି-୮୦୩୮, ଓଟି୩୩-ଏଏମ୭୮୭୯) ଏବଂ ଗୋଟିଏ ଦେଶୀବନ୍ଧୁକ ଜବତ କରିଥିଲା। ଗତ ଅକ୍ଟୋବର ୨୮ ତାରିଖରେ ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଶର୍ମା ଏହି ସୂଚନା ଦେଇଥିଲେ।

# କାର୍ ସହ ୧୦ଲକ୍ଷ ଟଙ୍କାର ଗଞ୍ଜେଇ ଜବତ



**ଜଟଣୀ,୩।୫(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ଅବକାରୀ ବିଭାଗ ପକ୍ଷରୁ ରବିବାର କାର୍ ସହ ଏକ କୁଇଣ୍ଟାଲ ଗଞ୍ଜେଇ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତି ନେଇ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ କନ୍ଧମାଳ ଜିଲା ଫିରିଙ୍ଗିଆ ଅଞ୍ଚଳର ଅଶୋକ କୁମାର ଦିଗଲ। ତେବେ ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୦ଲକ୍ଷ ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ସୂଚନା ମୁତାବକ, ଫିରିଙ୍ଗିଆ ଅଞ୍ଚଳର ଅଶୋକ ସମ୍ପର୍କୀୟଙ୍କ କାର୍‌ରେ ଏକ କୁଇଣ୍ଟାଲ ଗଞ୍ଜେଇ ସହ ନିଜ ପରିବାରକୁ ଧରି ପିପିଲି ଅଭିମୁଖେ ଆସୁଥିଲେ। ବିଶେଷ ସୂତ୍ରରୁ ଖବରପାଇ ଅବକାରୀ ବିଭାଗ ଖୋର୍ଦ୍ଧା ପିତାପଲ୍ଲୀ ଛକରେ ଚଢ଼ାଉ କରି କାର୍ ସହ ଗଞ୍ଜେଇ ଜବତ କରିଥିଲା। ଅଭିଯୁକ୍ତ ପିପିଲିକୁ ଗଞ୍ଜେଇ ଚାଲାଣ କରୁଥିଲେ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ଏହି ଗଞ୍ଜେଇ ଚୋରା ଚାଲାଣ ରାକେଟରେ ଅନ୍ୟ କେଉଁମାନଙ୍କ ସମ୍ପୃକ୍ତି ରହିଛି ସେ ନେଇ ତଦନ୍ତ ଜାରି ରହିଛି ବୋଲି ଜଟଣୀ ଅବକାରୀ ବିଭାଗ ଭାରପ୍ରାପ୍ତ ଅଧିକାରୀ ସୁଜିତ୍ ମୁଦୁଲି କହିଛନ୍ତି।

# ତୃଣମୂଳସ୍ତରରୁ ଦଳର ସଙ୍ଗଠନକୁ ସୁଦୃଢ଼ କରିବାକୁ ଆହ୍ୱାନ

**ବୋଲଗଡ଼,୩।୫(ଦେବବ୍ରତ ହୋତା)**

ବୋଲଗଡ଼ ସଦର ଗୋପବନ୍ଧୁବିହାରଠାରେ ଭାଜପା ନେତା ବ୍ରଜବନ୍ଧୁ ସୁବୁଦ୍ଧିଙ୍କ ଆବାହକତ୍ୱରେ ଯୁବକର୍ମୀ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମର ବହୁ ଯୁବକଙ୍କ ସହ ବରିଷ୍ଠ କର୍ମୀ ଓ ନେତାମାନେ ଯୋଗଦେଇଥିଲେ। ପୂର୍ବତନ ଜିଲା ପରିଷଦ ସଭ୍ୟ ଦିଲୀପ ଦତ୍ତ ସ୍ୱାଗତ ଭାଷଣ ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବୋଲଗଡ଼ ମଣ୍ଡଳ ଭାଜପା ସଭାପତି ଦିପନ ବିଶ୍ୱାଳ, ପୂର୍ବତନ ସରପଞ୍ଚ ସୁବାସ ସ୍ୱାଇଁ, ପ୍ରମୋଦ ପ୍ରଧାନ, ଲକ୍ଷ୍ମୀଧର ବଳିୟାରସିଂହ, ଆର୍ତ୍ତ ପ୍ରଧାନ ପ୍ରମୁଖ ଆଗାମୀ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଦଳର ସଙ୍ଗଠନକୁ ତୃଣମୂଳ ସ୍ତରରେ ସୁଦୃଢ଼ କରିବା ପାଇଁ କର୍ମୀମାନଙ୍କୁ ନିଷ୍ଠାପରଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଆବାହକ ସୁବୁଦ୍ଧି ଦଳରେ ଥିବା ଗୋଷ୍ଠୀକନ୍ଦଳକୁ ଭୁଲି ସମନ୍ୱୟ ରଖି ଏବଂ ଜନତାଙ୍କ ସେବା କରି ସେମାନଙ୍କ ବିଶ୍ୱାସ ଭାଜନ ହୋଇପାରିଲେ ନିର୍ବାଚନ ଜିତିବା ସହଜ ହେବ ବୋଲି କହିଥିଲେ। ବରିଷ୍ଠ ଭାଜପା ସଙ୍ଗଠକ ଅଭିମନ୍ୟୁ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



ସମ୍ମିଳନୀରେ ଯୋଗଦେଇଥିବା କଂଗ୍ରେସ ନେତା ଓ କର୍ମୀମାନେ।

# ଜନ ଆକ୍ରୋଶ ମହିଳା ସମାବେଶ ପଦଯାତ୍ରା



**ଜଟଣୀ,୩।୫(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ନଗର ମହିଳା ମୋର୍ଚ୍ଚା ପକ୍ଷରୁ ରବିବାର ସନ୍ଧ୍ୟାରେ ଜନ ଆକ୍ରୋଶ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ସଭାନେତ୍ରୀ ନିରୁପମା କରଙ୍କ ନେତୃତ୍ୱରେ ସ୍ଥାନୀୟ ମୋ ଜଟଣୀ ଠାରେ ଜନ ଆକ୍ରୋଶ ମହିଳା ସମାବେଶରେ ବରିଷ୍ଠ ଭାଜପା ନେତା ସୁଦୀପ୍ତ ରାୟ, ଖୋର୍ଦ୍ଧା ଜିଲା ଭାଜପା ସଭାପତି ବିଶ୍ୱରଞ୍ଜନ ବଡ଼ଜେନା, ଜିଲା ଉପସଭାପତି ରୋଜିନା ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିକୁଞ୍ଜ ପଟ୍ଟନାୟକ, ବରିଷ୍ଠ ଭଜପା ମହିଳା ନେତ୍ରୀ ରଶ୍ମି ପଟ୍ଟନାୟକ, ଜଟଣୀ ନଗର ସଭାପତି ତିରୁପତି ଶତପଥୀ, ଜଟଣୀ ନଗର ସାଧାରଣ ସମ୍ପାଦକ ପରେଶ ପଟ୍ଟନାୟକ, ଖୋର୍ଦ୍ଧା ଜିଲା ଭାଜପା ସମ୍ପାଦକ ଲିଟୁରଞ୍ଜନ ରାଉତରାୟ, ପ୍ରଶାନ୍ତ ବେହେରା, ସତୀଶ ଶର୍ମା, ରଙ୍କନିଧି ମୁଦୁଲି, ବିବେକ ପଟ୍ଟନାୟକଙ୍କ ସହ ବହୁ ଜିଲା ଏବଂ ମଣ୍ଡଳସ୍ତରୀୟ ଭାଜପା କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ଦେଶର ପ୍ରଗତିରେ ନାରୀଙ୍କ ଭୂମିକାକୁ ଦମନ କରିବା ପାଇଁ ବିଜେଡି ଏବଂ କଂଗ୍ରେସର ନାରୀ ସୁରକ୍ଷା, ମହିଳା ବିଲ ବିରୋଧକୁ ସମାଲୋଚନା କରିବା ସହ ଦେଶର ବିକାଶ ମହିଳାଙ୍କ ବିକାଶରେ ବାଧକ ସାଜିଥିବା ବିରୋଧୀଙ୍କ କାର୍ଯ୍ୟଶୈଳୀକୁ ନେଇ ବିଭିନ୍ନ ନାରାବାଜି କରିଥିଲେ। ଏହି ଜନ ଆକ୍ରୋଶ ସମାବେଶ ପରିପ୍ରେକ୍ଷୀରେ ବିଭିନ୍ନ ବିରୋଧୀ ଦଳ ମୁଖ୍ୟଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା।

# ଯଜ୍ଞ ପୂର୍ଣ୍ଣାହୁତି ସହ ଲୋକୋତ୍ସବ ସମ୍ବର୍ଦ୍ଧନା ଉତ୍ସବ

**ବୋଲଗଡ଼,୩।୫(ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ପିଟୁକୁଲି ବଜାର କମିଟି ପକ୍ଷରୁ ଆୟୋଜିତ ନୀଳକଣ୍ଠେଶ୍ୱର ଦେବଙ୍କ ୩୪ତମ ଯଜ୍ଞ ଉତ୍ସବର ଗତ ଶୁକ୍ରବାର ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଯାଇଛି। ଯଜ୍ଞ ସହ ମହୋତ୍ସବ ପଡ଼ିଆରେ ଲୋକୋତ୍ସବ ହେଉଥିବା ବେଳେ ଏହାର ଉଦ୍‌ଯାପନୀ ଉତ୍ସବ କାଳବୈଶାଖୀ ପ୍ରଭାବରେ ବର୍ଷା ଓ ପବନ ଯୋଗୁ ବାତିଲ ହୋଇଥିଲା। ତେବେ ଯଜ୍ଞର ପୂର୍ଣ୍ଣାହୁତି ଅବସରରେ ଲୋକୋତ୍ସବରେ ସମ୍ବର୍ଦ୍ଧିତ ହେବାକୁ ଥିବା ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧନା ଦେବା ପାଇଁ ଏକ ସଭା ହୋଇଥିଲା। ଏଥିରେ ବିଧାୟକ ପ୍ରଦୀପ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଠାକୁରଙ୍କ ଆଶୀର୍ବାଦ ଭିକ୍ଷା କରିବା ସହ ଯଜ୍ଞ ଆହୁତି ପ୍ରଦାନ କରିଥିଲେ। ଏହି ଧାର୍ମିକ କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ଲକ୍ଷ୍ମୀଧର ରଥ ସପତ୍ନିକ ଉପବିଷ୍ଟ ହୋଇ ସମସ୍ତ ନୀତିକାନ୍ତି ସମ୍ପାଦନ କରିଥିଲେ। ଆୟୋଜିତ ସମ୍ବର୍ଦ୍ଧନା ସଭାରେ ବଣିକ ସଙ୍ଘ ସଭାପତି ପବିତ୍ର ମୋହନ ମାଝିଙ୍କ ଅଧ୍ୟକ୍ଷତା ଓ ଶିକ୍ଷକ ଶ୍ରୀକାନ୍ତ କୁମାର ନାୟକଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ସାହୁଙ୍କ ସମେତ ଅତିଥିଭାବେ ଜିଲା ବିଜେଡି ଉପସଭାପତି ସରପଞ୍ଚ ପ୍ରଫୁଲ୍ଲ ପ୍ରଧାନ, ଜିଲା ସମବାୟ ଡାଇରେକ୍ଟର ପ୍ରକାଶ ରାଉତରାୟ, ସମିତି ସଭ୍ୟ ପ୍ରଦୀପ ପ୍ରଧାନ, ପ୍ରମୋଦ ପ୍ରତାପ ସିଂହ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଦୁର୍ଯ୍ୟୋଧନ ସ୍ୱାଇଁ, ଖବରଦାତା ମନୋରଞ୍ଜନ ମିଶ୍ର, ପ୍ରମୋଦ ଭଞ୍ଜ, ଅର୍ଜ୍ଜୁନ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ହୋଇ ଅଞ୍ଚଳର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ସମ୍ପାଦକ ଚିତ୍ତରଞ୍ଜନ ସାମନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ

**ଜଟଣୀ,୩।୫(ରବୀନ୍ଦ୍ରନାଥ ମହାକୁଡ଼)**



ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ଷଣ୍ଢପୁର ଗ୍ରାମସ୍ଥିତ କୁଣ୍ଡଳେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ରବିବାର ଚତୁର୍ଥ ବାର୍ଷିକ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଅଖିଳ ବିଶ୍ୱ ଗାୟତ୍ରୀ ପରିବାର, ଶାନ୍ତିକୁଞ୍ଜ ହରିଦ୍ୱାରଙ୍କ ତତ୍ତ୍ୱାବଧାନରେ ଏହି ଗାୟତ୍ରୀ ମହାଯଜ୍ଞ ଗ୍ରାମବାସୀଙ୍କ ଦ୍ୱାରା ଆୟୋଜନ ହୋଇଥିଲା। ପ୍ରାରମ୍ଭରେ ଗ୍ରାମର ୧୦ଜଣ ଦେବକନ୍ୟା ତଥା ମହିଳାମାନଙ୍କ ଦ୍ୱାରା କଳସ ଶୋଭାଯାତ୍ରା ହୋଇଥିଲା। ମନୁଷ୍ୟ ମଧ୍ୟରେ ଦେବତ୍ୱ ଗୁଣର ଜାଗରଣ, ନାରୀ ଶିକ୍ଷା, ନିଶା ନିବାରଣ ଆଦି ସାମାଜିକ ସମସ୍ୟା ଉପରେ ବରିଷ୍ଠ ଗାୟତ୍ରୀ ସାଧକ ଇଂ. ପ୍ରଭାକର ପଣ୍ଡା ଆଲୋକପାତ କରିଥିଲେ। ପରିବ୍ରାଜକ ଜୟନ୍ତ କୁମାର ମିଶ୍ର ମନ୍ତ୍ରପାଠ କରିଥିବା ବେଳେ କୃଷ୍ଣ ଚନ୍ଦ୍ର ମହାରଣା ଯୁଗ ସଙ୍ଗୀତ ପରିବେଷଣ କରିଥିଲେ। ଯଜ୍ଞରେ ୩୦୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଅନ୍ୟ ଗାୟତ୍ରୀ ସାଧକଙ୍କ ମଧ୍ୟରେ ପ୍ରଫୁଲ୍ଲ ଚନ୍ଦ୍ର ଦାଶ ଯୋଗଦେଇ ସମସ୍ତଙ୍କୁ ମାର୍ଗଦର୍ଶନ କରିଥିଲେ। ସଚ୍ଚିକାନ୍ତ ରାଉତ, ରବୀନ୍ଦ୍ରନାଥ ଦାଶ, ଗୀତାଞ୍ଜଳି ଦାଶ, ପୁଷ୍ପାଞ୍ଜଳି ସାହୁ, ଗାୟତ୍ରୀ ମହିଳା ମଣ୍ଡଳର ମୁଖ୍ୟ ସଞ୍ଚାଳିକା ରୋଜାଲିନ ଜେନା ପ୍ରମୁଖ ଯଜ୍ଞ ପରିଚାଳନା କରିଥିଲେ। ଗ୍ରାମବାସୀଙ୍କ ପ୍ରତିନିଧି ଭାବେ ଅଧ୍ୟାପକ ସୁଶାନ୍ତ କୁମାର ରାଉତ ସମସ୍ତ ଅତିଥିଙ୍କୁ ସମ୍ମାନିତ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ଗଣମାଧ୍ୟମ ସମାଜର ଜାଗ୍ରତ ପ୍ରହରୀ

**ଖୋର୍ଦ୍ଧା,୩।୫(ପ୍ରଭାତ ପାଣିଗ୍ରାହୀ)**

ଜିଲା ପ୍ରେସ୍ କ୍ଲବ, ଖୋର୍ଦ୍ଧା ଆନୁକୂଲ୍ୟରେ ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ସ୍ଥାନୀୟ ସାମ୍ବାଦିକ ଭବନ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷର ପ୍ରସଙ୍ଗ ହେଉଛି ଶାନ୍ତିର ଭବିଷ୍ୟତ ପାଇଁ ପ୍ରେସ୍ ସ୍ୱାଧୀନତାକୁ ଗୁରୁତ୍ୱ। କ୍ଲବ ସଭାପତି ତପନ କୁମାର ନାୟକ ସଭାପତିତ୍ୱରେ ଆୟୋଜିତ ଏହି ଦିବସରେ ଉପସଭାପତି ଲଳିତ ମୋହନ ମହାପାତ୍ର, ପ୍ରସନ୍ନ କୁମାର ପାଇକରାୟ, କୋଷାଧ୍ୟକ୍ଷ ଗୋପାଳ କୃଷ୍ଣ ଦାସ, କାର୍ଯ୍ୟକାରୀ ସଦସ୍ୟ ଇକୱାଲ ଅହମ୍ମଦ, ରାମଚନ୍ଦ୍ର ଜୁଝାରସିଂହ, ରାଜେଶ ମହାନ୍ତି, ଶୁଭକାନ୍ତ ମହାପାତ୍ର, ଲକ୍ଷ୍ମୀ ନାରାୟଣ ମହାପାତ୍ର, ଦୁର୍ଗାପ୍ରସାଦ ଷଡ଼ଙ୍ଗୀ, ରାଜୀବ ଲୋଚନ ମହାପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅବ୍ୟକ୍ତ ହରିହର ଖାଡଙ୍ଗା ମଞ୍ଚ ସଂଯୋଜନା କରିଥିବା ବେଳେ ଉପଦେଷ୍ଟା ଦିଲୀପ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଗଣମାଧ୍ୟମ ସମାଜର ଜାଗ୍ରତ ପ୍ରହରୀ। ସମାଜରେ ଗଣମାଧ୍ୟମରେ ଦାୟିତ୍ୱ ରହିଛି। ଗଣମାଧ୍ୟମର ସ୍ୱାଧୀନତା ସମ୍ପର୍କରେ ସଚେତନା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ମେ' ୩ ତାରିଖକୁ ବିଶ୍ୱ ପ୍ରେସ ସ୍ୱାଧୀନତା ଦିବସ ଭାବେ ପାଳନ କରାଯାଉଛି। ଜାତିସଂଘର ଜନସଂଚାର ବିଭାଗ ଦ୍ୱାରା ୧୯୯୧ ମସିହାରେ ପାଳନ କରିବାକୁ ପ୍ରସ୍ତାବ ହୋଇଥିବା ବେଳେ ୧୯୯୩ ମସିହାରୁ ବିଧିବଦ୍ଧ ଭାବେ ଏହି ଦିବସ ପାଳିତ ହୋଇଆସୁଛି। ସାରା ବିଶ୍ୱରେ ସାମ୍ବାଦିକ ଯେଭଳି ଭାବେ ବିନା ଭୟ ଏବଂ ସଙ୍କୋଚରେ ସତ୍ୟକୁ ସାମ୍ନା କରିପାରିବ ଏହି ଦିବସ ତାହାର ବାର୍ତ୍ତା ଦେଉଛି ମତପ୍ରକାଶ ପାଇଥିଲା। ଆଜିର ସାମ୍ବାଦିକମାନେ ପ୍ରଶ୍ନ କରିବା ଏକପ୍ରକାର ଭୁଲିଗଲେଣି। ପ୍ରଶ୍ନ କରିବା ଅପେକ୍ଷା ଚୁପ ରହିବାକୁ ଉଚିତ ମନେ କରୁଛନ୍ତି। ଆଜିର ଦିବସ କେବଳ ଭାଷଣବାଜିରେ ନୁହଁ ବରଂ ସମାଜର ଆବଶ୍ୟତାକୁ ନେଇ ସାମ୍ବାଦିକତା ଜରୁରୀ ବୋଲି ମତପ୍ରକାଶ ପାଇଥିଲା। ସମାଜରେ ଗଣମାଧ୍ୟମର ଏକ ପ୍ରମୁଖ ଦାୟିତ୍ୱ ରହିଛି। ଭାରତ ଭଳି ଏକ ବୃହତ ଗଣତାନ୍ତ୍ରିକ ରାଷ୍ଟ୍ରରେ ପ୍ରେସ୍‌କୁ ଯେତିକି ସ୍ୱାଧୀନତା ମିଳିବା କଥା ତାହା ଉପଲବ୍ଧ ନୁହଁ। କୌଣସି ପ୍ରସଙ୍ଗ ଭିତ୍ତିକ, ସତ୍ୟ ଆଧାରିତ ଖବର ପରିବେଷଣ କରାଗଲେ ଗଣମାଧ୍ୟମ ସଂସ୍ଥା ଏବଂ ପ୍ରତିନିଧିଙ୍କ ଉପରେ ଚାପ ସୃଷ୍ଟି କରାଯାଉଛି। ବିଗତ ଦିନରେ ଏହା ନଜିର ରହିଛି। ଜନତା ଏବଂ ସରକାରଙ୍କ ମଧ୍ୟରେ ସେତୁବନ୍ଧ ଭାବେ ଗଣମାଧ୍ୟମ କାମ କରିଥାଏ। ସତ୍ୟ ଖବର ପରିବେଷଣ ନ ହେଲେ ଗଣତନ୍ତ୍ର ଅବକ୍ଷୟମୁଖୀ ହେବ। ନିରପେକ୍ଷ ସ୍ୱାଧୀନତା ଉପରେ ଗଣତନ୍ତ୍ରର ସଫଳତା ନିର୍ଭର କରେ। ପ୍ରେସ୍ ସ୍ୱାଧୀନତା ଦିବସରେ ଗଣମାଧ୍ୟମର ନିରପେକ୍ଷତା, ନୈତିକତା, ସମାଜ ପ୍ରତି ରହିଥିବା ଉତ୍ତରଦାୟିତ୍ୱ ଆତ୍ମ ସମୀକ୍ଷା ଜରୁରୀ। ସାମ୍ବାଦିକତା କେବଳ ଏକ ବୃତ୍ତି ନୁହଁ ଏହା ଏକ ସେବା। ସମାଜର ଜାଗ୍ରତ ପ୍ରହରୀ ଭାବେ ସ୍ୱଚ୍ଛତା ବଜାୟ ରଖିବା ଆବଶ୍ୟକ ରହିଛି ବୋଲି ମତପ୍ରକାଶ ପାଇଥିଲା।



ଆଲୋଚନାଚକ୍ରରେ ପ୍ରେସ୍ କ୍ଲବର ସଦସ୍ୟମାନେ।

# 'ନେତୃତ୍ୱକୁ ଶକ୍ତିଶାଳୀ କରିଥାଏ ଆଧ୍ୟାତ୍ମିକ ଚିନ୍ତାଧାରା'



**ଜଟଣୀ,୩।୫(ରବୀନ୍ଦ୍ରନାଥ ମହାକୁଡ଼)**

ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ 'ସମୃଦ୍ଧ ସମାଜ ପାଇଁ ରାଜନୀତିରେ ଆଧ୍ୟାତ୍ମିକତାର ଆବଶ୍ୟକତା' ଶୀର୍ଷକ ଆଲୋଚନାଚକ୍ର ରବିବାର ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ଅଗ୍ରୱାଲ ଚାରିଟେବଲ ଟ୍ରଷ୍ଟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଆଲୋଚକ ଭାବେ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ମାଉଣ୍ଟ ଆବୁ ଧାର୍ମିକ ଶାଖାର ସଂଯୋଜକ ବି.କେ ରାମନାଥ ଭାଇଜୀ ଯୋଗଦେଇଥିଲେ। ମୁଖ୍ୟ ଅତିଥିଭାବେ ଭାଜପା ରାଜ୍ୟ ପ୍ରବକ୍ତା ଅନୀଲ କୁମାର ବିଶ୍ୱାଳ, ସମ୍ମାନିତ ଅତିଥିଭାବେ ବିକେ. ଦେବଯାନୀ ଭଉଣୀ ଉପସ୍ଥିତ ଥିଲେ। ଆଲୋଚନଚକ୍ରରେ ରାଜଯୋଗୀ ରାମନାଥ ଜୀ ଆଧ୍ୟାତ୍ମିକତାର ମୂଳ ମାନବୀୟ ମୂଲ୍ୟବୋଧ ଏବଂ ଏହା କିପରି ରାଜନୀତିକ ଜୀବନକୁ ପବିତ୍ର, ସ୍ୱଚ୍ଛ ଓ ଦାୟିତ୍ୱଶୀଳ କରେ, ସେନେଇ ଉଦ୍‌ବୋଧନ ଦେବା ସହ ଆଧ୍ୟାତ୍ମିକ ଚିନ୍ତାଧାରା ରାଜନୀତିରେ ନେତୃତ୍ୱକୁ ଶକ୍ତିଶାଳୀ କରିଥାଏ ଓ ସମାଜର ସମଗ୍ର ଉନ୍ନତି ପାଇଁ ଏକ ସଠିକ ଦିଗ ଦେଇଥାଏ ବୋଲି କହିଥିଲେ। ସେହିପରି ଆଧ୍ୟାତ୍ମିକତା ଓ ରାଜନୀତିର ସମନ୍ୱୟ ଏକ ସୁସ୍ଥ ଓ ସମୃଦ୍ଧ ରାଷ୍ଟ୍ର ଗଠନରେ ମୁଖ୍ୟ ଭୂମିକା ନେଇଥାଏ। ଯୁବପିଢ଼ି ନୀତିଶୀଳ ଓ ସେବାମୂଳକ ରାଜନୀତିରେ ଯୋଗଦେଇ କାର୍ଯ୍ୟ କଲେ ସମାଜରେ ସକାରାତ୍ମକ ପରିବର୍ତ୍ତନ ହୋଇପାରିବ ବୋଲି କହିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଜଟଣୀ ଶାଖାର ମୁଖ୍ୟ ସଞ୍ଚାଳିକା ବିକେ.ଜ୍ୟୋତି ଭଉଣୀ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ବିକେ. ଅଶୋକ ଧନ୍ୟବାଦ ଦେଇଥିଲେ।

# ବାଳକ ବିଭାଗ ମ୍ୟାଚ୍ ଡ୍ର, ବାଳିକାରେ ଏଫ୍.ସି. ଜଟଣୀ ବିଜୟୀ

**ଜିଲାସ୍ତରୀୟ ସିଏମ୍ ଟ୍ରଫି**

**ଖୋର୍ଦ୍ଧା,୩।୫(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲା ପ୍ରଶାସନ ଏବଂ ଜିଲା ଯୁବ ଓ କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ ୧୪ ବର୍ଷରୁ କମ୍ ଫୁଟ୍‌ବଲ ପ୍ରତିଯୋଗିତା ଜିଲାସ୍ତରୀୟ ସିଏମ୍ ଟ୍ରଫି-୨୦୨୬ର ଦ୍ୱିତୀୟ ସଂସ୍କରଣ ସ୍ଥାନୀୟ ଷ୍ଟାଡିୟମରେ ଚାଲିଛି। ରବିବାର ପ୍ରଥମ ମ୍ୟାଚ୍ ବାଳକ ବିଭାଗର ଏଫ୍.ସି. ଜଟଣୀ ଏବଂ ଆଦିବାସୀ ଜାଗରଣ କ୍ଲବ୍ ମଧ୍ୟରେ ହୋଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଶେଷର ମ୍ୟାଚ୍ ଡ୍ର ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ବାଳିକା ବିଭାଗରେ ଏଫ୍.ସି. ଜଟଣୀ ଏବଂ ମହାବୀର କ୍ଲବ ଗୁରୁଜଙ୍ଗ ମଧ୍ୟରେ ହୋଇଥିଲା। ଏହି ମ୍ୟାଚରେ ୧-୦ ଗୋଲରେ ଏଫ୍.ସି. ଜଟଣୀ ବିଜୟୀ ହୋଇଥିଲା। ଚିତ୍ତରଞ୍ଜନ ପରିଡ଼ା, ରବିନାରାୟଣ ରଣା ଏବଂ ଅବଦୁଲ ଅହମ୍ମଦ ମ୍ୟାଚ୍ ପରିଚାଳନା କରିଥିବା ମ୍ୟାଚ୍ କମିଶନର ଭାବେ ସୁଶାନ୍ତ କୁମାର ମିଶ୍ର ଦାୟିତ୍ୱ ତୁଲାଇଥିଲେ।



# ସ୍ମାଇଲ୍ ଇଲେଭେନ, ଫିଲ୍ଡ ଫାଇଟର ବିଜୟୀ

**ବୋଲଗଡ଼ ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ**

**ବୋଲଗଡ଼,୩।୫(ଦେବବ୍ରତ ହୋତା)**

ବୋଲଗଡ଼ ବାମନ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଚାଲିଥିବା ଦ୍ୱାଦଶ ବୋଲଗଡ଼ ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ରବିବାର ଦୁଇଟି ଲିଗ୍ ମ୍ୟାଚ୍ ହୋଇଥିଲା। ୧୪ତମ ଲିଗ୍ ମ୍ୟାଚ୍ ସ୍ମାଇଲ୍ ଇଲେଭେନ ଏବଂ ରାନୀ ବ୍ଲାଷ୍ଟର ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ରାନୀ ବ୍ଲାଷ୍ଟର ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୫ ଉଇକେଟ ବିନିମୟରେ ୭୨ରନ ସଂଗ୍ରହ କରିଥିଲା। ଜବାବରେ ସ୍ମାଇଲ ଇଲେଭେନ ଟିମ୍ ୭.୧ ଓଭରରେ ୪ ଉଇକେଟ ବିନିମୟରେ ୭୩ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଏହି ମ୍ୟାଚରେ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ରମାକାନ୍ତଙ୍କୁ ପୁରସ୍କୃତ କରାଯାଇଥିଲା। ମାଷ୍ଟର ରିଙ୍କୁ ଏବଂ ସୁନୀଲ ସାହୁ ମ୍ୟାଚ୍ ପରିଚାଳନା କରିଥିଲେ। ସେହିପରି ଅପରାହ୍ନରେ ଅନୁଷ୍ଠିତ ୧୫ତମ ଲିଗ୍ ମ୍ୟାଚ୍ ଅନ୍‌ଷ୍ଟପେବଲ କିଙ୍ଗ୍‌ସ ଏବଂ ଫିଲ୍ଡ ଫାଇଟର ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ଫିଲ୍ଡ ଫାଇଟର ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୮ଉଇକେଟ ବିନିମୟରେ ୯୭ରନ ସଂଗ୍ରହ କରିଥିଲା। ଜବାବରେ ଅନ୍‌ଷ୍ଟପେବଲ କିଙ୍ଗ୍‌ସ ଟିମ୍ ୧୦ ଓଭରରେ ୬ ଉଇକେଟ ବିନିମୟରେ ୯୪ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଏହି ମ୍ୟାଚରେ ଓମ୍ ଶ୍ରୀ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସୁନୀଲ ସାହୁ ଏବଂ ମାଷ୍ଟର ରିଙ୍କୁ ମ୍ୟାଚ୍ ପରିଚାଳନା କରିଥିଲେ। ଆୟୋଜକ ଫ୍ରେଣ୍ଡ୍‌ସ କ୍ଲବର ସଦସ୍ୟ ମାନେ ମ୍ୟାଚ୍ ପରିଚାଳନା କରିଥିଲେ।



ଅତିଥିଙ୍କଠାରୁ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

ଓଡ଼ିଆ ବିଶ୍ୱବିଦ୍ୟାଳୟ, ସତ୍ୟବାଦୀ, ପୁରୀ, ଓଡ଼ିଶା, ୭୫୨୦୧୪
Odia University, Satyabadi, Puri, Odisha, 752014
Website:https://odiauniversity.ac.in
Email: odiauniversityrecruitment@gmail.com

NOTICE

No.515 Date:30.04.2026

Advt.No. 01 of 2026/27

(ADVERTISEMENT FOR RECRUITMENT TO THE TEACHING POSTS)

No.11001/23/2627: Online applications are invited from prospective candidates for recruitment to the posts of **Professor/Associate Professor/Assistant Professors** in different departments of Odia University in the mentioned scale of pay of the pay matrix under Odisha Revised Scales of Pay for University Teachers (UGC Scale of Pay) Rule, 2019 with usual dearness allowance and other allowances as may be sanctioned by the Government of Odisha from time to time, through the proforma application to be made available on the WEBSITE (http://hims.odisha.gov.in). The link for registration, payment of application fee and submission of online applications shall be available from 05.05.2026 till 04.06.2026. For Advertisement details the candidates are requested to check the University website https://odiauniversity.ac.in from 05.05.2026 onwards.

| Teaching (Faculty) Positions | Total Vacancy |
|---|---|
| (Professors/ Associate Professors/ Assistant Professors) | 21 |

Sd./- REGISTRAR
ODIA UNIVERSITY

OIPR-11001/11144/1/26-27/0002

## ସଂକ୍ଷେପରେ

### ତାର ଛିଡ଼ିବାକୁ କେନ୍ଦ୍ରକରି ବସ୍ ଚାଳକଙ୍କୁ ଆକ୍ରମଣ

ବଲଙ୍ଗା,୩।୫(କେଦାରେଶ୍ୱର ନନ୍ଦ)

ବଲଙ୍ଗା ଥାନା ଅନ୍ତର୍ଗତ ରେସିଙ୍ଗା ଗ୍ରାମରେ ବିଦ୍ୟୁତ ତାର ଛିଡ଼ିବାକୁ କେନ୍ଦ୍ରକରି ଜଣେ ବସ ଚାଳକଙ୍କୁ ଆକ୍ରମଣ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ଥାନାରେ ୧୨୮/୨୬ନମ୍ବରରେ ଏକ ମାମଲା ରୁଜୁ କରି ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ରେସିଙ୍ଗା ଗ୍ରାମର ସୁନୀଲକାନ୍ତ ମହାନ୍ତି ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ସୁନୀଲ ବସ୍ ନେଇ ଗାଁ ଭିତରେ ଯାଉଥିବା ବେଳେ ବେହେରା ସାହିଠାରେ ତାର ବସ୍‌ରେ ଲାଗିଯିବାରୁ ଗ୍ରାମର ୨ଜଣ ବ୍ୟକ୍ତିଙ୍କର ତାର ଛିଡ଼ି ଯାଇଥିଲା। ଏହି ଘଟଣାରେ ସୁନୀଲ ଘରକୁ ଫେରିଲେ ତାର ଯୋଡ଼ିଦେବେ ବୋଲି କହି ଚାଲି ଯାଇଥିଲେ। ରାତିରେ ସୁନୀଲ ବାଇକ ଯୋଗେ ଘରକୁ ଫେରୁଥିବା ବେଳେ ବେହେରା ସାହିର ରାଜୁଆ ବେହେରା ଓ ରବି ବେହେରା ତାଙ୍କୁ ଅଟକାଇ ଗାଳିଗୁଲଜ କରିଥିଲେ। ସୁନୀଲ ପ୍ରତିବାଦ କରିବାରୁ ସେମାନେ ଇଟାରେ ସୁନୀଲଙ୍କୁ ଆକ୍ରମଣ କରି ମୁହଁ ଫଟାଇ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି।

### ସ୍କୁଟିକୁ ପିଟିଲା ସ୍ୱିଫ୍ଟ, ଯୁବତୀ ଗୁରୁତର

କୋଣାର୍କ,୩।୫(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଟେଲିଫୋନ ଏକ୍ସଚେଞ୍ଜ ସମ୍ମୁଖରେ ଏକ ସ୍କୁଟି ଉପରେ ସ୍ୱିଫ୍ଟ ଗାଡ଼ି ଚଢ଼ିଯିବା ଫଳରେ ସ୍କୁଟି ଚାଳକ ଗୁରୁତର ହୋଇଥିବା ଜଣାପଡ଼ିଛି। ସ୍କୁଟି ଚାଳକ ହେଲେ ଚାରିଛକ ଥାନା ଅଧିନସ୍ଥ ବାହାରଣା ଗ୍ରାମର ଅର୍ପିତା ପରିଡ଼ା(୧୯)। ପ୍ରକାଶ ଯେ, ରବିବାର ସନ୍ଧ୍ୟାରେ ଅର୍ପିତା ବାଣପଦା ରୋଡ୍‌ରୁ ଟେଲିଫୋନ ଏକ୍ସଚେଞ୍ଜ ଆଡ଼କୁ ସ୍କୁଟି ନଂ(ଓଡି–୦୨–ସି ଜେ–୧୪୩୯) ଯୋଗେ ଯାଉଥିବା ବେଳେ ପୁରୀରୁ କୋଣାର୍କ ଅଭିମୁଖେ ଆସୁଥିବା ଏକ ସ୍ୱିଫ୍ଟ ଗାଡ଼ି ନଂ (ଓଡି–୦୨–ବିଜେ–୭୦୨୨) ତାଙ୍କ ଉପରେ ଚଢ଼ି ଯାଇଥିଲା। ଫଳରେ ଅର୍ପିତାଙ୍କ ଡାହାଣ ଗୋଡ଼ ସଂପୂର୍ଣ୍ଣ ଭାଙ୍ଗି ଦୁଇ ଖଣ୍ଡ ହୋଇଯାଇଥିଲା ବେଳେ ମୁହଁ ଓ ଶରୀରରେ ଗଭୀର ଆଘାତ ଲାଗିଛି। ଖବରପାଇ କୋଣାର୍କ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଡ଼ିଆରୀଙ୍କ ନିର୍ଦ୍ଦେଶକ୍ରମେ ଏଏସ୍ଆଇ ସ୍ୱରାଜ କୁମାର ସିଂ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଯୁବତୀଙ୍କୁ ଏକ ଅଟୋ ଯୋଗେ କୋଣାର୍କ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ଝୁଲୁଥିବା ଦେଖି ଅଗ୍ନିଶମ ବିଭାଗ ଗାଡ଼ି ଯୋଗେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସ୍ୱିଫ୍ଟ ଡ୍ରାଇଭରଙ୍କୁ ପୋଲିସ ଥାନାରେ ଅଟକ ରଖିଥିବା ଜଣାପଡ଼ିଛି। କୋଣାର୍କ ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ୨ଟିକୁ ଜବତ କରିବା ସହି ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା କୋଣାର୍କ ଥାନାଧିକାରୀ ପଡ଼ିଆରୀ ପ୍ରକାଶ କରିଛନ୍ତି।

### ବିବାହ ବନ୍ଧନରେ ଆବଦ୍ଧ ହେଲେ ଦୁଇ ବୃକ୍ଷ

ସାକ୍ଷୀଗୋପାଳ,୩।୫(ଭରତ ରାଉତ)

ପଶ୍ଚିମ ସତ୍ୟବାଦୀ ଅଧିନସ୍ଥ ପୁରୁଣା ସୋମେଶ୍ୱର ଗ୍ରାମରେ ଏକ ନିଆରା ବିବାହ ଉତ୍ସବ ପାଳିତ ହୋଇଯାଇଛି। ଏହି ବିବାହ ହୋଇଛି ବର ଆଉ ଓସ୍ତ ପରି ଦୁଇଟି ଗଛ ମଧ୍ୟରେ। ସମ୍ପୂର୍ଣ୍ଣ ରୀତିନୀତି, ହୋମ ଯଜ୍ଞ ସହିତ ପୁରୋହିତ ଏବଂ ପଣ୍ଡିତଙ୍କ ମନ୍ତ୍ରଧ୍ୱନିରେ ଧୁମ୍‌ଧାମର ସହିତ ଏହି ବିବାହ କାର୍ଯ୍ୟ ଶେଷ ହୋଇଛି। ଏଠାରେ ବାହାଘର ନିମିତ୍ତ ବେଦୀ ବି ବନ୍ଧା ହୋଇଛି। ଆଉ ତା' ସାଙ୍ଗକୁ ବାଜା, ବାଣ ଯୋଡ଼ି ମହୁରୀ ବି ବାଜିଛି। କନ୍ୟା ପକ୍ଷ ବିବାହର ସମସ୍ତ ଆୟୋଜନ କରିବା ସହିତ ବରପକ୍ଷ ମଧ୍ୟ ବର ସହିତ ବରଯାତ୍ରୀଙ୍କୁ ନେଇ ବିବାହ ପାଇଁ କନ୍ୟା ଘରେ ପହଁଚି ଥିଲେ। ବର କନ୍ୟାଙ୍କୁ ମଙ୍ଗୁଳା ପରି ଏମାନଙ୍କୁ ମଧ୍ୟ ହଳଦୀ ଲଗାଇ ମଙ୍ଗୁଳାଇବା ସହ ବନ୍ଦାପନା କରାଯାଉଥିଲା। ଯାହା ବିଶାସ ରହିଛି,ନିଜ ମାନସିକ ପୂରଣ ହେବା ପରେ ଦୁଇ ପରିବାର ମିଶି ଏହି ବିବାହ ଦାୟିତ୍ୱ ତୁଲାଇଥିଲେ। ଧୁମ୍‌ଧାମରେ ମଧ୍ୟ ପୁଅଝିଅ ବାହାଘର ପରି ବର ଏବଂ ଓସ୍ତ ଗଛର ବାହାଘର କରିଥିଲେ। ଗ୍ରାମର ବାସୁଦେବ ପରିଡ଼ା ଓ ପତ୍ନୀ ପ୍ରମିଳା ପରିଡ଼ା ବରଗଛର ପିତାମାତା ହୋଇଥିବା ବେଳେ ସେହି ଗ୍ରାମର ମାଧବ ବେହେରା ଓ ପତ୍ନୀ ମିତାଲି ବେହେରା ହେଉଛନ୍ତି ଓସ୍ତ ଗଛର ପିତାମାତା ହୋଇ ବିବାହ ସମ୍ପନ୍ନ କରିଥିଲେ। ପୁରୋହିତ ବିରଞ୍ଚିନାରାୟଣ ପୂଜାପଣ୍ଡା ବିବାହ କାର୍ଯ୍ୟ କରିଥିଲେ।

# ରକ୍ତମୁଖା ଆମ ବସ୍, ପୁଣି ଜୀବନ ନେଲା

**ଉତ୍ତେଜନା, ରାସ୍ତାରୋକୋ, ଘଣ୍ଟାଏ ରାସ୍ତାଜାମ୍**

- ପଛରୁ ଧକ୍କା ଦେଇ ବାଇକ ଆରୋହୀଙ୍କ ଉପରେ ଚଢ଼ିଗଲା
- ୨ଲକ୍ଷ ଟଙ୍କାର ସହାୟତା ଘୋଷଣା କଲେ କ୍ରୁଟ୍ ଅଧିକାରୀ

ଭୁବନେଶ୍ୱର୩।୫(ପ୍ରସନଜିତ୍ ସାହୁ)



ଦୁର୍ଘଟଣା ସ୍ଥଳରେ ଲୋକଙ୍କ ଭିଡ ।

ରକ୍ତମୁଖା ହେଉଛି ଆମ ବସ୍। ରାଜଧାନୀ ଭୁବନେଶ୍ୱରରେ ଜଣକ ପରେ ଆଉଜଣଙ୍କ ଜୀବନ ନେଇଛି। ଶହୀଦନଗର ଥାନା ଅନ୍ତର୍ଗତ ସତ୍‌ସଙ୍ଗ ବିହାର ସମ୍ମୁଖ ଶହୀଦନଗର ପାର୍ଶ୍ୱ ଜାତୀୟ ରାଜପଥରେ ରବିବାର ଅପରାହ୍ନରେ ଏକ ବାଇକ୍‌କୁ ପଛରୁ ଧକ୍କା ଦେବା ପରେ ଚଢ଼ିଯିବାରୁ ଘଟଣାସ୍ଥଳରେ ବାଇକ୍‌ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତିଜଣକ ହେଲେ ପୁରୀ ଜିଲା ସତ୍ୟବାଦୀ ଥାନା ଅନ୍ତର୍ଗତ ଭୀମପୁର ଗ୍ରାମର ଗଦାଧର ସାହୁ (୪୬)। ଖବର ପ୍ରଚାରିତ ହୋଇଯିବା ପରେ ସେଠାରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକଙ୍କ ସହ ବାଟରେ ଯାଉଥିବା ଲୋକେ ରାସ୍ତାରୋକୋ କରିବା ସହ ସେହିବାଟ ଦେଇ ଆସୁଥିବା ୧୦ରୁ ଊର୍ଦ୍ଧ୍ୱ ଆମ ବସ୍‌କୁ ଅଟକାଇଥିଲେ। ଫଳରେ ଘଣ୍ଟାଏ ପର୍ଯ୍ୟନ୍ତ ଗାଡିମୋଟର ଚଳାଚଳ ବ୍ୟାହତ ହେବା ସହ ରାଜପଥର ଉକ୍ତ ପାର୍ଶ୍ୱରେ ହଂସପାଳ ପର୍ଯ୍ୟନ୍ତ ଗାଡିମୋଟର ଭିଡ଼ରେ ଫସି ରହିଥିଲା। ଖବର ପାଇ ଡିସିପି ଜଗମୋହନ ମିନା ଓ ଟ୍ରାଫିକ ପୋଲିସ ଦୁର୍ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିବା ସହ ଗାଡିମୋଟର ଚଳାଚଳ ସ୍ୱାଭାବିକ କରିଥିଲେ।

ସୂଚନାଯୋଗ୍ୟ, ଗଦାଧର କୌଣସି କାମରେ ଭୁବନେଶ୍ୱର ଆସିଥିଲେ। ଅପରାହ୍ନ ପ୍ରାୟ ୪ଟା ୩୦ରେ ସେ ଓଡି୧୩ଏମ୍୪୫୨୦ ନମ୍ବର ବିଶିଷ୍ଟ ବାଇକ୍‌ରେ ଯାଉଥିବାବେଳେ ରସୁଲଗଡରୁ ବାଣୀବିହାର ଦ୍ରୁତଗତିରେ ଆସୁଥିବା ଆମ ବସ୍‌ଟି ସତ୍‌ସଙ୍ଗ ବିହାର ସମ୍ମୁଖରେ ତାଙ୍କୁ ପଛରୁ ଧକ୍କା ଦେଇଥିଲା। ଫଳରେ ବାଇକଟି ରାସ୍ତା ପାର୍ଶ୍ୱକୁ ଚାଲିଯାଇଥିବାବେଳେ ସେ ରାସ୍ତାରେ ଛିଟିକି ପଡିଥିଲେ। ଏହି ସମୟରେ ଉକ୍ତ ବସ୍‌ଟି ତାଙ୍କ ଦେହ ଓ ମୁଣ୍ଡ ଉପରେ ଚଢ଼ିଯାଇଥିଲା। ଘଟଣାସ୍ଥଳରେ ତାଙ୍କର ଜୀବନ ଚାଲିଯାଇଥିଲା। ପୋଲିସ ପହଞ୍ଚି ମୃତଦେହକୁ କ୍ୟାପିଟାଲ ହସ୍ପିଟାଲ ପଠାଇବା ସହ ଉଭୟ ଦୁର୍ଘଟଣାଗ୍ରସ୍ତ ବାଇକ ଓ ବସ୍‌କୁ ଜବତ କରିବା ସହ ରାସ୍ତା ଜାମ୍ ହଟାଇଥିଲା। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ କ୍ରୁଟ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା କ୍ଷତି ପୂରଣ ଘୋଷଣା କରିଛି।

## ଭାଜପାର ଜନଆକ୍ରୋଶ ଶୋଭାଯାତ୍ରା

ବଲଙ୍ଗା,୩।୫(କେଦାରେଶ୍ୱର ନନ୍ଦ)

ମହିଳା ସଂରକ୍ଷଣ ବିଲ୍ ପ୍ରସଙ୍ଗ ନେଇ ବଲଙ୍ଗା ମଣ୍ଡଳ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ମହିଳା ଆକ୍ରୋଶ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବଲଙ୍ଗା ଭାଜପାର ୧ ହଜାରରୁ ଊର୍ଦ୍ଧ୍ୱ ମହିଳା ହାତରେ କଳାପତାକା ଧରି ମୁହଁରେ କଳାରିବନ ବାନ୍ଧି ରାଜରାସ୍ତାରେ ଗର୍ଜିଥିଲେ। ମହିଳାମାନେ ବଲଙ୍ଗା ଡେଲ୍‌ଟା ଛକଠାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ କୁଶପୁତ୍ତଳିକା ଦାହ କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ମହିଳା ଓ ଭାଜପା କର୍ମୀ ସାମିଲ ହୋଇଥିଲେ। ଶମ୍ଭୁଭାରତୀପାଟଣା ନିକଟରୁ ଏକ ମହିଳା ଶୋଭାଯାତ୍ରା ବାହାରି ବଲଙ୍ଗା ବଜାର ପରିକ୍ରମା କରି ଡେଲ୍‌ଟା ଛକଠାରେ ପହଞ୍ଚିଥିଲା। କର୍ମୀମାନେ ହାତରେ ପ୍ଲା– କାର୍ଡ ଓ ମୁଣ୍ଡରେ କଳାପଟି ବାନ୍ଧି ପ୍ରତିବାଦ କରୁଥିବା ଦେଖିବାକୁ ମିଳିଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବଲଙ୍ଗା ମଣ୍ଡଳ ସଭାପତି ଦେବାଶିଷ ଆଚାର୍ଯ୍ୟ, ସାଂସଦଙ୍କ ପ୍ରତିନିଧି ମୀନଲତା ମହାନ୍ତି, ସ୍ୱର୍ଣ୍ଣପ୍ରଭା ମାଝୀ, ପ୍ରସନ୍ନ କୁମାର ଦାଶ, କୃଷକ ମୋର୍ଚ୍ଚା ଉପସଭାପତି ଅର୍ଜୁନ ବରାଳ, ସରୋଜ କୁମାର ସାହୁ, ବଲଙ୍ଗା ମଣ୍ଡଳ ସଭାପତି ପ୍ରଭାକର ନାୟକ, ଧନୁଆ ମଣ୍ଡଳ ସଭାପତି ସନ୍ତୋଷ ପରିଡ଼ା, ବଲଙ୍ଗା ମଣ୍ଡଳ ମହିଳା ମୋର୍ଚ୍ଚା ଜୟନ୍ତୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ୩୯ ବର୍ଷ ପରେ ଗୁରୁ ପୂଜନ କଲେ ସହପାଠୀ



ଗୋପ,୩।୫(ଭାରତୀ ଭୂଷଣ ଉପାଧ୍ୟାୟ)

ଚରିତ୍ର ଭବିଷ୍ୟତ ଗଢ଼ିଥିବା ସାର୍‌ମାନଙ୍କୁ ଏକାଠି କରି ଦୀର୍ଘ ୩୯ ବର୍ଷ ପରେ ସହପାଠୀମାନେ ଗୁରୁ ପୂଜନ କରିବା ସହ ସୁଖଦୁଃଖ ବାଣ୍ଟିଛନ୍ତି। ଗୋପ ବ୍ଲକ ଅନ୍ତର୍ଗତ ଅଚ୍ୟୁତପୁର ପଞ୍ଚାୟତ ଅନ୍ତର୍ଗତ କୋଟିଲେଶ୍ୱର ହାଇସ୍କୁଲର ୧୯୮୭ ବ୍ୟାଚ୍‌ର ଛାତ୍ରୀଛାତ୍ରଙ୍କ ରବିବାର ହାଇସ୍କୁଲ ପରିସରରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ଗନ୍ଧର୍ବ ବିଶ୍ୱାଳ, ନିରୁପମା ପାତ୍ର, ଗୁରୁପ୍ରସାଦ ମହାନ୍ତି, ବଳରାମ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ୧୯୮୭ ବ୍ୟାଚ୍‌ର ଶତାଧିକ ଛାତ୍ରୀଛାତ୍ର ଗୁରୁ ପୂଜା କରିବା ପରେ ଆର୍ଶୀବାଦ ନେଇଥିଲେ। ଦୀର୍ଘ ବର୍ଷ ପରେ ଏକାଠି ହୋଇଥିବା ଛାତ୍ରୀଛାତ୍ର ନିଜ ପରିବାର ସଦସ୍ୟଙ୍କ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଭାବର ଆଦାନ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତା କରାଯିବା ପରେ ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅତିଥି ଭାବେ ଯୋଗ ଦେଇଥିବା ସ୍ୱପ୍ନାଶ୍ରୀ ସାମନ୍ତସିଂହାର ପ୍ରମୁଖ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜଳନ୍ଧର ପରିଡ଼ା, ହରିହର ମାଝୀ, ରବିନାରାୟଣ ମିଶ୍ର, ରବିନ୍ଦ୍ର ବେହେରା, ସୁମିତ୍ରା ପାତ୍ରଙ୍କ ସମେତ ଅନ୍ୟମାନେ ପରିଚାଳନା କରିଥିଲେ।

## ମାତାପିତାଙ୍କ ସେବା ହିଁ ପୁତ୍ରକନ୍ୟାଙ୍କ ଶ୍ରେଷ୍ଠ କର୍ତ୍ତବ୍ୟ

ଡେଲାଙ୍ଗ,୩।୫ (ରଶ୍ମୀରଞ୍ଜନ ପ୍ରଧାନ)



କବି ସମ୍ମିଳନୀରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ କବି ଓ କବୟିତ୍ରୀମାନେ ।

ପିତାମାତାଙ୍କ ସେବା ହିଁ ପୁତ୍ରକନ୍ୟାଙ୍କ ଶ୍ରେଷ୍ଠ କର୍ତ୍ତବ୍ୟ ଓ ପିତାମାତାଙ୍କ ଆଶୀର୍ବାଦ ପ୍ରତ୍ୟେକଙ୍କ ଜୀବନ ପାଇଁ ଶାନ୍ତିର ଆଧାର ବୋଲି ଡେଲାଙ୍ଗ ହାଟ ସତ୍ୟବାଦୀ ସାହିତ୍ୟ ସଂସଦ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ କବିତା ଆସରରେ ଅତିଥି ଓ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଆଶୁକବି ତଥା ସଂସ୍କୃତିପ୍ରେମୀ ଶିକ୍ଷକ ଅଭୟ ଚରଣ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କବିତା ପାଠୋତ୍ସବ ଓ ସମ୍ବର୍ଦ୍ଧନା ପର୍ବରେ ଶିଶୁକବି ଡ. ହେମନ୍ତ କୁମାର ଛୋଟରାୟ, ପ୍ରିୟପତ୍ର ପତ୍ରିକାର ସମ୍ପାଦକ ଆଇନଜୀବୀ ବିପିନି ଦଳାଇ, ଉତ୍କଳ ମଣି ସ୍ମୃତି ମହାବିଦ୍ୟାଳୟ ଅଧ୍ୟାପିକା ସ୍ୱର୍ଣ୍ଣଲତା ମାହାରୀ, ଗାନ୍ଧୀତତ୍ତ୍ୱ ପ୍ରଚାରକ ଅନାମ ମଲ୍ଲିକ, ଲକ୍ଷ୍ମୀ ନାରାୟଣ ପାଠୀ, ସାହିତ୍ୟିକ ରବିନ୍ଦ୍ର ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ ସାହିତ୍ୟ ମାଧ୍ୟମରେ ସମାଜରେ ସଂସ୍କାର ଓ ଶୁଦ୍ଧତା ଅଣାଯିବା ଉଚିତ ଏବଂ ପିତାମାତାଙ୍କ ପ୍ରତି ପୁତ୍ରକନ୍ୟାଙ୍କ ଯଥୋଚିତ କର୍ତ୍ତବ୍ୟ ପାଳନ ବାଞ୍ଛନୀୟ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ପ୍ରଭାତ କୁମାର ସେଠୀ ବିବରଣୀ ପାଠ ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ। କବି ପ୍ରଭାସ କୁମାର ପ୍ରଧାନ ଓ ଅଧ୍ୟାପିକା ସୌଦାମିନୀ ବେହେରା ସଭା ସଂଯୋଜନା କରିଥିଲେ। ବିଶିଷ୍ଟ ଜ୍ୟୋର୍ତିର୍ବିଦ ଦେବୀ ପ୍ରସାଦ ମହାପାତ୍ର, କବି ଅଜୟ ବଳିୟାରସିଂହ, ପ୍ରବଚକ ଶରତ ରାଉତ, ଡ. ସସ୍ମିତା ନାୟକ, ଜିତେନ୍ଦ୍ର ନାଥ ପେଣ୍ଟୋଇ, ହରିହର ବଳବନ୍ତରାୟ, ଲଲାଟେନ୍ଦୁ ପଣ୍ଡା, ନିରଞ୍ଜନ ସାମନ୍ତରାୟଙ୍କ ସହ ବିଭିନ୍ନ ଅଞ୍ଚଳର କବି, କବୟିତ୍ରୀମାନେ ସ୍ୱରଚିତ କବିତା ପାଠ କରିଥିଲେ।

## ବାଙ୍କେଶ୍ୱର ଦେବଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ଡେଲାଙ୍ଗ,୩।୫(ରଶ୍ମୀରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକ ରେଞ୍ଚ ପଞ୍ଚାୟତ ଅନ୍ତର୍ଗତ ପିଢ଼ପାଟଣା ଗ୍ରାମର ଆରାଧ୍ୟ ଶ୍ରୀ ଶ୍ରୀ ବାଙ୍କେଶ୍ୱର ଦେବଙ୍କ ପୀଠରେ ୨୮ତମ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ମହାଯଜ୍ଞ ପାଇଁ ଗ୍ରାମର ୧୦ଜଣ ମହିଳା ଓ ପୁରୁଷ ନିକଟସ୍ଥ ରତ୍ନଚିରା ନଦୀରେ କଳସ ବୁଡ଼ାଇ ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିବା ବେଳେ ମହାଯଜ୍ଞ ମଙ୍ଗଳବାରଠାରୁ ଆରମ୍ଭ ହୋଇ ଶୁକ୍ରବାର ସନ୍ଧ୍ୟାରେ ପୂର୍ଣ୍ଣାହୁତି ହୋଇଛି। ମଧ୍ୟାହ୍ନରେ ବିଧାୟକ ଆଶ୍ରିତ ପଟ୍ଟନାୟକ ଯଜ୍ଞସ୍ଥଳରେ ପହଞ୍ଚି ଠାକୁରଙ୍କୁ ଦର୍ଶନ କରିଥିବା ବେଳେ ସନ୍ଧ୍ୟାରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ରୁଦ୍ରପ୍ରତାପ ମହାରଥୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବୈରାଗୀ ଜେନା, ରବିନାରାୟଣ ତାଡ଼, ବିଜେଡି ବ୍ଲକ ସଭାପତି ବିପିନ ପଟ୍ଟନାୟକ ଓ ସାରଙ୍ଗ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ଯଜ୍ଞ କମିଟି ସଭାପତି ମହେଶ୍ୱର ଜେନା, ସମ୍ପାଦକ ବିଚିତ୍ରାନନ୍ଦ ସ୍ୱାଇଁ, କୋଷାଧ୍ୟକ୍ଷ ଲକ୍ଷ୍ମୀଧର ପରିଡ଼ା, ବାଙ୍କେଶ୍ୱର ଦେବଙ୍କ ପୂଜକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଯଜ୍ଞ ପରିଚାଳନା କରିଥିବା ବେଳେ ଗ୍ରାମବାସୀ ସହଯୋଗ କରିଥିଲେ।

## ଶୁଭମ ଦାସ ଗୋପ ବ୍ଲକ ଟପ୍ପର

ଗୋପ,୩।୫(ଭାରତୀ ଭୂଷଣ ଉପାଧ୍ୟାୟ)



ଶୁଭମ କୁମାର ଦାସ

**୧୯ ଛାତ୍ରୀଛାତ୍ର ଏ-୧ରେ ଉତ୍ତୀର୍ଣ୍ଣ**

ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଥିବା ବେଳେ ଗୋପ ବ୍ଲକର ଟପ୍ପର ହୋଇଛନ୍ତି ନୟାହାଟ ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଶୁଭମ କୁମାର ଦାସ ୫୬୮ ନମ୍ବର ରଖି ଟପ୍ପର ହୋଇଛନ୍ତି। ସେହିପରି ଏହି ବ୍ଲକର ୧୯ ଜଣ ଛାତ୍ରୀଛାତ୍ର ଏ–୧ରେ ରହିଥିବା ବେଳେ ଗୋପ ନିଗମାନନ୍ଦ ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟରେ ମାତ୍ର ଜଣେ ଛାତ୍ର ଏ–୧ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ପଞ୍ଚସଖା ଭକ୍ତ ବଳରାମ ପୀଠ, ବେଗୁନିଆର ଶତ ପ୍ରତିଶତ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇ ଥିବାବେଳ ଏ–୧ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୟାହାଟ ଉଚ୍ଚ ବିଦ୍ୟାଳୟର ରାମଚନ୍ଦ୍ର ଦୀକ୍ଷିତ ୫୬୨, ନିଗମାନନ୍ଦ ଉଚ୍ଚ ବିଦ୍ୟାଳୟର ହରପ୍ରସାଦ ସ୍ୱାଇଁ ୫୬୧, ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠର ଦ୍ୟୁତୀମାନ ସ୍ୱାଇଁ ୫୫୫, ହରିଶ୍ଚନ୍ଦ୍ର ମେମୋରିଆଲ୍ ଉଚ୍ଚ ବିଦ୍ୟାଳୟ ଛଇତନାର ପ୍ରିୟଦର୍ଶିନୀ ସ୍ୱାଇଁ ୫୪୯, ନୟାହାଟ ଉଚ୍ଚ ବିଦ୍ୟାଳୟର ରୁଦ୍ରାକ୍ଷ ରଞ୍ଜନ ମୁଦୁଲି ୫୪୮, ପଞ୍ଚସଖା ଭକ୍ତ ବଳରାମ ବିଦ୍ୟାପୀଠର ଆଶୁତୋଷ ପ୍ରଧାନ ୫୪୮, ଶ୍ରୀଜଗନ୍ନାଥ ନୋଡାଲ୍ ଉଚ୍ଚ ବିଦ୍ୟାଳୟ ଚଢ଼େଇଗାଁର ଅର୍ଚ୍ଚିତା ସ୍ୱାଇଁ ୫୪୭, ବନ୍ତଳି ପଞ୍ଚାୟତ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଜ୍ଞା ପ୍ରିୟଦର୍ଶିନୀ ସାହୁ ୫୪୫, ଗଣେଶରପୁର ବାଳିକା ଉଚ୍ଚ ବିଦ୍ୟାଳୟର ରିମ୍‌ଝିମ ବେହେରା ୫୪୫, ବନ୍ତଳି ପଞ୍ଚାୟତ ଉଚ୍ଚବିଦ୍ୟାଳୟର ସୁନୀଲ ଚାଟାର୍ଜୀ ୫୪୨, ନୟାହାଟ ବାଳିକା ଉଚ୍ଚ ବିଦ୍ୟାଳୟର ସିମନ ପ୍ରିୟଦର୍ଶିନୀ ସାହୁ ୫୪୨, ବନ୍ତଳି ପଞ୍ଚାୟତ ନୋଡାଲ ଉଚ୍ଚ ବିଦ୍ୟାଳୟର ଗଣେଶ ସିହ୍ନା ୫୪୧, ଏରବଙ୍ଗ ନୋଡାଲ ଉଚ୍ଚ ବିଦ୍ୟାଳୟର ଆଶୁତୋଷ ସ୍ୱାଇଁ, ଗଣେଶ୍ୱର ଉଚ୍ଚ ବିଦ୍ୟାଳୟର ଗାୟତ୍ରୀ ନାୟକ, ହରିଶ୍ଚନ୍ଦ୍ର ମେମୋରିଆଲ ଉଚ୍ଚବିଦ୍ୟାଳୟର ରାହୁଲ ମୁଦୁଲି, ନୟାହାଟ ଉଚ୍ଚ ବିଦ୍ୟାଳୟର ପାୟଲ ଦୀକ୍ଷିତ, ପ୍ରୀତିରଞ୍ଜନ ସାହୁ ଓ ବିବେକାନନ୍ଦ ଶିକ୍ଷାକେନ୍ଦ୍ର କୋଣାର୍କର ଶୁଭଶ୍ରୀ ନନ୍ଦି ୫୪୦ ନମ୍ବର ରଖି ଏ–୧ରେ ଉତ୍ତୀର୍ଣ୍ଣ ହୋଇଛନ୍ତି।

## ରେଳଧାରଣା ପାର୍ଶ୍ୱରେ ମଲାଗାଈ

ନିରାକାରପୁର,୩।୫(ମାନସ ଚନ୍ଦ୍ର ପଟ୍ଟନାୟକ)

ଗତ ୩ଦିନ ତଳେ କୌଣସି ଟ୍ରେନ୍ ଧକ୍କାରେ ଏକ ଗାଈର ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ପରେ ନିରାକାରପୁରଠାରେ ଥିବା ୨୧୯ନମ୍ବର ଲେବଲକ୍ରସିଂ ଡାଉନ୍‌ଲାଇନ ରେଳଧାରଣା ପାର୍ଶ୍ୱରେ ଏହା ପଡିରହିଛି। ମୃତଦେହଟି ପଚିସଢ଼ି ଯାଇଥିବାରୁ ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ସ୍ଥାନୀୟବାସୀଙ୍କ ସମେତ ରେଳ ଫାଟକଠାରେ ଅପେକ୍ଷାରତ ଯାତ୍ରୀ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏନେଇ ସ୍ଥାନୀୟ ଷ୍ଟେଶନ କର୍ତ୍ତୃପକ୍ଷଙ୍କୁ ସ୍ଥାନୀୟବାସିନ୍ଦା ବନବିହାରୀ ପୃଷ୍ଟି, ବିଭୂତି ଭୂଷଣ ପାଙ୍ଗଶାଣୀ, ବିଶ୍ୱମୋହନ ମହାନ୍ତି ପ୍ରମୁଖ ଅଭିଯୋଗ କରିଛନ୍ତି। ଏହା ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉ ନାହିଁ।

## ସ୍ୱାଧୀନତା ସଂଗ୍ରାମୀଙ୍କ ଶ୍ରାଦ୍ଧବାର୍ଷିକୀକୁ ନିମାପଡ଼ା ପ୍ରେରଣା ଦିବସ ଭାବେ ପାଳନ କରାଯିବ

ନିମାପଡ଼ା,୩।୫(ବିଚିତ୍ରାନନ୍ଦ ସାହୁ)

ସ୍ୱାଧୀନତା ସଂଗ୍ରାମୀ ପଦ୍ମଶ୍ରୀ ଭବାନୀ ଚରଣ ପଟ୍ଟନାୟକଙ୍କ ୬ଷ୍ଠ ଶ୍ରାଦ୍ଧବାର୍ଷିକୀକୁ ନିମାପଡ଼ାରେ ଆସନ୍ତା ୧୪ରେ ନିମାପଡ଼ା ପ୍ରେରଣା ଦିବସ ଭାବେ ପାଳନ କରାଯିବ। ଏହି ଅବସରରେ ନିମାପଡ଼ା ଶହୀଦ ସ୍ମୃତିସଂସଦ ଠାରେ ଆୟୋଜିତ ଏକ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ଦିବସ ଅବସରରେ ଶତାଧିକ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆମ ଓଡ଼ିଶା ଶୀର୍ଷକ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସମାରୋହରେ ବହୁ ପ୍ରତିଷ୍ଠିତ ବ୍ୟକ୍ତି ଅତିଥିଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା କର୍ମକର୍ତ୍ତାଙ୍କ ଠାରୁ ଜଣାପଡ଼ିଛି। ଏହି ଅବସରରେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଗୋପ ଅଞ୍ଚଳର ଉତ୍ସର୍ଗ ନାମକ ଏକ ଯୁବ ସଂଗଠନକୁ ସ୍ୱାଧୀନତା ସଂଗ୍ରାମୀ ଭବାନୀ ପଟ୍ଟନାୟକଙ୍କ ସେବାସମ୍ମାନ ପୁରସ୍କାର ପ୍ରଦାନ କରାଯିବା ସହ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯିବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ବୈଠକରେ ଶହୀଦ ସ୍ମୃତି ସଂସଦର ସଭାପତି ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ, ସମ୍ପାଦକ ଡ. ବେଣୁଧର ସେନାପତି, ଶିକ୍ଷାବିତ ଜଗତପ୍ରସାଦ ସାବୁତ, ରାମଚନ୍ଦ୍ର ସାହୁ, ଜୀବନାନନ୍ଦ ମହାପାତ୍ର, ପ୍ରଦୀପ୍ତ କୁମାର ଦାଶ, ଅଭିରାମ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ।

## ମହର୍ଷି ମାୟାଧର ଦାସଙ୍କ ୧୩୦ତମ ଜନ୍ମ ଉତ୍ସବ

ଚାରିଛକ,୩।୫ (ଶିଶିର କୁମାର ସ୍ୱାଇଁ)

ଚାରିଛକସ୍ଥିତ ଏକାନ୍ତ ଆଶ୍ରମରେ ଏକାନ୍ତ ଆଶ୍ରମ କମିଟିର ସଭାପତି ଲକ୍ଷ୍ମୀଧର ନାୟକଙ୍କ ନିର୍ଦ୍ଦେଶରେ ମହର୍ଷି ମାୟାଧର ଦାସଙ୍କ ୧୩୦ତମ ଜନ୍ମ ଉତ୍ସବ ଓ ଗୀତାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ କବିରାଜ କୁଳମଣି ସାହୁ ମେମୋରିଆଲ୍ ଟ୍ରଷ୍ଟର ଅଧ୍ୟକ୍ଷ ତଥା ଏକାନ୍ତ ଆଶ୍ରମ କମିଟିର ସମ୍ପାଦକ ଡକ୍ଟର କେଦାରନାଥ ସାହୁ ଉତ୍ସବ ପରିଚାଳନା କରିଥିଲେ। ଏହି ଜନ୍ମ ଉତ୍ସବ ଗୀତା ଯଜ୍ଞରେ କର୍ତ୍ତା ଭାବେ ଡକ୍ଟର ସୁରେଶ ଚନ୍ଦ୍ର ସାହୁ ଓ କର୍ତ୍ତ୍ରୀ ଭାବେ ସ୍ୱପ୍ନାରାଣୀ ସାହୁ ପୂଜା କର୍ମରେ ବସିଥିବା ବେଳେ ପଣ୍ଡିତ ରଶ୍ମିରଞ୍ଜନ ବାନାର୍ଜୀ ଓ ନୀଳମଣି ଦାଶ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଅମରେଶ୍ୱର ତ୍ରିପାଠୀ, ନିରଞ୍ଜନ କର, ଡକ୍ଟର ଅଞ୍ଜଳି ପ୍ରଧାନ, ଡକ୍ଟର ସନ୍ତୋଷ କୁମାର ମିତ୍ର, ପ୍ରବୀର କୁମାର ଦାଶ, ପଣ୍ଡିତ ମୁରଲୀଧର ଭାରତୀ ଗୋସ୍ୱାମୀ ପ୍ରମୁଖ ଗୀତା ପାଠ କରିଥିଲେ। ସନ୍ଧ୍ୟାରେ ପ୍ରାକ୍ତନ ଅଧ୍ୟକ୍ଷ ଅରୁଣ କୁମାର ସ୍ୱାଇଁ ଓ ତାଙ୍କ ଟିମ୍ ନାମସଂକୀର୍ତ୍ତନ ପରିବେଷଣ କରିଥିଲେ। ଚାରିଛକ ଅଞ୍ଚଳରୁ ବିଭିନ୍ନ ସାଧୁସନ୍ଥ, ଶତାଧିକ ଶ୍ରଦ୍ଧାଳୁ ଆସି ଗୁରୁଦେବ ମହର୍ଷି ମାୟାଧର ଦାସଙ୍କୁ ଦର୍ଶନ କରିବା ସହିତ ଗୀତାଯଜ୍ଞ ଶୁଣିଥିଲେ।

# ପୁରାଣରେ ଚନ୍ଦନ ଯାତ୍ରା ପ୍ରସଙ୍ଗ

ପୁରୀ,୩।୫(ଅଜିତ୍ କୁମାର ମହାନ୍ତି)

**ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ଆଲୋଚନାଚକ୍ର**

ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ମେ' ମାସର ଆଲୋଚନାଚକ୍ର ରବିବାର ସ୍ଥାନୀୟ ଜଗନ୍ନାଥବଲ୍ଲଭ ମଠ ପରିସରରେ ଅନୁଷ୍ଠିତ ହୋଇଛି। ପ୍ରଫେସର ଗୋପାଳକୃଷ୍ଣ ଦାଶ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ସମ୍ପାଦକ ଡ. ଶ୍ରୀନିବାସ ଆଚାର୍ଯ୍ୟ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। 'ପୁରାଣରେ ଚନ୍ଦନ ଯାତ୍ରା' ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଏନେଇ ଡ. ଭାସ୍କର ମିଶ୍ର ପ୍ରବନ୍ଧ ଉପସ୍ଥାପନ କରିଥିଲେ। ନୃସିଂହ ପୁରାଣରୁ ଜଣାଯାଏ ଯେ, ସର୍ବପ୍ରଥମେ ସତ୍ୟଯୁଗରେ ଗ୍ରୀଷ୍ମ ଋତୁରେ ନୃସିଂହ ଶୀତଳପ୍ରଦ ଚନ୍ଦନ ଯାତ୍ରା ଆରମ୍ଭ କରି ସ୍ୱୟଂ ଅଂଶଗ୍ରହଣ କରିଥିଲେ। ଓଡ଼ିଶାର ପ୍ରସିଦ୍ଧ କର୍ମଶାସ୍ତ୍ରକାର ଗଦାଧର ମହାପାତ୍ର ତାଙ୍କ କାଳସାର ଗ୍ରନ୍ଥରେ ବର୍ଣ୍ଣିତ ଦ୍ୱାଦଶ ଯାତ୍ରା ମଧ୍ୟରେ ଅକ୍ଷୟ ତୃତୀୟାରେ ଅନୁଷ୍ଠିତ ଚନ୍ଦନ ଯାତ୍ରା ଅନ୍ୟତମ। ମହାଭାରତ ବିରାଟ ପର୍ବ ୭୨ତମ ଅଧ୍ୟାୟ, ଉତ୍ତରା ପରିଣୟ ଅବସରରେ ରାଜା ବିରାଟ ଏକ ଜଳାଶୟ ସୃଷ୍ଟି କରି ଜଳ କେଳି ମଣ୍ଡପ ନିର୍ମାଣ କରିଥିଲେ। ସେଥିରେ ମତ୍ସ୍ୟରାଜ ଶ୍ରୀକୃଷ୍ଣ ବଳରାମଙ୍କ ସହ ପଞ୍ଚପାଣ୍ଡବଙ୍କୁ ନେଇ ନୌବିହାର କରିଥିଲେ। ଶ୍ରୀକ୍ଷେତ୍ରରେ ପଞ୍ଚ ପାଣ୍ଡବ ତଥା ପଞ୍ଚ ମହାଦେବ ଯମେଶ୍ୱର, ଲୋକନାଥ, ମାର୍କଣ୍ଡେଶ୍ୱର, କପାଳମୋଚନ ଓ ନୀଳକଣ୍ଠ ବଡ଼ଚାପ ଭଦ୍ରାରେ ରାମକୃଷ୍ଣଙ୍କ ସହ ବିଜେ କରିଥାନ୍ତି। ଶ୍ରୀଜଗନ୍ନାଥଙ୍କ ପ୍ରତିନିଧି ଚଳନ୍ତି ପ୍ରତିମା ଶ୍ରୀମଦନ ମୋହନ, ଶ୍ରଦେବୀ ଓ ଭୂଦେବୀଙ୍କ ସହ ନନ୍ଦା ନାମକ ଚାପରେ ବିଜେ କରନ୍ତି। ବାହାର ଚନ୍ଦନ ୨୧ ଦିନ ହେଉଥିବା ବେଳେ ଭିତର ଚନ୍ଦନ ମଧ୍ୟ ୨୧ ଦିନ ହୋଇଥାଏ। ଚାପରେ ମଧୁସୂଦନଙ୍କୁ ଦର୍ଶନ କଲେ ପୁନଃଜନ୍ମ ମିଳେନାହିଁ। ଅଷ୍ଟାଦଶ ଶତାବ୍ଦୀରେ ରଚିତ ନୀଳାମ୍ବର ଆଚାର୍ଯ୍ୟଙ୍କ ଚନ୍ଦନ ଯାତ୍ରା ଚମ୍ପୁ ଓ ଉନବିଂଶ ଶତାବ୍ଦୀରେ କାବ୍ୟକଣ୍ଠ ସଦାଶିବ ମିଶ୍ରଙ୍କ ପ୍ରଣୀତ ଚନ୍ଦନଯାତ୍ରା ଚମ୍ପୁ ସଂସ୍କୃତ ଭାଷାରେ ଉଲ୍ଲେଖନୀୟ ଗ୍ରନ୍ଥ। ନୀଳାଦ୍ରି ମହୋଦୟର ଛତିଶ ଅଧ୍ୟାୟରେ ଶ୍ରୀବିଗ୍ରହଙ୍କ ସମେତ ଚଳନ୍ତି ପ୍ରତିମାଙ୍କର ଚନ୍ଦର ଲେପନ ନୀତି ଓ ଜଳକ୍ରୀଡ଼ା ଉତ୍ସବର ବର୍ଣ୍ଣନା କରାଯାଇଛି। ବାମଦେବ ସଂହିତାର ବାଇଶ ଅଧ୍ୟାୟରେ ମଧ୍ୟ ଚନ୍ଦନ ଲେପନ ବିଷୟରେ ବର୍ଣ୍ଣନା ଅଛି ବୋଲି ମତ ପ୍ରକାଶ ପାଇଥିଲା। ଆଲୋଚନାଚକ୍ରରେ ଡ. ଉମେଶ ଚନ୍ଦ୍ର ଚିହ୍ନରା, ଡ. ନରେଶ ଚନ୍ଦ୍ର ଦାଶ, ଡ. ପ୍ରମୋଦ କୁମାର ଦଳାଇ, ଡ. ନୃସିଂହଚରଣ ସାହୁ, ଡ. କାଦମ୍ବିନୀ ଦାଶ, ଡ. କଲ୍ୟାଣୀ ଶତପଥୀ, ସତ୍ୟନାରାୟଣ ମିଶ୍ର, ନକୁଳଚରଣ ସ୍ୱାଇଁ, ଶ୍ୟାମପ୍ରକାଶ ସେନାପତି, ଅନାମଚନ୍ଦ୍ର ସାହୁ, ଅଶୋକ କୁମାର ଆଢ୍ୟ, ସନ୍ଧ୍ୟାରାଣୀ ଚିହ୍ନରା, କୋଟେଶଚନ୍ଦ୍ର ପାତ୍ର, ନକୁଳ ଚରଣ ସ୍ୱାଇଁ, ମୀରା ମହାନ୍ତି, ଜ୍ୟୋତ୍ସ୍ନାରାଣୀ ପ୍ରଧାନ, ପ୍ରଶାନ୍ତ କୁମାର ପାତ୍ର, ସନ୍ଧ୍ୟାରାଣୀ ଚିହ୍ନରା ପ୍ରମୁଖ ଅଂଶଗ୍ରହଣ କରିଥିଲେ।



ଆଲୋଚନାଚକ୍ରରେ ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର କର୍ମକର୍ତ୍ତାମାନେ ।

ଓଡ଼ିଆ ବିଶ୍ୱବିଦ୍ୟାଳୟ, ସତ୍ୟବାଦୀ, ପୁରୀ, ଓଡ଼ିଶା, ୭୫୨୦୧୪
Odia University, Satyabadi, Puri, Odisha, 752014
Website:https://odiauniversity.ac.in
Email: odiauniversityrecruitment@gmail.com

NOTICE

No.515 Date:30.04.2026

Advt.No. 01 of 2026/27

(ADVERTISEMENT FOR RECRUITMENT TO THE TEACHING POSTS)

No.11001/23/2627: Online applications are invited from prospective candidates for recruitment to the posts of **Professor/Associate Professor/Assistant Professors** in different departments of Odia University in the mentioned scale of pay of the pay matrix under Odisha Revised Scales of Pay for University Teachers (UGC Scale of Pay) Rule, 2019 with usual dearness allowance and other allowances as may be sanctioned by the Government of Odisha from time to time, through the proforma application to be made available on the WEBSITE (http://hims.odisha.gov.in). The link for registration, payment of application fee and submission of online applications shall be available from 05.05.2026 till 04.06.2026. For Advertisement details the candidates are requested to check the University website https://odiauniversity.ac.in from 05.05.2026 onwards.

| Teaching (Faculty) Positions | Total Vacancy |
|---|---|
| (Professors/ Associate Professors/ Assistant Professors) | 21 |

Sd./- REGISTRAR
ODIA UNIVERSITY

OIPR-11001/11144/1/26-27/0002

## ସଂକ୍ଷେପରେ

### ଶ୍ରଦ୍ଧାସୁମନ ବିଦ୍ୟାଳୟ ଟପ୍ପର

**ମାତୃଭବନ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର**

କଟକ,୩।୫(କାର୍ତ୍ତିକ ସାହୁ)

ମାତୃଭବନ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ରୀଛାତ୍ରମାନେ ମାଟ୍ରିକ ପରୀକ୍ଷାରେ ଆଶାଜନକ ସଫଳତା ହାସଲ କରିଛନ୍ତି।



ପରୀକ୍ଷା ଦେଇଥିବା ୯୬ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୯୫ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ତନ୍ମଧ୍ୟରୁ ଏ-୧ ଗ୍ରେଡ୍‌ରେ ୫ ଜଣ, ଏ-୨ରେ ୮ ଜଣ, ବି-୧ରେ ୧୯, ବି-୨ରେ ୩୦, ସି ଗ୍ରେଡ୍‌ରେ ୨୨, ଡି ଗ୍ରେଡ୍‌ରେ ୧୦ ଓ ଇ ଗ୍ରେଡ୍‌ରେ ଜଣେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଶ୍ରଦ୍ଧା ସୁମନ ସାମଲ ମୋଟ ମାର୍କ ୬୦୦ରୁ ୫୬୬ ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ସେହିପରି ଶୁଭଲକ୍ଷ୍ମୀ ସାମଲ ୫୬୪, ପ୍ରାଚୀ ଏଞ୍ଜେଲ ଦାସ ୫୪୬, ପ୍ରିୟଙ୍କା ସ୍ୱାଇଁ ୫୪୬ ଓ ଈଶ୍ୱର ପ୍ରସାଦ ନନ୍ଦ ୫୪୨ ନମ୍ବର ରଖି ବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି।

### ପ୍ରଫେସର ଆଦିକନ୍ଦ ସାହୁ ପାଇବେ ଜେମା-ସାମନ୍ତ ସୃଜନୀ ପୁରସ୍କାର

କଟକ,୩।୫(କାର୍ତ୍ତିକ ସାହୁ)

ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ସାରସ୍ୱତ ସାଧକ ପ୍ରଫେସର ଆଦିକନ୍ଦ ସାହୁଙ୍କୁ ଚଳିତବର୍ଷର 'ଜେମା-ସାମନ୍ତ ସୃଜନୀ ପୁରସ୍କାର' ପ୍ରଦାନ କରାଯିବ। ସ୍ୱାଧୀନତା ସଂଗ୍ରାମୀ ନାରାୟଣ ବୀରବର ସାମନ୍ତ ଓ ରତ୍ନମାଳୀ ଜେମାଙ୍କ ସ୍ମୃତିରେ ସମର୍ପିତ ଏହି ପୁରସ୍କାର ବାବଦରେ ପ୍ରଫେସର ସାହୁଙ୍କୁ ୫୦ ହଜାର ଅର୍ଥରାଶି ସହ ସାହିତ୍ୟ ସମାଜର ସ୍ମୃତି-ଚିହ୍ନ, ମାନପତ୍ର ପ୍ରଦାନ କରାଯିବ। ସୂଚନାଯୋଗ୍ୟ, ପ୍ରଖ୍ୟାତ ସାରସ୍ୱତ ସ୍ରଷ୍ଟା ମନୋଜ ଦାସଙ୍କ ଉଦ୍ୟମରେ ଏହି ପୁରସ୍କାର ପ୍ରଣୟନ କରାଯାଇଥିଲା। ଉତ୍କଳଗୌରବ ମଧୁସୂଦନ ଗ୍ରନ୍ଥାଗାରରେ ଅନୁଷ୍ଠାନର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟନିର୍ବାହିକା ସମିତି ବୈଠକରେ ବିଚାରକମାନଙ୍କ ସୁପାରିସ ଓ ଅନୁମୋଦନ ଆଧାରରେ ସର୍ବସମ୍ମତିକ୍ରମେ ଏହା ସ୍ଥିର କରାଯାଇଛି ବୋଲି ସାଧାରଣ ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ ଏବଂ ସଙ୍ଗଠନ ସମ୍ପାଦକ ଶଶିକାନ୍ତ ରାଉତ ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି।

### ବିଭିନ୍ନ ସ୍ଥାନରେ ଜନଆକ୍ରୋଶ ସମାବେଶ

କଟକ ସଦର,୩।୫(ସୁଶାନ୍ତ କୁମାର ଜେନା)

ଲୋକ ସଭାରେ ମହିଳା ସଂରକ୍ଷଣ ସମ୍ବିଧାନ ସଂଶୋଧନ ବିଲକୁ ବିରୋଧୀ ଦଳ ଗୃହୀତ ନ କରାଇଦେବା ପ୍ରତିବାଦରେ କଟକ ସଦର ବ୍ଲକ ମହିଳା ମୋର୍ଚ୍ଚା ପକ୍ଷରୁ କଟକ ସଦର ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ଜନ ଆକ୍ରୋଶ ମହିଳା ସମାବେଶ ଆୟୋଜିତ ହୋଇଯାଇଛି। କନ୍ଦରପୁରରେ ପୂର୍ବତନ ସରପଞ୍ଚ ଲକ୍ଷ୍ମୀପ୍ରିୟା ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ ସମାବେଶରେ ମୁଖ୍ୟ ଅତିଥି ଭାବେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ସମ୍ମାନିତ ଅତିଥି ଭାବେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ହୃଷୀକେଶ ଜେନା, ଅମିତା କର, ସରପଞ୍ଚ ସୁବାସିନୀ ରାଉତ, ମିଲି ସେଠୀ, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ମାହାଲି, ଜୟନ୍ତୀ ମଲ୍ଲିକ, ସସ୍ମିତା ହାତୀ, ସବିତା ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଉପସଭାପତି ସୁରେଶ ଚନ୍ଦ୍ର ଜେନା ଧନ୍ୟବାଦ ଦେଇଥିଲେ। ମଣ୍ଡଳ ସଭାପତି ନିରଞ୍ଜନ ରାଉଳ, ସାଧାରଣ ସମ୍ପାଦକ ବିନୋଦ କୁମାର ପତି, ଜ୍ଞାନରଞ୍ଜନ ବେହେରା, ଦୀପକ ବେହେରା, ଅକ୍ଷୟ ଜେନା, ସନ୍ତୋଷ କୁମାର ସାହୁ, ଅମିତାଭ ବିଶ୍ୱାଳ, ମନୋରଞ୍ଜନ ପତି, ଅରୁଣ ଲେଙ୍କା, ଅଜିତ ବେହେରା ଓ ଜୀବନ ପରିଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ୪୨ମୌଜା ଅନ୍ତର୍ଗତ ବେଣ୍ଟକାରରେ ସବିତା ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ସମାବେଶରେ କଟକ ସଦର ବିଧାୟକ ବିଧାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସୁମିତା ଦେବତା, ବନିତା ଶତପଥୀ, ପ୍ରିୟା ମହାନ୍ତି, ସୁଜାତା ଦାସ, ବିନିତା ମହାପାତ୍ର, ସସ୍ମିତା ମହାପାତ୍ର, ମନୋରମା ସ୍ୱାଇଁ ପ୍ରମୁଖ ସାମିଲ ଥିଲେ। ମଣ୍ଡଳ ସଭାପତି ସୁଧାଂଶୁ ନାରାୟଣ ଦାସ, ପ୍ରବେଶ ରାଉତ, ଅମିତାଭ ବିଶ୍ୱାଳ, ଶିବପ୍ରସାଦ ବିଶ୍ୱାଳ, ପ୍ରିୟରଞ୍ଜନ ଖଟୁଆ, ଶଶା ମହାନ୍ତି, ସୌମ୍ୟରଞ୍ଜନ ଦାଶ, ଅମର ଦାଶ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ପରିବାର ଲୋକଙ୍କୁ ହଇରାଣ କରୁଛି ପୋଲିସ

**ନାବାଳିକା ଅପହରଣ ମାମଲା**

- ଉଦ୍ଧାର ପରେ ବି ପରିବାର କିମ୍ବା ସିଡବ୍ଲ୍ୟୁସିକୁ ହସ୍ତାନ୍ତର କରାଯାଇନି
- ତଥ୍ୟ ଲୁଚାଉଛି ପୋଲିସ, ଅଭିଯୁକ୍ତ ଫେରାର

ଟାଙ୍ଗୀ-ଜଗତପୁର,୩।୫(ମାନସ ସାମଲ)

କଟକ ଜିଲା ଚୌଦ୍ୱାର ଥାନା ଅଞ୍ଚଳର ଜଣେ ଅପହୃତା ନାବାଳିକାଙ୍କୁ ପୋଲିସ ଉଦ୍ଧାର କରିବାର ୩ଦିନ ବିତିଗଲାଣି। ହେଲେ ଏପର୍ଯ୍ୟନ୍ତ ତାଙ୍କୁ ଶିଶୁ ମଙ୍ଗଳ କମିଟି (ସିଡବ୍ଲ୍ୟୁସି)କୁ ହସ୍ତାନ୍ତର କରିନାହିଁ କି ପରିବାର ଲୋକଙ୍କ ଜିମା ଦେଇନାହିଁ। ପୋଲିସ ଚାପ ପକାଇବା ପାଇଁ ସେମାନଙ୍କୁ ହଇରାଣ ହରକତ କରିବା ସହ ନିୟମକାନୁନକୁ ଅଣଦେଖା କରୁଥିବା ସମ୍ପୃକ୍ତ ପରିବାର ଲୋକେ ଅଭିଯୋଗ ଆଣିଛନ୍ତି।

ସୂଚନା ଅନୁଯାୟୀ, ୨ମାସ ତଳେ ଚୌଦ୍ୱାର ଥାନା ଅଞ୍ଚଳରୁ ଜଣେ ନାବାଳିକାଙ୍କୁ ଅପହରଣ କରିନିଆଯାଇଥିଲା। ପରିବାର ଲୋକେ ବହୁ ଖୋଜାଖୋଜି କରି ନିରାଶ ହେବା ପରେ ଫେବୃୟାରୀ ୨୪ରେ ଏ ନେଇ ଚୌଦ୍ୱାର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ମୁତାବକ, ଗୁରୁଡ଼ିଝାଟିଆ ଥାନା ଅଧୀନ ଡବାଗାଡ଼ିଆ ଗ୍ରାମର ବିଜୁ କାରୁଆ ମିଛ ପ୍ରଲୋଭନ ଦେଖାଇ ସମ୍ପୃକ୍ତା ନାବାଳିକାଙ୍କୁ ଅପହରଣ କରିନେଇଥିବା ନେଇ ଏକ ଫୋନ୍ କଲ ଆସିଥିଲା। ଫଳରେ ନାବାଳିକାଙ୍କ ପରିବାର ଲୋକେ ବ୍ୟତିବ୍ୟସ୍ତ ହୋଇପଡ଼ିଥିଲେ। ଥାନାରେ ଅଭିଯୋଗ ସତ୍ତ୍ୱେ ପୋଲିସ କୌଣସି ତତ୍ପରତା ଦେଖାଇବା ପରିବର୍ତ୍ତେ 'ଝିଅ କୋଉଠି ଅଛି ତମେମାନେ ଖୋଜ, ସନ୍ଧାନ ମିଳିଲେ ଗାଡ଼ି ଖର୍ଚ୍ଚ ଦେଇ ଆମକୁ ଡାକିଲେ ଆମେ ଚଢ଼ାଉ କରି ଆଣିବୁ' ବୋଲି କହିଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ପୋଲିସଠାରୁ ନିରାଶ ହେବା ପରେ ଏପ୍ରିଲ ୨୬ରେ ପରିବାର ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପୋର୍ଟାଲରେ ଅନଲାଇନ୍‌ରେ ଅଭିଯୋଗ କରାଯାଇଥିଲା। ଏହାପରେ ପୋଲିସ ଚଢାଉ କରି ଅପହୃତା ନାବାଳିକାଙ୍କୁ ଉଦ୍ଧାର କରିଥିଲା। ତେବେ ଘଟଣାସ୍ଥଳରୁ ଅଭିଯୁକ୍ତ ଫେରାର ହୋଇଯାଇଥିବାବେଳେ ପୋଲିସ ଏକ ବାଇକ (ନଂ. ଓଡି ୦୫ ସିଡି ୫୭୩୩) ଓ ମୋବାଇଲ ଫୋନ୍ ଜବତ କରିଥିଲା। ଅନ୍ୟପକ୍ଷରେ ଡାକ୍ତରୀମାଇନା ନ କରିବାକୁ ପୋଲିସ ଚାପ ପକାଇବା ସହ ଝିଅ ସମ୍ପର୍କରେ ତଥ୍ୟ ଦେଉନାହିଁ ବୋଲି ପୀଡ଼ିତାଙ୍କ ବାପା ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ନାବାଳିକାଙ୍କୁ ପୋଲିସ ଏକ ଆଶ୍ରମରେ ରଖିଥିବା ଶୁଣିବାକୁ ମିଳୁଛି। ତେବେ ଏ ନେଇ ଚୌଦ୍ୱାର ଥାନା ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ।



ସପନପୁର ମହିମାପୀଠ ବୈଶାଖୀ ମେଳାରେ ସାଧୁସନ୍ଥଙ୍କ ସହ ଡ୍ରିମ୍‌ସ ଚେୟାରମ୍ୟାନ ଡ. ପ୍ରମୋଦ ଚନ୍ଦ୍ର ରଥ।

## 'ଆଧ୍ୟାତ୍ମିକତା ହିଁ ଭାରତର ଆତ୍ମା'

କଟକ,୩।୫(କାର୍ତ୍ତିକ ସାହୁ)

ରାମାୟଣ ଭାରତୀୟ ସଭ୍ୟତାର ଅଭିନ୍ନ ଅଙ୍ଗ। ଏହି ଗ୍ରନ୍ଥରେ ଧର୍ମ, ଅର୍ଥ, କାମ ଓ ମୋକ୍ଷର ମାର୍ଗ ପ୍ରଦର୍ଶିତ ହୋଇଛି। ଆଧ୍ୟାତ୍ମିକତା ହିଁ ଭାରତର ଆତ୍ମା ବୋଲି କଟକ ବରିଷ୍ଠ ନାଗରିକ ମହାସଭା ପକ୍ଷରୁ କେଶରପୁରଠାରେ ଆୟୋଜିତ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଡ. ଗୌତମ ମହାରଣା ମତବ୍ୟକ୍ତ କରିଛନ୍ତି। ସେହିପରି ପିତୃଭକ୍ତି, ପୁତ୍ରଧର୍ମ, ନାରୀଧର୍ମ, ରାଜଧର୍ମ, ନାଗରିକ ଶିଷ୍ଟାଚାର, ରାଷ୍ଟ୍ରପ୍ରେମ ଶିକ୍ଷାର ଦର୍ପଣ ସଦୃଶ ରାମାୟଣ ଗ୍ରନ୍ଥ। ରାବଣ ବିଦ୍ୱାନ ହୋଇ ମଧ୍ୟ ଅହଂକାର କାରଣରୁ ରାକ୍ଷସ ପ୍ରବୃତ୍ତି ହେତୁ ନିହତ ହେଲା। ସୁନାର ଲଙ୍କା ଛାରଖାର ହୋଇଗଲା। କିନ୍ତୁ ବିଭୀଷଣ ଆଧ୍ୟାତ୍ମିକ ଚେତନା ପାଇଁ ମହାପ୍ରଭୁଙ୍କ ଶରଣାଗତ ହୋଇ ଶ୍ରୀରାମଙ୍କ ଦ୍ୱାରା ଆଶୀର୍ବାଦପ୍ରାପ୍ତ ହେବା ସହ ଲଙ୍କାର ରାଜା ହୋଇଥିଲେ ବୋଲି ମୁଖ୍ୟ ଅତିଥି ମହାରଣା କହିଥିଲେ। ମହାସଭାର ସଭାପତି ଡା. କୃପାସିନ୍ଧୁ ପଣ୍ଡା ଅଧ୍ୟକ୍ଷତା କରି ମାନବ ଜୀବନରେ ଲୋଭ, ଅହଂକାରକୁ ତ୍ୟାଗ କରି ସେବା ମନୋଭାବ ସମ୍ପନ୍ନ ହୋଇ ଆଧ୍ୟାତ୍ମିକତାକୁ ପ୍ରାଥମିକତା ଦେବା ବୋଲି କହିଥିଲେ। ମହାସଭାର ସମ୍ପାଦକ ଡ. ପ୍ରମୋଦ କୁମାର ମହାପାତ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ବରଦା ପ୍ରସନ୍ନ ଦାସ, ଭାଗିରଥୀ ସାମଲ, ଅକ୍ଷୟ କୁମାର ନାୟକ, ଦେବେନ୍ଦ୍ର କୁମାର ଆଚାର୍ଯ୍ୟ ଓ ବାବୁଲିଧର ନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।





ଶତାବ୍ଦୀ ଭବନରେ କଟକ ଜିଲା ବିଶ୍ୱ ସମ୍ବାଦ କେନ୍ଦ୍ର ପକ୍ଷରୁ ଆୟୋଜିତ ନାରଦ ଜୟନ୍ତୀ ଉତ୍ସବରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ଗଣମାଧ୍ୟମର ପ୍ରତିନିଧିମାନେ। (ଫଟୋ: ରାଜକିଶୋର ମହାନ୍ତି)

## 'ଯୁଦ୍ଧ ନୁହେଁ, ଶାନ୍ତି ସମସ୍ତଙ୍କ କାମ୍ୟ'

କଟକ,୩।୫(କାର୍ତ୍ତିକ ସାହୁ)

ବର୍ତ୍ତମାନ ଚାଲିଥିବା ଆମେରିକା, ଇସ୍ରାଏଲ ଓ ଇରାନ ଯୁଦ୍ଧରେ ପୃଥିବୀର ସ୍ଥିତି ବିପନ୍ନ। ପୃଥିବୀର ଅର୍ଥନୈତିକ ସ୍ଥିତି ପ୍ରଭାବିତ। ଭାରତ ସମେତ ବିଭିନ୍ନ ଦେଶର ବୈଦେଶିକ ନୀତି ଦୋଛକିରେ। ତେଣୁ ଯୁଦ୍ଧ ନୁହେଁ, ଶାନ୍ତି ସମସ୍ତଙ୍କର କାମ୍ୟ ବୋଲି 'ଦି ୟୁନିଭର୍ସ' ପକ୍ଷରୁ ରବିବାର ଆୟୋଜିତ ଆଲୋଚନାଚକ୍ରରେ ବକ୍ତା ଐତିହାସିକ ପ୍ରଫେସର ଡ. ଖାରବେଳ ମହାନ୍ତି ମତବ୍ୟକ୍ତ କରିଛନ୍ତି। ଯୁଦ୍ଧ ସଂଘଟିତ ହେବାର ଐତିହାସିକ କାରଣଗୁଡ଼ିକ ଅବତାରଣା କରି ମହାନ୍ତି ଜାଳେଣି ଗ୍ୟାସ୍, ପେଟ୍ରୋଲ, ଡିଜେଲ ଯୋଗୁ ବିଶ୍ୱ ପରିବେଶ ଅନେକ ବିପଦର ସମ୍ମୁଖୀନ ହୋଇଛି ବୋଲି ମଧ୍ୟ କହିଛନ୍ତି। କାର୍ଯ୍ୟକ୍ରମରେ ସ୍ତମ୍ଭକାର ଡ. ପ୍ରମୋଦ କୁମାର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଅନୁଷ୍ଠାନ ସାଧାରଣ ସମ୍ପାଦକ ବ୍ୟାପ୍ତି ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। କାର୍ଯ୍ୟକ୍ରମ ସମ୍ପାଦକ କିଶୋର କୁମାର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ପ୍ରଫେସର ନିତ୍ୟାନନ୍ଦ ସ୍ୱାଇଁ, ଡ. ମଞ୍ଜୁଶ୍ରୀ ପଟ୍ଟନାୟକ, ଗୁରୁ ମହାନ୍ତି, ଭୃଗୁ ବକ୍ସିପାତ୍ର, ଡ. ବନ୍ଦନା ପାଠକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଗୀତା ପ୍ରତି ଆଗ୍ରହ ବଢ଼ାଇବାକୁ ଆହ୍ୱାନ

ଫୁଲନଖରା,୩।୫(ସତ୍ୟରଞ୍ଜନ ଦାସମହାପାତ୍ର)



କାର୍ଯ୍ୟକ୍ରମରେ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଜ୍ଞାନ ଭାରତୀର ପ୍ରତିଷ୍ଠା ଦିବସ ପାଳିତ**

କଟକ ସଦର ଥାନା ଅଧୀନ ବାଗଧରାପୁର ସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସରରେ 'ଜ୍ଞାନ ଭାରତୀ' ଅନୁଷ୍ଠାନର ପ୍ରତିଷ୍ଠା ଦିବସ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ଧର୍ମଦଣ୍ଡ ପୂଜନ, ୧୦୮ ହନୁମାନ ଚାଳିଶା, ବିଶ୍ୱଶାନ୍ତି ହୋମଯଜ୍ଞ ଇତ୍ୟାଦି ସହ ଧର୍ମସଭା ଆୟୋଜନ କରାଯାଇଥିଲା। ମାନସ ଚୈତନ୍ୟ ମହାରାଜ, ନମାଚାର୍ଯ୍ୟ ଶ୍ରୀକାନ୍ତ ବାବା ଯୋଗଦେଇଥିବାବେଳେ ଓଡ଼ିଶା ଗୀତା ବିଦ୍ୟାଳୟର ପ୍ରତିଷ୍ଠାତା ଗଦାଧର ମହାରଣା ମୁଖ୍ୟ ଅତିଥି ଭାବେ ମଞ୍ଚାସୀନ ଥିଲେ। ଜ୍ଞାନ ଭାରତୀ ଦ୍ୱାରା ପଚରାଯାଇଥିବା ତିନୋଟି ଗୀତା ପ୍ରଶ୍ନର ଠିକ୍ ଉତ୍ତର ଉତ୍ତରଦାତାଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ମାର୍ଗଦର୍ଶକ ଯୁଧିଷ୍ଠିର ଭୋଳ ଓ ବୀରେନ୍ଦ୍ର ମୋହନ ଦୋରା ଧର୍ମସଭା ପରିଚାଳନା କରିଥିଲେ। ଜ୍ଞାନ ଭାରତୀ ପ୍ରଜ୍ଞା ପରିଷଦର ସଦସ୍ୟ ଡା. ମହେନ୍ଦ୍ର କୁମାର ପରିମାଣିକ, ପ୍ରେମାନନ୍ଦ ସେନାପତି, ପ୍ରଫେସର ସଚ୍ଚିଦାନନ୍ଦ ତ୍ରିପାଠୀ, ପଣ୍ଡିତ ମନୋରଞ୍ଜନ ନାୟକ ପ୍ରଶଂସାପତ୍ର ବଣ୍ଟନ କରିଥିଲେ। ଓଡ଼ିଶା ଗୀତା ବିଦ୍ୟାଳୟ ତରଫରୁ ୧୦୦ ଗୀତା ପୁସ୍ତକ ଓ ଜଗନ୍ନାଥ ମହାପ୍ରଭୁଙ୍କ ତୈଳଚିତ୍ର ବଣ୍ଟନ କରାଯାଇଥିଲା। ଗୀତା ପ୍ରତି ଆଗ୍ରହ ବଢାଇବାକୁ ଜ୍ଞାନ ଭାରତୀ ପ୍ରତିଷ୍ଠାତା ବିନୋଦ କୁମାର ସେନାପତି ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ବିଭିନ୍ନ ଜିଲାରୁ ୨୦୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଉପେନ୍ଦ୍ର ବେହେରା, ଦୁଷ୍ମନ୍ତ ସାହୁ, ଅଶ୍ୱିନୀ ମହାନ୍ତି, ଶରତ ଚନ୍ଦ୍ର ବାରିକ, ପ୍ରଶାନ୍ତ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ଏବଂ ପ୍ରଶାନ୍ତ କୁମାର ବେହେରା ଓ ସୁଭାଷ ଚନ୍ଦ୍ର ପଟ୍ଟନାୟକ ସହଯୋଗ କରିଥିଲେ।

## ଓମ୍‌ଫେଡ୍ କ୍ଷୀର ଲିଟର ୪ ଟଙ୍କା ବୃଦ୍ଧି ପ୍ରସଙ୍ଗ: ନିଷ୍ପତ୍ତିର ପୁନର୍ବିଚାର ହେଉ

କଟକ,୩।୫(କାର୍ତ୍ତିକ ସାହୁ)

ଓଡ଼ିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ସଂଘ (ଓମ୍‌ଫେଡ୍) ପକ୍ଷରୁ ବିଭିନ୍ନ ପ୍ରକାର ଓମ୍‌ଫେଡ୍ କ୍ଷୀରର ଖୁଚୁରା ମୂଲ୍ୟ ଉପରେ ଲିଟର ପିଛା ୪ଟଙ୍କା ବଢ଼ାଯାଇଛି। ରବିବାରଠାରୁ ଏହି ବର୍ଦ୍ଧିତ ଦର ଲାଗୁ ହୋଇଛି। ତେବେ ଏହି ଦରବୃଦ୍ଧିକୁ ଅନେକ ଗ୍ରାହକ ନାପସନ୍ଦ କରିଛନ୍ତି। କଟକର ନୃତ୍ୟ ପ୍ରଶିକ୍ଷିକା ତଥା ଗ୍ରାହକ ଶ୍ରୀମାଳିନୀ ଦାଶ କହିଛନ୍ତି, ଦୈନନ୍ଦିନ ଜୀବନରେ କ୍ଷୀର ଏକ ଅତ୍ୟାବଶ୍ୟକ ଦ୍ରବ୍ୟ। ସରକାର ଓମ୍‌ଫେଡ୍ କ୍ଷୀର ଲିଟର ପ୍ରତି ୪ ଟଙ୍କା ବଢ଼ାଇଦେବା ଅନୁଚିତ୍। ଏହାଦ୍ୱାରା ଆମ ଭଳି ସାଧାରଣ ଲୋକଙ୍କୁ ନିଶ୍ଚିତ ଭାବେ ବାଧୁଛି। ବର୍ତ୍ତମାନ ସମୟରେ ରୋଜଗାର ଆଶାଜନକ ଭାବେ ବଢୁନାହିଁ। ତେଣୁ ସରକାର ଏଭଳି ନିଷ୍ପତ୍ତି ନେବା ପୂର୍ବରୁ ଅନ୍ତତଃ ଭାବିବାର ଥିଲା। ଏଭଳି ଦରବୃଦ୍ଧିର ପୁନର୍ବିଚାର କରାଯିବା ଆବଶ୍ୟକ ବୋଲି ଦାଶ ମତବ୍ୟକ୍ତ କରିଛନ୍ତି। ଅନୁରୂପ ଭାବେ ଅନେକ ଗ୍ରାହକ ମଧ୍ୟ ଏକଥରକେ ୪ ଟଙ୍କା ଦରବୃଦ୍ଧି କରାଯିବା ଉଚିତ ହୋଇନାହିଁ ବୋଲି ମତ ଦେଇଛନ୍ତି। ଏଥିଯୋଗୁ ରୋଗୀ ଖାଦ୍ୟ ଓ ଶିଶୁ ଖାଦ୍ୟ କିଣିବାକୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିବ ବୋଲି ସେମାନେ କହିଛନ୍ତି।

## ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କୁ ଅବସର ସମ୍ବର୍ଦ୍ଧନା



ଭବାନୀ ଶଙ୍କର ଭୂୟାଁଙ୍କୁ ଅବସର ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

କଟକ,୩।୫(କାର୍ତ୍ତିକ ସାହୁ)

ସୂଚନା ଓ ଲୋକସମ୍ପର୍କ ବିଭାଗର କେନ୍ଦ୍ରାଞ୍ଚଳ ଉପନିର୍ଦ୍ଦେଶକ ତଥା କଟକ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁଙ୍କୁ ଅବସର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ପଢ଼ିଆରୀ ପାଠାଗାର ଏବଂ ସୂଚନା କେନ୍ଦ୍ର ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ଆଶୁତୋଷ ପାଇକରାୟ, ପୂର୍ବତନ କେନ୍ଦ୍ରାଞ୍ଚଳ ଉପନିର୍ଦ୍ଦେଶକ ଅଶୋକ କୁମାର ଷଡ଼ଙ୍ଗୀ ଅତିଥି ଭାବେ ଯୋଗ ଦେଇଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱାଗତିକା ବେହେରା, ସୋନାଲି କୁଣ୍ଟୁ, ଶାଶ୍ୱତୀ ପାଢ଼ୀ, ଅଭିରାମ ଦାସଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ରହି ଭୂୟାଁଙ୍କ ଅପୂର୍ବ ସେବା, କର୍ମନିଷ୍ଠା ଓ ନେତୃତ୍ୱର ଗୁଣଗାନ କରିଥିଲେ। ତାଙ୍କ ଅବସରକାଳୀନ ଜୀବନ ଆହୁରି ସୁଖମୟ, କର୍ମଚଞ୍ଚଳ ହେଉ ଓ ତାଙ୍କର ଦୃଢ଼ ମୂଲ୍ୟବୋଧ ଆଗାମୀ ପିଢ଼ିକୁ ଅନୁପ୍ରେରିତ କରିବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି।

# ଆର୍.ଏମ୍. ସ୍କୁଲର ପ୍ରତିଷ୍ଠା ଦିବସ

କଟକ ସଦର,୩।୫(ସୁଶାନ୍ତ କୁମାର ଜେନା)

କଟକ ସଦର ୪୨ମୌଜା ଅନ୍ତର୍ଗତ କୁଳସରିଚୂଆଁସ୍ଥିତ ଆର୍.ଏମ୍. ସ୍କୁଲର ୨୪ତମ ପ୍ରତିଷ୍ଠା ଦିବସ ଶନିବାର ପାଳିତ ହୋଇଯାଇଛି। ସ୍କୁଲ ପ୍ରତିଷ୍ଠାତା ତଥା ବିଜ୍ଞାନୀଗୁରୁ ଶ୍ରୀସନ୍ଥଙ୍କ ନିର୍ଦ୍ଦେଶନାରେ ଉପାଧ୍ୟକ୍ଷା ସରସ୍ୱତୀ ସାମନ୍ତରାୟ ଓ ସଂଯୋଜକ ଭାରତ ଭୂଷଣ ରାୟଙ୍କ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅତିଥିଭାବେ ପୂର୍ବତନ ଜିଲାପାଳ ଡ. ଜ୍ଞାନରଞ୍ଜନ ଦାସ, ନୋଡାଲ ଅଫିସର ବିଭୂଦତ୍ତ ବେହେରା, ବରିଷ୍ଠ ଶିକ୍ଷାବିତ୍ ଦୁର୍ଗାଚରଣ ବେହେରା ମଞ୍ଚାସୀନ ଥିଲେ। ଶିକ୍ଷାବିତ୍ ତଥା ନାଇଜରର ପୂର୍ବତନ ରେଜିଷ୍ଟ୍ରାର ଡ. ଅଭୟ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଗୁରୁ ଶ୍ରୀସନ୍ଥ ସ୍କୁଲ ପ୍ରତିଷ୍ଠା ନେଇ ତାଙ୍କ ଆଦର୍ଶ ଓ ସ୍ୱପ୍ନ ସମ୍ପର୍କରେ ଆଲୋକପାତ କରିଥିଲେ। ପରେ ଛାତ୍ରୀଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉପାଧ୍ୟକ୍ଷା ସରସ୍ୱତୀ ସାମନ୍ତରାୟ ଓ ସଂଯୋଜକ ଭାରତ ଭୂଷଣ ରାୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରିୟତମା ସ୍ୱାଇଁ, ବର୍ଷା ମୁଳିଆ, ଅଲିଭା ଦଳାଇ, ସ୍ମୃତିପ୍ରଜ୍ଞା ମହାପାତ୍ର, ତୃପ୍ତି ନାୟକ, ପ୍ରିୟଙ୍କା ପ୍ରିୟଦର୍ଶିନୀ, ସୋନାଲି ଗୁପ୍ତା, କବିତା ନାୟକ ଏବଂ ୟାଶିକା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।





ଉତ୍ସବରେ ଯୋଗଦେଇଥିବା ଅତିଥିଙ୍କ ସହ ଛାତ୍ରୀଛାତ୍ର।

## ଏଲ୍ଆଇସି ପ୍ରଶାସନିକ ଅଧିକାରୀଙ୍କୁ ଅବସର ସମ୍ବର୍ଦ୍ଧନା





ପ୍ରଶାସନିକ ଅଧିକାରୀ ରାଧାଶ୍ୟାମ ରାଉଳଙ୍କୁ ଅବସର ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି।

କଟକ,୩।୫(କାର୍ତ୍ତିକ ସାହୁ)

ଭାରତୀୟ ଜୀବନବୀମା ନିଗମ, କଟକ ଶାଖା-୧ କାର୍ଯ୍ୟାଳୟର ପ୍ରଶାସନିକ ଅଧିକାରୀ ରାଧାଶ୍ୟାମ ରାଉଳ ଅବସର ଗ୍ରହଣ କରିଛନ୍ତି। ତାଙ୍କ ସମ୍ମାନାର୍ଥେ ଶାଖା ପରିଚାଳକ ପ୍ରଶାନ୍ତ କୁମାର ଦଳେଇଙ୍କ ଅଧ୍ୟକ୍ଷତାରେ ବିଦାୟ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ଅଜୟ କୁମାର ସାହୁ, ସୁସ୍ମିତା ହୋତା, ସ୍ମୃତିରେଖା ସାହୁ, ବିଦ୍ୟାଧର ପୃଷ୍ଟି, ଜଳିରାଣୀ ନାୟକ, ରାମକୁମାର ବାରିକ, ସୁରେନ୍ଦ୍ର କୁମାର ଦାଶ, ହେମନ୍ତ କୁମାର ଜେନା, ଶରତ କୁମାର ଦାଶ ପ୍ରମୁଖ ଯୋଗଦେଇ ବିଦାୟୀ ଅଧିକାରୀଙ୍କ ନିଷ୍ଠାପରତା, କାର୍ଯ୍ୟଦକ୍ଷତା, ଶୃଙ୍ଖଳା, ସମୟାନୁବର୍ତ୍ତିତା, ସହାନୁଭୂତିଶୀଳତା, ନୀତି, ଆଦର୍ଶ, ମୂଲ୍ୟବୋଧ ସମ୍ପର୍କରେ ଗୁଣଗାନ କରିଥିଲେ। ରାଉଳ ସାହିତ୍ୟ ସାଧନା କ୍ଷେତ୍ରରେ ଜଣେ ରମ୍ୟ-ବ୍ୟଙ୍ଗ ଲେଖକ ଓ ସ୍ତମ୍ଭକାର ଭାବେ ସୁପରିଚିତ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ରାଉଳଙ୍କ ସହଧର୍ମିଣୀ ସଂଯୁକ୍ତା ରାଉଳ ଓ ପୁତ୍ର ସଂକେତ କୁମାର ରାଉଳ ଉପସ୍ଥିତ ଥିଲେ।

# ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜ୍‌ମେଣ୍ଟରେ ଏମ୍‌ସିଏ ଆରମ୍ଭ

**ଛାତ୍ରୀଛାତ୍ରଙ୍କୁ ପ୍ରଯୁକ୍ତିମୂଳକ ଜ୍ଞାନ ଯୋଗାଇବାରେ ସହାୟକ ହେବ**

ବାଲିଅନ୍ତା/ବ୍ରାହ୍ମଣଝରିଲୋ, ୩।୫(ନୀଳମାଧବ ସାହୁ)





ଖବରଦାତା ସମ୍ମିଳନୀରେ ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜ୍‌ମେଣ୍ଟର ଅଧିକାରୀମାନେ ସୂଚନା ଦେଉଛନ୍ତି।

ରାଜଧାନୀ ଉପକଣ୍ଠ ବାଲିଅନ୍ତାସ୍ଥିତ ଅଗ୍ରଣୀ ନାକ୍ ମାନ୍ୟତାପ୍ରାପ୍ତ ମ୍ୟାନେଜ୍‌ମେଣ୍ଟ ଶିକ୍ଷାନୁଷ୍ଠାନ ଆସ୍ଥା ସ୍କୁଲରେ ୨୦୨୬-୨୭ ଶିକ୍ଷାବର୍ଷରୁ ୨ ବର୍ଷିଆ ମାଷ୍ଟର ଇନ୍ କମ୍ପ୍ୟୁଟର ଆପ୍ଲିକେସନ (ଏମ୍‌ସିଏ) ପାଠ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି। ଏହି ନୂତନ ପାଠ୍ୟକ୍ରମରେ ବର୍ତ୍ତମାନ ୬୦ଟି ସିଟ୍ ରହିଛି। ଏହି ଅବସରରେ ଆସ୍ଥା ସ୍କୁଲ ସମ୍ମିଳନୀ କକ୍ଷରେ ଶିକ୍ଷାନୁଷ୍ଠାନ ପକ୍ଷରୁ ଶନିବାର ସନ୍ଧ୍ୟାରେ ଏକ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ ଅନୁଷ୍ଠାନର ଚେୟାରମ୍ୟାନ ରୋଟାରିଆନ ବିଜୟ କୁମାର ପାତ୍ର, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ସମ୍ପାଦକ ଡ. ବଙ୍କିମ ମହାନ୍ତି ଓ ଅଧ୍ୟକ୍ଷା ପ୍ରଫେସର ଡ. ଶର୍ମିଳା ସୁମନିୟନ ଉପସ୍ଥିତ ରହି ଏହି ନୂତନ ପାଠ୍ୟକ୍ରମ ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ବିଗତ ୧୮ ବର୍ଷ ତଳେ ୨୦୦୮ ମସିହାରେ ଏହି ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜ୍‌ମେଣ୍ଟ ଶିକ୍ଷାନୁଷ୍ଠାନ ଆରମ୍ଭ ହୋଇଥିଲା। ଆସ୍ଥା ସ୍କୁଲ ଅଫ ମ୍ୟାନେଜ୍‌ମେଣ୍ଟ ଆରମ୍ଭର ୧୮ ବର୍ଷ ପରେ ଆମ ଅନୁଷ୍ଠାନ ବର୍ତ୍ତମାନ ଡିଜିଟାଲ ଯୁଗରେ ବିନା ଆଇଟିରେ ଚଳିବା କଷ୍ଟକର ହେଲାଣି। ତେଣୁ ଆଇଟି ଶିକ୍ଷାର ଚାହିଦାକୁ ଦୃଷ୍ଟିରେ ରଖି ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ଶିକ୍ଷାନୁଷ୍ଠାନ ପକ୍ଷରୁ ଚଳିତ ବର୍ଷଠାରୁ ଏହି ଏମ୍‌ସିଏ ପାଠ୍ୟକ୍ରମ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛୁ, ଯାହା ଛାତ୍ରୀଛାତ୍ରଙ୍କୁ ଉଚ୍ଚ ମାନର ପ୍ରଯୁକ୍ତିମୂଳକ ଜ୍ଞାନ ଯୋଗାଇବାରେ ସହାୟକ ହେବ। ଛାତ୍ରୀଛାତ୍ରଙ୍କ ସାମଗ୍ରିକ ବିକାଶ ପାଇଁ ବିଭିନ୍ନ ଟ୍ରେନିଂ, ଓକାକ୍ ସୁପର ଆୟୋଜନ କରାଯିବ। ଅନୁଭବୀ ଶିକ୍ଷକ ମଣ୍ଡଳୀ, ଆଧୁନିକ ଲ୍ୟାବର ସୁବିଧା ଓ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ଉପଯୋଗିତା ଉପରେ ଆଗାମୀ ପିଢ଼ିକୁ ପ୍ରସ୍ତୁତ କରାଯିବା ସହିତ ଉତ୍ତମ ନିଯୁକ୍ତି ସହାୟତା ଯୋଗାଇ ଦିଆଯିବ ବୋଲି ସମ୍ପାଦକ ମହାନ୍ତି ମତ ପ୍ରକାଶ କରିଛନ୍ତି। ୨୦୨୬-୨୭ ଶିକ୍ଷାବର୍ଷରୁ ଏମ୍‌ବିଏ ସହିତ ଏମ୍‌ସିଏ ପାଠ୍ୟକ୍ରମ ପାଇଁ ଛାତ୍ରୀଛାତ୍ରମାନେ ନିର୍ଦ୍ଧାରିତ ନିୟମାବଳୀ ଅନୁସାରେ ଆବେଦନ କରିପାରିବେ ବୋଲି ଶିକ୍ଷାନୁଷ୍ଠାନ ପକ୍ଷରୁ କୁହାଯାଇଛି।

ଓଡ଼ିଆ ବିଶ୍ୱବିଦ୍ୟାଳୟ, ସତ୍ୟବାଦୀ, ପୁରୀ, ଓଡ଼ିଶା, ୭୫୨୦୧୪
Odia University, Satyabadi, Puri, Odisha, 752014
Website:https://odiauniversity.ac.in
Email: odiauniversityrecruitment@gmail.com

**NOTICE**

No.515 Date:30.04.2026

Advt.No. 01 of 2026/27

**(ADVERTISEMENT FOR RECRUITMENT TO THE TEACHING POSTS)**

No.11001/23/2627: Online applications are invited from prospective candidates for recruitment to the posts of **Professor/Associate Professor/Assistant Professors** in different departments of Odia University in the mentioned scale of pay of the pay matrix under Odisha Revised Scales of Pay for University Teachers (UGC Scale of Pay) Rule, 2019 with usual dearness allowance and other allowances as may be sanctioned by the Government of Odisha from time to time, through the proforma application to be made available on the WEBSITE (http://hims.odisha.gov.in). The link for registration, payment of application fee and submission of online applications shall be available from 05.05.2026 till 04.06.2026. For Advertisement details the candidates are requested to check the University website https://odiauniversity.ac.in from 05.05.2026 onwards.

| Teaching (Faculty) Positions | Total Vacancy |
|---|---|
| (Professors/ Associate Professors/ Assistant Professors) | 21 |

Sd./- REGISTRAR
ODIA UNIVERSITY

OIPR-11001/11144/1/26-27/0002

# ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଭାସିଲା ମଳ ପାଣି

ପୁରୀ,୩।୫(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ସମ୍ମୁଖରେ ରବିବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ମଳ, ମୁତ୍ର ମିଶା ନଳା ପାଣି ଭାସୁଥିବା ଦେଖିବାକୁ ମିଳିଥିଲା। ଏନେଇ ଶ୍ରୀମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖାଯାଇଛି।

ସୂଚନା ମୁତାବକ, ଶନିବାର ରାତିରେ ଶ୍ରୀମନ୍ଦିର ପରିକ୍ରମା ମାର୍ଗରେ ଥିବା ଶୌଚାଳୟର ମଇଳା ଟାଙ୍କି ଜାମ ହୋଇ ଫାଟି ଯାଇଥିଲା। ଫଳରେ ରବିବାର ସକାଳେ ସିଂହଦ୍ୱାର ସାମ୍ନାରେ ଶୌଚାଳୟର ମଳ, ମୁତ୍ର ମିଶା ନଳା ପାଣି ଭାସୁଥିବା ଦେଖିବାକୁ ମିଳିଥିଲା। ଫଳରେ ଭକ୍ତ ନଳା ପାଣି ମାଡ଼ି ମନ୍ଦିର ଭିତରକୁ ପ୍ରବେଶ କରୁଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। ପ୍ରାୟ ୩ରୁ ୪ଘଣ୍ଟା ପର୍ଯ୍ୟନ୍ତ ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ଶ୍ରୀମନ୍ଦିର ସିଂହଦ୍ୱାର ପାର୍ଶ୍ୱରେ ଥିବା ପାଦ ପ୍ରକ୍ଷାଳନ ପରେ ପ୍ରତ୍ୟେକ ଦିନ ହଜାର ହଜାର ଲିଟର ପାଣି ନଷ୍ଟ ହୋଇ ଭୂତଳ ଡ୍ରେନ ଦେଇ ମୂଷା ନଈରେ ନିଷ୍କାସିତ ହେଉଛି। ଫଳରେ ଏହି ପାଣି କେବଳ ନଷ୍ଟ ହେବା ସାର୍ ହେଉଛି।


ସିଂହଦ୍ୱାର ସମ୍ମୁଖ ବଡ଼ ଦାଣ୍ଡରେ ଜମିଥିବା ମଳ ଓ ଆବର୍ଜନା ପାଣିକୁ ସଫା କରାଯାଉଛି।

ବର୍ତ୍ତମାନ ଶ୍ରୀକ୍ଷେତ୍ରରେ ଭୂତଳ ଜଳସ୍ତର ଭୟଙ୍କର ଭାବେ ନିମ୍ନଗାମୀ ହେବାରେ ଲାଗିଛି। ଏହାକୁ ନେଇ ଆଗାମୀ କିଛି ବର୍ଷ ମଧ୍ୟରେ ପୁରୀ ଅଞ୍ଚଳରେ ଜଳ ସଙ୍କଟ ଦେଖାଯିବା ନେଇ ଆଶଙ୍କା ରହିଛି। ଏଥିପାଇଁ ଘରୋଇ ଲୋକଙ୍କୁ ଗୃହ ନିର୍ମାଣ ବେଳେ ବର୍ଷା ଜଳ ପ୍ରଥମେ ସଂରକ୍ଷଣ ଏବଂ ପରେ ରିଚାର୍ଜ ବ୍ୟବସ୍ଥା କରିବାକୁ ସଚେତନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଶ୍ରୀମନ୍ଦିର ସିଂହଦ୍ୱାର ପାର୍ଶ୍ୱରେ ଭକ୍ତଙ୍କ ପାଇଁ ଥିବା ପାଦ ପ୍ରକ୍ଷାଳନରେ ନଷ୍ଟ ହେଉଥିବା ହଜାର ହଜାର ଲିଟର ପାଣିକୁ ଭୂତଳକୁ ଛାଡ଼ିବା ପାଇଁ କିଛି ସଚେତନ ନାଗରିକ ଦାବି କରିଛନ୍ତି। ଏନେଇ କିଛି ବୁଦ୍ଧିଜୀବୀଙ୍କ ମତରେ ପ୍ରତିଦିନ ପ୍ରାୟ ୬୦ରୁ ୭୦ହଜାର ଲିଟର ପାଣି ଶ୍ରୀଜଗନ୍ନାଥ ମନ୍ଦିରର ପ୍ରବେଶ ଦ୍ୱାରରେ ଭକ୍ତଙ୍କ ପାଦ ଧୋଇବା କାର୍ଯ୍ୟରେ ବ୍ଯବହାର ହେଉଛି। ଏହାର ପାରିମାଣ ସପ୍ତାହାନ୍ତରେ ପ୍ରାୟ ଦୁଇଗୁଣ ହୋଇଥାଏ। ଦୁଃଖର ବିଷୟ ଯେ, ଏହି ସମଗ୍ର ପାଣି ପାଦ ଧୋଇବା ବ୍ୟବହାର ପରେ ସିଧାସଳଖ ମୂଷା ନଈ ଗର୍ଭକୁ ସ୍ୱରେଜ ପାଇପ ମାଧ୍ୟମରେ ନିଷ୍କାସିତ ହେଉଛି। ବର୍ତ୍ତମାନ ଜଳ ସଙ୍କଟ ସମୟରେ ଏହା ଏକ ଗଭୀର ଉଦ୍‌ବେଗଜନକ ବିଷୟ। ଏହି ଜଳକୁ ପରିକ୍ରମା ମାର୍ଗରେ ଥିବା ବିଭିନ୍ନ ଗଛଗୁଡ଼ିକର ବ୍ୟବହାରରେ ଆସି ପାରନ୍ତା, କିମ୍ବା ଏହାକୁ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ସଂରକ୍ଷଣ କରି ଭୂଗର୍ଭକୁ ରିଚାର୍ଜ ପାଇଁ ଛଡ଼ାଯାଇପାରିଲେ,ଆଗାମୀ ଦିନରେ ଭୂତଳ ଜଳ ସଙ୍କଟ କିଛି ମାତ୍ରାରେ କମ୍ ହୋଇପାରିବ ବୋଲି ସେମାନେ ସୂଚନା ଦେଇଛନ୍ତି।


କଟକ ବାଲିଯାତ୍ରା ଉପର ପଡ଼ିଆରେ ଚାଲିଥିବା ଆଦିବାସୀ ମହୋତ୍ସବ 'ପରିଚୟ ଦ ନ୍ୟାଶନାଲ କାର୍ନିଭାଲ'ର ରବିବାର ୨ୟ ସନ୍ଧ୍ୟାରେ ପରିବେଷିତ ନୃତ୍ୟ। (ଫଟୋ- ରାଜକିଶୋର ମହାନ୍ତି)

# ଶିଶୁଭବନ ନୂତନ କୋଠାକୁ ଏନ୍‌ଆଇସିୟୁ ସ୍ଥାନାନ୍ତର

## ୨ଦିନ ମଧ୍ୟରେ ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ, ବଢ଼ିଲା ୩ ଶଯ୍ୟା

କଟକ,୩।୫(ଶିଳ୍ପା ପ୍ରିୟଦର୍ଶିନୀ)

ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ସ୍ନାତକୋତ୍ତର ଶିଶୁରୋଗ ପ୍ରତିଷ୍ଠାନ (ଶିଶୁଭବନ)ର ନୂତନ କୋଠାକୁ ନିଓନେଟାଲ ଇଣ୍ଟେନସିଭ୍ କେୟାର ୟୁନିଟ୍ (ଏନ୍‌ଆଇସିୟୁ) ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ କେତେଜଣ ଶିଶୁରୋଗୀଙ୍କୁ ନୂତନ କୋଠାରେ ଥିବା ଏନ୍‌ଆଇସିୟୁକୁ ସ୍ଥାନାନ୍ତର କରାଯାଇ ପରୀକ୍ଷା କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଆସନ୍ତା ଦୁଇଦିନ ମଧ୍ୟରେ ସମସ୍ତ ଶିଶୁଙ୍କୁ ଏଠାକୁ ସ୍ଥାନାନ୍ତର କରାଯିବା ସହ ବିଧିବଦ୍ଧ ଭାବେ ଏହାକୁ କାର୍ଯ୍ୟକାରୀ କରାଯିବ ବୋଲି ଶିଶୁଭବନ ପକ୍ଷରୁ ସୂଚନା ମିଳିଛି।

ସୂଚନା ଅନୁଯାୟୀ, ଶିଶୁଭବନର ପୁରୁଣା କୋଠାରେ ଏନ୍‌ଆଇସିୟୁ କାର୍ଯ୍ୟ କରିଆସୁଛି। ପରେ ଗତବର୍ଷ ଏପ୍ରିଲରେ ନୂତନ ଜି ପ୍ଲସ୍-୬ କୋଠାକୁ କାର୍ଯ୍ୟକ୍ଷମ କରାଗଲା। ହେଲେ ନୂତନ କୋଠା କାର୍ଯ୍ୟକ୍ଷମ ପରେ ଏନ୍‌ଆଇସିୟୁର କାର୍ଯ୍ୟ ବିଳମ୍ବ ହେବାରୁ ଏହି ପରିସରକୁ ଏନ୍‌ଆଇସିୟୁ ସ୍ଥାନାନ୍ତର କରାଯାଇ ପାରି ନ ଥିଲା। ପୂର୍ବରୁ ଏନ୍‌ଆଇସିୟୁରେ ୯ଟି ଶଯ୍ୟା ଥିବାବେଳେ ଆଉ ୩ଟି ଶଯ୍ୟା ବୃଦ୍ଧି କରାଯାଇଛି। ଏବେ ସମୁଦାୟ ଶଯ୍ୟା ସଂଖ୍ୟା ୧୨ରେ ପହଞ୍ଚିଛି। ପୂର୍ବରୁ ବହୁ ଶିଶୁରୋଗୀ ଶଯ୍ୟା ନ ପାଇ ଅନ୍ୟ ମେଡ଼ିକାଲ ମୁହାଁ ହେଉଥିଲେ ହେଲେ ଏବେ ଆଉ କୌଣସି ସମସ୍ୟା ଭୋଗିବାକୁ ପଡ଼ିବ ନାହିଁ ବୋଲି କୁହାଯାଉଛି।

# ସହରାଞ୍ଚଳରେ ୨୪ ଘଣ୍ଟିଆ ଜଳଯୋଗାଣ ପ୍ରକ୍ରିୟା ତ୍ୱରାନ୍ୱିତ

## 'ସୁଜଳ' ଯୋଜନାରେ ୨ ବର୍ଷ ପାଇଁ ୨୪୭୮ କୋଟି ବ୍ୟୟବରାଦ

ଭୁବନେଶ୍ୱର, ୩।୫(ବନ୍ଦନା ସେଠୀ)


ବୈଠକରେ ଉଷା ପାଢ଼ୀଙ୍କ ସହ ଅନ୍ୟ ଅଧିକାରୀମାନେ।

ରାଜ୍ୟର ସମସ୍ତ ସହରାଞ୍ଚଳରେ ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ ରାଜ୍ୟ ସରକାର ଆହୁରି ଜୋର୍‌ଦାର ପ୍ରୟାସ କରିଛନ୍ତି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଶନିବାର ଖାରବେଳ ଭବନଠାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଜନସ୍ୱାସ୍ଥ୍ୟ ବୈଷୟିକ ସଂଗଠନ (ପିଏଚ୍‌ଇଓ)ର ୨୦୨୬-୨୭, ୨୦୨୭-୨୮ ଏବଂ ୨୦୨୮-୨୯ ବର୍ଷ ପାଇଁ ବାର୍ଷିକ କାର୍ଯ୍ୟଖସଡ଼ା ଉପରେ ଆଲୋଚନା କରାଯାଇଛି। ୨୦୨୬ ସୁଦ୍ଧା ରାଜ୍ୟର ୮୬ଟି ପୌରାଞ୍ଚଳରେ ଜନସଂଖ୍ୟା ୩୧.୫୦ ଲକ୍ଷରେ ପହଞ୍ଚିଥିବା ଆକଳନ କରାଯାଉଛି। ସେହି ଅନୁପାତରେ ବର୍ତ୍ତମାନ ଏସବୁ ଅଞ୍ଚଳକୁ ଦୈନିକ ୪୫୨ ନିୟୁତ ଲିଟର ପାନୀୟ ଜଳ ଯୋଗାଇ ଦିଆଯାଉଛି। ତେବେ ସମସ୍ତ ସହରାଞ୍ଚଳରେ ୨୪ ଘଣ୍ଟିଆ ଜଳଯୋଗାଣ ଲକ୍ଷ୍ୟ ନେଇ ଏକ ବ୍ୟାପକ ରୋଡ୍‌ମ୍ୟାପ ପ୍ରସ୍ତୁତ କରାଯାଇଛି। ୨୦୨୫-୨୬ରେ ୯ଟି ପୌରାଞ୍ଚଳକୁ ଏହି ସେବାରେ ସାମିଲ କରାଯାଇଥିବାବେଳେ ୨୦୨୬-୨୭ ଏବଂ ୨୦୨୭-୨୮ ବର୍ଷରେ ପ୍ରତ୍ୟେକ ବର୍ଷ ୩୮ଟି ଲେଖାଏ ପୌରାଞ୍ଚଳକୁ ସାମିଲ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି 'ସୁଜଳ' କାର୍ଯ୍ୟକ୍ରମ ଅଧୀନରେ ମୋଟ ୫୪୪ଟି ପ୍ରକଳ୍ପକୁ ଅନୁମୋଦନ ମିଳିଛି, ଯେଉଁଥିରୁ ୨୮୯ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇସାରିଛି। ୨୦୨୬-୨୭ ବର୍ଷରେ ୧୦୨ଟି ନୂତନ ପ୍ରକଳ୍ପ ସମେତ ମୋଟ ୩୯୧ଟି ପ୍ରକଳ୍ପ ପାଇଁ ପ୍ରାୟ ୧୫୦୦ କୋଟି ଟଙ୍କା ବ୍ୟୟ କରାଯିବ। ୨୦୨୭-୨୮ରେ ୯୨ଟି ନୂତନ ପ୍ରକଳ୍ପ ପାଇଁ ୯୭୮ କୋଟି ଟଙ୍କା ବିନିଯୋଗ କରାଯିବାକୁ ଯୋଜନା ରହିଛି।

ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୬-୨୭ ଆର୍ଥିକ ବର୍ଷରେ ପାଣ୍ଠିର ସର୍ବାଧିକ ବ୍ୟବହାର ଜରୁରୀ ବୋଲି କହିଛନ୍ତି। ଏଥିସହ ବିଶୁଦ୍ଧ ପାନୀୟ ଜଳର ଅପବ୍ୟବହାର ରୋକିବା ପାଇଁ ଗୁରୁତ୍ୱାରୋପ କରିଛନ୍ତି। ବୈଠକରେ ଅତିରିକ୍ତ ଶାସନ ସଚିବ ଶୁଭାନନ୍ଦ ମହାପାତ୍ର, ଅର୍ଥ ପରାମର୍ଶଦାତା ତଥା ଅତିରିକ୍ତ ସଚିବ ଶିଖା ବିଶ୍ୱାଳ, ପିଏଚ୍‌ଇଓ ଯନ୍ତ୍ରୀ ମୁଖ୍ୟ ବିଳାସ ବେହେରା ଉପସ୍ଥିତ ଥିଲେ।

# 'ଦୁଗ୍ଧ ଚାଷୀଙ୍କୁ ୨ଟଙ୍କା ବର୍ଦ୍ଧିତ ମୂଲ୍ୟ ଦେଉ ଓମ୍‌ଫେଡ୍'

## ଦାବିକଲା ଓଡ଼ିଶା ଦୁଗ୍ଧ ଚାଷୀ ମହାସଂଘ

ଭୁବନେଶ୍ୱର, ୩।୫ (ବନ୍ଦନା ସେଠୀ)

ଓମ୍‌ଫେଡ୍ ପକ୍ଷରୁ ଦୁଗ୍ଧ ମୂଲ୍ୟ ଲିଟର ପିଛା ୪ ଟଙ୍କା ବୃଦ୍ଧି କରାଯାଇଛି। ଏହି ବର୍ଦ୍ଧିତ ମୂଲ୍ୟକୁ ଖାଉଟିଙ୍କ ପାଇଁ ରବିବାରଠାରୁ ଲାଗୁ କରାଯାଇଛି। ଏହି ୪ ଟଙ୍କାରୁ ଦୁଗ୍ଧ ଚାଷୀଙ୍କୁ ୧ ଟଙ୍କା ଗତ ୧ ତାରିଖଠାରୁ ଦିଆଯିବା ପାଇଁ ଓମ୍‌ଫେଡ୍ ପକ୍ଷରୁ କୁହାଯାଇଛି। ପୂର୍ବରୁ ଲିଟର ପିଛା ୩୮ଟଙ୍କା ୫ ପଇସା ପାଉଥିବା ଚାଷୀମାନେ ବର୍ଦ୍ଧିତ ମୂଲ୍ୟ ହିସାବରେ ଲିଟର ପିଛା ୩୯ ଟଙ୍କା ୫ ପଇସା ପାଇବେ। ଏହାଦ୍ୱାରା ଓମ୍‌ଫେଡକୁ କ୍ଷୀର ଦେଉଥିବା ୨ଲକ୍ଷ ୭୮ହଜାର ଦୁଗ୍ଧ ଚାଷୀ ଉପକୃତ ହେବେ ବୋଲି ପ୍ରକାଶ କରାଯାଇଛି। ତେବେ ଓମ୍‌ଫେଡ ବର୍ଦ୍ଧିତ ମୂଲ୍ୟରୁ ଚାଷୀଙ୍କୁ ଲିଟର ପିଛା ୨ଟଙ୍କା ଦେବା ପାଇଁ ଓଡିଶା ଦୁଗ୍ଧ ଚାଷୀ ମହାସଂଘ ଦାବି କରିଛି। ବର୍ତ୍ତମାନର ମହଙ୍ଗା ଯୁଗରେ ୧ଟଙ୍କା ବୃଦ୍ଧି ଚାଷୀଙ୍କ ପାଇଁ ସମୁଦ୍ରକୁ ଶଙ୍ଖେ। ସବୁ ଅତ୍ୟାବଶ୍ୟକ ଜିନିଷର ଦାମ ବଢ଼ିଛି। କର୍ମଚାରୀଙ୍କ ଦରମା, ପେନସନ, ମହଙ୍ଗାଭତ୍ତା ବଢ଼ୁଛି, ଗୋ ଖାଦ୍ୟ, ଔଷଧ, ଇଞ୍ଜେକ୍ସନ ଦାମ ବଢ଼ୁଛି। ମାତ୍ର ଦୁଗ୍ଧ ଉତ୍ପାଦନ କରି ଜୀବିକା ନିର୍ବାହ କରୁଥିବା ଦୁଗ୍ଧ ଚାଷୀ ଉତ୍ପାଦନର ମୂଲ୍ୟ ପାଉନାହାନ୍ତି। ଅନ୍ୟାନ୍ୟ ଘରୋଇ କମ୍ପାନୀମାନେ ଦୁଗ୍ଧ ମୂଲ୍ୟ ଲିଟର ପିଛା ୪୨ ଟଙ୍କାରୁ ୪୮ ଟଙ୍କା ପର୍ଯ୍ୟନ୍ତ ଚାଷୀଙ୍କୁ ଦେଉଛନ୍ତି। ସେହି ତୁଳନାରେ ଓମ୍‌ଫେଡର ଲିଟର ପିଛା ୩୯ଟଙ୍କା ୫ ପଇସା ବୃଦ୍ଧି ଯଥେଷ୍ଟ କମ୍। ତେଣୁ ସରକାର ଏ ବିଷୟରେ ଚିନ୍ତା କରିବା ସହିତ ଦାବି ପୂରଣ କରିବା ପାଇଁ ଅନୁରୋଧ କରାଯାଇଛି। ଏଥିସହିତ ଗୋ ଖାଦ୍ୟର ଦାମ ହୁ ହୁ ହୋଇ ବଢ଼ି ଚାଲିଛି। ଚୁନି, ଚୋକଡ, କୁଣ୍ଡା, ପିଡିଆ, ନଡା, ଘାସର ମୂଲ୍ୟ ବୃଦ୍ଧି ଅହେତୁକ ଭାବେ ବଢ଼ିଛି। ସରକାର ଏହାକୁ ନିୟନ୍ତ୍ରଣ କରିବା ସହ ଗୋରୁଙ୍କ ପାଇଁ ସ୍ୱାସ୍ଥ୍ୟ ସେବା ଯୋଜନା ପ୍ରଚଳନ କରିବାକୁ ଓଡିଶା ଦୁଗ୍ଧ ଚାଷୀ ମହାସଂଘ ପକ୍ଷରୁ ଦାବି କରାଯାଇଛି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ସରିତା


@ ସିତାଂଶୁ


@ ଶିବ


@ ଇନାୟା


@ ଅବିନାଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସମାବେଶ ମାଧ୍ୟମରେ ପ୍ରଭାତଙ୍କ ଶକ୍ତି ପ୍ରଦର୍ଶନ


ସମାବେଶରେ ଅନ୍ୟ ନେତୃବୃନ୍ଦଙ୍କ ସହ ପ୍ରଭାତ ରଞ୍ଜନ ବିଶ୍ୱାଳ ଉଦ୍‌ବୋଧନ ଦେଉଛନ୍ତି।

## କହିଲେ- ଆରମ୍ଭ ହେଲା ସତ୍ୟର ଲଢ଼େଇ

- ସୌଭିକ୍, ୩ ବିଜେଡି କର୍ପୋରେଟରଙ୍କ ଉପସ୍ଥିତିକୁ ନେଇ ଚର୍ଚ୍ଚା
- ୨୦୦ରୁ ଊର୍ଦ୍ଧ୍ୱ ବିଜେଡି କର୍ମୀଙ୍କ ଇସ୍ତଫା, ପ୍ରଭାତଙ୍କୁ ସମର୍ଥନ

କଟକ,୩।୫(ଶିଳ୍ପା ପ୍ରିୟଦର୍ଶିନୀ)

ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ ରବିବାର ବିଶାଳ ଜନସମାବେଶ ମାଧ୍ୟମରେ ନିଜର ଶକ୍ତି ପ୍ରଦର୍ଶନ କରିବା ସହ ବିଜେଡିକୁ କଡ଼ା ସମାଲୋଚନା କରିଛନ୍ତି। ଅପରାହ୍ଣରେ ଚୌଦ୍ୱାର କପାଳେଶ୍ୱର ମନ୍ଦିର ନିକଟରୁ ପ୍ରଭାତ ଏକ ବାଇକ ଶୋଭାଯାତ୍ରାରେ ବାହାରି ଚୌଦ୍ୱାର, ଜଗତପୁର ବ୍ୟାରେଜ, ଯୋବ୍ରା, ମାତାମଠ, ନୂଆପାଟଣା, ମଙ୍ଗଳାବାଗ, ଗୋପାଳସାହି, ରାଣୀହାଟ ଦେଇ ଚାଉଳିଆଗଞ୍ଜ ଖେଳପଡ଼ିଆରେ ପହଞ୍ଚିଥିଲେ। ସମାବେଶରେ ତାଙ୍କ ପୁତ୍ର ତଥା ବିଧାୟକ ସୌଭିକ୍ ବିଶ୍ୱାଳ, ଚୌଦ୍ୱାର-କଟକର ୩ କର୍ପୋରେଟରଙ୍କ ସମେତ ପୂର୍ବତନ କାଉନସିଲର, ବିଜେଡି ସାଂଗଠନିକ ନେତା ଓ ପୂର୍ବାଞ୍ଚଳ ଶାନ୍ତି କମିଟିର କର୍ମକର୍ତ୍ତା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଜେଡିର ୨୦୦ରୁ ଊର୍ଦ୍ଧ୍ୱ କର୍ମୀ ଦଳରୁ ସାମୂହିକ ଭାବେ ଇସ୍ତଫା ଦେଇ ପ୍ରଭାତଙ୍କୁ ସମର୍ଥନ ଜଣାଇଛନ୍ତି। ବିଜେଡିରୁ ବହିଷ୍କାର ହେବା ପରେ ପ୍ରଭାତ ପ୍ରଥମଥର ପାଇଁ ଏଭଳି ବିଶାଳ ସମାବେଶ ମାଧ୍ୟମରେ ବଳ ଗୋଟାଇଛନ୍ତି। ପୂର୍ବରୁ ସେ ଭାଜପା ପ୍ରତି ଢଳୁଥିବା ନେଇ ସଙ୍କେତ ଦେଇଆସୁଥିବାବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ଏହାକୁ ଏକ ପ୍ରକାର ସ୍ପଷ୍ଟ କରିଥିବା କୁହାଯାଉଛି। ଏବେ ପ୍ରଭାତଙ୍କ ସମାବେଶରେ ବିଧାୟକ ସୌଭିକ୍ ଯୋଗଦେବାକୁ ନେଇ ମଧ୍ୟ ବିଭିନ୍ନ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀରେ ପ୍ରଭାତ ନିଜ ସଂଗଠନ ବଳରେ ଏହି ଅଞ୍ଚଳକୁ ବିଜେଡିଶୂନ୍ୟ କରିବାକୁ ଗୋଟି ଚଳାଉଥିବାବେଳେ ମଞ୍ଚରେ ମଧ୍ୟ ବିଜେଡି ନେତୃତ୍ୱଙ୍କୁ କଡ଼ା ସମାଲୋଚନା କରିଛନ୍ତି। ପ୍ରଭାତ କହିଛନ୍ତି ଯେ, ନୀତିକୁ କେବେ ମୁଁ ବନ୍ଧା ପକାଇନାହିଁ। ହଜାର ହଜାର ଟଙ୍କା ଦେଲେ ମଧ୍ୟ ମୋ' ମୁଣ୍ଡକୁ କେହି କିଣିପାରିବେ ନାହିଁ। ଆଜିଠୁ ଲଢ଼େଇ ଆରମ୍ଭ ହେଲା। ଏହି ଲଢ଼େଇ ସତ୍ୟର ଲଢ଼େଇ ହେବ। ସତ୍ୟ ସହ ସଭିଏ ରହିବେ ବୋଲି ସେ କହିଛନ୍ତି। ଅନ୍ୟପଟେ ପ୍ରଭାତଙ୍କ ଏହି ସମାବେଶ ନେଇ କଟକ ମେୟର ସୁବାସ ସିଂ କଡ଼ା ସମାଲୋଚନା କରି କହିଛନ୍ତି, ଯେତେ ସମାବେଶ କଲେ ମଧ୍ୟ ତାହା କେବେ ବିଜେଡି ଉପରେ ପ୍ରଭାବ ପକାଇବ ନାହିଁ। ପ୍ରଭାତଙ୍କ ପାଖରେ ଏବେ କେହି ନାହାନ୍ତି। ଚୌଦ୍ୱାରବାସୀ ବିକଳ୍ପ ଖୋଜୁଥିଲେ ଏବଂ ସୌଭିକ କ୍ରସ୍ ଭୋଟିଂ କରି ଏହି ବାଟକୁ ଫିଟାଇ ଦେଇଛନ୍ତି। ପ୍ରଭାତ ଓ ସୌଭିକ୍ କେବଳ ନବୀନ ପଟ୍ଟନାୟକଙ୍କ ପାଇଁ ଜିତିପାରିଥିଲେ ବୋଲି ସେ ପ୍ରକାଶ କରିଛନ୍ତି।

# ଛାତ୍ର ମୃତ୍ୟୁ:ଥାନାରେ ଏତଲା ଦେଲା ଯୁବ କଂଗ୍ରେସ

ଭୁବନେଶ୍ୱର,୩।୫(ରବିନାରାୟଣ ଜେନା)

ଭୁବନେଶ୍ୱରସ୍ଥିତ ସିଲିକନ ବିଶ୍ୱବିଦ୍ୟାଳୟର ପ୍ରଥମ ବର୍ଷ ବି-ଟେକ୍ ଛାତ୍ର ବିଶ୍ୱାସ ସ୍ୱାଇଁକୁ ହତ୍ୟା କରାଯାଇଛି ବୋଲି ଅଭିଯୋଗ କରି ରାଜ୍ୟ ଯୁବ କଂଗ୍ରେସ ପକ୍ଷରୁ ଇନ୍‌ଫୋସିଟି ଥାନାରେ ଏତଲା ଦିଆଯାଇଛି।

ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଇନ୍‌ଫୋସିଟି ଥାନା ଅଧିକାରୀଙ୍କୁ ଭେଟି ଘଟଣାର ତଦନ୍ତ ତୁରନ୍ତ କରିବା ସହିତ ଉକ୍ତ ବିଶ୍ୱବିଦ୍ୟାଳୟର ମୁଖ୍ୟ ପରିଚାଳକଙ୍କୁ ତୁରନ୍ତ ଗିରଫ କରିବା ଦାବି କରିଛନ୍ତି। ପାତ୍ର କହିଛନ୍ତି, ଛାତ୍ରର ପିତା ବସନ୍ତ ସ୍ୱାଇଁ ଯେଉଁଭଳି ଭାବରେ ମ୍ରିୟମାଣ ହୋଇ ନ୍ୟାୟ ଭିକ୍ଷା କରୁଛନ୍ତି ତାହା ଅତ୍ୟନ୍ତ ଯନ୍ତ୍ରଣାଦାୟକ। କଲେଜ କର୍ତ୍ତୃପକ୍ଷ ଗୋପାଳ ସାହୁ ବାରମ୍ବାର ଗଣମାଧ୍ୟମରେ କହିଛନ୍ତି, ଘଟଣା ସମ୍ପର୍କରେ ସବୁକଥା ପୋଲିସ ପ୍ରଶାସନ କହିବ। ଏଥିରୁ ସ୍ପଷ୍ଟ ଅନୁମେୟ ଯେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରଶାସନ ସହିତ ସଲାସୁତୁରା କରିଛନ୍ତି,ଏହା ଅତ୍ୟନ୍ତ ନିନ୍ଦନୀୟ। ମୃତ ଛାତ୍ରର ବାପା ଗଣମାଧ୍ୟମରେ ସ୍ପଷ୍ଟ କରି କହିଛନ୍ତି, ମୋ ପୁତ୍ର ଆତ୍ମହତ୍ୟା କରିନାହିଁ, ତାଙ୍କୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ବାରମ୍ବାର ନିର୍ଯାତନା ଦେଇ ହତ୍ୟାକରି ଆତ୍ମହତ୍ୟାର ରୂପ ଦେଇଛନ୍ତି। ହତ୍ୟା ଘଟଣାକୁ ଚପାଇ ଦେବା ପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ବହୁ ଉଦ୍ୟମ କରୁଛନ୍ତି। ଯାହା ଆମକୁ ଅନୁମେୟ ହେଉଛି କେଉଁଠି ନା କେଉଁଠି ପ୍ରଶାସନ ଏବଂ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏହି ଘଟଣାଟିକୁ ଚପାଇବା ପାଇଁ ଉଦ୍ୟମ କରୁଛନ୍ତି।

ସେ କହିଛନ୍ତି, ରାଗିଂକୁ କଡ଼ାକଡ଼ି ଭାବରେ ଦୃଢ଼ ହସ୍ତରେ ଦମନ କରିବାକୁ କୋର୍ଟଙ୍କ ନିର୍ଦ୍ଦେଶ ଥିବାବେଳେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏହାକୁ ଠିକ୍ ଭାବେ ପାଳନ କରିନାହାନ୍ତି। ସିଲିକନ୍ ୟୁନିଭର୍ସିଟିର ମାଲିକ, ଆଣ୍ଟି ରାଗିଂ ସ୍କ୍ୱାଡ୍ ଏବଂ ହଷ୍ଟେଲ ଦାୟିତ୍ୱରେ ଥିବା ଅଧିକାରୀ ଏବଂ ଗଣମାଧ୍ୟମରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିବୃତି ରଖିଥିବା ପ୍ରମୁଖଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବା ସହ ଯୁବ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଯଦି ୩ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ ତା'ହେଲେ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଯୁବକଂଗ୍ରେସ ଧାରଣାରେ ବସିବା ସହ ଆଇନ ମନ୍ତ୍ରୀଙ୍କ ବାସଭବନ ଘେରାଉ କରାଯିବ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସୁଦୀପ ସାମଲ, ଭୁବନେଶ୍ୱର ଜିଲା ଯୁବ କଂଗ୍ରେସ ସଭାପତି ମହମ୍ମଦ ଗୁଲଫାମ ପ୍ରମୁଖ ଉପସ୍ଥିତ ଥିଲେ।


ଯୁବକଂଗ୍ରେସ ସଭାପତିଙ୍କ ସମେତ କର୍ମକର୍ତ୍ତାମାନେ ଏତଲା ଦେଉଛନ୍ତି।

# ସ୍ନେହସ୍ମିତା, ପ୍ରଜ୍ଞାନଙ୍କୁ ଟାଇଟଲ



କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୩।୫ (ତପନ ସ୍ୱାଇଁ)**

ମାଷ୍ଟର ଚେସ୍ ଫାଉଣ୍ଡେଶନ ଓ ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀ ଆନୁକୂଲ୍ୟରେ ବିଷ୍ଣୁ ଚରଣ ସେଠୀ ସ୍ମାରକୀ ରାଜ୍ୟ ୯ ବର୍ଷରୁ କମ୍ ଚେସ୍ ଚାମ୍ପିୟନଶିପ୍ ରବିବାର ଖୋର୍ଦ୍ଧାର କେଟି ଗ୍ଲୋବାଲ ସ୍କୁଲରେ ଉଦ୍‌ଯାପିତ ହୋଇଛି। ଏହାର ବାଳିକା ବର୍ଗରେ କଟକର ସ୍ନେହସ୍ମିତା ରାମ

**ରାଜ୍ୟ ୯ ବର୍ଷରୁ କମ୍ ଚେସ୍**

(୭ ପଏଣ୍ଟ) ଏବଂ ବାଳକରେ ଖୋର୍ଦ୍ଧାର ପ୍ରଜ୍ଞାନ ମିଶ୍ର (୭.୫) ଚାମ୍ପିୟନ ହୋଇଛନ୍ତି। ବାଳିକା ବର୍ଗରେ ଦେବାଂଶୀ ସାହୁ (୭) ଓ ଏଲିନା ମିଶ୍ର (୬) ଏବଂ ବାଳକରେ ପ୍ରତ୍ୟୁଷ କୁମାର (୭) ଓ ରିୟାନ ଅଗ୍ରୱାଲ (୬.୫) ପରବର୍ତ୍ତୀ ୨ଟି ଲେଖାଏ ସ୍ଥାନ ଅଧିକାର କରିଛନ୍ତି। ମୁଖ୍ୟ ପୁରସ୍କାର ଏବଂ ବିଭିନ୍ନ ବୟସ ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା କୃତୀ ପ୍ରତିଯୋଗୀଙ୍କୁ ୨୦,୦୦୦ ଟଙ୍କା ଏବଂ ୪୪ଟି ଆକର୍ଷଣୀୟ ଟ୍ରଫି ଦିଆଯାଇ ପୁରସ୍କୃତ କରାଯାଇଛି। ଆସନ୍ତା ଜୁଲାଇ ୫ରୁ ୧୧ ପର୍ଯ୍ୟନ୍ତ ଝାଡ଼ଖଣ୍ଡରେ ହେବାକୁଥିବା ୩୯ତମ ଜାତୀୟ ୯ ବର୍ଷରୁ କମ୍ ଚେସ୍ ଚାମ୍ପିୟନଶିପ୍ ପାଇଁ ରାଜ୍ୟ ପ୍ରତିଯୋଗିତାରୁ ଖେଳାଳି ଚୟନ ହୋଇଛନ୍ତି। ବାଳିକା ବର୍ଗରେ ସ୍ନେହସ୍ମିତା ରାମ ଓ ଖୋର୍ଦ୍ଧାର ଦେବାଂଶୀ ସାହୁ ଏବଂ ବାଳକ ବିଭାଗରେ ପ୍ରଜ୍ଞାନଙ୍କ ସମେତ ଖୋର୍ଦ୍ଧାର ପ୍ରତ୍ୟୁଷ କୁମାର, ଅର୍ପଣ ସାହୁ, ସୁନ୍ଦରଗଡ଼ର ରିୟାଂଶ ଅଗ୍ରୱାଲ ଏବଂ ଯାଜପୁରର ପ୍ରିୟଙ୍କ ଲେଙ୍କା ଏହି ତାଲିକାରେ ସାମିଲ ହୋଇଛନ୍ତି। ପୂର୍ବ ଜାତୀୟ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ ହୋଇଥିବାରୁ ଓଡ଼ିଶାକୁ ଅତିରିକ୍ତଭାବେ ୩ ଜଣ ବାଳକ ଖେଳାଳିଙ୍କୁ ଏଣ୍ଟ୍ରି ସୁଯୋଗ ମିଳିଛି। ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ (ଏଓସିଏ) ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଏବଂ ମାଷ୍ଟର ଚେସ୍ ଫାଉଣ୍ଡେଶନର ପ୍ରତିଷ୍ଠାତା ବିକ୍ରମ କେଶରୀ ବିଶ୍ୱାଳ, ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀର କ୍ରୀଡ଼ା ନିର୍ଦ୍ଦେଶକ ଜ୍ୟୋତି ଶଙ୍କର ନନ୍ଦ, କ୍ରୀଡ଼ା ଖବରଦାତା ଶକ୍ତି ପ୍ରସାଦ ନନ୍ଦ, ମୁଖ୍ୟ ଆର୍ବିଟର ସନ୍ତୋଷ ମହାପାତ୍ର, ଅନ୍ତର୍ଜାତୀୟ ଜୁରି (ୱାଇଓଜିଏ) ନିଖିଲ କୁମାର ଦଳେଇ, ଚେସ୍‌ଟର୍ଫ ଏକାଡେମୀର ନିର୍ଦ୍ଦେଶକ ସ୍ୱୟଂଶୁ ସତ୍ୟକାମ, ଏଓସିଏ ଯୁଗ୍ମ ସମ୍ପାଦକ ଭବେଶ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ଆଜିଠୁ ରସୁଲଗଡ଼ ପ୍ରିମିୟର ଲିଗ୍

**ଭୁବନେଶ୍ୱର, ୩।୫ (ତପନ ସ୍ୱାଇଁ)**

ରସୁଲଗଡ଼ ୟୁଥ୍ କ୍ଲବ ଆନୁକୂଲ୍ୟରେ ରସୁଲଗଡ଼ ପ୍ରିମିୟର ଲିଗ୍ (ଆର୍‌ପିଏଲ୍)ର ୧୧ଶ ସଂସ୍କରଣ ସୋମବାର ଆରମ୍ଭ ହେବ। ଏଥିରେ ୪ଟି ଦଳ ଅଂଶଗ୍ରହଣ କରିବେ। ଏହି ଦଳଗୁଡ଼ିକ ହେଲେ ଗୋପୀନାଥ ଦେବ ଏକାଦଶ, ମା' ଦୁର୍ଗା ଏକାଦଶ, ମା' କୋଚିଲେଇ ଏକାଦଶ ଓ ବ୍ରହ୍ମେଶ୍ୱର ଏକାଦଶ। ୪ ଦଳର ଅଧିନାୟକ ତୋଫାନ ରାଉତ, କାଳନ୍ଦୀ ରାଉତ, ଦେବାଶିଷ ଜେନା ଓ ପ୍ରଶାନ୍ତ ଶ୍ରୀଚନ୍ଦନ ରାୟଙ୍କ ଉପସ୍ଥିତିରେ ଟ୍ରଫି ଉନ୍ମୋଚିତ ହୋଇଛି। ସମସ୍ତ ମ୍ୟାଚ ଜିଜିପି ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।



ଟ୍ରଫି ଉନ୍ମୋଚନ କାର୍ଯ୍ୟକ୍ରମରେ ଉପସ୍ଥିତ ୪ ଦଳର ଅଧିନାୟକ।

**ଥୋମାସ୍ କପ୍**

## ଭାରତକୁ ବ୍ରୋଞ୍ଜ

**ହାର୍ସେଙ୍ଗ (ଡେନ୍‌ମାର୍କ), ୩।୫ (ପି.ଟି.):** ଥୋମାସ୍ କପ୍ ଫାଇନାଲ୍ସରେ ଭାରତ ବ୍ରୋଞ୍ଜ ପଦକ ସହ ଏହାର ଅଭିଯାନ ଶେଷ କରିଛି। ଶନିବାର ଅନୁଷ୍ଠିତ ସେମିଫାଇନାଲରେ ଦଳ ଫ୍ରାନ୍ସଠାରୁ ୦-୩ରେ ପରାଜିତ ହୋଇଛି। ଆୟୁଷ ଶେଟ୍ଟି ଓ କିଡାମ୍ବି ଶ୍ରୀକାନ୍ତଙ୍କ ଭଳି ଏଚ୍‌ଏସ୍ ପ୍ରଣୟଙ୍କୁ ପରାଜୟ ବରଣ କରିବାକୁ ପଡ଼ିଥିଲା। ପ୍ରଣୟ ବିଶ୍ୱର ୧୭ ନମ୍ବର ଟୋମା ଜୁନିୟର ପୋପୋଭଙ୍କଠାରୁ ପରାଜିତ ହୋଇଥିଲେ। ଭାରତ ୨୦୨୨ରେ ଏହି ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇଥିଲା। ଏଠାରେ ସେମିଫାଇନାଲରେ ପ୍ରବେଶ କରିବା ଦ୍ୱାରା ଅତିକମ୍‌ରେ ଏକ ବ୍ରୋଞ୍ଜ ପଦକ ସୁନିଶ୍ଚିତ କରିସାରିଥିଲା।

# ୟୁନିୟନକୁ ହରାଇ ପ୍ରଗତି ଚାମ୍ପିୟନ



ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ ଅବସରରେ ଚାମ୍ପିୟନ ପ୍ରଗତି ସ୍ପୋର୍ଟିଂ ଦଳର ଖେଳାଳିମାନେ।

**ପୁରୀ, ୩।୫ (ଅଜିତ୍ କୁମାର ମହାନ୍ତି)**

ପାୟୋନିୟର କ୍ଲବ ଆନୁକୂଲ୍ୟରେ ଜଗନ୍ନାଥ ଷ୍ଟାଡିୟମରେ ଜଗଦୀଶ ଚନ୍ଦ୍ର ରାଉତରାୟ ସ୍ମାରକୀ ସର୍ବଭାରତୀୟ ନୀଳାଚଳ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଏହାର ଫାଇନାଲରେ କଟକର ୟୁନିୟନ ସ୍ପୋର୍ଟିଂକୁ ୮ ରନରେ ହରାଇ ଭୁବନେଶ୍ୱରର ପ୍ରଗତି ସ୍ପୋର୍ଟିଂ ଚାମ୍ପିୟନ ହୋଇଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପ୍ରଗତି ୩୦ ଓଭରରେ ୭ ଉଇକେଟ ହରାଇ ୧୫୭ ରନ କରିଥିଲା। ଦଳ ପକ୍ଷରୁ ରଘୁନାଥ ମଲ୍ଲ ସର୍ବାଧିକ ୭୫ ଓ ମିଲନ ସାମଲ ୨୭ ରନ କରିଥିଲେ। ବିପକ୍ଷ ଦଳର ରିତେଶ ପ୍ରିୟରଞ୍ଜନ ଓ ଉଦୟ ଜଟ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ୟୁନିୟନ ସ୍ପୋର୍ଟିଂ ପୂରା ୩୦ ଓଭର ଖେଳିଥିଲେ ମଧ୍ୟ ୯

**ସର୍ବଭାରତୀୟ ନୀଳାଚଳ ଟ୍ରଫି ଉଦ୍‌ଯାପିତ**

ଉଇକେଟ ହରାଇ ୧୪୯ ରନ କରିବାକୁ ସକ୍ଷମ ହୋଇଥିଲା। ଉଦୟ ଜଟ ସର୍ବାଧିକ ୫୮ ଓ ଶୁଭମ ନାଏକ ୨୯ ରନ କରିଥିଲେ। ବିଜୟୀ ଦଳ ପକ୍ଷରୁ ମିଲନ ସାମଲ ଓ ରଘୁନାଥ ମଲ୍ଲ ୩ଟି ଲେଖାଏ ଏବଂ ଆୟୁଷ କୁମାର ବାରିକ ୨ଟି ଉଇକେଟ ନେଇଥିଲେ। ରଘୁନାଥ ମଲ୍ଲ ପ୍ଲେୟର ଅଫ୍ ଦି ମ୍ୟାଚ ଏବଂ ଉଦୟ ଜଟ ଇମ୍ପାକ୍ଟ ପ୍ଲେୟର ବିବେଚିତ ହୋଇଥିଲେ। ଲକି ଡ୍ର'ରେ ମାନସ ଦାସ ଏମ୍‌ଆଇ ମୋବାଇଲ ଫୋନ୍ ବିଜେତା ହୋଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୧ ଲକ୍ଷ ଏବଂ ରନରଅପ୍ ଦଳକୁ ୭୦ ହଜାର ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା। ୟୁନିୟନ ସ୍ପୋର୍ଟିଂର ଦେବୀ ପ୍ରସାଦ ମହାପାତ୍ର ପ୍ଲେୟର ଅଫ୍ ଦି ସିରିଜ, ସୁଜିତ ଲେଙ୍କା ଶ୍ରେଷ୍ଠ ଫିଲ୍ଡର, ପ୍ରଗତିର ମିଲନ ସାମଲ ଶ୍ରେଷ୍ଠ ବୋଲର, ରଘୁନାଥ ମଲ୍ଲ ଶ୍ରେଷ୍ଠ ବ୍ୟାଟର ପୁରସ୍କାର ପାଇଥିଲେ। ଓଡ଼ିଶା କ୍ରିକେଟ ଆସୋସିଏଶନ ସଭାପତି ପଙ୍କଜ ଲୋଚନ ମହାନ୍ତି, ସିଇଓ ସୁବ୍ରତ ବେହେରା, ଦେବଦତ୍ତ ମହାପାତ୍ର, ପୁରୀ ଆଥ୍‌ଲେଟିକ ଆସୋସିଏଶନ ସମ୍ପାଦକ ରବି ଶଙ୍କର ପ୍ରତିହାରୀ, ୱଣ୍ଡର ୱାର୍ଲ୍ଡର ଏମ୍‌ଡି ନିରଞ୍ଜନ ପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ନୀଳାଚଳ ଟ୍ରଫିର ଅଭ୍ୟର୍ଥନା କମିଟି ଚେୟାରମ୍ୟାନ ରାଜେଶ କୁମାର ମିଶ୍ର, ସଭାପତି ମାଧବ ଚନ୍ଦ୍ର ଖୁଣ୍ଟିଆ, ସମ୍ପାଦକ ହରେଶ କୁମାର ମିଶ୍ର ଏବଂ ଆୟୋଜକ ପାୟୋନିୟର କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ମିତ୍ତଲ ପରିବାର ରାଜସ୍ଥାନ ଫ୍ରାଞ୍ଚାଇଜର ୭୫% ଅଂଶଧନ କିଣିଲା

**ନୂଆଦିଲ୍ଲୀ, ୩।୫ (ପି.ଟି.)**

ଜଣାଶୁଣା ଶିଳ୍ପପତି ଲକ୍ଷ୍ମୀ ମିତ୍ତଲ ଓ ତାଙ୍କ ପୁଅ ଆଦିତ୍ୟ ମିତ୍ତଲଙ୍କ ସହିତ ସେରମ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ (ଏସ୍‌ଆଇଆଇ)ର ଆଦାର ପୁନାୱାଲା ରାଜସ୍ଥାନ ରୟାଲ୍ସ ଫ୍ରାଞ୍ଚାଇଜର ଅଧିକାଂଶ ଅଂଶଧନ ହାସଲ କରିଛନ୍ତି। ମିତ୍ତଲ ପରିବାର ଓ ପୁନାୱାଲାଙ୍କୁ ନେଇ ଗଠିତ କନସୋର୍ଟିୟମ ଫ୍ରାଞ୍ଚାଇଜକୁ ୧.୬୫ ବିଲିଅନ ଡଲାର ବା ୧୫,୬୬୦ କୋଟି ଟଙ୍କାରେ କିଣିଛି। ତେବେ ସମ୍ପୂର୍ଣ୍ଣ ମାଲିକାନା ପରିବର୍ତ୍ତନ ଲାଗି ବିସିସିଆଇ, ସିସିଆଇ, ଆଇପିଏଲ୍ ଗଭର୍ଣ୍ଣିଂ କାଉନସିଲ୍‌ର ଅନୁମତି ଦରକାର। ଏହି ଚୁକ୍ତି ଚଳିତ ବର୍ଷ ତୃତୀୟ ତ୍ରୈମାସିକରେ ଶେଷ ହେବ। ପୂର୍ବରୁ ୟୁକେରେ ପ୍ରତିଷ୍ଠିତ କାଲ ସୋମାନିଙ୍କ ନେତୃତ୍ୱାଧୀନ କନସୋର୍ଟିୟମ ୧.୬୩ ବିଲିଅନ ଡଲାର ପ୍ରସ୍ତାବ ଦେଇଥିଲା।

## ଅନ୍ୟାନ୍ୟ ଖବର

### ଭାରତ, ଚାଇନାର କୈଳାସ ମାନସରୋବର ଯାତ୍ରା ଯୋଜନାକୁ ନେପାଳର ବିରୋଧ

**ନୂଆଦିଲ୍ଲୀ, ୩।୫**

ଲିପୁଲେଖ ଗିରିପଥ ଦେଇ ଆଗାମୀ କୈଳାସ ମାନସରୋବର ଯାତ୍ରା ପରିଚାଳନା ନିମନ୍ତେ ଭାରତ ଓ ଚାଇନା ଯୋଜନା ପ୍ରସ୍ତୁତ କରିଥିବାବେଳେ ରବିବାର ନେପାଳ ଏହାର ପ୍ରତିବାଦ କରିଛି। ଲିପୁଲେଖ ନେପାଳର ଅଂଶବିଶେଷ ବୋଲି ଏହାର ବହିର୍ବ୍ୟାପାର ମନ୍ତ୍ରଣାଳୟ ଦାବି କରିଛି। ତୀର୍ଥଯାତ୍ରା ମାର୍ଗ ଚୂଡ଼ାନ୍ତ କରିବା ପୂର୍ବରୁ କାଠମାଣ୍ଡୁ ସହ ପରାମର୍ଶ କରାଯାଇ ନ ଥିବା ମନ୍ତ୍ରଣାଳୟ କହିଛି। ଲିପୁଲେଖ ଭାରତର ବୋଲି ନୂଆଦିଲ୍ଲୀ ଦାବି କରିଆସୁଛି। ଜୁନ୍‌ରୁ ଅଗଷ୍ଟ ମଧ୍ୟରେ ମାନସରୋବର ଯାତ୍ରା ପାଇଁ ଭାରତ ଘୋଷଣା କରିବା ପରେ ନେପାଳ ଏହାର ପ୍ରତିବାଦ ଜଣାଇଛି। ତେବେ ୧୮୧୬ର ସୁଗାଉଲି ଚୁକ୍ତିନାମା ଅନୁଯାୟୀ, ମହାକାଳୀ ନଦୀ ପୂର୍ବ ଭାଗରେ ଥିବା ଲିପୁଲେଖ, ଲିମ୍ପିୟାଧୁରା ଏବଂ କାଲାପାନି ନେପାଳର ଅବିଚ୍ଛେଦ୍ୟ ଅଙ୍ଗ ବୋଲି ଏହାର ବହିର୍ବ୍ୟାପାର ମନ୍ତ୍ରଣାଳୟ ଏକ ସୋସିଆଲ ମିଡିଆ ପୋଷ୍ଟରେ ଉଲ୍ଲେଖ କରିଛି। ଉକ୍ତ ଅଞ୍ଚଳରେ ରାସ୍ତା ନିର୍ମାଣ, ସମ୍ପ୍ରସାରଣ, ସୀମାନ୍ତ ବାଣିଜ୍ୟ ଓ ତୀର୍ଥଯାତ୍ରା ନ କରିବା ପାଇଁ ନେପାଳ ସରକାର ପୂର୍ବରୁ ଭାରତ ସରକାରଙ୍କୁ ଅନୁରୋଧ କରିଥିଲେ। ଚାଇନାକୁ ମଧ୍ୟ ନେପାଳ ସରକାର ଅନୁରୂପ ଭାବେ ଜଣାଇଥିଲେ।

### ଆଇଏଏସ୍ ଏକାଡେମୀ ନିର୍ଦ୍ଦେଶକଙ୍କୁ ଅପହରଣ

**ବନ୍ଧୁକ ମୁନରେ ୧.୮ କୋଟି ଟ୍ରାନ୍ସଫର କରାଇନେଲେ**

**ଭୋପାଳ, ୩।୫**

ଦିଲ୍ଲୀସ୍ଥିତ ଆଇଏଏସ୍ କୋଚିଂ ଏକାଡେମୀର ନିର୍ଦ୍ଦେଶକଙ୍କୁ ଅପହରଣ କରିନେଇ ୪ ଘଣ୍ଟା ପଣବନ୍ଦୀ ରଖିବା ପରେ ମୁଣ୍ଡରେ ବନ୍ଧୁକ ଲଗାଇ ତାଙ୍କ ଆକାଉଣ୍ଟରୁ ଅନ୍‌ଲାଇନରେ ୧.୮୯ କୋଟି ଟଙ୍କା ଟ୍ରାନ୍ସଫର କରାଇ ନେଇଛନ୍ତି। ପୋଲିସ କହିବା ଅନୁଯାୟୀ, ଉକ୍ତ ଚାଞ୍ଚଲ୍ୟକର ଅପରାଧର ମାଷ୍ଟରମାଇଣ୍ଡ କୌଣସି ଅପରିଚିତ ବ୍ୟକ୍ତି ନୁହନ୍ତି, ବରଂ ନିର୍ଦ୍ଦେଶକଙ୍କ ପେସାଦାରି ସର୍କଲ ମଧ୍ୟରୁ ଅନ୍ୟତମ। ପ୍ରିୟଙ୍କ ଶର୍ମା ନାମକ ଉକ୍ତ ବ୍ୟକ୍ତି ଭୋପାଳରେ ଆଇଏଏସ୍ କୋଚିଂ ଏକାଡେମୀର ଏକ ଫ୍ରାଞ୍ଚାଇଜ୍ ଚଳାଉଥିଲେ।



ପ୍ରିୟଙ୍କ ଶର୍ମା



ଶୁଭ୍ରାରଞ୍ଜନ

ସେ ତାଙ୍କ ଏକାଡେମୀ ସମ୍ପ୍ରସାରଣ କରିବା ସହ ଏକ ସେମିନାର ଆୟୋଜନ କରିବାକୁ କହି ଶୁଭ୍ରାରଞ୍ଜନ ଆଇଏଏସ୍ ଏକାଡେମୀର ନିର୍ଦ୍ଦେଶକ ଶୁଭ୍ରାରଞ୍ଜନଙ୍କୁ ଦିଲ୍ଲୀରୁ ଭୋପାଳ ଡାକିଥିଲେ। ତେବେ ଭୋପାଳ ଆସି ଶୁଭ୍ରାରଞ୍ଜନ ଏକ ଯୋଜନାବଦ୍ଧ ଫାଶରେ ପଡ଼ିଯାଇଥିଲେ। ଭୋପାଳର ଏକ ପଞ୍ଚତାରକା ହୋଟେଲରେ ସେ ରହିବା ପରେ ଗତ ବୁଧବାର ଅପରାହ୍ନରେ ତାଙ୍କୁ ସେଠାରୁ ବାଗସେୱାନିୟା ଅଞ୍ଚଳର ଏକ ଭଡ଼ା ଫ୍ଲାଟ୍‌କୁ ନିଆଯାଇଥିଲା। ସେଠାରେ ସଶସ୍ତ୍ର ଲୋକେ ଶୁଭ୍ରାରଞ୍ଜନ ଓ ତାଙ୍କ ସହଯୋଗୀଙ୍କୁ ପଣବନ୍ଦୀ ରଖି ହତ୍ୟା ଧମକ ଦେବା ସହ ଜନକଶିଳା ସୋସାଇଟି ଏବଂ ଆର୍‌ଏସ୍ ଏଣ୍ଟରପ୍ରାଇଜେସ୍ ସହ ଜଡ଼ିତ ବ୍ୟାଙ୍କ ଆକାଉଣ୍ଟକୁ ୧.୮୯ କୋଟି ଟଙ୍କା ଟ୍ରାନ୍ସଫର କରିବାକୁ ବାଧ୍ୟ କରିଥିଲେ ବୋଲି ଅଭିଯୋଗ ହୋଇଛି।

### ୩ ବର୍ଷର ବାଳକଙ୍କୁ ବଳାତ୍କାର ପରେ ହତ୍ୟା

**ପୁଣେ, ୩।୫**

ମହାରାଷ୍ଟ୍ରର ପୁଣେରେ ଜଣେ ନାବାଳକ ଜଣେ ୩ ବର୍ଷର ବାଳକଙ୍କୁ ବଳାତ୍କାର ପରେ ହତ୍ୟା କରିଛନ୍ତି। ଶିଶୁଟିର ମୃତଦେହ ଏକ ସୁଟ୍‌କେଶ୍‌ରୁ ମିଳିଛି। ଅଭିଯୁକ୍ତ ନାବାଳକଙ୍କୁ ଅଟକ ରଖାଯାଇଛି। ପୁଣେରେ ଚଳିତ ସପ୍ତାହରେ ଏହା ଦ୍ୱିତୀୟ ବଳାତ୍କାର ଓ ହତ୍ୟା ଘଟଣା। ଦିନକ ପୂର୍ବରୁ ପୁଣେର ଭୋର ଅଞ୍ଚଳରେ ଜଣେ ୪ ବର୍ଷୀୟା ବାଳିକାଙ୍କୁ ଜଣେ ୬୫ ବର୍ଷୀୟ ବୃଦ୍ଧ ବଳାତ୍କାର ପରେ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ପୋଲିସ ସୂଚନା ଅନୁଯାୟୀ, ଗତ ଶୁକ୍ରବାର ଶିଶୁଟି ଘର ବାହାରେ ଖେଳୁଥିବାବେଳେ ହଠାତ୍ ନିଖୋଜ ହୋଇଯାଇଥିଲେ। ତାଙ୍କ ପରିବାର ବହୁ ଖୋଜାଖୋଜି କରିଥିଲେ ମଧ୍ୟ ଶିଶୁକୁ ପାଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଲାସି ବେଳେ ପଡ଼ିଶା ଘରୁ ମୃତଦେହ ମିଳିଛି। ଶିଶୁଙ୍କୁ ହତ୍ୟା ପୂର୍ବରୁ ବଳାତ୍କାର କରାଯାଇଥିବା ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି। ପୋଲିସ ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଦଫା ସମେତ ଶିଶୁ ଯୌନ ଅପରାଧରୁ ସୁରକ୍ଷା (ପୋକ୍‌ସୋ) ଆଇନ ଅନୁଯାୟୀ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଚଳନ୍ତା ବିମାନରୁ ଡେଇଁପଡ଼ିଲେ ଯାତ୍ରୀ

**ଚେନ୍ନାଇ, ୩।୫**

ଶାରଜାରୁ ଆସି ରବିବାର ସକାଳେ ଚେନ୍ନାଇ ଅନ୍ତର୍ଜାତୀୟ ବିମାନବନ୍ଦରରେ ଅବତରଣ କରିଥିବା ଏକ ବିମାନରୁ ଜଣେ ପୁରୁଷ ଯାତ୍ରୀ ଜରୁରୀ ଏକ୍‌ଜିଟ୍ ଡୋର୍ ଦେଇ ବାହାରକୁ ଡେଇଁ ପଡ଼ିଥିଲେ। ବିମାନଟି ଗଡୁଥିବାବେଳେ ଯାତ୍ରୀ ଜଣକ ହଠାତ୍ ଡେଇଁବାରୁ ଦୁର୍ଘଟଣା ଆଶଙ୍କା କରି ବିମାନର ଅନ୍ୟ ଯାତ୍ରୀମାନେ ଭୟଭୀତ ହୋଇଯାଇଥିଲେ। ଏୟାରପୋର୍ଟ କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ, ବିମାନଟି ମୁଖ୍ୟ ରନ୍‌ୱେ ଅତିକ୍ରମ କରି ଟ୍ୟାକ୍ସିୱେରେ ଗଡୁଥିବାବେଳେ ଏହି ଘଟଣା ଘଟିଛି। ବିମାନଯାତ୍ରା ବେଳେ ଉକ୍ତ ଯାତ୍ରୀଜଣକ ଅସୁସ୍ଥ ହୋଇପଡ଼ିଥିଲେ ବୋଲି ଏୟାରପୋର୍ଟ କର୍ତ୍ତୃପକ୍ଷ କହିଛନ୍ତି।

**ଅବଶିଷ୍ଟାଂଶ**

### ବିଲ୍ଡିଂରେ ନିଆଁ...

୨୫ ବର୍ଷର ପୁଅଙ୍କ ମୃତଦେହ ମିଳିଛି। ପ୍ରଥମ ମହଲାରେ ଶିଖା ଜୈନ (୪୫) ନାମ୍ନୀ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ତାଙ୍କ ସ୍ୱାମୀ ନବୀନ ଜୈନ ଆହତ ହୋଇଛନ୍ତି। ବିଲ୍ଡିଂରୁ ୧୦ରୁ ୧୫ ଜଣଙ୍କୁ ଉଦ୍ଧାର କରାଯାଇଥିବା ଜଣେ ବରିଷ୍ଠ ପୋଲିସ ଅଫିସର କହିଛନ୍ତି। ଆହତ ହୋଇଥିବା ୨ ଜଣଙ୍କୁ ଗୁରୁ ତେଗ୍‌ବାହାଦୁର ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବିଲ୍ଡିଂର ବ୍ୟାପକ ଅଞ୍ଚଳକୁ ନିଆଁ ବ୍ୟାପିଯିବା ସହ ପ୍ରବଳ ଧୂଆଁ ଯୋଗୁ ଉକ୍ତ ଅଞ୍ଚଳରେ ଦୃଶ୍ୟମାନତା ହ୍ରାସ ପାଇଥିଲା। ବିଲ୍ଡିଂରେ ଫସିଥିବା ଲୋକମାନଙ୍କ ଚିତ୍କାର ଦୀର୍ଘ ସମୟ ପର୍ଯ୍ୟନ୍ତ ଶୁଣାଯାଉଥିଲା ବୋଲି ଅଗ୍ନିଶମ କର୍ମଚାରୀମାନେ କହିଛନ୍ତି।

### ୧୦୦ କୋଟିର...

ୟୁନିଟ୍ ନେଇ ସିଲେରୁ ଅଞ୍ଚଳ ଅଭିମୁଖେ ଯାଉଥିବା ଏକ ଗାଡ଼ିକୁ ଜବତ କରିଥିଲେ। ମାଲକାନଗିରି ଏସ୍‌ପି ଏହି ଅପରେଶନର ତଦାରଖ କରିଥିଲେ। ଚଢ଼ାଉରେ ହାସିସ୍ ତଥା ଗଞ୍ଜେଇ ତେଲ ଉତ୍ପାଦନ ପାଇଁ ବ୍ୟବହୃତ ପ୍ରାୟ ୮ଶହ ଲିଟର ରାସାୟନିକ ପଦାର୍ଥ ଓ ଦ୍ରାବକ ଜବତ କରାଯାଇଛି। ପୋଲିସକୁ ଦେଖି ଗାଡ଼ି ଚାଳକ ଜଙ୍ଗଲ ଆଡ଼କୁ ଫେରାର ହୋଇଯାଇଥିଲେ। ଜବତ ଗାଡ଼ିରେ ଭୁଲ ନମ୍ବର ପ୍ଲେଟ ବ୍ୟବହାର କରାଯାଇଥିବା ଜଣାପଡ଼ିଛି। ଏହି ତେଲ ପ୍ରକ୍ରିୟାକରଣ ୟୁନିଟ୍‌କୁ ଚିତ୍ରକୋଣ୍ଡା ଅଞ୍ଚଳରେ କାର୍ଯ୍ୟକ୍ଷମ କରିବାକୁ ନିଆଯାଉଥିବା ସୂଚନା ମିଳିଛି। ପୋଲିସ ଏ ନେଇ ତଦନ୍ତ ଜାରି ରଖିଛି। ପ୍ରକାଶ ଯେ, ମାଲକାନଗିରି ଜିଲା ପୋଲିସ ପକ୍ଷରୁ ପୂର୍ବରୁ ମଧ୍ୟ କୋଟି କୋଟି ଟଙ୍କାର ଗଞ୍ଜେଇ ତେଲ ଜବତ ସହ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଛି।

# ସୂର୍ଯ୍ୟଙ୍କର ପ୍ରତିନିଧି ଭାବେ କୋଣାର୍କଠାରେ 'ଚକ୍ର'ଙ୍କୁ ଉପାସନା କରାଯାଉଥିଲା

ଡ. ସୁରେନ୍ଦ୍ର କୁମାର ମିଶ୍ର

ଆମେ ଗତ ସଂଖ୍ୟାରେ ସୂର୍ଯ୍ୟ ଉପାସନାର ରହସ୍ୟ ସାଧାରଣ ଭାବରେ ଆଲୋଚନା କରିଥିଲୁ। ସୂର୍ଯ୍ୟଙ୍କୁ ନେଇ ଆମର ମହାନ୍ ଜ୍ୟୋତିଷଶାସ୍ତ୍ର ଆଜି ବିଶ୍ୱବିଦିତ। ଜ୍ୟୋତିଷଶାସ୍ତ୍ର କ'ଣ? ଚୁମ୍ବକରେ କହିଲେ ମଣିଷମାନଙ୍କ ପାଇଁ ବଞ୍ଚିବାର ନକ୍ସା। ବଞ୍ଚିଲେ ସିନା ଜୀବନକୁ ଜୀବନ୍ତ କରିବେ? ଏହାର ଅପର ପାର୍ଶ୍ୱ ଅଛି। ସୂର୍ଯ୍ୟଙ୍କୁ ନେଇ ଆମର ଚିକିତ୍ସାଶାସ୍ତ୍ର ବିକାଶ କରିଛି। ସୂର୍ଯ୍ୟଙ୍କ କିରଣ ହିଁ ବ୍ୟାଧିକୁ ଉପଶମ କରିଥାଏ। ଯେତେ ଔଷଧୀୟ ଦ୍ରବ୍ୟ ସେ ସବୁ ସୂର୍ଯ୍ୟଙ୍କର ଅବଦାନ। ସେଥି ସକାଶେ ଆୟୁର୍ବେଦର ମୂଳସୂତ୍ର ହେଉଛି ସୂର୍ଯ୍ୟଙ୍କ ସହିତ ତାଳମେଳ ରକ୍ଷା କରିବା। ଆଉ ସେଥିପାଇଁ ମହର୍ଷି ଘୋଷଣା କରିଥିଲେ- ସୂର୍ଯ୍ୟ ହିଁ ସ୍ୱାସ୍ଥ୍ୟର ସମ୍ପଦ।

ଷ୍ଟର୍ଲିଂ ଏ ଗହନ ରହସ୍ୟରେ ପଶି ନ ଥିଲେ। ସେ (ଓରିଶା- ପୃ- ୪୮, ବାପିଷ୍ଟ ମିଶନ ସଂସ୍କରଣ) ଲେଖିଥିଲେ- ଓଡ଼ିଆ ଚରିତ୍ର ଅତି ଜଘନ୍ୟ ଭାବରେ ବର୍ଣ୍ଣନା କରି, ତା'ର ସମର୍ଥନ ପାଇଁ ମନ୍ଦିରରେ ଅଶ୍ଳୀଳ ମୂର୍ତ୍ତି ସ୍ଥାନିତ କରିଥିଲେ। ବିଶେଷ ଭାବରେ ଶ୍ରୀପଦ୍ମକେଶର ମନ୍ଦିରକୁ ସେ ଇଙ୍ଗିତ କରିଥିଲେ। ଲିଙ୍ଗ ପୂଜା/ଦୁର୍ଗା ପୂଜା ଓଡ଼ିଆଙ୍କ ନୈତିକ ଅଧୋଗତି ଦେଖାଉଅଛି। କୁଆଡୁ ସେ କେମିତି ଓ କ'ଣ ବୁଝିଲେ, ମା' ଗଙ୍ଗେଇ ଜାଣନ୍ତି। ସେମିତି ଶ୍ରୀସୂର୍ଯ୍ୟ ଉପାସନାର ସାମାଜିକ ଓ ଦାର୍ଶନିକ ରହସ୍ୟ ବୁଝି ନ ଥିବା ଲେଖକ ସାର୍ ଷ୍ଟ୍ରିନଶ୍ୟାମ ମାଷ୍ଟର ୧୬୭୫ ମସିହାରେ ଲେଖିଥିଲେ 'ବ୍ଲାକ୍ ପାଗୋଡ଼ା'। ତାକୁ କେହି କେହି ଅର୍ଥ କଲେ 'କୃଷ୍ଣ ମନ୍ଦିର'। 'ଭାରତ ଉପକୂଳରେ ଯାତ୍ରା' ପୁସ୍ତକରେ ଏସବୁ କଳ୍ପନା ଲେଖାଯାଇଛି। ଫରାସୀମାନେ ମାନଚିତ୍ରରେ ଚିହ୍ନିତ କଲେ 'ପାଗୋଡ଼ା ନୟର'। ଡନ୍ ତାଙ୍କ ଭ୍ରମଣ ବୃତ୍ତାନ୍ତରେ ୧୭୮୦ ମସିହାରେ ଲେଖିଥିଲେ ଜଗ୍ରେନାଥ ମନ୍ଦିରର ଚାରି ଲିଗ୍ (୧୨ ମାଇଲ) ଉତ୍ତର-ପୂର୍ବରେ କୃଷ୍ଣ ମନ୍ଦିର ଅବସ୍ଥିତ।



ଶ୍ରୀସୂର୍ଯ୍ୟଙ୍କର ପ୍ରତିନିଧି ପବିତ୍ର ଚକ୍ର, ଯାହା ଆଜି କୋଣାର୍କ ଚକ୍ର ଭାବେ ବିଶ୍ୱପ୍ରସିଦ୍ଧ।

**ଐତିହ୍ୟର ଓଡ଼ିଶା**

ସୌଭାଗ୍ୟର କଥା ପରବର୍ତ୍ତୀ ଲେଖକମାନେ ଏହାକୁ 'ଶ୍ରୀକୃଷ୍ଣଙ୍କ ମନ୍ଦିର' ବୋଲି ପ୍ରଚାର କରି ନାହାନ୍ତି। ଓଡ଼ିଶାର ନିଜ ମନ ମୁତାବକ ଇତିହାସ ପ୍ରସ୍ତୁତ କରିବାକୁ ଚେଷ୍ଟା ଯେ ନ ହୋଇଛି ତାହା ନୁହେଁ, ନ ହେଲେ ବିଷନ ସ୍ୱରୂପ ଲେଖିଥାନ୍ତେ- କୋଣାର୍କଠାରେ ପ୍ରଥମେ ଶୈବ ମନ୍ଦିର ଥିଲା, ସୂର୍ଯ୍ୟ ମନ୍ଦିର ନୁହେଁ। ଶ୍ରୀସୂର୍ଯ୍ୟଙ୍କର କୋଣାର୍କଠାରେ ହେଉଥିବା ପ୍ରସିଦ୍ଧ ରଥଯାତ୍ରାକୁ ସେ ବୌଦ୍ଧ ଅନୁକରଣ ବୋଲି ଲେଖିଛନ୍ତି। ସେ ମୋଟେ ଜାଣି ନାହାନ୍ତି ଯେ ଶ୍ରୀସୂର୍ଯ୍ୟଙ୍କର ଅର୍କ କ୍ଷେତ୍ରରେ ଦ୍ୱାଦଶଯାତ୍ରା ପ୍ରସିଦ୍ଧ ଥିଲା ବୋଲି। ଅର୍କକ୍ଷେତ୍ରର ଦ୍ୱାଦଶଯାତ୍ରା ମଧ୍ୟରୁ ଆମେ ୯ଟି ଯାତ୍ରାର ସବିଶେଷ ବିଧିବିଧାନ ପାଇଛୁ। ବିରାଟ ମହାଭାସ୍କର ବିଗ୍ରହ ଦେଉଳ ଭିତରେ ପୂଜା ପାଉଥିଲେ। ବାହାର ବିଜେ ସମ୍ଭାବନା ନ ଥିଲା। ସେଥିପାଇଁ ଯାନିଯାତ୍ରାରେ ଉତ୍ସବ ବିଗ୍ରହ ବା ବିଜେ ବିଗ୍ରହ ବାହାରକୁ ଆସନ୍ତି। ଆଶ୍ଚର୍ଯ୍ୟର କଥା, ପ୍ରତିଦିନ କିଛି ନା କିଛି ଉତ୍ସବ ହେଉଥିଲା। ତେଣୁ ଶ୍ରୀସୂର୍ଯ୍ୟଙ୍କର ଏକ ଛୋଟ ବିଗ୍ରହଙ୍କୁ ବ୍ୟବହାର କରାଯାଉଥିଲା।

ପ୍ରତିଦିନ ଉତ୍ସବ କହିଲେ ବୁଝିବା ସହଜ ହେବ ନାହିଁ, ତେଣୁ ପ୍ରକାଶଯୋଗ୍ୟ ଯେ, ପ୍ରତିଦିନ ସୂର୍ଯ୍ୟ ଉଦୟ ପୂର୍ବରୁ ସାନ ବିଗ୍ରହଙ୍କୁ ନାଟ ମନ୍ଦିରର କେନ୍ଦ୍ରସ୍ଥଳକୁ ନିଆଯାଏ। ପ୍ରଥମ ସୂର୍ଯ୍ୟକିରଣ ଏହି ବିଗ୍ରହଙ୍କ ଉପରେ ପଡ଼େ। ପୂର୍ବରୁ ଲେଖିଥିଲୁ ପ୍ରତିଷ୍ଠା ପରେ ସୂର୍ଯ୍ୟକିରଣ ବିଗ୍ରହଙ୍କୁ ଛୁଉଁଚି କି ନାହିଁ, ସମସ୍ତେ ଅପେକ୍ଷା କରିଥିଲେ। ତାହା ନାଟ ମନ୍ଦିରରେ ବିଜେ ହୋଇଥିବା ସାନ ବିଗ୍ରହଙ୍କ ଉପରେ ପଡ଼ିଥିଲା। ଏଇଠି ପଞ୍ଚୋପଚାରରେ ପୂଜା ହେବା ପରେ ଆଳତି ବଢ଼େ। ପୁଣି ନାଟ ମନ୍ଦିରରୁ ମୁଖ୍ୟ ମନ୍ଦିରକୁ ବିଜେ କରନ୍ତି। ତା' ପରେ ଶ୍ରୀମହାଭାସ୍କରଙ୍କ ନୀତି ଆରମ୍ଭ ହୁଏ।

ଏଠାରେ ଗୋଟିଏ ସ୍ୱତନ୍ତ୍ର ଉତ୍ସବ ପ୍ରତିଦିନ ହେଉଥିଲା, ବେଢ଼ା ନାରାୟଣଙ୍କୁ ମାଧବମଣ୍ଡପକୁ ନିଆଯାଏ। ସେଠାରେ କେତେକ ନୀତି ହେବା ପରେ ସକାଳ ଭୋଗ ୧୬ ଉପଚାରରେ ସକାଳ ୯ଟାରୁ ୧୦ଟା ମଧ୍ୟରେ ସମ୍ପନ୍ନ ହୁଏ। ସକାଳ ଭୋଗ ପରେ ମୁଖ୍ୟ ପୂଜାପଣ୍ଡା ମନ୍ଦିରର ଗର୍ଭଗୃହରୁ ବାହାରି ଆସନ୍ତି। ଆରମ୍ଭ ହୁଏ ବାହାରବେଢ଼ା ପାର୍ଶ୍ୱ ଦେବତାଙ୍କ ନୀତି। ଏହାପରେ ମିତ୍ର, ବୈବସ୍ୱତ ଓ ହରିଦାଶ୍ୱଙ୍କ ନୀତି ବଢ଼େ। ଏମାନେ ନିଶାମନ୍ଦିରରେ ବିଜେ କରିଥିଲେ। ଏହାପରେ ଅରୁଣସ୍ତମ୍ଭରେ ବିଜେ କରିଥିବା ଶ୍ରୀଅରୁଣଙ୍କ ଅର୍ଚ୍ଚନା କରାଯାଉଥିଲା।

ଶ୍ରୀମନ୍ଦିରରେ ଶ୍ରୀସୁଦର୍ଶନ ହେଉଛନ୍ତି ମହାପ୍ରଭୁଙ୍କର ପ୍ରତିନିଧି। ଶ୍ରୀପଦ୍ମକେଶର ମନ୍ଦିରରେ ଦୁଇଟି ଚକ୍ର (ଚକା) ହେଉଛନ୍ତି ପ୍ରତିନିଧି। ତାହାଙ୍କୁ ଅର୍ଚ୍ଚନା କରାଯାଉଥିଲା। ଏଠାରେ ଏକ ଅଭିନବ ଆଳତି ବିଧି ପ୍ରଚଳିତ ଥିଲା। ସନାତନ ପରମ୍ପରାରେ ଯେପରି ପାହାଡ଼, ପର୍ବତ, ନଦୀ ଓ ମହୋଦଧିଙ୍କୁ ଆଳତି କରାଯାଏ, ପଞ୍ଚୋପଚାରରେ 'ସମୟ' ବା 'କାଳ'କୁ ପୂଜା କରାଯାଇ ଆଳତି କରାଯାଏ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନିର୍ବାଚନ ଫଳାଫଳ, ହର୍ମୁଜ ସ୍ଥିତି ଉପରେ ନିବେଶକଙ୍କ ନଜର

**ନୂଆଦିଲ୍ଲୀ, ୩।୫**

ସୋମବାର ପଶ୍ଚିମବଙ୍ଗ, ଆସାମ, ତାମିଲନାଡୁ, କେରଳ ଏବଂ ପଣ୍ଡିଚେରୀ ବିଧାନସଭା ନିର୍ବାଚନ ଫଳ ପ୍ରକାଶ ପାଇବ। ଏହାକୁ ନେଇ ସବୁ ମହଲରେ ଉତ୍କଣ୍ଠା ଲାଗି ରହିଥିବାବେଳେ ନିର୍ବାଚନ ଫଳାଫଳ ଭାରତୀୟ ଶେୟାର ବଜାର ଉପରେ ମଧ୍ୟ ପ୍ରଭାବ ପକାଇବ ବୋଲି ଅର୍ଥନୈତିକ ବିଶେଷଜ୍ଞମାନେ କହିଛନ୍ତି। ବିଶେଷକରି ପଶ୍ଚିମବଙ୍ଗ, ତାମିଲନାଡୁ ଏବଂ କେରଳମ୍‌ରେ ଶାସକ ଭାଜପା ଦଳକୁ କିଭଳି ସମର୍ଥନ ମିଳୁଛି ତାହାକୁ ଦେଖି ନିବେଶକମାନେ ପୁଞ୍ଜି ଲଗାଣ କ୍ଷେତ୍ରରେ ନିଜ ଆଭିମୁଖ୍ୟ ରଖିବେ ବୋଲି ସେମାନେ କହିଛନ୍ତି। ପଶ୍ଚିମବଙ୍ଗକୁ ନେଇ ଶାସକ ଭାଜପା ଏବଂ ଟିଏମ୍‌ସି ମଧ୍ୟରେ କଡ଼ା ଟକ୍କର ଦେଖାଯାଇଥିଲାବେଳେ




ଶାସକ ଦଳ ବିଜୟୀ ହେଲେ ନିବେଶକ ମହଲକୁ ଉତ୍ସାହିତ କରିପାରେ ବୋଲି କୁହାଯାଉଛି। ସେହିପରି ତାମିଲନାଡୁ ଏବଂ କେରଳମ୍‌ରେ ଭାଜପା ବିଜୟୀ ନ ହେଲେ ମଧ୍ୟ ଏହାର ଭୋଟ୍ ବ୍ୟବଧାନରେ ଉନ୍ନତି ଶେୟାର ବଜାର ଉପରେ ସକାରାତ୍ମକ ପ୍ରଭାବ ସୃଷ୍ଟି କରିବ ବୋଲି ଆକଳନ କରାଯାଉଛି। କେବଳ ନିର୍ବାଚନ ଫଳାଫଳ ନୁହେଁ, ପଶ୍ଚିମ ଏସିଆ ଯୁଦ୍ଧକୁ ନେଇ ହର୍ମୁଜ୍ ପ୍ରଣାଳୀ ସ୍ଥିତି ମଧ୍ୟ ଜାତୀୟ ଏବଂ ଅନ୍ତର୍ଜାତୀୟ ଶେୟାର ବଜାର ପାଇଁ ଗୁରୁତ୍ୱପୂର୍ଣ୍ଣ। ବର୍ତ୍ତମାନ ହର୍ମୁଜ୍ ପ୍ରଣାଳୀ ଦେଇ ତୈଳ ପରିବହନକୁ ନେଇ ଛକାପଞ୍ଝା ଲାଗି ରହିଥିଲାବେଳେ ଅନ୍ତର୍ଜାତୀୟ ବଜାରରେ ତୈଳ ମୂଲ୍ୟ ଅସ୍ଥିର ହେବାରେ ଲାଗିଛି। ତେବେ ଆସନ୍ତା ସପ୍ତାହର ପ୍ରଥମ ଦିନ ଭାବେ ସୋମବାର ଶେୟାର ବଜାର ଆରମ୍ଭ ହେବା ସହ ଆନ୍ତଃବ୍ୟାଙ୍କିଙ୍ଗ କାରବାର ଆରମ୍ଭ ହେଲେ ଏହି ଦୁଇଟି ବିଷୟ ପୁଞ୍ଜି ବଜାର ପାଇଁ ଗୁରୁତ୍ୱପୂର୍ଣ୍ଣ ରହିବ ବୋଲି କୁହାଯାଉଛି।

ଗତ ସପ୍ତାହରେ ମାତ୍ର ୪ ଦିନ ଶେୟାର ବଜାର ଖୋଲା ରହିଥିଲା। ମେ'୧ ଶ୍ରମିକ ଦିବସ ସମେତ ଶନିବାର ଏବଂ ରବିବାର ଛୁଟି ଯୋଗୁ ଶେୟାର କାରବାର ହୋଇନଥିଲା। କିନ୍ତୁ ସୋମବାର ଶେୟାର ବଜାର ଖୋଲିବାକୁ ଯାଉଥିବାବେଳେ ନିବେଶକ ଉପରୋକ୍ତ ଦୁଇଟି ଦିଗକୁ ଧ୍ୟାନ ଦେଇ ନିବେଶ ପାଇଁ ନିଷ୍ପତ୍ତି ନେଇପାରନ୍ତି ବୋଲି କୁହାଯାଇଛି।



ବିଏସ୍‌ଇ ସେନ୍‌ସେକ୍ସ
୭୭,୪୯୬ (+୬୦୯)



**୧ ଡଲାର = ୯୪.୯୧ ଟଙ୍କା**



**ବ୍ରେଣ୍ଟ କ୍ରୁଡ୍ ଅଏଲ୍ (ପ୍ରତି ବ୍ୟାରେଲ୍) ୧୦୬.୦୦ ଡଲାର**

# ପେଟ୍ରୋଲ ଚାହିଦାରେ ୬% ବୃଦ୍ଧି, ଏଲ୍‌ପିଜି ୧୬% ହ୍ରାସ

**ନୂଆଦିଲ୍ଲୀ, ୩।୫**

ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବକୁ ନେଇ ଏବେ ଭାରତୀୟ ବଜାରରେ ଇନ୍ଧନ ଚାହିଦାରେ ପରିବର୍ତ୍ତନ ଆସିଛି। ଯୁଦ୍ଧ ପ୍ରଭାବରେ ଉପସାଗରୀୟ ଦେଶଗୁଡ଼ିକରୁ ଇନ୍ଧନ ଯୋଗାଣ ଶୃଙ୍ଖଳ ବ୍ୟାହତ ହୋଇଥିବାରୁ ଘରୋଇ ବଜାରରେ ନିୟନ୍ତ୍ରଣ ବ୍ୟବସ୍ଥାକୁ ନେଇ ପେଟ୍ରୋଲ, ଡିଜେଲ ଏବଂ ଏଲପିଜି ଚାହିଦା ଧାରାରେ ପ୍ରଭେଦ ଦେଖାଯାଇଛି। ପେଟ୍ରୋଲିୟମ ପ୍ଲାନିଂ ଆଣ୍ଡ ଆନାଲିସିସ୍ ସେଲ(ପିପିଏସି) ତଥ୍ୟ ଅନୁଯାୟୀ ଗତ ଏପ୍ରିଲରେ ବାର୍ଷିକ ହାରରେ ପେଟ୍ରୋଲ ଚାହିଦା ୬.୩୬ ପ୍ରତିଶତ ବୃଦ୍ଧି ପାଇଥିଲାବେଳେ ଏଲପିଜି ବ୍ୟବହାର ୧୬ ପ୍ରତିଶତ ହ୍ରାସ ପାଇଛି। ଡିଜେଲ ଚାହିଦାରେ କୌଣସି ପରିବର୍ତ୍ତନ ଦେଖାଯାଇ ନାହିଁ। ସେହିପରି ବିମାନ ଇନ୍ଧନ(ଏଟିଏଫ୍) ଉପଯୋଗ ମଧ୍ୟ ୧.୩୭ ପ୍ରତିଶତ ହ୍ରାସ ଘଟିଛି। ଯୁଦ୍ଧ ଯୋଗୁ ଏହିସବୁ ପେଟ୍ରୋଲିୟମ ସାମଗ୍ରୀର ଆମଦାନୀ ଏବଂ ଯୋଗାଣକୁ ନେଇ ସମସ୍ୟା ଲାଗି ରହିଥିବାରୁ ଏହା ପ୍ରଭାବରେ ବଜାରରେ ଏଗୁଡ଼ିକର ବ୍ୟବହାର ଏବଂ ଉପଯୋଗ ନେଇ ପ୍ରଭେଦ ଦେଖାଯାଇଥିବା କୁହାଯାଇଛି।

# ଶିଳ୍ପପତି ଦୀନଦୟାଲ ଗୁପ୍ତାଙ୍କ ପରଲୋକ



**ଭୁବନେଶ୍ୱର,୩।୫(ଅନୁରାଧା ମହାରଣା)**

ପ୍ରସିଦ୍ଧ ଶିଳ୍ପପତି ତଥା ଡଲାର ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଏମିରେଟସ୍ ଦୀନଦୟାଲ ଗୁପ୍ତାଙ୍କର ଶନିବାର ବାର୍ଦ୍ଧକ୍ୟଜନିତ କାରଣରୁ କୋଲକାତାରେ ଦେହାନ୍ତ ଘଟିଛି। ଦୀନଦୟାଲଙ୍କ ନେତୃତ୍ୱରେ ଡଲାର ଇଣ୍ଡଷ୍ଟ୍ରିଜ୍ ୧୭୦୦ କୋଟି ଟଙ୍କାରୁ ଅଧିକ ଗୋଷ୍ଠୀରେ ପରିଣତ ହୋଇଛି। ୧୯୩୭ରେ ସେପ୍ଟେମ୍ବର ୧୩ରେ ହରିୟାଣାର ଭିୱାନୀ ଜିଲାର ମନହେରୁ ଗ୍ରାମରେ ସୀମିତ ସାଧନ ସହିତ ଏକ ନମ୍ର ଏବଂ ବଡ଼ ପରିବାରରେ ଜନ୍ମଗ୍ରହଣ କରିଥିବା ଗୁପ୍ତା ୧୯୬୨ରେ କୋଲକାତା ଚାଲିଯାଇଥିଲେ ଏବଂ ଡଲାର ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ମୂଳଦୁଆ ସ୍ଥାପନ କରିଥିଲେ। ତାଙ୍କ ନେତୃତ୍ୱରେ ଡଲାର ମଧ୍ୟପ୍ରଦେଶ, ଛତିଶଗଡ଼, ଉତ୍ତର ପୂର୍ବ ଭାରତର ସେଭେନ୍ ସିଷ୍ଟର୍ସ ଏବଂ ପୂର୍ବ ହିମାଳୟର ଦାର୍ଜିଲିଂ ଭଳି ପାହାଡ଼ି ଜଲା ପରି ପଛୁଆ ଅଞ୍ଚଳଗୁଡ଼ିକୁ ଯୋଗାଣ ଏବଂ ସେବା ପ୍ରଦାନ କରୁଥିବା ପ୍ରଥମ କମ୍ପାନୀମାନଙ୍କ ମଧ୍ୟରୁ ଗୋଟିଏ ହୋଇ ପାରିଥିଲା। ଗୁପ୍ତା ସିବିଏସ୍‌ଇ ବୋର୍ଡ ଅଧୀନରେ ପଶ୍ଚିମବଙ୍ଗର ଉତ୍ତର ୨୪-ପରଗଣାର ବିଧାନନଗରରେ ଥିବା ହରିୟାଣା ବିଦ୍ୟା ମନ୍ଦିରର ପ୍ରତିଷ୍ଠାତା ଥିଲେ। ସେ ସହ-ପ୍ରତିଷ୍ଠାତା ଏବଂ ପୃଷ୍ଠପୋଷକ ଭାବରେ ଗୁରୁକୁଳ ସହିତ ଜଡିତ ଥିଲେ। ମନହେରୁରେ ନମ୍ର ଗ୍ରାମ ବିଦ୍ୟାଳୟର ପୁନରୁଦ୍ଧାର ପଛରେ ସେ ଥିଲେ। ଦୀନଦୟାଲ ଗୁପ୍ତାଙ୍କ ପରିବାରରେ ତାଙ୍କ ସ୍ତ୍ରୀ, ୪ ପୁଅ ଏବଂ ନାତିନାତୁଣୀ ଅଛନ୍ତି, ଯେଉଁମାନେ ଡଲାର ଇଣ୍ଡଷ୍ଟ୍ରିଜ୍ ବ୍ୟବସାୟ ସାମ୍ରାଜ୍ୟର ନେତୃତ୍ୱ ନେଉଛନ୍ତି।

# ଗ୍ରାମାଞ୍ଚଳରେ ସୃଷ୍ଟି ହେବେ ଉଦ୍ୟୋଗୀ

## କେନ୍ଦ୍ରର 'ନିଡ୍' ଯୋଜନା

**ନୂଆଦିଲ୍ଲୀ, ୩।୫**

କୁଶଳୀ ପ୍ରତିଭା ସୃଷ୍ଟି କରିବା ଦିଗରେ ବୈଶ୍ୱିକ ସ୍ତରରେ ଭାରତକୁ ସ୍ୱତନ୍ତ୍ର ସ୍ଥାନ ଦେବା ସହ ଗ୍ରାମାଞ୍ଚଳରେ ଉଦ୍ୟୋଗ କ୍ଷେତ୍ରର ଭିତ୍ତିଭୂମି ସୁଦୃଢ଼ କରିବା ଲକ୍ଷ୍ୟରେ କେନ୍ଦ୍ର ସରକାର ଏକ ସ୍ୱତନ୍ତ୍ର ଯୋଜନା ଆରମ୍ଭ କରିଛନ୍ତି। କେନ୍ଦ୍ର ଦକ୍ଷତା ଓ ଉଦ୍ୟୋଗ ବିକାଶ ମନ୍ତ୍ରୀ ଜୟନ୍ତ ଚୌଧୁରୀ ' ନ୍ୟାଶନାଲ ଅନ୍ତ୍ରୋପ୍ରିନ୍ୟୁୟର ଏମ୍ପାୟାରମେଣ୍ଟ ଡ୍ରାଇଭ୍(ନିଡ୍) ନାମରେ ଏହି ଯୋଜନା ଆରମ୍ଭ କରିଛନ୍ତି। ଏଥିପାଇଁ ଜୟପୁରଠାରେ ସ୍କିଲ୍ ଇଣ୍ଡିଆ ଇଣ୍ଟରନ୍ୟାଶନାଲ ନାମରେ ଏକ ଅନ୍ତର୍ଜାତୀୟ କେନ୍ଦ୍ର ପ୍ରତିଷ୍ଠାଲାଗି ମଧ୍ୟ ସମ୍ପୃକ୍ତ ମନ୍ତ୍ରଣାଳୟ ପକ୍ଷରୁ ବୁଝାମଣା ହୋଇଛି। ଜାତୀୟ ଦକ୍ଷତା ବିକାଶ ନିଗମ(ଏନ୍‌ଏସ୍‌ଡିସି) ସହଯୋଗରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହେବା ସହ ଭାରତର ଗ୍ରାମାଞ୍ଚଳରେ ଦକ୍ଷତା ବିକାଶକୁ ଆଧାର କରି ଉଦ୍ୟୋଗୀ ସୃଷ୍ଟି କରିବାକୁ ଗୁରୁତ୍ୱ ଦିଆଯିବ। ଗ୍ରାମାଞ୍ଚଳ ସମେତ ଛୋଟ ଛୋଟ ସହରଗୁଡ଼ିକରେ ପ୍ରତିଭାଶାଳୀ ଉଦ୍ୟୋଗୀ



ସୃଷ୍ଟି କରିବା ଏବଂ ସେମାନଙ୍କ ପ୍ରତିଭାକୁ ଅନ୍ତର୍ଜାତୀୟସ୍ତରରେ ପହଞ୍ଚାଇବା ଏହି ଯୋଜନାର ମୂଳ ଲକ୍ଷ୍ୟ ବୋଲି କେନ୍ଦ୍ରମନ୍ତ୍ରୀ ଜୟନ୍ତ କହିଛନ୍ତି। କେବଳ ନିଯୁକ୍ତି ଦେବା କଥା ନୁହେଁ, ବରଂ ଆର୍ଥିକ ସ୍ତରରେ ଜଣେ ପ୍ରତିଭାବାନ ଉଦ୍ୟୋଗୀଙ୍କୁ ସ୍ୱଚ୍ଛଳ କରିବା ଏବଂ ଏଥିପାଇଁ ଇକୋସିଷ୍ଟମ୍ ପ୍ରସ୍ତୁତ କରିବାକୁ ଏହି ଯୋଜନାରେ ଗୁରୁତ୍ୱ ଦିଆଯାଇଛି ବୋଲି ସେ କହିଛନ୍ତି। ଗ୍ରାମାଞ୍ଚଳର ଉଦ୍ୟୋଗୀମାନଙ୍କୁ ମୁଖ୍ୟ ଶିଳ୍ପକ୍ଷେତ୍ର ସହ ସମନ୍ୱୟ ରଖିବାକୁ ସୁଯୋଗ ଦେବା ଏବଂ ନବ ଉନ୍ମେଷ ଲାଗି ପ୍ରୋତ୍ସାହିତ କରିବା ମଧ୍ୟ ଉକ୍ତ ଯୋଜନାର ଅନ୍ୟ ଏକ ଲକ୍ଷ୍ୟ ରହିଥିବା ସେ କହିଛନ୍ତି।

# ଏପ୍ରିଲରେ ୧୬,୨୨୩ ସୋନାଲିକା ଟ୍ରାକ୍ଟର ବିକ୍ରି

**ଭୁବନେଶ୍ୱର,୩।୫(ଅନୁରାଧା ମହାରଣା)**

ଟ୍ରାକ୍ଟର ରପ୍ତାନିକାରୀ ବ୍ରାଣ୍ଡ ସୋନାଲିକା ଟ୍ରାକ୍ଟର୍ସ ୨୦୨୬ ଏପ୍ରିଲ ମାସରେ ସର୍ବାଧିକ ୧୬,୨୨୩ଟି ଟ୍ରାକ୍ଟର ବିକ୍ରି କରିଛି । ଏହି ସଫଳତା ସୋନାଲିକାର ୩୫.୬%ର ସାମଗ୍ରିକ ଅଭିବୃଦ୍ଧି ଦ୍ୱାରା ପରିଚାଳିତ। ଏଥିସହିତ କମ୍ପାନୀ ୨୭% (ଆନୁମାନିକ)ର ଶିଳ୍ପ ପ୍ରଦର୍ଶନକୁ ମଧ୍ୟ ପଛରେ ପକାଇଛି। କମ୍ପାନୀ ଏହାର ୩୦ତମ ବର୍ଷରେ 'ଜିତନେ କା ଦମ୍' ସହ ନିଜର କୃଷକ-କୈନ୍ଦ୍ରିତ ଦର୍ଶନକୁ କାର୍ଯ୍ୟକାରୀ କରିବା ଜାରି ରଖିଛି। କମ୍ପାନୀର ଏହି ସଫଳତା ସମ୍ପର୍କରେ ଇଣ୍ଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତଲ କହିଛନ୍ତି, ଆମର ଉଲ୍ଲେଖନୀୟ ୩୦ତମ ବର୍ଷରେ ଏପ୍ରିଲରେ ୧୬୨୨୩ଟି ଟ୍ରାକ୍ଟର ବିକ୍ରି ପ୍ରଦର୍ଶନ ଟେକ୍ନୋଲୋଜି-ପରିଚାଳିତ କୃଷି ଦିଗରେ ଏକ ମଜଭୁତ ପରିବର୍ତ୍ତନକୁ



ସୂଚିତ କରୁଛି ; ଯଦ୍ୱାରା ଆମେ ୨୦୨୬-୨୭ ଆର୍ଥିକ ବର୍ଷରେ ଏକ ନୂତନ ଯାତ୍ରା ଆରମ୍ଭ କରିଛୁ। ଶିଳ୍ପ ପ୍ରଦର୍ଶନକୁ ପଛରେ ପକାଇ ୩୫.୬%ର ଦୃଢ଼ ଅଭିବୃଦ୍ଧି ହାସଲ କରିଛୁ ଏବଂ ଶିଳ୍ପର ଅଗ୍ରଣୀ ବଜାର ଅଂଶଧାରୀଙ୍କ ମଧ୍ୟରେ ମଜଭୁତ ସ୍ଥିତିରେ ରହିଛୁ। ୨୦୨୬-୨୭ ପାଇଁ ଆମେ ଯେଉଁ ବେଗ ସ୍ଥିର କରିଛୁ ତାହା ଭାରତର କୃଷି ରୂପାନ୍ତରଣ କ୍ଷେତ୍ରରେ ଉନ୍ନତ ଉଦ୍ଭାବନ ଓ ଗଭୀର କୃଷକ ସଂଯୋଗ ଦ୍ୱାରା ପରିଚାଳିତ ହେଉଛି।

# ରୟାଲ୍ ଏନ୍‌ଫିଲ୍ଡର 'ହେରିଟେଜ୍ କଲେକ୍ସନ୍'



**ଭୁବନେଶ୍ୱର,୩।୫(ଅନୁରାଧା ମହାରଣା)**

ରୟାଲ ଏନ୍‌ଫିଲ୍ଡପକ୍ଷରୁ ନୂତନ 'ହେରିଟେଜ୍ କଲେକ୍ସନ୍'ର ଶୁଭାରମ୍ଭ କରାଯାଇଛି। ଏହା ଏକ ପ୍ରିମିୟମ୍ ଲାଇଫଷ୍ଟାଇଲ୍ ପୋଷାକ ରେଞ୍ଜ, ଯାହା ବ୍ରାଣ୍ଡର ୧୨୫ ବର୍ଷର ଐତିହ୍ୟକୁ ଆଧୁନିକ ପୋଷାକ ଶୈଳୀ ସହ ସମ୍ମିଶ୍ରଣ କରିଛି । 'ହେରିଟେଜ୍ କଲେକ୍ସନ୍' ରୟାଲ୍ ଏନ୍‌ଫିଲ୍ଡର କାରିଗରି, ବ୍ୟବହାରିକତା ଓ ସୁଚିନ୍ତିତ ଡିଜାଇନ୍ ଦର୍ଶନକୁ ପ୍ରତିଫଳିତ କରୁଛି। କଟନ୍ ଟ୍ୱିଲ୍, କାନଭାସ୍ ବ୍ଲେଣ୍ଡ ଓ ଷ୍ଟ୍ରେଚ୍ ସହିତ ତିଆରି ହୋଇଥିବା ମାଟେରିଆଲ୍‌ଗୁଡ଼ିକୁ ସ୍ଥାୟିତ୍ୱ ଓ ଟେକ୍ସଚର୍‌କୁ ଧ୍ୟାନରେ ରଖି ଚୟନ କରାଯାଇଛି। ଏହି 'ହେରିଟେଜ୍ କଲେକ୍ସନ୍' ବର୍ତ୍ତମାନ ଭାରତର ସମସ୍ତ ରୟାଲ୍ ଏନ୍‌ଫିଲ୍ଡ ଡିଲରଶିପ୍, କମ୍ପାନୀର ଅଫିସିଆଲ ୱେବ୍‌ସାଇଟ୍ ଓ ବଛାବଛା ଇ-କମର୍ସ ପ୍ଲାଟଫର୍ମଗୁଡ଼ିକରେ ଉପଲବ୍ଧ ହେଉଛି। ଏହି ଅବସରରେ ରୟାଲ୍ ଏନ୍‌ଫିଲ୍ଡର ମୁଖ୍ୟ ବାଣିଜ୍ୟିକ ଅଧିକାରୀ, ୟଦଭିନ୍ଦର ସିଂ କହିଛନ୍ତି, 'ହେରିଟେଜ୍ କଲେକ୍ସନ୍ ମାଧ୍ୟମରେ ଆମେ ଏକ ଶତାବ୍ଦୀରୁ ଅଧିକ ସମୟର ରୟାଲ୍ ଏନ୍‌ଫିଲ୍ଡ ଐତିହ୍ୟକୁ ପୋଷାକ ମାଧ୍ୟମରେ ପ୍ରସ୍ତୁତ କରୁଛୁ। କପଡ଼ା ଚୟନରୁ ଆରମ୍ଭ କରି ଡିଜାଇନ୍ ଓ ପୁରାତନ ଲୋଗୋ ଉନ୍ମୋଚନ ପର୍ଯ୍ୟନ୍ତ ପ୍ରତ୍ୟେକ ଅଂଶ ବ୍ରାଣ୍ଡର ଡିଜାଇନ୍ ଭାଷାରୁ ପ୍ରେରିତ। ୧୯୧୦ର 'କ୍ୟାନନ୍' ଲୋଗୋ, ୧୮୯୩ର 'ମେଡ୍ ଲାଇକ ଏ ଗନ୍' ସ୍ଲୋଗାନ୍ ଓ ୧୯୬୯ର ସରିଜ ୨ୟ ଇଣ୍ଟରସେପ୍ଟର ଟ୍ୟାଙ୍କ ବ୍ୟାଜ୍‌କୁ ପୋଷାକରେ ସ୍ଥାନ ଦିଆଯାଇଛି।

# ୪ କମ୍ପାନୀଙ୍କ ଏମ୍-କ୍ୟାପ୍‌ରେ ୨.୨୦ ଲକ୍ଷ କୋଟି ବୃଦ୍ଧି

**ମୁମ୍ବାଇ, ୩।୫**

ଗତ ସପ୍ତାହରେ ହୋଇଥିବା ଶେୟାର କାରବାର ଅନୁଯାୟୀ ଦେଶର ୧୦ ପ୍ରମୁଖ କମ୍ପାନୀଗୁଡ଼ିକ ମଧ୍ୟରୁ ୪ କମ୍ପାନୀର ବଜାର ପୁଞ୍ଜି (ଏମ୍-କ୍ୟାପ୍)ରେ ଅନ୍ୟୂନ ୨.୨୦ ଲକ୍ଷ କୋଟି ଟଙ୍କା ବୃଦ୍ଧି ହୋଇଥିବା ବିଏସ୍‌ଇ ଷ୍ଟକ୍ ଏକ୍ସଚେଞ୍ଜ ତଥ୍ୟରୁ ଜଣାପଡ଼ିଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ସବୁଠାରୁ ଅଧିକ ଲାଭ ଉଠାଇବାକୁ ସକ୍ଷମ ହୋଇଥିଲାବେଳେ ଏହାପଛକୁ ଭାରତୀ ଏୟାରଟେଲ୍, ଟିସିଏସ୍ ଏବଂ ବଜାଜ୍ ଫାଇନାନ୍ସ ଆଦି ରହିଛନ୍ତି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ବଜାର ପୁଞ୍ଜିରେ ୧,୩୯,୬୫୫ କୋଟି ଟଙ୍କା ବୃଦ୍ଧି ଘଟି ଏହାର ମୋଟ ପରିମାଣ ୧୯,୩୬,୩୦୩ କୋଟି ଟଙ୍କାରେ ପହଞ୍ଚିଛି। ତେବେ ବ୍ୟାଙ୍କିଙ୍ଗ କ୍ଷେତ୍ର ଶେୟାର କାରବାର ହ୍ରାସ ପାଇଥିବାରୁ ଏଚ୍‌ଡିଏଫସି ବ୍ୟାଙ୍କ, ଏସ୍‌ବିଆଇ, ଆଇସିଆଇସିଆଇ ବ୍ୟାଙ୍କ ସମେତ ହିନ୍ଦୁସ୍ତାନ ୟୁନିଲିଭର, ଏଲ ଆଣ୍ଡ ଟି ଏବଂ ଏଲଆଇସି ଆଦିର ବଜାର ପୁଞ୍ଜିରେ ହ୍ରାସ ଘଟିଛି। ଏସ୍‌ବିଆଇର ବଜାର ପୁଞ୍ଜି ମୂଲ୍ୟାୟନରେ ୩୦,୯୨୨ କୋଟି ଟଙ୍କା ହ୍ରାସ ଘଟି ମୋଟ ବଜାର ପୁଞ୍ଜି ୯,୮୫,୮୨୯ କୋଟି ଟଙ୍କା ରହିଥିବା କୁହାଯାଇଛି।


# Classified Everyday
0674-2580101, 9692975378




**REAL ESTATE**

**SALE**

ଭୁବନେଶ୍ୱର ଫୁଲନଖରା, ହଂସପାଳ, ଉତ୍ତରା, ପିପିଲି ଟୋଲଗେଟ୍, ସୁନ୍ଦରପଦା, ପାତ୍ରପଡ଼ା, ତମାଣ୍ଡୋ, ଖଣ୍ଡଗିରିରେ 3BHK Duplex, ଘରବାରି ପ୍ଲଟ୍ ଏବଂ Flat ଅଛି. 9658122456. D-86

Plot/Duplex For sale at Raghunathpur & Near KIIT Jaganath Temple, Bhubaneswar. Immediate possesion (Ready for construction) 7846819129 / 9827675880. D-85



**CONSTRUCTION**

Supervision of construction of Building & planning by senior professional Civil Engineer. Mob.- 8144815298. D-262

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




3BHK flat at Chandrama Complex, Block-A, Unit-III 3BHK flat at Park Tower, Ganga Nagar, Bhubaneswar Contact: 9348491449, 9437062777. D-230

Commercial Space Available: 200 to 1200sqft. suitable for Shop, Office, Bank, or Institute 1500 to 8000sqft. at Rajpath, Bhubaneswar Contact: 9348491449, 9437062777. D-231




Full body massage, Home service available, Male, Female. Contact: 7377143756. D-270

All types of physiotherapy and massage. Contact 9556924059 / 7656969134. D-257

Newly open health benefits spa by expert therapist. Contact- 7504222886. D-76963

All types hair cutting, body massage by smart lady, one hour 700/-. Room services available. Contact: 7788888200. D-76307

**AFFIDAVIT**

By virtue of an affidavit sworn before Executive Magistrate, Ambabhona, dated- 29.04.2026, SL-216, I, Kishor Chandra Pradhan, S/o.- Thakur Pradhan, Address: At-Hospital Pada, Bhukta, P.O.- Bhukta, Dist.- Bargarh, Odisha- 768045 declare that I have changed the name of my daughter from Trisnarani Pradhan to Toshini Pradhan. Henceforth, she shall be known as Toshini Pradhan for all purposes.
Kishor Chandra Pradhan
D-87

By virtue of an affidavit sworn before the Executive Magistrate, Cuttack Sadar dated 23.02.2026, I, Prabhat Kumar Samal, Address: At- Naulo, P.O.- Arodei, P.S.- Tirtol, Dist.- Jagatsinghpur, PIN-754138, Odisha declare that I have changed my name from Pravat Kumar Chakradhar Samal to Prabhat Kumar Samal. Henceforth, I shall be known as Prabhat Kumar Samal for all purposes.
D-82

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before Executive Magistrate, Banki, I, Golap Mishra, wife of Late Birabadal Mishra, resident of Kotadwar samil Sunadeipur, Banki, Dist.- Cuttack, PIN-754008 declare that in Voter ID, Aadhaar Card and Pan Card my name has been recorded as Golap Mishra. But to my misfortune in the service book of my husband late Birabadal Mishra, Ex LEMP No. 200522(H), my name has been recorded as Manjubala Mishra. That Golap Mishra and Manjubala Mishra, W/o.- Late Birabadal Mishra is same person. Hence this declaration.
Golap Mishra
D-83

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ଆମ ପ୍ରିୟ ପିତା
**ସ୍ୱର୍ଗତ ଶ୍ରୀ ରାଧାକୃଷ୍ଣ ଦାଶ**
Rtd. Office Superintendent Police
ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା
ତିରୋଧାନ : ୦୪।୦୫।୨୦୨୫
ଆପଣ ଆମ ମଝିରୁ ବିଦାୟ ନେଇ ଆଜି ଏକ ବର୍ଷ ପୂରଣ ହେଲା। ତଥାପି ଆପଣଙ୍କ ସ୍ମୃତି, ସଦ୍‌ଗୁଣ ଓ ଆଦର୍ଶମୟ ଜୀବନ ଆମ ହୃଦୟରେ ଚିରନ୍ତନ ଭାବେ ଅମ୍ଳାନ ରହିଛି। ଆପଣଙ୍କ ଆଦର୍ଶ ଓ ନୀତିବୋଧ ଆମକୁ ସର୍ବଦା ସଠିକ୍ ପଥରେ ମାର୍ଗଦର୍ଶନ କରୁଥାଉ। ଆପଣଙ୍କ ଦୟା, ସ୍ନେହ ଓ ଧର୍ମନିଷ୍ଠା ଆମ ପାଇଁ ଚିରନ୍ତନ ପ୍ରେରଣା ଦେଇଚାଲିଛି। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମେ ବିନମ୍ର ପ୍ରାର୍ଥନା କରୁଛୁ।
ସ୍ମୃତିରେ: ପତ୍ନୀ, ପୁତ୍ର, ବୋହୂ, କନ୍ୟା, ଜ୍ୱାଇଁ, ନାତି, ନାତୁଣୀ ଓ ପରିବାରବର୍ଗ।
ଧ-୭୭

**୧୨ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**୰ଭୁବନ ବିହାରୀ କର**
ଆବିର୍ଭାବ: ୦୩।୦୪।୧୯୫୯
ତିରୋଧାନ: ୧୬।୦୫।୨୦୧୪
ଆପଣଙ୍କ ଶ୍ରଦ୍ଧା, ସ୍ନେହ ତଥା ଆଶୀର୍ବାଦ ସଦା ଆମମାନଙ୍କ ଉପରେ ରହିଥାଉ। ଏତିକି ଶ୍ରୀ ଶ୍ରୀଜଗନ୍ନାଥଙ୍କ ଚରଣ ତଳେ ପ୍ରାର୍ଥନା ।
ଇତି ଆପଣଙ୍କର- ମିତୁ, ରିତୁ ଓ ସିକୁ
ଧ-୪୧୫

**୨୩ତମ ଶ୍ରାଦ୍ଧବାର୍ଷିକୀର ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତଃ ଜୟକୃଷ୍ଣ ମହାନ୍ତି**
(ଆଦର୍ଶ ଶିକ୍ଷକ)
ଏରବଙ୍ଗ, ଗୋପ, ପୁରୀ
ଚାହୁଁ ଚାହୁଁ ତେଇଶ ବର୍ଷ ବିତିଗଲା। ଆପଣଙ୍କ ଅବର୍ତ୍ତମାନରେ ଜୀବନ କେବେ ବି ସ୍ୱାଭାବିକ ହୋଇ ନାହିଁ। ଆମମାନଙ୍କ ଆଖିରୁ ଆଜି ବି ଲୁହ ଝରୁଛି। ଆପଣଙ୍କ ପବିତ୍ର ଆତ୍ମା ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ସ୍ଥାନ ପାଉ, ଏତିକି ଆମମାନଙ୍କ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ଆପଣଙ୍କ ପରିବାର ଏବଂ ବନ୍ଧୁବର୍ଗ
ଧ-୩୧୨

# ପୃଥିବୀର ଅଦୃଶ୍ୟ ସୁରକ୍ଷା କବଚ


ଦେବାଶିଷ ମହାନ୍ତି

**"ଯେତେବେଳେ ସାଧାରଣ ଅମ୍ଳଜାନ ଅତି ବାଇଗଣି ରଶ୍ମି କିମ୍ବା ବୈଦ୍ୟୁତିକ ଶକ୍ତି ସଂସ୍ପର୍ଶରେ ଆସେ, ଏହା ଓଜୋନରେ ପରିବର୍ତ୍ତିତ ହୁଏ - ଯାହା ତିନୋଟି ଅମ୍ଳଜାନ ପରମାଣୁରେ ତିଆରି ଏକ ଅଣୁ। ଆମ ବାୟୁମଣ୍ଡଳର ଉପରିଭାଗରେ ଥିବା ଏହି ଓଜୋନ ସ୍ତର ଷ୍ଟ୍ରାଟୋସ୍ଫିଅରରେ ଏବଂ ପୃଥିବୀ ଚାରିପାଖରେ ଏକ ପତଳା ଆବରଣ ଗଠନ କରିଛି। ତା' ସହ ଏକ ସୁରକ୍ଷା ଛତା ପରି ମଧ କାର୍ଯ୍ୟ କରୁଛି, ଯାହା ଆମକୁ କ୍ଷତିକାରକ ଅତିବାଇଗଣି ରଶ୍ମି ପ୍ରଭାବରୁ ରକ୍ଷା କରେ।"**



ଚଳିତ ବର୍ଷ ମହାବିଦ୍ୟାଳୟ ପରୀକ୍ଷା କାର୍ଯ୍ୟ ସମାପନ ପରେ ଦିନ ୧୧ ଟାରେ ଜଣେ ବନ୍ଧୁଙ୍କ ସହିତ ମହାବିଦ୍ୟାଳୟ ଫାଟକ ନିକଟକୁ ବାହାରିଥାଉ ଚା' ପିଇବାକୁ। ସେଦିନ ସୂର୍ଯ୍ୟ କିରଣ ଏତେ ପ୍ରଖର ଥାଏ ଯେ ଆକାଶରୁ ଅଗ୍ନି ବର୍ଷା ହେଲା ପରି ପ୍ରତୀତ ହେଉଥାଏ। ମୋର ବନ୍ଧୁ ପଚାରିଲେ ସୂର୍ଯ୍ୟ ଏବେ ଏତେ ଉତ୍ତପ୍ତ କାହିଁକି? ବୋଧହୁଏ ସୂର୍ଯ୍ୟ କିରଣ ସହିତ ପ୍ରଚୁର ପରିମାଣର ଅତିବାଇଗଣି ରଶ୍ମି (ୟୁ ଭି ରଶ୍ମି) ମିଶିକି ଆସୁଛି! ମୁଁ ଟିକେ ହସିକି କହିଲି– ଏତେ ପରିମାଣର ଅତି ବାଇଗଣି ରଶ୍ମି ପୃଥିବୀ ପୃଷ୍ଠକୁ ଆସିଲେ ଜୀବ ଜଗତ ଧ୍ୱଂସ ହୋଇଯିବ। ଭଗବାନଙ୍କୁ ଧନ୍ୟବାଦ, ପୃଥିବୀର ଅଦୃଶ୍ୟ ଛତା ଆମକୁ ଅତିବାଇଗଣି ରଶ୍ମି କବଳରୁ ରକ୍ଷା କରୁଛି। କିନ୍ତୁ ପରିତାପର ବିଷୟ ଏହିକି ଯେ ମନୁଷ୍ୟ ଯୋଗୁ ଏହି ଅଦୃଶ୍ୟ ଛତା ଧୀରେ ଧୀରେ ପତଳା ହେବାକୁ ଲାଗୁଛି। ଏ କଥା ଶୁଣି ତାଙ୍କ ବେନି ନୟନରେ ଏକ କୌତୂହଳ ଚମକି ଉଠିଲା। ସେ ପୁନରାବୃତ୍ତି କଲେ, 'ଅଦୃଶ୍ୟ ଛତା?'

ମୁଁ କହିଲି, 'ହଁ,' ଏହାକୁ ଓଜୋନ ସ୍ତର କୁହାଯାଏ। ଓଜୋନ ପ୍ରକୃତରେ ଅମ୍ଳଜାନର ଏକ ବିଶେଷ ରୂପ। ତାଙ୍କ କୌତୂହଳ ଦେଖି ମୁଁ ବର୍ଣ୍ଣନା ଜାରି ରଖିଲି। "ଯେତେବେଳେ ସାଧାରଣ ଅମ୍ଳଜାନ ଅତି ବାଇଗଣି ରଶ୍ମି କିମ୍ବା ବୈଦ୍ୟୁତିକ ଶକ୍ତି ସଂସ୍ପର୍ଶରେ ଆସେ, ଏହା ଓଜୋନରେ ପରିବର୍ତ୍ତିତ ହୁଏ – ଯାହା ତିନୋଟି ଅମ୍ଳଜାନ ପରମାଣୁରେ ତିଆରି ଏକ ଅଣୁ। ଆମ ବାୟୁମଣ୍ଡଳର ଉପରିଭାଗରେ ଥିବା ଏହି ଓଜୋନ ସ୍ତର ଷ୍ଟ୍ରାଟୋସ୍ଫିଅରରେ ଏବଂ ପୃଥିବୀ ଚାରିପାଖରେ ଏକ ପତଳା ଆବରଣ ଗଠନ କରିଛି। ତା' ସହ ଏକ ସୁରକ୍ଷା ଛତା ପରି କାର୍ଯ୍ୟ କରୁଛି, ଯାହା ଆମକୁ କ୍ଷତିକାରକ ଅତିବାଇଗଣି ରଶ୍ମି ପ୍ରଭାବରୁ ରକ୍ଷା କରେ।" ବନ୍ଧୁ ଜଣକ ଧ୍ୟାନ ଦେଇ ମୋ କଥା ଶୁଣୁଥିଲେ। ହଠାତ୍ ପ୍ରଶ୍ନ କଲେ 'ଓଜୋନ କ'ଣ ସବୁବେଳେ ଆମକୁ ସୁରକ୍ଷା ଦିଏ?'

ମୁଁ ଉତ୍ତର ଦେଲି, "ସର୍ବଦା ନୁହେଁ। ପୃଥିବୀ ବାୟୁମଣ୍ଡଳର ନିମ୍ନ ଭାଗରେ ଥିବା ଷ୍ଟ୍ରାପୋସ୍ଫିୟରରେ ଓଜୋନ ଏକ ପ୍ରଦୂଷକ ଭାବରେ କାର୍ଯ୍ୟ କରିପାରେ ଏବଂ ଆମର ଫୁସ୍‌ଫୁସ୍‌କୁ କ୍ଷତି ପହଞ୍ଚାଇପାରେ। କିନ୍ତୁ ଷ୍ଟ୍ରାଟୋସ୍ଫିୟରରେ ରହିଲେ, ଏହା ଆମର ଜୀବନ ରକ୍ଷାକାରୀ ଢାଲ ହୋଇଯାଏ।' ସେ ଧୀରେ ଧୀରେ ମୁଣ୍ଡ ହଲାଇଲେ। ତେବେ ଏହି ଢାଲ କାହିଁକି ଦୁର୍ବଳ ହେଉଛି ବୋଲି ପ୍ରଶ୍ନ କଲେ। ମୁଁ କହିଲି, ଏହି ବିଶାଳ ବିଶ୍ୱରେ ମାନବ ଏକ କ୍ଷୁଦ୍ର ଜୀବ। ନିଜର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଭିନ୍ନ ନୂତନ ପାଦର୍ଥ ଉଦ୍ଭାବନ କରେ କିନ୍ତୁ ଏହାର ଦୂରଗାମୀ କ୍ଷତିକାରକ ପ୍ରଭାବ ବିଷୟରେ ଅନେକ ସମୟରେ ଅଜ୍ଞ ଥାଏ। କ୍ଲୋରୋଫ୍ଲୋରୋକାର୍ବନ (ସିଏଫ୍‌ସି) ପରି ମାନବ ନିର୍ମିତ ରାସାୟନିକ ପଦାର୍ଥ ସହିତ ସେହିପରି ଏକ ନୂତନ ସମସ୍ୟା ଆରମ୍ଭ ହୋଇଥିଲା। ଏଗୁଡ଼ିକ ରେଫ୍ରିଜରେଟର, ଏୟାର କଣ୍ଡିଶନର ଏବଂ ସ୍ପ୍ରେରେ ବହୁଳ ଭାବରେ ବ୍ୟବହୃତ ହେଉଥିଲା। କାରଣ ଏଗୁଡ଼ିକ ଅଣ-ବିଷାକ୍ତ, ଶସ୍ତା ତଥା ସୁଲଭ ଉପଲବ୍ଧ ଗ୍ୟାସ୍। କିନ୍ତୁ ଉପର ବାୟୁମଣ୍ଡଳରେ ପହଞ୍ଚିଲା ପରେ ଏହା ଏକ ଧ୍ୱଂସକାରୀ ପଦାର୍ଥରେ ପରିଣତ ହୋଇଯିବ ବୋଲି ଏହାର ଉଦ୍ଭାବନ ସମୟରେ ମନୁଷ୍ୟ ସ୍ୱପ୍ନରେ ବି କଳ୍ପନା କରି ନ ଥିଲା। ଯେତେବେଳେ ଏଗୁଡ଼ିକ ଷ୍ଟ୍ରାଟୋସ୍ଫିଅରରେ ପହଞ୍ଚିଥାଏ, ସୂର୍ଯ୍ୟକିରଣ ସେଗୁଡ଼ିକୁ ଭାଙ୍ଗିଦିଏ ଏବଂ କ୍ଲୋରିନ ପରମାଣୁକୁ ମୁକ୍ତ କରିଦିଏ ଓ ଅତ୍ୟନ୍ତ ପ୍ରତିକ୍ରିୟାଶୀଳ 'କ୍ଲୋରିନ ଫ୍ରି ରେଡିକାଲ୍ସ' ସୃଷ୍ଟି କରେ।

ଏକଥା ଶୁଣି ସେ ଉତ୍ସୁକତାର ସହ ପଚାରିଲେ, ତା'ପରେ? ମୁଁ କହିଲି–ଏହି କ୍ଲୋରିନ ଫ୍ରି ରେଡିକାଲ୍ସ ଓଜୋନ ଅଣୁଗୁଡ଼ିକୁ ଆକ୍ରମଣ କରନ୍ତି ଏବଂ ସେମାନଙ୍କୁ ସାଧାରଣ ଅମ୍ଳଜାନରେ ପରିଣତ କରନ୍ତି। ତେଣୁ ଓଜୋନ ସୁରକ୍ଷା ସ୍ତର ନଷ୍ଟ ହୋଇଯାଏ। ଥଣ୍ଡା ମେରୁ ଅଞ୍ଚଳରେ, ବାୟୁମଣ୍ଡଳରେ ଥିବା କ୍ଷୁଦ୍ର ବରଫ ସ୍ଫଟିକ ଏହି ପ୍ରତିକ୍ରିୟା ପାଇଁ ପୃଷ୍ଠ ପ୍ରଦାନ କରନ୍ତି ଏବଂ ଉପରୋକ୍ତ ପରି ସେମାନଙ୍କୁ ତ୍ୱରାନ୍ୱିତ ମଧ କରନ୍ତି। ସେଥିପାଇଁ ବଡ଼ ଓଜୋନ ଗର୍ତ୍ତ ମୁଖ୍ୟତଃ ଆଣ୍ଟାର୍କଟିକା ଏବଂ ଦକ୍ଷିଣ ଗୋଲାର୍ଦ୍ଧର କିଛି ଅଂଶରେ ଦେଖାଯାଏ।

ବନ୍ଧୁ ଜଣକ ଆଶ୍ଚର୍ଯ୍ୟ ହୋଇ ପଚାରିଲେ–ବିଷୁବରେଖା କିମ୍ବା ଉତ୍ତର ମେରୁରେ କାହିଁକି ଓଜୋନ ଗର୍ତ୍ତ ଦେଖାଯାଏ ନାହିଁ? "ବିଷୁବରେଖାରେ, ଏପରି ଅତ୍ୟଧିକ ଥଣ୍ଡା ପରିସ୍ଥିତି ଏବଂ ବରଫ ସ୍ଫଟିକ ବିରଳ, ତେଣୁ କ୍ଲୋରିନ ଫ୍ରି ରେଡିକାଲ ଓଜନ ସହିତ ପ୍ରତିକ୍ରିୟା କରିବାକୁ ପୃଷ୍ଠ ପ୍ରାପ୍ତ କରିପାରେ ନାହିଁ" ବୋଲି ମୁଁ ବୁଝାଇଲି। ତା'ସହ ଉତ୍ତର ମେରୁରେ, ଶକ୍ତିଶାଳୀ ଆର୍କଟିକ ବାୟୁ ପ୍ରବାହ ଏହି ବରଫ ସ୍ଫଟିକଗୁଡ଼ିକୁ ସ୍ଥିର ହେବାରୁ ବାଧା ଦିଏ, ତେଣୁ ପ୍ରତିକ୍ରିୟାଗୁଡ଼ିକ ବହୁତ କମ୍ ତୀବ୍ର ହୋଇଥାଏ। ସେଥିପାଇଁ ଦକ୍ଷିଣ ମେରୁ ନିକଟରେ ଥିବା ଆଣ୍ଟାର୍କଟିକା ଉପରେ ଏବଂ ଅଷ୍ଟ୍ରେଲିଆ ନିକଟରେ ଗୁରୁତର ଓଜୋନ ଗର୍ତ୍ତ ସୃଷ୍ଟି ହୋଇଅଛି। ସେ ଚିନ୍ତାଶୀଳ ହୋଇ ପଚାରିଲେ। ଯଦି ଓଜୋନ ସ୍ତର ସଙ୍କୁଚିତ ହେବାକୁ ଲାଗିବ ତେବେ କ'ଣ ହେବ?

'ଅଧିକ କ୍ଷତିକାରକ ୟୁଭି ରଶ୍ମି ପୃଥିବୀରେ ପହଞ୍ଚିବ,' ମୁଁ କହିଲି। "ଏହା ଚର୍ମ କର୍କଟ, ଆଖି ସମସ୍ୟା ସୃଷ୍ଟି କରିପାରେ ଏବଂ ଆମର ଶରୀରର ପ୍ରତିରକ୍ଷା ପ୍ରଣାଳୀକୁ ଦୁର୍ବଳ କରିଦେଇ ପାରେ। ଏହା ଫସଲକୁ କ୍ଷତି ପହଞ୍ଚାଇପାରେ, ସାମୁଦ୍ରିକ ଜୀବନକୁ କ୍ଷତି ପହଞ୍ଚାଇପାରେ ଏବଂ ପ୍ଲାଷ୍ଟିକ ଭଳି ସାମଗ୍ରୀକୁ ମଧ ନଷ୍ଟ କରି ସେଥିରୁ ବିଷାକ୍ତ ବାଷ୍ପ ସୃଷ୍ଟି କରିପାରେ।" ଏହା ଶୁଣି ସେ ଦୀର୍ଘ ନିଃଶ୍ୱାସ ପକାଇଲେ ଓ କିଛି ସମୟ ପାଇଁ, ଆମେ ଦୁହେଁ ବିଶାଳ ଆକାଶ ତଳେ ନୀରବରେ ଠିଆ ହୋଇ ରହିଲୁ। 'ଆମେ ଏହାକୁ ମରାମତି କରିପାରିବୁ କି?' ସେ ଶେଷରେ ପଚାରିଲେ। 'ହଁ, କହି ମୁଁ ହସିଲି। ବିଶ୍ୱ ସିଏଫ୍‌ସି ହ୍ରାସ କରିବା ପାଇଁ ଅନ୍ତର୍ଜାତୀୟ ଚୁକ୍ତିନାମା ମାଧ୍ୟମରେ ପଦକ୍ଷେପ ନେଇସାରିଛି। ଧୀରେ ଧୀରେ, ଓଜୋନ ସ୍ତର ସୁସ୍ଥ ହେଉଛି। କିନ୍ତୁ ଏହାକୁ ସମ୍ପୂର୍ଣ୍ଣ ସୁସ୍ଥ କରିବା ପାଇଁ ଏବେ ବି ଆମର ଯତ୍ନ ଆବଶ୍ୟକ।

ଆମେ କ'ଣ କରିପାରିବା– ସେ ଉତ୍ସାହର ସହିତ ପଚାରିଲେ। 'ଆମେ ପରିବେଶ ଅନୁକୂଳ ଉତ୍ପାଦ ବ୍ୟବହାର କରିପାରିବା, ସିଏଫ୍‌ସି ବ୍ୟବହାରକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା, ଶୀତଳୀକରଣ ଉପକରଣଗୁଡ଼ିକୁ ଠିକ୍ ଭାବରେ ରକ୍ଷଣାବେକ୍ଷଣ କରିପାରିବା ଏବଂ ସଚେତନତା ପ୍ରସାର କରିପାରିବା। ପ୍ରତ୍ୟେକ ଛୋଟ ଛୋଟ ପ୍ରୟାସ ମଧ ମୂଲ୍ୟବାନ ଅଟେ।' ବନ୍ଧୁ ଜଣକ ପୁଣି ଉପରକୁ ଚାହିଁଲେ, କିନ୍ତୁ ଏଥର ଦାୟିତ୍ୱ ଭାବନା ସହିତ। 'ମୁଁ ଆମର ଅଦୃଶ୍ୟ ଛତାକୁ ସୁରକ୍ଷା ଦେବି,' ସେ କହିଲେ। ତାଙ୍କ ଉତ୍ସାହ ଦେଖି, ମୁଁ ମଧ ଆଶାବାଦୀ ଅନୁଭବ କଲି। ଓଜୋନ କ୍ଷୟର କାହାଣୀ କେବଳ କ୍ଷତି ବିଷୟରେ ପରିପ୍ରକାଶ କରେନି–ଏହା ମଧ ଶିଖିବା, ଦାୟିତ୍ୱ ଏବଂ ପୁନରୁଦ୍ଧାର ବିଷୟରେ ଅବଗତ କରାଏ। ପ୍ରକୃତି ପ୍ରତିଦିନ ନୀରବରେ ଆମକୁ ରକ୍ଷା କରେ। ବର୍ତ୍ତମାନ, ପ୍ରକୃତିକୁ ସୁରକ୍ଷା ଦେବା ଆମର କର୍ତ୍ତବ୍ୟ – କାରଣ ଓଜୋନ ସ୍ତରକୁ ରକ୍ଷା କରିବା ଅର୍ଥ ଆଜି ଏବଂ ଆଗାମୀ ପିଢ଼ି ପାଇଁ ଜୀବନକୁ ରକ୍ଷା କରିବା।

–ବରିଷ୍ଠ ପ୍ରାଧ୍ୟାପକ, ସ୍ନାତକୋତ୍ତର ରସାୟନ ବିଜ୍ଞାନ ବିଭାଗ,
ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ,
ଭୁବନେଶ୍ୱର
ମୋ: ୯୮୬୧୩୯୧୧୯୦

## ମନେ ରଖନ୍ତୁ...



କିଡ୍‌ନୀ ଦ୍ୱୟ ଆମ ଶରୀରର ଖୁବ୍ ଗୁରୁତ୍ୱପୂର୍ଣ୍ଣ ତଥା ଅପରିହାର୍ଯ୍ୟ ଅଙ୍ଗ। ଏହା ସବୁବେଳେ ଶରୀରରୁ ଅତିରିକ୍ତ ଜଳ ଏବଂ ବର୍ଜ୍ୟ ନିଷ୍କାସନ କରି ରକ୍ତ ବିଶୋଧନ କରିଥାଏ। ଶରୀରରେ ଜଳ ଏବଂ ଲବଣ ଅଂଶର ସନ୍ତୁଳନ, ରକ୍ତଚାପ ନିୟନ୍ତ୍ରଣ, ଲୋହିତ ରକ୍ତ କଣିକା ସଂଶ୍ଳେଷଣ ଆଦି ବିଭିନ୍ନ କାର୍ଯ୍ୟ ସମ୍ପାଦନ କରି ଏହା ଆମକୁ ସୁସ୍ଥ ରଖେ। କିଡ୍‌ନୀକୁ ସୁସ୍ଥ ରଖିବା ଲାଗି ଯଥେଷ୍ଟ ପାଣି ପିଅନ୍ତୁ। ଦିନକୁ ଅତିକମ୍‌ରେ ଆଠ ଗ୍ଲାସ ପାଣି ପିଅନ୍ତୁ। ପାଣି ପିଇଲେ ଶରୀରରୁ ବିଷାକ୍ତ ତତ୍ତ୍ୱ ପରିସ୍ରା ଏବଂ ଝାଳ ଭାବରେ ବାହାରି ଯାଇଥାଏ। ସବୁବେଳେ ସୁଷମ ଖାଦ୍ୟ ଖାଆନ୍ତୁ। ଯଥେଷ୍ଟ ଫଳ ଏବଂ ତଟକା ପନିପରିବା ଖାଆନ୍ତୁ। ନିଶଦ୍ରବ୍ୟ ସେବନ ବର୍ଜନ କରନ୍ତୁ। ଡାଇବେଟିସ୍ କିମ୍ବା ରକ୍ତଚାପ ଥିଲେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଆନ୍ତୁ। ନିୟମିତ ବ୍ୟାୟାମ କରନ୍ତୁ। ସପ୍ତାହରେ ଅନ୍ତତଃ ୧୫୦ମିନିଟ୍ ଚାଲନ୍ତୁ। ବେଶି ଲୁଣ ଖାଆନ୍ତୁ ନାହିଁ। ଡାକ୍ତରଙ୍କ ପରାମର୍ଶ ବିନା ଔଷଧ ଖାଆନ୍ତୁ ନାହିଁ। କିଡ୍‌ନୀ ରୋଗର ନିର୍ଣ୍ଣୟ ପାଇଁ ନିୟମିତ ସମୟ ଅନ୍ତରାଳରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ। ମନେରଖନ୍ତୁ ଯେ, କିଡ୍‌ନୀ ରୋଗ ହେଲେ ଅନେକ କ୍ଷେତ୍ରରେ କୌଣସି ଲକ୍ଷଣ ପ୍ରକାଶ ପାଇ ନ ଥାଏ। ମାନସିକ ଚାପଠାରୁ ଦୂରେଇ ରୁହନ୍ତୁ। ରାତିରେ ୭–୮ ଘଣ୍ଟା ଶୁଅନ୍ତୁ।

## ସୁସ୍ଥ ଶରୀର ଓ ସକାରାତ୍ମକ ମାନସିକତା



ନିଜର ମାନସିକତାକୁ ଅଧିକାଂଶ ସମୟ ସକାରାତ୍ମକ ରଖିବା ସହଜ ନୁହେଁ। ଏ ନେଇ ଆମକୁ କେତୋଟି ଦିଗ ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। ଅନ୍ୟପକ୍ଷରେ ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି ଯେ ଯଦି ଜଣେ ବ୍ୟକ୍ତି ନିଜର ମାନସିକତାକୁ ଅଧିକାଂଶ ସମୟ ସକାରାତ୍ମକ ରଖନ୍ତି ତେବେ ସେ ନିଜକୁ କେତେକ ରୋଗଠାରୁ ଅନେକାଂଶରେ ଦୂରେଇ ରଖିପାରିବେ। ଏ ସମ୍ପର୍କିତ ବିଷୟକୁ ନେଇ ନିକଟରେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ଏକ ଗବେଷଣା କରିଥିଲେ। ଯେଉଁମାନଙ୍କର ମାନସିକତା ଅଧିକାଂଶ ସମୟ ସକାରାତ୍ମକ ରହୁଥିଲା ସେମାନେ କେତେକାଂଶରେ ସୁସ୍ଥ ରହୁଥବାର ଦେଖିବାକୁ ମିଳିଥିଲା। କେବଳ ସେତିକି ନୁହେଁ, ନିଜର ମାନସିକତାକୁ ସକାରାତ୍ମକ ରଖିବାକୁ ଜୀନବଶୈଳୀ ଉପରେ ଗୁରୁତ୍ୱ ଦେବାକୁ ସେମାନେ ପରାମର୍ଶ ଦେଇଛନ୍ତି।

# ବାତ ମାରିବା: କିଛି କଥା



ଅଧାଅଧି ରୋଗୀଙ୍କ କ୍ଷେତ୍ରରେ ବାତ ମାରିବା (ଏପିଲେପ୍‌ସି)ର କୌଣସି କାରଣ ଠଉରେଇ ହୁଏ ନାହିଁ। ଅବଶିଷ୍ଟ କ୍ଷେତ୍ରରେ ମସ୍ତିଷ୍କର କୋମଳ ବିଦ୍ୟୁତ୍ ରାସାୟନିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡ଼େ। ଯେପରିକି ମୁଣ୍ଡରେ ଜୋର୍‌ରେ ମାଡ଼ ବାଜିଲେ, ଶିଶୁ ଜନ୍ମ ସମୟରେ ତା'ପାଇଁ ଅମ୍ଳଜାନର ଅଭାବ ହେଲେ, ମସ୍ତିଷ୍କରେ ପ୍ରଦାହ ହେଲେ କି ମସ୍ତିଷ୍କରେ ଟ୍ୟୁମର୍ ହୋଇଥିଲେ ଏପିଲେପ୍‌ସିର ଲକ୍ଷଣମାନ ପ୍ରକାଶ ପାଇଥାଏ। ଏପିଲେପ୍‌ସିର ମଧ ବଂଶଗତ ପ୍ରଭାବ ରହିଛି। ଏପିଲେପ୍‌ସି ରହିଥିବା ଦୁଇଟି ପରିବାର ବିବାହ ସମ୍ପର୍କରେ ଜଡ଼ିତ ହୋଇପଡ଼ିଲେ ସନ୍ତାନମାନଙ୍କୁ ଏପିଲେପ୍‌ସି ହେବାର ଆଶଙ୍କା ଅଧିକ। ତେବେ ଯେ କୌଣସି ବ୍ୟକ୍ତି ଜୀବନରେ ଯେ କୌଣସି ସମୟରେ ଏହି ରୋଗର ଶିକାର ହୋଇପାରନ୍ତି। ଏପିଲେପ୍‌ସିର ପ୍ରକାରକୁ ଚାହିଁ ଲକ୍ଷଣ ଭିନ୍ନ ଭିନ୍ନ ହେବା ସ୍ୱାଭାବିକ। କିନ୍ତୁ ବାତ ମାରିବା ଲକ୍ଷଣଟି ହିଁ ପ୍ରଧାନ ଓ ଏହା ଅନେକ ରୋଗୀଙ୍କ କ୍ଷେତ୍ରରେ ପରିଲକ୍ଷିତ ହୋଇଥାଏ। ବାତ ମାରିବା ଆରମ୍ଭ ହେବା ପୂର୍ବରୁ ଯେଉଁ ସବୁ ସୂଚନା ପ୍ରକାଶ ପାଇପାରେ, ତାକୁ ଡାକ୍ତରୀ ଭାଷାରେ 'ଅରା' ବୋଲି କୁହନ୍ତି। ଗନ୍ଧ ଛାଡ଼ିବାର କିଛି କୁଆଡ଼େ ସୂଚନା ନ ଥାଇ ହଠାତ୍ ଗନ୍ଧ ବାରିବାର ଅନୁଭବ ହେବା, କୌଣସି ସୋର୍‌ଶବ୍ଦ ନ ଥାଇ ହଠାତ୍ ଶବ୍ଦ ଶୁଣିବାର ଅନୁଭବ ହେବା, ପାଟି ଭିତରେ କିଛି ନ ଥାଇ ଆକସ୍ମିକ ଭାବରେ ସ୍ୱାଦ ଅନୁଭବ କରିବା, ଆଖି ସାମ୍ନାରେ ହଠାତ୍ ଆଲୁଅ ଚକ୍‌ମକ୍ କରିବା ଇତ୍ୟାଦି ହେଉଛି ଅରାର କେତୋଟି ଉଦାହରଣ।

## ସ୍ୱାସ୍ଥ୍ୟ ସୂଚନା

➢ଗାଜର ଶରୀରର ଓଜନକୁ ସନ୍ତୁଳିତ ରଖେ କାରଣ ଏଥିରେ ଫାଇବର୍ ପ୍ରଚୁର ପରିମାଣରେ ରହିଛି।

➢କେତେଜଣ ବ୍ୟକ୍ତି ଖାଇବା ମଧରେ ଆବଶ୍ୟକତା ଠାରୁ ଅଧିକ ପାଣି ପିଇଥାଆନ୍ତି। ଏହାଦ୍ୱାରା ପାଚନ କ୍ରିୟା ପ୍ରଭାବିତ ହୋଇଥାଏ। କେବଳ ସେତିକି ନୁହେଁ, ଖାଇବା ଭିତରେ ସବୁବେଳେ ପାଣି ପିଇଲେ ତାହା ମେଦବହୁଳତା ସମସ୍ୟାର ଅନ୍ୟତମ କାରଣ ସାଜିଥାଏ।

➢ଆପଣ ଯଦି ଦୀର୍ଘକାଳୀନ ରୋଗରେ ପୀଡ଼ିତ ଏବଂ ଚିକିତ୍ସା ହେବା ସମୟରେ କିଛି ପ୍ରଶ୍ନ ମନରେ ଆସୁଛି ତେବେ ଯେଉଁ ଡାକ୍ତରଙ୍କ ଅଧୀନରେ ଚିକିତ୍ସିତ ହେଉଛନ୍ତି ତାଙ୍କ ସହ ଏ ନେଇ ବିଶଦ ଭାବରେ ଆଲୋଚନା କରନ୍ତୁ।

➢ସକାଳୁ ବିଛଣା ଛାଡ଼ିବା ପୂର୍ବରୁ ବିଛଣା ଉପରେ କିଛି ସମୟ ଷ୍ଟ୍ରେଚିଂ ଏକ୍ସରସାଇଜ କରନ୍ତୁ। ଏହାଦ୍ୱାରା ରକ୍ତ ସଞ୍ଚାଳନ ସକ୍ରିୟ ରହିଥାଏ।

➢ସବୁବେଳେ ଫ୍ଲୋରାଇଡ୍‌ଯୁକ୍ତ ଟୁଥପେଷ୍ଟରେ ଦାନ୍ତ ଘଷନ୍ତୁ।

➢ରକ୍ତହୀନତା ଭୋଗୁଥିବା ରୋଗୀମାନଙ୍କ ପାଇଁ ମହୁ ବେଶ୍ ହିତକର। ଏହାକୁ ସେମାନେ ପ୍ରତିଦିନ ନିଜ ଦୈନନ୍ଦିନ ଖାଦ୍ୟରେ ଖାଇପାରିବେ।

➢ବାରମ୍ବାର ଖାଇବା, ଅତ୍ୟଧିକ ପରିମାଣରେ ଖାଇବା, ତେଲ, ମାଛ, ମାଂସ ଓ ଅଣ୍ଡାଦି ଗରିଷ୍ଠ ଭୋଜନ ନିୟମିତ ବା ଅତ୍ୟଧିକ ସେବନ ଶରୀର ପାଇଁ କ୍ଷତିକାରକ। ଖାଦ୍ୟ ଖାଇବା ପରେ ତା'ର ପରିପାକ କ୍ରିୟା ସୁଚାରୁରୂପେ ହେବା ଆବଶ୍ୟକ।



## ଜାଣି ରଖନ୍ତୁ...

ବର୍ତ୍ତମାନ ଖରାଦିନ। ଦିନକୁ ଦିନ ତାପମାତ୍ରା ବଢ଼ିବାରେ ଲାଗିଛି। ବିଶେଷଭାବରେ ଏହି ସମୟରେ ଆମେ ନିଜ ଶରୀର ପ୍ରତି ଅଧିକ ସର୍ତକ ରହିବା ଦରକାର। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଗ୍ରୀଷ୍ମ ଋତୁରେ ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ରହିବା ନିହାତି ଜରୁରୀ। ତେଣୁ ପ୍ରଚୁର ପାଣି ପିଇବାକୁ ପଡିଥାଏ। ଯଦି ଏଥିରେ ଏପଟସେପଟ ହେଲା ତେବେ ଜଳୀୟ ଶୁଷ୍କତା ବା ଡିହାଇଡ୍ରେଶନ ହେବାର ଆଶଙ୍କା ରହିଛି। ଶରୀରରେ ଯେତିକି ଜଳ ଅଛି, ତା'ର ପାଞ୍ଚଭାଗରୁ ମାତ୍ର ଏକ ଭାଗ କମିଗଲେ, ତାହା ଶରୀର ଉପରେ ଗୁରୁତର ପ୍ରଭାବ ପକାଏ। ଏମିତି କି ସମ୍ପୃକ୍ତ ବ୍ୟକ୍ତିଙ୍କର ଜୀବନ ସଙ୍କଟାପନ୍ନ ହୋଇପଡ଼େ ଓ ବେଳେବେଳେ ମୃତ୍ୟୁର ଆଶଙ୍କା ମଧ ସୃଷ୍ଟି କରେ। ଶରୀରରେ ରକ୍ତ, ମୂତ୍ର, ଲୁହ, ପିତ୍ତ, ଲାଳ ଆଦି ଯେତେସବୁ ତରଳ ପଦାର୍ଥ ରହିଛି, ସେଗୁଡ଼ିକର ମୂଳ ଉପାଦାନ ହେଉଛି ଜଳ। ଏହା ଶରୀରରେ ହେଉଥିବା ଜୈବ ରାସାୟନିକ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରେ। ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ତଥା କୋଷିକା ନିକଟରେ ଅମ୍ଳଜାନ, ବିଭିନ୍ନ ଖାଦ୍ୟ ଉପାଦାନ, ଭିଟାମିନ୍ସ ଏବଂ ଔଷଧ ଆଦି ପହଞ୍ଚାଇବାରେ ଏହା ବାହକ ରୂପେ ମଧ କାମ କରେ। ଶରୀରରେ ତାପମାତ୍ରା ନିୟନ୍ତ୍ରଣ କରିବା ବି ଏହାର ଅନ୍ୟତମ କାର୍ଯ୍ୟ। ପରିସ୍ରା ଓ ଝାଳ ମାଧ୍ୟମରେ ଜଳ ଶରୀରରୁ ନିଷ୍କାସିତ ହୋଇଥାଏ। ତେଣୁ ଆମ ଶରୀରରେ ଜଳର ପରିମାଣ ସବୁବେଳେ ସନ୍ତୁଳିତ ରହିବା ନିହାତି ଜରୁରୀ।



# ବଦଳାନ୍ତୁ ଏଭଳି ଅଭ୍ୟାସ



ଏକ ସୁସ୍ଥ ଜୀବନଯାପନ କରିବା ବୋଲି କହିବା ଏବଂ ତାହାକୁ ବାସ୍ତବରେ ପରିଣତ କରିବା ସହଜ କଥା ନୁହେଁ। ତେଣୁ ଏ ନେଇ କେତୋଟି ଦିଗ ପ୍ରତି ସତର୍କତା ଅବଲମ୍ବନ କରିବାକୁ ପଡ଼ିଥାଏ। ବିଶେଷଭାବରେ ଖାଦ୍ୟପେୟ ଏବଂ ଦୈନନ୍ଦିନ ଜୀବନଶୈଳୀ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଅନ୍ତୁ। କେତେଜଣ ବ୍ୟକ୍ତି ଖାଇବା ପରେ ଏବଂ ପୂର୍ବରୁ ଏଭଳି କେତୋଟି ଅଭ୍ୟାସ ସହ ଜଡିତ ଯାହାର ଖରାପ ପ୍ରଭାବ ଶରୀର ଉପରେ ପଡିଥାଏ। ଫଳରେ ଅଯଥାରେ କେତେକ ସ୍ୱାସ୍ଥ୍ୟ ସମସ୍ୟାକୁ ଆମେ ଆମନ୍ତ୍ରଣ କରିଥାଉ। ତେଣୁ ସେପରି କେତେକ ଅଭ୍ୟାସ ବିଷୟରେ ନିମ୍ନରେ ସୂଚନା ଦିଆଯାଉଛି, ଯାହାକୁ ବଦଳାଇବା ନିହାତି ଦରକାର। ଖାଇବା ପରେ ପରେ ଫଳମୂଳ ଆଦୌ ଖାଆନ୍ତୁ ନାହିଁ। ଖାଦ୍ୟ ଖାଇବା ପରେ ଚା', କଫି, କୋଲଡ୍ରିଙ୍କ୍ସ, ନିଶାଦ୍ରବ୍ୟ ସେବନ ଠାରୁ ମଧ ଯଥା ସମ୍ଭବ ଦୂରେଇ ରୁହନ୍ତୁ। ଖାଇବା ପରେ ଗାଧୋଇବା ଅଭ୍ୟାସ ବଦଳାନ୍ତୁ। କାରଣ, ଏହାଦ୍ୱାରା ଶରୀରରେ ରକ୍ତ ସଞ୍ଚାଳନ ଆବଶ୍ୟକତାଠାରୁ ଅଧିକ ତୀବ୍ର ହୋଇଥାଏ। ଖାଇବା ପରେ ଆପଣ କିଛି ସମୟ ପାଇଁ ବୁଲାବୁଲି କରନ୍ତୁ। ଏହାଦ୍ୱାରା ଖାଇଥିବା ଖାଦ୍ୟ ସହଜରେ ହଜମ ହୋଇଥାଏ। ତା' ସହ ପାଚନ କ୍ରିୟା ପୂର୍ବାପେକ୍ଷା ଦୃଢ଼ ହୋଇଥାଏ। ଠିକ୍ ସମୟରେ ଖାଦ୍ୟ ଖାଆନ୍ତୁ। ରାତିରେ ୭–୮ ଘଣ୍ଟା ଶୁଅନ୍ତୁ। ଶୋଇବାର ଅନ୍ତତଃ ଦୁଇ ଘଣ୍ଟା ପୂର୍ବରୁ ରାତ୍ରଭୋଜନ ଶେଷ କରନ୍ତୁ। ରାତିରେ ଯେତେ ହାଲୁକା ଖାଦ୍ୟ ଖାଇବେ ତାହା ସେତେ ଭଲ।

# ନିଦ୍ରାହୀନତା ଆଶଙ୍କା ଦୂରକରେ ଯୋଗ

ଶରୀରକୁ ସୁସ୍ଥ, ସୁନ୍ଦର ଓ ସନ୍ତୁଳିତ ରଖିବା ପାଇଁ ଶାରୀରିକ ବ୍ୟାୟାମ ସହ ଯୋଗର ମଧ ଆବଶ୍ୟକତା ରହିଛି। ଅନେକ ସମୟରେ ଅଧିକାଂଶ ଲୋକ ଚାପରେ ରହିବା ଯୋଗୁ ଶୋଇ ପାରନ୍ତି ନାହିଁ। ସେଥିପାଇଁ ସେମାନେ ନିଦ୍ରାହୀନତାର ଶିକାର ହୁଅନ୍ତି। ତେଣୁ ଏସବୁ ଠାରୁ ନିଜକୁ ଦୂରେଇ ରଖିବା ପାଇଁ ପ୍ରତିଦିନ କିଛି ସମୟ ଯୋଗ କରନ୍ତୁ। ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନ ମଧରେ ଆମେ ଆମ ଶରୀରର ଯତ୍ନ ନେବାକୁ ଭୁଲିଯାଉଛେ, ଯାହା ଦ୍ୱାରା ଆମେ ଅନେକ ରୋଗର ଶିକାର ହେଉଛେ। ତେଣୁ ଶରୀରକୁ ଫିଟ୍ ରଖିବାକୁ ହେଲେ ଯୋଗକୁ ହିଁ ଆମକୁ ବିକଳ୍ପ ଭାବେ ଆପଣେଇବାକୁ ପଡ଼ିବ। ଯୋଗ କରିବା ଦ୍ୱାରା ଆମ ଶରୀରର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ମଜଭୁତ ହୋଇଥାଏ। ଶରୀରରେ ରକ୍ତ ସଂଚାଳନ ମଧ ଠିକ୍ ଭାବେ ହୁଏ। ତା'ସହ ଶରୀରର ଆଭ୍ୟନ୍ତରୀଣ ଅଙ୍ଗଗୁଡ଼ିକ ମଧ ଶକ୍ତ ହୋଇଥାଏ। ରକ୍ତଚାପକୁ ମଧ ଏହା ସନ୍ତୁଳିତ ଅବସ୍ଥାରେ ରଖେ। ମାନସିକ ଭାରସାମ୍ୟ ଠିକ୍ ରଖିବା ଓ ସ୍ମରଣ ଶକ୍ତି ବଢ଼ାଇବା ଦିଗରେ ମଧ ଏହା ପ୍ରମୁଖ ଭୂମିକା ଗ୍ରହଣ କରିଥାଏ।



ଧରିତ୍ରୀ
DHARITRI
ଧରିତ୍ରୀ 52 Years






# ଜାତୀୟ ରେକର୍ଡ ଭାଙ୍ଗିଲେ ବାରାନିକା



ଜାତୀୟ ରେକର୍ଡ ଭାଙ୍ଗିବାପରେ ବାରାନିକା ଏଲାନଗୋଭାନ।

## ଓଡ଼ିଶାର ପୂର୍ଣ୍ଣିମାଙ୍କୁ ସ୍ୱର୍ଣ୍ଣ, ଯଶବୀରଙ୍କୁ ବ୍ରୋଞ୍ଜ

ଭୁବନେଶ୍ୱର, ୩।୫ (ବିଜୟ ରଣା)

ଆଥ୍ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍ଆଇ) ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସର୍ବପ୍ରଥମ ଇଣ୍ଡିଆନ ଇନ୍‌ଡୋର ଓପନ କମ୍ବାଇନ୍ଡ ଇଭେଣ୍ଟ୍ସ ଆଣ୍ଡ ପୋଲଭଲ୍ଟ ପ୍ରତିଯୋଗିତାର ରବିବାର ଦ୍ୱିତୀୟ ଦିବସରେ ଓଡ଼ିଶାର ପୂର୍ଣ୍ଣିମା ହେମ୍ବ୍ରମ ମହିଳା ପେଣ୍ଟାଥଲନରେ ସ୍ୱର୍ଣ୍ଣ ପଦକ ପାଇଥିବା ବେଳେ ପୁରୁଷ ବିଭାଗ ହେପ୍ଟାଥଲନରେ ଓଡ଼ିଶାର ଯଶବୀର ନାୟକ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ତାମିଲନାଡୁର ପୋଲ୍‌ଭଲ୍ଟର ବାରାନିକା ଏଲାନଗୋଭାନଙ୍କ ଲାଗି ଭୁବନେଶ୍ୱର ଇନ୍‌ଡୋର ଷ୍ଟାଡିୟମ ଏକ ଭାଗ୍ୟଶାଳୀ ଗ୍ରାଉଣ୍ଡ ସାବ୍ୟସ୍ତ ହୋଇଛି। ୫ ସପ୍ତାହ ମଧ୍ୟରେ ଏହି ୨୯ ବର୍ଷୀୟା ମହିଳା ଆଥ୍ଲେଟ ଦୁଇଥର ତାଙ୍କ ଜାତୀୟ ରେକର୍ଡରେ ଉନ୍ନତି ଆଣିପାରିଛନ୍ତି। ଉଭୟ ଥର ସେ ଭୁବନେଶ୍ୱର ଇନ୍‌ଡୋର ଗ୍ରାଉଣ୍ଡରେ ହିଁ ଏହି ସଫଳତା ପାଇଛନ୍ତି। ରବିବାର ବାରାନିକା ୪.୨୩ ମିଟର କ୍ଲିଅର କରିଛନ୍ତି। ଏହାଦ୍ୱାରା ମାର୍ଚ୍ଚ ଶେଷ ସପ୍ତାହରେ ଭୁବନେଶ୍ୱରରେ ଅନୁଷ୍ଠିତ ଜାତୀୟ ଇନ୍‌ଡୋର ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ୪.୨୨ମିଟର ଯେଉଁ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଥିଲେ ସେଥିରେ ଉନ୍ନତି ଆଣିପାରିଛନ୍ତି। ବାରାନିକା ତାମିଲନାଡୁରୁ ଓଡ଼ିଶା ଆସି ବର୍ତ୍ତମାନ ଭୁବନେଶ୍ୱରରେ ଅଭ୍ୟାସ କରୁଛନ୍ତି। ପୁରୁଷ ହେପ୍ଟାଥଲନରେ ଏନ୍‌ସିଓଇ ତ୍ରିଭେନ୍ଦ୍ରମର ତାଙ୍କ ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ପୁଣି ପଛରେ ପକାଇ ଦେଇଛନ୍ତି। ସେ ୫୩୫୦ ପଏଣ୍ଟ ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ପ୍ରଥମ ଦିବସରେ ସେ ୨୯୪୩ ପଏଣ୍ଟ ଅର୍ଜନ କରିଥିଲେ। ଏହି ପ୍ରତିଯୋଗିତାରେ ଆର୍ମିର ଉସାଇଦ୍ ଖାନ୍ (୫୨୮୮) ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ଓଡ଼ିଶାର ଯଶବୀର ନାୟକ (୫୨୫୦) ତୃତୀୟ ସ୍ଥାନ ସହ ବ୍ରୋଞ୍ଜ ପଦକ ପାଇଛନ୍ତି। ଅନ୍ୟପକ୍ଷରେ ତାମିଲନାଡୁର ଏସ୍. କାର୍ତ୍ତିକ ଭାସନ ୪୬୦୯ ପଏଣ୍ଟ ସହ ୨୦ ବର୍ଷରୁ କମ୍ ପୁରୁଷ ହେପ୍ଟାଥଲନ ଟାଇଟଲ ହାସଲ କରିଛନ୍ତି। ଓଡ଼ିଶାର ପୂର୍ଣ୍ଣିମା ହେମ୍ବ୍ରମ ମହିଳା ପେଣ୍ଟାଥଲନ ଜିତିଛନ୍ତି। ସେ ୩୮୩୫ ପଏଣ୍ଟ ସ୍କୋର କରିଛନ୍ତି। ଉତ୍ତରାଖଣ୍ଡର ଇଶା ଚନ୍ଦ୍ରା ପ୍ରକାଶ (୩୬୭୧) ରୌପ୍ୟ ଏବଂ ପଶ୍ଚିମବଙ୍ଗର ବିଦିଶା କୁଣ୍ଡୁ (୩୬୦୦) ବ୍ରୋଞ୍ଜ ପଦକ ପାଇଛନ୍ତି। ୨୦ବର୍ଷରୁ କମ୍ ମହିଳା ପେଣ୍ଟାଥଲନ ଟାଇଟଲ ଉତ୍ତରାଖଣ୍ଡର ଯଶକିରନ କୌର ହାସଲ କରିଛନ୍ତି। ସେ ୩୨୭୨ ପଏଣ୍ଟ ସ୍କୋର କରିଥିଲେ।





ଓଡ଼ିଶାର ପୂର୍ଣ୍ଣିମା ହେମ୍ବ୍ରମ (ବାମରୁ ଦ୍ୱିତୀୟ) ଓ ଯଶବୀର ନାୟକ (ଡାହାଣ)।

# ଓଡ଼ିଶାର ତନୁଙ୍କୁ ସ୍ୱର୍ଣ୍ଣ, ପ୍ରିୟାଂଶୀଙ୍କୁ ବ୍ରୋଞ୍ଜ


କଳିଙ୍ଗ ଷ୍ଟାଡିୟମରେ ରବିବାର ଜାତୀୟ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ୍‌ର ଉଦ୍‌ଯାପନୀ ଉତ୍ସବରେ ପୁରସ୍କୃତ କ୍ରୀଡ଼ାବିତ୍‌ଙ୍କ ସହ ଏମ୍‌ପି ସସ୍ମିତ ପାତ୍ର, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କ୍ରୀଡ଼ା ନିର୍ଦ୍ଦେଶକ ୟେଦୁଲା ବିଜୟ, ଅଲିମ୍ପିଆନ ଦୀପା କର୍ମକାର ଓ ଅନ୍ୟ ଅତିଥିବୃନ୍ଦ।

## କଳିଙ୍ଗରେ ମହିଳା ଆର୍ଟିଷ୍ଟିକ୍ସ ଜିମ୍ନାଷ୍ଟିକ୍ସ ଉଦ୍‌ଯାପିତ

ଭୁବନେଶ୍ୱର, ୩।୫ (ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଜାତୀୟ ମହିଳା ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହୋଇଛି। ଏହି ସମ୍ମାନଜନକ ପ୍ରତିଯୋଗିତାର ଅନ୍‌ଇଭେନ ବାର୍ସରେ ଓଡ଼ିଶାର ତନୁ ସ୍ୱର୍ଣ୍ଣ ଏବଂ ବାଂଲାନ୍ସିଂ ବିମ୍‌ରେ ପ୍ରିୟାଂଶୀ ବନସଲ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସିନିୟର ବର୍ଗର ବାଲାନ୍ସିଂ ବିମ୍‌ରେ ହରିୟାଣାର ନିରଞ୍ଜନା ପୁନିଆ ସ୍ୱର୍ଣ୍ଣ ଓ ମହାରାଷ୍ଟ୍ରର ଅନୁସ୍କା ପାଟିଲ ରୌପ୍ୟ ଜିତିଛନ୍ତି। ଫ୍ଲୋର ଏକ୍ସରସାଇଜ୍‌ରେ ଆରଏସପିବିର କରିସ୍ମା, ପଶ୍ଚିମବଙ୍ଗର ଅଣ୍ଣି ଦେବନାଥ ଓ ମହାରାଷ୍ଟ୍ରର ଇସିତା ରାଓ୍ୱାଲେ ଏବଂ ଭଲ୍ଟରେ ଇସିତା, ଆରଏସପିବିର ପିୟାସା କୁଣ୍ଡୁ ଓ ପଶ୍ଚିମବଙ୍ଗର ସୌମିଲି କରାର ପ୍ରଥମ ତିନିସ୍ଥାନ ଅଧିକାର କରିଛନ୍ତି। ସେହିପରି ଅନ୍‌ଇଭେନ ବାର୍ସରେ ଓଡ଼ିଶାର ତନୁଙ୍କ ପଛରେ ରହି ଗୁଜରାଟର ଦିୟା ଠାକୁର ରୌପ୍ୟ ଓ କେରଳର ଅନାନି ଦିଲସଦ ବ୍ରୋଞ୍ଜ ପଦକ ପାଇଛନ୍ତି। ଜୁନିୟର ବର୍ଗର ବାଲାନ୍ସିଂ ବିମ୍‌ରେ ପଶ୍ଚିମବଙ୍ଗର ଅଂଶୁଆ ହାଓ୍ୱଲଦର, ତ୍ରିପୁରାର ଶ୍ରେୟାଂଶୀ ରୟ ଓ ପଶ୍ଚିମବଙ୍ଗର ଶ୍ରେୟା ଘୋଷ ପ୍ରଥମ ତିନିସ୍ଥାନ ଅଧିକାର କରିଛନ୍ତି। ଫ୍ଲୋର ଏକ୍ସରସାଇଜ୍‌ରେ ତ୍ରିପୁରାର ଦୁଇ ଜିମ୍ନାଷ୍ଟ ଶ୍ରୀପନ୍ନା ଦେବନାଥ ଓ ଶ୍ରେୟାଂଶୀ ଏବଂ ମହାରାଷ୍ଟ୍ରର ଧନିଷ୍ଠା ଉଗଲମୁଗ୍‌ଲେ ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ଜିତିଛନ୍ତି। ଭଲ୍ଟରେ ତେଲେଙ୍ଗାନାର ବୈଷ୍ଣବୀ ଭ୍ୟାସ, ତ୍ରିପୁରାର ଶ୍ରେୟାଂଶୀ ଓ ପଶ୍ଚିମବଙ୍ଗର ତୋରା ସାନି ଏବଂ ଅନ୍‌ଇଭେନ ବାର୍ସରେ ପଶ୍ଚିମବଙ୍ଗର ପାରୋମିତା ବେରା, ଉତ୍ତର ପ୍ରଦେଶର ଅଭିଧା ସିଂ ଦେବ ଓ ମହାରାଷ୍ଟ୍ରର ସାକ୍ଷୀ ଦଲଭି ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଏମ୍‌ପି ସସ୍ମିତ ପାତ୍ର, ଅଲିମ୍ପିଆନ ଦୀପା କର୍ମକାର, ଦ୍ରୋଣାଚାର୍ଯ୍ୟ ପୁରସ୍କାର ପ୍ରାପ୍ତ କୋଚ୍ ବିଶ୍ୱେଶ୍ୱର ନନ୍ଦି, ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶକ ୟେଦୁଲା ବିଜୟ, ଓଏସ୍‌ଡି ସୋନାଲି ଶୁଭଦର୍ଶିନୀ, ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ସିଏସ୍‌ଆର ମୁଖ୍ୟ ବିକାଶ ଯାଦଭେନ୍ଦ୍ରୁ, ଅଶୋକ ସାହୁ, ଧିରେନ କୁମାର ପଣ୍ଡା ପ୍ରମୁଖ ଅତିଥିଭାବେ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ।

# ଗୁଜରାଟର ରୋମାଞ୍ଚକ ବିଜୟ

ଅହମଦାବାଦ,୩।୫

ଜାସନ ହୋଲ୍ଡରଙ୍କ ଘାତକ ବୋଲିଂ ଓ ୱାଶିଂଟନ ସୁନ୍ଦରଙ୍କ ଅପରାଜିତ ୪୦ ରନର ଇନିଂସ ବଳରେ ରବିବାର ରାତିରେ ଅନୁଷ୍ଠିତ ଏକ ରୋମାଞ୍ଚକ ଆଇପିଏଲ୍ ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସ ୪ ଉଇକେଟରେ ପଞ୍ଜାବ କିଙ୍ଗ୍ସକୁ ପରାସ୍ତ କରିଛି। ଏହା ପଞ୍ଜାବର ଦ୍ୱିତୀୟ ପରାଜୟ ହୋଇଥିବା ବେଳେ ଗୁଜରାଟ ଷଷ୍ଠ ବିଜୟ ଓ ୧୨ ପଏଣ୍ଟ ସହ ପଞ୍ଚମ ସ୍ଥାନରେ ରହିଛି।

ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ ଆରମ୍ଭରୁ ଜାସନ ହୋଲ୍ଡର, ମହମ୍ମଦ ସିରାଜ ଓ କାଗିସୋ ରାବାଡାଙ୍କୁ ନେଇ ଗଠିତ ଗୁଜରାଟର ପେସ ୟୁନିଟର ସମ୍ମୁଖୀନ ହୋଇପାରି ନ ଥିଲା। ଏକଦା ପଞ୍ଜାବ ୮.୪ ଓଭର ସୁଦ୍ଧା ୪୭ ରନରେ ୫ ଉଇକେଟ ହରାଇ ସଙ୍କଟରେ ଥିଲା। ଏଭଳି ପରିସ୍ଥିତିରେ ସୂର୍ଯ୍ୟାଂଶ ଶେଡଗେ ଓ ମାର୍କସ ଷ୍ଟୋଇନିସ ଷଷ୍ଠ ଉକେଟରେ ୪୪ ବଲରେ ୭୯ ରନ ଯୋଡ଼ିଥିଲେ। ଶେଡ୍‌ଗେ (୨୯ ବଲ, ୫୭ ରନ, ୩ ଚୌକା ଓ ୫ ଛକା) ଅର୍ଦ୍ଧଶତକ ପୂରଣ କରି ଆଉଟ୍ ହୋଇଥିବା ବେଳେ ଷ୍ଟୋଇନିସ ୩୧ ବଲରେ ୪୦ (୫ ଚୌକା ଓ ୧ ଛକା) ରନ କରିଥିଲେ। ଫଳରେ ପଞ୍ଜାବ ୨୦ ଓଭରରେ ୯ ଉଇକେଟ ହରାଇ ୧୬୩ ରନ କରିଥିଲା। ଗୁଜରାଟ ପାଇଁ ହୋଲ୍ଡର ୪ ଉଇକେଟ ହାତେଇଥିବା ବେଳେ ସିରାଜ ଓ ରାବାଡା ୨ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଅଧିନାୟକ ଶୁବମନ ଗିଲ (୫)ଙ୍କୁ ଆରମ୍ଭରୁ ହରାଇଥିବା ଗୁଜରାଟକୁ ସାଇ ସୁଦର୍ଶନ ଓ ଜୋସ ବଟଲର ଅର୍ଦ୍ଧଶତକୀୟ ଆରମ୍ଭ ପ୍ରଦାନ କରିଥିଲେ। ନବମ ଓଭରରେ ବଟଲର(୨୬ ରନ, ୧ ଚୌକା ଓ ୨ ଛକା) ବଡ଼ ଶଟ୍ ଖେଳିବାକୁ ଯାଇ ଆଉଟ୍ ହୋଇଥିବା ବେଳେ ସୁଦର୍ଶନ (୪୧ ରନ, ୫୭ ରନ, ୫ ଚୌକା ଓ ୧ ଛକା) ଅର୍ଦ୍ଧଶତକ ପୂରଣ କରିବା ପରେ ପାଭିଲିଅନ ଫେରିଥିଲେ। ଶେଷ ଆଡ଼କୁ ୱାଶିଂଟନ ସୁନ୍ଦର ୨୩ ବଲରେ ଅପରାଜିତ ୪୦ (୫ ଚୌକା ଓ ୧ ଛକା) ରନ କରି ଦଳକୁ ଜିତାଇଥିଲେ। ଗୁଜରାଟ ୧୯.୫ ଓଭରରେ ୬ ଉଇକେଟ ହରାଇ ୧୬୭ ରନ କରିଥିଲା। ପଞ୍ଜାବ ପାଇଁ ଅର୍ଶଦୀପ ସିଂ ଓ ବିଜୟକୁମାର ବୈଶାକ ୨ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ପଞ୍ଜାବ କିଙ୍ଗ୍ସ: ୨୦ ଓଭରରେ ୧୬୩/୯ (ସୂର୍ଯ୍ୟାଂଶ ଶେଡ୍‌ଗେ-୫୭, ମାର୍କସ ଷ୍ଟୋଇନିସ-୪୦, ମହମ୍ମଦ ସିରାଜ-୨/୨୮, ଜାସନ ହୋଲ୍ଡର-୪/୨୪, କାଗିସୋ ରାବାଡା-୨/୨୨)। ଗୁଜରାଟ ଟାଇଟନ୍ସ: ୧୯.୫ ଓଭରରେ ୧୬୭/୬ (ସାଇ ସୁଦର୍ଶନ-୫୭, ୱାଶିଂଟନ ସୁନ୍ଦର-୪୦*, ବିଜୟକୁମାର ବୈଶାକ-୨/୩୧, ଅର୍ଶଦୀପ ସିଂ-୨/୨୪)।



ଜାସନ ହୋଲ୍ଡର

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବାତିଲ | ପଏଣ୍ଟ | ରନ ହାର |
|---|---|---|---|---|---|---|
| ପଞ୍ଜାବ କିଙ୍ଗ୍ସ | ୯ | ୬ | ୨ | ୧ | ୧୩ | +୦.୮୫୫ |
| ରୟାଲ ଚ୍ୟାଲେଞ୍ଜର୍ସ | ୯ | ୬ | ୩ | ୦ | ୧୨ | +୧.୪୨୦ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୦ | ୬ | ୪ | ୦ | ୧୨ | +୦.୬୪୪ |
| ରାଜସ୍ଥାନ ରୟାଲ୍ସ | ୧୦ | ୬ | ୪ | ୦ | ୧୨ | +୦.୫୧୦ |
| ଗୁଜରାଟ ଟାଇଟନ୍ସ | ୧୦ | ୬ | ୪ | ୦ | ୧୨ | -୦.୧୪୭ |
| ଚେନ୍ନାଇ ସୁପର କିଙ୍ଗ୍ସ | ୯ | ୪ | ୫ | ୦ | ୮ | +୦.୦୦୫ |
| ଦିଲ୍ଲୀ କ୍ୟାପିଟାଲ୍ସ | ୯ | ୪ | ୫ | ୦ | ୮ | -୦.୮୯୫ |
| ନାଇଟ ରାଇଡର୍ସ | ୯ | ୩ | ୫ | ୧ | ୭ | -୦.୫୩୯ |
| ମୁମ୍ବାଇ ଇଣ୍ଡିଆନ୍ସ | ୯ | ୨ | ୭ | ୦ | ୪ | -୦.୮୦୩ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୮ | ୨ | ୬ | ୦ | ୪ | -୧.୧୦୬ |

# ହାଇଦ୍ରାବାଦକୁ ହରାଇଲା କୋଲ୍‌କାତା

ନୂଆଦିଲ୍ଲୀ,୩।୫

ସ୍ପିନରଙ୍କ ଯାଦୁଗରି ବୋଲିଂ ପରେ ଅଙ୍ଗକ୍ରିଶ ରଘୁବଂଶୀଙ୍କ ଅର୍ଦ୍ଧଶତକ ବଳରେ କୋଲକାତା ନାଇଟ୍ ରାଇଡର୍ସ ରବିବାର ଅନୁଷ୍ଠିତ ଆଇପିଏଲ ମ୍ୟାଚ୍‌ରେ ୭ ଉଇକେଟରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍‌କୁ ପରାସ୍ତ କରିଛି। ଏହା କୋଲକାତାର ହ୍ୟାଟ୍ରିକ ବିଜୟ ହୋଇଥିବା ବେଳେ ଏହି ପରାଜୟ ସହ ହାଇଦ୍ରାବାଦ୍‌ର ୫ ମ୍ୟାଚ୍ ବିଜୟ ଧାରାରେ ବ୍ରେକ ଲାଗିଛି। ଏହି ମ୍ୟାଚ୍ ଜରିଆରେ ସୁନୀଲ ନାରିନ ଆଇପିଏଲ୍‌ରେ ୨୦୦ ଉଇକେଟ ପୂରଣ କରିଛନ୍ତି।

ଟ୍ରାଭିସ ହେଡ୍ ଓ ଇଶାନ କିଶନ ୮.୫ ଓଭର ସୁଦ୍ଧା ହାଇଦ୍ରାବାଦର ସ୍କୋରକୁ ୧୦୫/୧ରେ ପହଞ୍ଚାଇଥିଲେ ହେଁ ଦଳ ୧୯ ଓଭରରେ ୧୬୫ ରନରେ ଅଲଆଉଟ୍ ହୋଇଯାଇଥିଲା। ଟ୍ରାଭିସ୍ ହେଡ୍ ସର୍ବାଧିକ ୬୧ ଓ ଇଶାନ କିଶନ ୪୨ ରନ କରିଥିଲେ। କୋଲକାତା ପକ୍ଷରୁ ବରୁଣ ଚକ୍ରବର୍ତ୍ତୀ ୩, ସୁନୀଲ ନାରିନ ଓ କାର୍ତ୍ତିକ ତ୍ୟାଗୀ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ କେକେଆର ୧୮.୨ ଓଭରରେ ୩ଉଇକେଟ ହରାଇ ୧୬୯ ରନ କରିଥିଲା।

**ସଂକ୍ଷିପ୍ତ ସ୍କୋର**

ସନ୍‌ରାଇଜର୍ସ ହାଇଦ୍ରାବାଦ୍: ୧୯ ଓଭରରେ ୧୬୫/ଅଲଆଉଟ୍ (ଟ୍ରାଭିସ ହେଡ୍-୬୧, ଇଶାନ କିଶନ-୪୨, ବରୁଣ ଚକ୍ରବର୍ତ୍ତୀ-୩/୩୬, କାର୍ତ୍ତିକ ତ୍ୟାଗୀ-୨/୩୦, ସୁନୀଲ ନାରିନ-୨/୩୧)। କୋଲକାତା ନାଇଟ୍ ରାଇଡର୍ସ: ୧୮.୨ ଓଭରରେ ୧୬୯/୩ (ଅଙ୍ଗକ୍ରିଶ ରଘୁବଂଶୀ-୫୯, ଆଜିଙ୍କ୍ୟ ରାହାନେ-୪୩, ଫିନ ଆଲେନ-୨୯, ସାକିବ ହୁସେନ-୧/୧୭)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)
ମୁମ୍ବାଇ
ବନାମ ଲକ୍ଷ୍ନୌ
ସ୍ଥାନ: ମୁମ୍ବାଇ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ସାଂଘାତିକ ଅଭିଯୋଗ ଆଣିଲେ ଭିନେଶ

ନୂଆଦିଲ୍ଲୀ,୩।୫

ଦେଶର ଅଗ୍ରଣୀ ମହିଳା ରେସଲର ଭିନେଶ ଫୋଗତ ରବିବାର ରେସଲିଂ ଫେଡେରେଶନ ଅଫ୍ ଇଣ୍ଡିଆ (ଡବ୍ଲ୍ୟୁଏଫ୍ଆଇ)ର ପୂର୍ବତନ ମୁଖ୍ୟ ବ୍ରିଜ ଭୂଷଣ ଶରନ ସିଂଙ୍କ ବିରୋଧରେ ଏକ ସାଂଘାତିକ ଅଭିଯୋଗ ଆଣିଛନ୍ତି। ବ୍ରିଜ ଭୂଷଣଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିଥିବା ୬ ପୀଡ଼ିତାଙ୍କ ମଧ୍ୟରୁ ସେ ନିଜେ ଜଣେ ବୋଲି ଦାବି କରିଛନ୍ତି। ଏହି ମାମଲା ଏବେ ବି କୋର୍ଟରେ ବିଚାରାଧୀନ ରହିଥିବା ବେଳେ ସାକ୍ଷ୍ୟ ନିଆଯାଉଛି।

"ସୁପ୍ରିମକୋର୍ଟଙ୍କ ଗାଇଡ୍‌ଲାଇନ ଅନୁଯାୟୀ, ପୀଡ଼ିତାଙ୍କ ପରିଚୟ ପ୍ରଘଟ କରାଯିବା ଉଚିତ ନୁହେଁ। କାରଣ ଏହା ସେମାନଙ୍କ ସମ୍ମାନ ଓ ମର୍ଯ୍ୟାଦାର ବିଷୟ। କିନ୍ତୁ ଆଜି କିଛି ନିର୍ଦ୍ଦିଷ୍ଟ ପରିସ୍ଥିତି ଯୋଗୁ ମୁଁ ଆପଣ ସଭିଙ୍କୁ କିଛି କହିବାକୁ ଚାହୁଁଛି। ଏହି ମାମଲା କୋର୍ଟରେ ବିଚାରାଧୀନ ଥିବାରୁ ମୁଁ ଏ ସମ୍ପର୍କରେ କଥା ହେବାକୁ ଚାହୁଁ ନ ଥିଲି। କିନ୍ତୁ ମୁଁ କହିବାକୁ ଚାହେଁ ଯେ, ଅଭିଯୋଗ କରିଥିବା ୬ ପୀଡ଼ିତାଙ୍କ ମଧ୍ୟରୁ ମୁଁ ନିଜେ ଜଣେ ଏବଂ ଆମର ସାକ୍ଷ୍ୟ ଏବେ ବି ନିଆଯାଉଛି" ବୋଲି ଭିନେଶ ସୋସିଆଲ ମିଡିଆରେ ଶେୟାର କରିଥିବା ଭିଡିଓରେ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୨୦୨୩ରେ ବ୍ରିଜ ଭୂଷଣଙ୍କ ବିରୋଧରେ ଭିନେଶଙ୍କ ନେତୃତ୍ୱରେ ରେସଲରମାନେ ଜନ୍ତର ମନ୍ତରଠାରେ ଆନ୍ଦୋଳନକୁ ଓହ୍ଲାଇଥିଲେ।

ଡବ୍ଲ୍ୟୁଏଫ୍ଆଇ ଉତ୍ତରପ୍ରଦେଶର ଗୋଣ୍ଡାଠାରେ ର୍‌ୟାଙ୍କିଙ୍ଗ୍ ଟୁର୍ନାମେଣ୍ଟ ଓ ଟ୍ରାଏଲ୍ସ ଆୟୋଜନ କରୁଥିବାରୁ ବର୍ତ୍ତମାନ ଏ ସମ୍ପର୍କରେ ଭିନେଶ ମୁହଁ ଖୋଲିଥିବା କହିଛନ୍ତି। ଏ ସମ୍ପର୍କରେ ଭିନେଶ ପ୍ରକାଶ କରିଛନ୍ତି, ମୋ ସହିତ କିମ୍ବା ମୋ ଦଳ କିମ୍ବା ସମର୍ଥକଙ୍କ ସହ ଯଦି କୌଣସି ଅପ୍ରୀତିକର ଘଟଣା ଘଟେ, ତେବେ ସେଥିଲାଗି ଭାରତ ସରକାର ଦାୟୀ ରହିବେ। ଟୁର୍ନାମେଣ୍ଟ ଏଭଳି ସ୍ଥାନରେ ଆୟୋଜନ କରାଯାଉଛି, ଯେଉଁଠାରେ ବ୍ରିଜ ଭୂଷଣଙ୍କ ଖୁବ୍ ପ୍ରଭାବ ରହିଛି। କେଉଁ ବାଉଟ୍‌କୁ କିଏ ପରିଚାଳନା କରିବ, କେତେ ପଏଣ୍ଟ ଦିଆଯିବ, ମ୍ୟାଚ୍‌ରେ ଚେୟାରମାନ ଭାବେ କିଏ ବସିବ, ସବୁ କିଛି ତାଙ୍କଦ୍ୱାରା ନିୟନ୍ତ୍ରିତ ହୁଏ। ମୁଁ କୌଣସି ସୁବିଧା କିମ୍ବା ସ୍ୱତନ୍ତ୍ର ବ୍ୟବହାର ଚାହୁଁ ନାହିଁ। ମୁଁ ଚାହେଁ ଫଳାଫଳରେ ଆଥଲେଟ୍‌ଙ୍କ କଠିନ ପରିଶ୍ରମ ନଜର ଆସୁ। ଅଭିଯୋଗ କରିଥିବା ୬ ମହିଳା ରେସଲରଙ୍କ ମଧ୍ୟରୁ ମୁଁ ଜଣେ। ଏହି ମାମଲା ଏବେ କୋର୍ଟରେ ଅଛି ଓ ସାକ୍ଷ୍ୟ ପ୍ରମାଣ ଗ୍ରହଣ କରାଯାଇଛି। ତାଙ୍କ ସହ ଜଡ଼ିତ ଥିବା ସ୍ଥାନରେ ପ୍ରତିଦ୍ୱନ୍ଦ୍ୱିତା କରିବା ମୋ ପାଇଁ କଷ୍ଟକର ହେବ। କାରଣ ସେଠାରେ ତାଙ୍କ ସହ ଜଡ଼ିତ ଥିବା ଲୋକେ ହିଁ ଥିବେ। ମୁଁ ସେଭଳି ପରିବେଶରେ ମୋର ଶତ ପ୍ରତିଶତ ଦେଇପାରିବି ନାହିଁ, ସେ ନେଇ ଦ୍ୱନ୍ଦ୍ୱରେ ଅଛି।


ଭିନେଶ ଫୋଗତ

# ସ୍କୁଲ୍ସ ଓପନ ଚେସ୍: ସତ୍ୟମ୍ ବିଜେତା

ଭୁବନେଶ୍ୱର, ୩।୫ (ତପନ ସ୍ୱାଇଁ)

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ୬ଷ୍ଠ ପବିତ୍ର ମୋହନ ମହାନ୍ତି ସ୍ମାରକୀ ସ୍କୁଲ୍ସ ଓପନ ଚେସ୍ ରବିବାର କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସତ୍ୟମ୍ ସ୍ୱରୂପ ସାହୁ ୪.୫ ପଏଣ୍ଟ ପାଇ ଚାମ୍ପିୟନ ହୋଇଛନ୍ତି। ଧୃତିମାନ ଦେ, ଆରିଶ ନନ୍ଦ ଗୋସ୍ୱାମୀ, ଶ୍ରେୟାଂଶ ଦେଓ ଏବଂ ଆୟାଭନ୍ଧ ମହାନ୍ତି ଟପ୍-୫ ଫିନିଶ୍ କରିଛନ୍ତି। ବିଭିନ୍ନ ବୟସ ଓ ବାଳିକା ବର୍ଗର ଶ୍ରେଷ୍ଠ ଖେଳାଳିଙ୍କୁ ଏଜ୍ ଗ୍ରୁପ୍ ଏବଂ ୬ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ରୟାଲ ପବ୍ଲିକ୍ ସ୍କୁଲ ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଭାଇସ୍ ପ୍ରିନ୍ସିପାଲ ପ୍ରଜ୍ଞା ପାରମିତା ସାହୁ ଓ ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ପୁରସ୍କାର ପ୍ରଦାନ କରିଥିଲେ। ପ୍ରକାଶଯୋଗ୍ୟ, ଚେସ୍ କିମ୍ବଦନ୍ତୀ ପବିତ୍ର ମୋହନ ମହାନ୍ତି ୨ ଥର ନ୍ୟାଶନାଲ 'ବି' ଚାମ୍ପିୟନ ହୋଇଥିବାବେଳେ ୧୯୮୩ରେ ଗ୍ରାଣ୍ଡମାଷ୍ଟର ଦିବ୍ୟେନ୍ଦୁ ବରୁଆଙ୍କ ପଛରେ ରହି ନ୍ୟାଶନାଲ 'ଏ' ଚାମ୍ପିୟନଶିପ୍‌ରେ ରନରଅପ୍ ହୋଇଥିଲେ। ସେ ରେକର୍ଡ ୧୬ଥର ରାଜ୍ୟ ଚେସ୍ ଟାଇଟଲ ଜିତିଥିଲେ।


କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ Business queries: <advt@dharitri.com>